# ନିତିଦିନ NITIDIN

RNI REG. NO. ODIODI/2015/62237 • POSTAL REGD. NO.BN/258/18-20

12 + 16 PAGES • ₹ 6/-


www.nitidin.com
twitter.com/nitidintoday
facebook.com/nitidintoday

୧୬ ପୃଷ୍ଠାର ରବିବାର ମ୍ୟାଗାଜିନ୍ 'ନଜର୍' ସହ

SUNDAY
10 NOVEMBER 2024
ରବିବାର
୧୦ ନଭେମ୍ବର ୨୦୨୪

NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 10 • ISSUE 172 BHUBANESWAR I BERHAMPUR I SAMBALPUR I BALASORE I JAJPUR ବର୍ଷ ୧୦ • ସଂଖ୍ୟା ୧୭୨ ଭୁବନେଶ୍ୱର । ବ୍ରହ୍ମପୁର । ସମ୍ବଲପୁର । ବାଲେଶ୍ୱର । ଯାଜପୁର


## ପଦ୍ମ ବିଜେତାଙ୍କୁ ଏଣିକି ମାସିକ ୩୦ ହଜାର ଟଙ୍କା



**ଭୁବନେଶ୍ୱର, ୯।୧୧/ଏନ୍ଏନ୍ଏସ୍:**

ରାଜ୍ୟର ସମସ୍ତ ପଦ୍ମ ବିଜେତାଙ୍କୁ ଏଣିକି ମାସିକ ୩୦ ହଜାର ଟଙ୍କା। ତାହା ସମ୍ମାନ ସୂଚକ ଭାବେ ପ୍ରଦାନ କରାଯିବ । ଶନିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବଡ଼ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ସେ କହିଛନ୍ତି ଯେ, ଏହି ନିଷ୍ପତ୍ତି ଦ୍ୱାରା ରାଜ୍ୟର ସମସ୍ତ ୫୫ ଜଣ ଜୀବିତ ପଦ୍ମ ପୁରସ୍କାର ପ୍ରାପ୍ତ ବ୍ୟକ୍ତି ମାସକୁ ୩୦ ହଜାର ଟଙ୍କା ଲେଖାଏଁ ସମ୍ମାନ ସୂଚକ ସହାୟକ ରାଶି ପାଇ ପାରିବେ। ଏଥିପାଇଁ ବର୍ଷକୁ ୨ କୋଟି ଟଙ୍କା ଖର୍ଚ୍ଚ ହେବ।

### ୫୫ ଜୀବିତ ବ୍ୟକ୍ତି ପାଇବେ ସମ୍ମାନ ସୂଚକ ସହାୟକ ରାଶି

## ହୋମଗାର୍ଡ ନିଯୁକ୍ତି ଉପରେ ଥିବା ରହିତାଦେଶ ପ୍ରତ୍ୟାହୃତ

**ଭୁବନେଶ୍ୱର,୯।୧୧/ଏନ୍ଏନ୍ଏସ୍:** ରାଜ୍ୟରେ ହୋମ ଗାର୍ଡଙ୍କ ନିଯୁକ୍ତି ଉପରେ ଥିବା ରହିତାଦେଶକୁ ପ୍ରତ୍ୟାହୃତ କରିଛନ୍ତି ରାଜ୍ୟ ସରକାର। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କ ନିର୍ଦ୍ଦେଶରେ ଏହି ଉଭୟ ପ୍ରତ୍ୟାହୃତ ହୋଇଛି। ଏହାଦ୍ୱାରା ରାଜ୍ୟରେ ଖାଲିଥିବା ହୋମ ଗାର୍ଡ ପଦବୀ ଖୁବ୍ ଶୀଘ୍ର ପୂରଣ ହୋଇ ପାରିବ। ସୂଚନା ଯୋଗ୍ୟ ଯେ ରାଜ୍ୟରେ ସମୁଦାୟ ହୋମ ଗାର୍ଡ ପଦବୀ ସଂଖ୍ୟା ୧୭,୬୭୫ ଥିବା ବେଳେ ୧୫,୩୦୬ ଜଣ ହୋମ ଗାର୍ଡ କାର୍ଯ୍ୟରତ ଅଛନ୍ତି। ୨୩୬୯ ପଦବୀ

### ଖୁବ୍ ଶୀଘ୍ର ପୂରଣ ହେବ ଖାଲି ପଦବୀ

ଖାଲି ଅଛି। ଏହି ନିଷ୍ପତ୍ତି ଦ୍ୱାରା ଖାଲି ଥିବା ପଦବୀ ଗୁଡ଼ିକ ଆବଶ୍ୟକତା ଅନୁଯାୟୀ ପୂରଣ କରାଯାଇ ପାରିବ।

# ଚଳିତ ଶିକ୍ଷାବର୍ଷରୁ ଜାତୀୟ ଶିକ୍ଷା ନୀତି ୨୦୨୦

**ଭୁବନେଶ୍ୱର,୯।୧୧/ଏନ୍ଏନ୍ଏସ୍:**

ଉଚ୍ଚ ଶିକ୍ଷା କ୍ଷେତ୍ରରେ ୨୦୨୪-୨୫ ଶିକ୍ଷା ବର୍ଷରେ ଜାତୀୟ ଶିକ୍ଷା ନୀତି ୨୦୨୦ କାର୍ଯ୍ୟକାରୀ ହେବ। ଏହି ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

ଶନିବାର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ନୂତନ ଶିକ୍ଷା ନୀତି ୨୦୨୦ ଅନୁସାରେ ଓଡିଶାରେ ଚାରି ବର୍ଷର ସ୍ନାତକ କୋର୍ସ ଆରମ୍ଭ ହେବାକୁ ଯାଉଛି, ଯେଉଁଥିରେ ପ୍ରତ୍ୟେକ ବର୍ଷ ପରେ ଯୋଗ୍ୟ ଛାତ୍ରମାନଙ୍କୁ ସାର୍ଟିଫିକେଟ୍, ଡିପ୍ଲୋମା , ଡିଗ୍ରି , ଏବଂ ଡିଗ୍ରି ଅନର୍ସ୍ ପ୍ରଦାନ କରା ଯିବ । ୟୁଜିସି ଦ୍ୱାରା ପ୍ରଦତ୍ତ କ୍ରେଡିଟ୍ ଫ୍ରେମ୍‌ୱର୍କ୍ ଆଧାରରେ ରାଜ୍ୟସ୍ତରୀୟ କ୍ରେଡିଟ୍ ଫ୍ରେମ୍‌ୱର୍କ୍ ପ୍ରସ୍ତୁତ ହୋଇଅଛି ଏବଂ ଏଥିରେ ଦକ୍ଷତା ବିକାଶ ଏବଂ ଇଣ୍ଟର୍ଣ୍ଣସିପ ପାଇଁ ସୁଯୋଗ ପ୍ରଦାନ ସହିତ ଉପଯୁକ୍ତ କ୍ରେଡିଟ ପ୍ରଦାନ କରାଯାଇଅଛି । କମ୍ୟୁନିଟି ସର୍ଭିସ୍ ଓ ଏକ୍ସଟ୍ରା କରିକୁଲାର ଆକ୍ଟିଭିଟିଜ, ଏନସିସିଏନଏସଏସ ଇତ୍ୟାଦି ପାଇଁ ମଧ୍ୟ କ୍ରେଡିଟ





ପ୍ରଦାନ କରାଯିବ । ଏତଦ୍ୱାରା ଛାତ୍ର ଛାତ୍ରୀ ମାନେ ନିଜ ସ୍ୱେଚ୍ଛା ରେ ତାଙ୍କର ବିଷୟ ଗୁଡିକ ଚୟନ କରି ଏକାଧିକ ଥର ପାଇଁ ଉଚ୍ଚ ଶିକ୍ଷା ଅନୁଷ୍ଠାନ ମାନଙ୍କରେ ପ୍ରବେଶ ଓ ପ୍ରସ୍ଥାନ ସହିତ ୭ ବର୍ଷ ଭିତରେ ତାଙ୍କର ଡିଗ୍ରୀ କୋର୍ସକୁ ପୂର୍ଣ୍ଣ କରିପାରିବେ ।

ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ, ଓଡ଼ିଶା ସରକାର ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଥିବା ସମସ୍ତ ସରକାରୀ ବିଶ୍ୱବିଦ୍ୟାଳୟ ଏବଂ ଅନୁବନ୍ଧିତ ମହାବିଦ୍ୟାଳୟ ଗୁଡିକରେ ଏହି ନୂତନ ଶିକ୍ଷାନୀତି ପ୍ରବର୍ତ୍ତନ ପାଇଁ ଅନୁମୋଦନ ଦେଇଛନ୍ତି। ଏହି ପଦକ୍ଷେପ ରାଜ୍ୟର ଶିକ୍ଷା ପ୍ରଣାଳୀରେ ଅନେକ ପରିବର୍ତ୍ତନ ଆଣିବାକୁ ଉଦ୍ଦିଷ୍ଟ ।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ନୂତନ ଶିକ୍ଷା ନୀତି ୨୦୨୦ ଅନୁସାରେ ଓଡିଶାର ଉଚ୍ଚ ଶିକ୍ଷା ବ୍ୟବସ୍ଥାକୁ ଅଧିକ ଗୁଣାତ୍ମକ, ସ୍ୱାୟତ୍ତ ଏବଂ ସମାବେଶୀ କରିବାକୁ ପଦକ୍ଷେପ ନିଆଯାଉଛି। ଏଥିରେ ଭିନ୍ନ ଯୋଜନାମାନଙ୍କ ମାଧ୍ୟମରେ ଅନୁସନ୍ଧାନ ଓ ନୂତନତାକୁ ବଢ଼ାଇବା, ପ୍ରାକ୍ଟିକାଲ୍ ଆଧାରିତ ଶିକ୍ଷାକୁ ଓ ଶିଳ୍ପ ସହିତ ଇଣ୍ଟର୍ନସିପ୍ ଆଦି ଦ୍ୱାରା ନିପୁଣତା ବଢ଼ାଇବା ଲକ୍ଷ୍ୟ କରାଯାଉଛି। ପାଠ୍ୟକ୍ରମକୁ ଅଧିକ ରୋଜଗାର ଭିତ୍ତିକ ଏବଂ ଶିଳ୍ପ ଆବଶ୍ୟକତା ଅନୁଯାୟୀ କରାଯିବ । ଏଥିପାଇଁ ବର୍ତମାନ ରେ ୪୦ଟି ସ୍ନାତକ ମୂଳ ବିଷୟ ପାଇଁ ବିସ୍ତୃତ ମଡେଲ୍ ସିଲାବସ୍ ସହିତ ୨ଟି ଦକ୍ଷତା ବୃଦ୍ଧି ପାଠ୍ୟକ୍ରମ, ୧୧୨ଟି ମଲ୍ଟି ଡିସିପ୍ଲିନାରୀ ପାଠ୍ୟକ୍ରମ, ୧୪ଟି ଧନ୍ଦା ମୂଳକ ପାଠ୍ୟକ୍ରମ, ୫୬ଟି ମୂଲ୍ୟ ଯୁକ୍ତ ପାଠ୍ୟକ୍ରମ ଏବଂ ୮୪ଟି ଦକ୍ଷତା ବୃଦ୍ଧି ପାଠ୍ୟକ୍ରମ ଅନୁମୋଦନ କରାଯାଇଛି।

ଏହା ଦ୍ୱାରା ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଥିବା ବିଶ୍ୱ ବିଦ୍ୟାଳୟ ଗୁଡିକ ନୂତନ ସିଲାବସ୍ ଓ କ୍ରେଡିଟ୍ ଫ୍ରେମ୍‌ୱର୍କ୍ ଅନୁଯାୟୀ ଜାତୀୟ ଶିକ୍ଷାନୀତି ଲାଗୁ କରିପାରିବେ ମୁଖ୍ୟମନ୍ତ୍ରୀ ସ୍ପଷ୍ଟ କରିଛନ୍ତି ।

# ବରିଷ୍ଠ ଆଇଏଏସ୍ ସ୍ତରରେ ଅଦଳବଦଳ

### ଯୋଗାଣ ବିଭାଗରୁ ବଦଳିଲେ ବିକ୍ରମ ଯାଦବ

**ଭୁବନେଶ୍ୱର, ୯।୧୧/ଏନ୍ଏନ୍ଏସ୍:**

ବରିଷ୍ଠ ଆଇଏଏସ୍ ଅଫିସର ସ୍ତରରେ ଏକ ଛୋଟ ଧରଣର ଅଦଳବଦଳ ହୋଇଛି। ଦୀର୍ଘ ଦିନ ପରେ ଯୋଗାଣ ବିଭାଗରୁ ହଟିଛନ୍ତି ବୀର ବିକ୍ରମ ଯାଦବ। ତାଙ୍କ ସ୍ଥାନରେ ଗ୍ରାମ୍ୟ ଉନ୍ନୟନ ବିଭାଗର ପ୍ରମୁଖ ସଚିବ ସଞ୍ଜୟ କୁମାର ସିଂଙ୍କୁ ଏହି ବିଭାଗର ନୂଆ ଦାୟିତ୍ୱ ମିଳିଛି। ସେ ମଧ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗର ଅତିରିକ୍ତ ଦାୟିତ୍ୱରେ ଅଛନ୍ତି। ଶନିବାର ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ପ୍ରକାଶ ପାଇଛି ବିଜ୍ଞପ୍ତି ଓ ଶକ୍ତି ବିଭାଗରୁ ହେମନ୍ତ ଶର୍ମାଙ୍କୁ ହଟାଯାଇ




ତାଙ୍କ ସ୍ଥାନରେ ବରିଷ୍ଠ ଆଇଏଏସ ବିଶାଳ କୁମାର ଦେବଙ୍କୁ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ଇଲେକଟ୍ରୋନିକ୍ସ ଏବଂ ଆଇଟି ବିଭାଗର ପ୍ରମୁଖ ସଚିବ ଶ୍ରୀ ଦେବ ଓସିଏସିର ଅଧ୍ୟକ୍ଷ ଭାବେ ଅତିରିକ୍ତ ଦାୟିତ୍ୱରେ ଅଛନ୍ତି।


ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଂଜନ କୁମାର ସିଂଙ୍କୁ ଓଡିଶା ଜଙ୍ଗଲ ଉନ୍ନୟନ ନିଗମର ଅଧ୍ୟକ୍ଷ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି । ପୂର୍ବରୁ ସ୍ୱତନ୍ତ୍ର ରିଲିଫ୍ କମିସନର ଏବଂ ଓସଡମାର ଏମଡି ଭାବେ ମଧ୍ୟ ସେ ଅତିରିକ୍ତ ଦାୟିତ୍ୱ ତୁଲାଉଛନ୍ତି। ପଞ୍ଚାୟତିରାଜ ବିଭାଗର ସ୍ୱତନ୍ତ୍ର ସଚିବ ଗୁହା ପୁନମ ତାପସ କୁମାରଙ୍କୁ ହସ୍ତତନ୍ତ, ବୟନ ଏବଂ ହସ୍ତଶିଳ୍ପ ବିଭାଗର କମିସନର ତଥା ସଚିବ ଭାବେ ନିଯୁକ୍ତି ମିଳିଛି। ଅବକାରୀ ବିଭାଗର କମିସନର ତଥା ସଚିବ ଭାବେ ସେ ଅତିରିକ୍ତ ଦାୟିତ୍ୱରେ ରହିବେ ।

ଓରମାସ୍ ର ସିଇଓ ଭାବେ ସେ ଅତିରିକ୍ତ ଦାୟିତ୍ୱ ତୁଲାଉଛନ୍ତି । କ୍ରୀଡ଼ା ଏବଂ ଯୁବସେବା ବିଭାଗର ପ୍ରମୁଖ ସଚିବ ଭାସ୍କର ଜ୍ୟୋତି ଶର୍ମାଙ୍କୁ ଓପିଟିସିଏଲର ସିଏମଡି ଭାବେ ଅତିରିକ୍ତ ଦାୟିତ୍ୱ ମିଳିଛି। କେନ୍ଦ୍ରୀୟ ଡେପୁଟେସନରୁ ଫେରିଥିବା ଗିରୀଶ ଏସ.ଏନଙ୍କୁ ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗ କମିସନର ତଥା ସଚିବ ଭାବେ ନିଯୁକ୍ତି ଦିଆଯାଇଛି ।

# ୧୫ରେ ଓଡ଼ିଶା ଆସିବେ ପ୍ରଧାନମନ୍ତ୍ରୀ

**ଭୁବନେଶ୍ୱର,୯।୧୧/ଏନ୍ଏନ୍ଏସ୍:**

ଆସନ୍ତା ୧୫ ତାରିଖରେ ଓଡ଼ିଶା ଗସ୍ତରେ ଆସିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ଜନଜାତି ଗୌରବ ଦିବସକୁ ଉଦ୍‌ଘାଟନ କରିବେ ମୋଦୀ। ଏନେଇ ରାଉରକେଲାରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହେବ। ଏ ସମ୍ପର୍କରେ ଶନିବାର ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାୟକ ସୂଚନା ଦେଇଛନ୍ତି। ମନ୍ତ୍ରୀ ଶ୍ରୀ ନାୟକ କହିଛନ୍ତି ଯେ ନଭେମ୍ବର ୧୫ ତାରିଖରେ ପଡୁଛି ସହିଦ ବିର୍ସା ମୁଣ୍ଡାଙ୍କ ଜନ୍ମତିଥି। ଏହି ଦିନ ଜନଜାତି ଗୌରବ ଦିବସ ପାଳିତ ହେବ। ଏହି ଏକ ବର୍ଷବ୍ୟାପୀ କାର୍ଯ୍ୟକ୍ରମକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉଦଘାଟନ କରିବେ। ଏହା ୧୫ରୁ ଆରମ୍ଭ ହୋଇ



ଏକ ବର୍ଷ ଯାଏ ଚାଲିବ। ଏଥିସହ ସେ କହିଛନ୍ତି ଯେ ପେଶା ଆଇନ, ଜଙ୍ଗଲ ଅଧିକାର ଆଇନରୁ ଜନଜାତି ଯେଉଁଭଳି ବଞ୍ଚିତ ହେଉଛନ୍ତି, ବିଭିନ୍ନ ସମୟରେ ନିର୍ଯାତିତ ହେଉଛନ୍ତି, ଏହାକୁ ଗୁରୁତ୍ୱର ସହ ନେଇଛନ୍ତି ପ୍ରଧାନମନ୍ତ୍ରୀ । ଓଡ଼ିଶାରେ ଯେଉଁ ୩୩ ରୁ ୩୪ ପ୍ରତିଶତ ଜନଜାତି ଲୋକ ଅଛନ୍ତି, ତାଙ୍କର କିଭଳି ବିକାଶ ହେବ ତାକୁ ନେଇ ମୁଖ୍ୟମନ୍ତ୍ରୀ ମଧ୍ୟ ତତ୍ପର ଅଛନ୍ତି।

## ଡିସେମ୍ବର ୪ରେ ପୁରୀ ଆସିବେ ରାଷ୍ଟ୍ରପତି

**ଭୁବନେଶ୍ୱର,୯।୧୧/ଏନ୍ଏନ୍ଏସ୍:**

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତା ଡିସେମ୍ବର ୪ ତାରିଖ ଦିନ ପୁରୀ ଗସ୍ତରେ ଆସିବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି। ନୌସେନାର ସମରାଭ୍ୟାସ କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ମୁଖ୍ୟଅତିଥିଭାବେ ଯୋଗଦେବେ।



ଡିସେମ୍ବର ୪ ତାରିଖ ହେଉଛି ନୌସେନା ଦିବସ। ଆଉ ଏହି ଉପଲକ୍ଷେ ପୁରୀ ଠାରେ ଆୟୋଜିତ ହେବ ସମରାଭ୍ୟାସ। ପୁରୀର ବ୍ଲୁ ଫ୍ଲାଗ ବେଳାଭୂମିରେ ଏହି ସମରାଭ୍ୟାସ ଅନୁଷ୍ଠିତ ହେବ। ଯେଉଁଥିରେ ନୌସେନା ନିଜର ସାମୁଦ୍ରିକ କ୍ଷମତା ଓ ଶକ୍ତି ପ୍ରଦର୍ଶନ କରିବ।

# ୨୪ରେ ମିଳିବ 'ସୁଭଦ୍ରା' ଟଙ୍କା

**ଭୁବନେଶ୍ୱର,୯।୧୧/ଏନ୍ଏନ୍ଏସ୍:**

ଆସନ୍ତା ୨୪ରେ ଆସିବ 'ସୁଭଦ୍ରା'ର ତୃତୀୟ ପର୍ଯ୍ୟାୟ ପ୍ରଥମ କିସ୍ତି ଟଙ୍କା। ପ୍ରାୟ ୨୦ ଲକ୍ଷରୁ ଅଧିକ ହିତାଧିକାରୀଙ୍କ ଖାତାକୁ ଯିବ 'ସୁଭଦ୍ରା ' ଟଙ୍କା। ସୁନ୍ଦରଗଡ଼ ଜିଲ୍ଲାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଏହି ଟଙ୍କା ପ୍ରଦାନ କରାଯିବ ବୋଲି ଆଜି ସୂଚନା ଦେଇଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା।

ସେ କହିଛନ୍ତି, ବିଭିନ୍ନ କାରଣରୁ ୨ ଲକ୍ଷ ୬୭ ହଜାର ଆବେଦନ ଖାରଜ ହୋଇଯାଇସାରିଥିବା ବେଳେ ବ୍ଲକସ୍ତରରେ ଖାରଜ ତାଲିକା ପ୍ରସ୍ତୁତ ହୋଇଛି। ଏହା ମଧ୍ୟରେ ବ୍ୟାଙ୍କ, ଆଧାର କାର୍ଡରେ ଥିବା ତ୍ରୁଟି ସଂଶୋଧନ କରିନେଲେ ସେମାନଙ୍କୁ ଏହି ପର୍ଯ୍ୟାୟରେ ସାମିଲ କରାଯିବ। ନଚେତ ବାଦ ପଡ଼ିଥିବା ମହିଳାମାନଙ୍କୁ ଆସନ୍ତା ପର୍ଯ୍ୟାୟରେ ସାମିଲ କରିବାକୁ ଟାର୍ଗେଟ ରଖାଯାଇଛି। ଜଣେ ବି ଯୋଗ୍ୟ ହିତାଧିକାରୀ ଏହି ଯୋଜାନରୁ ବଞ୍ଚିତ ହେବେନି। ସମସ୍ତ ହକଦାରଙ୍କୁ ଟଙ୍କା ପ୍ରଦାନ କରାଯିବ। ଆସନ୍ତା ୨୪ ତାରିଖରେ ସୁନ୍ଦରଗଡ଼ ଜିଲ୍ଲାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଏହି ଟଙ୍କା ପ୍ରଦାନ କରାଯିବ। ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଜୁଏଲ ଓରାମ ପ୍ରମୁଖ ଉପସ୍ଥିତ ରହିବେ ବୋଲି ସୂଚନା ଦେଇଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ।

ଗତ ସେପ୍ଟେମ୍ବର ୧୭ ତାରିଖରେ ରାଜ୍ୟରେ ସୁଭଦ୍ରା ଯୋଜନାର ଶୁଭାରମ୍ଭ ହୋଇଥିଲା। ଭୁବନେଶ୍ୱରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଯୋଗ ଦେଇ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଉକ୍ତ ଦିନ ପ୍ରଥମ କିସ୍ତିର ପ୍ରଥମ ପର୍ଯ୍ୟାୟରେ ରାଜ୍ୟର ୨୫ ଲକ୍ଷ ମହିଳାଙ୍କୁ ସୁଭଦ୍ରା ଟଙ୍କା ମିଳିଥିଲା। ଏହାପରେ ଦ୍ୱିତୀୟ ପର୍ଯ୍ୟାୟରେ ପ୍ରାୟ ୩୫ ଲକ୍ଷରୁ ଅଧିକ ହିତାଧିକାରୀଙ୍କୁ ଗତ ୯ ତାରିଖରେ ମିଳିଥିଲା ପ୍ରଥମ କିସ୍ତି ଟଙ୍କା। ଏଯାବତ ପ୍ରାୟ ୬୦ ଲକ୍ଷ ମହିଳା ସୁଭଦ୍ରା ଯୋଜନାର ପ୍ରଥମ କିସ୍ତି ଟଙ୍କା ପାଇ ସାରିଲେଣି। ରାଜ୍ୟ ସରକାର କୋଟିଏରୁ ଅଧିକ ମହିଳାଙ୍କୁ ସୁଭଦ୍ରା ଯୋଜନାରେ ସାମିଲ କରି ଟଙ୍କା ଦେବାକୁ ଲକ୍ଷ୍ୟ ରଖିଛନ୍ତି।

# ଫାଷ୍ଟ ଟ୍ରାକ୍ ଭିସା ପ୍ରୋଗ୍ରାମ୍ ବନ୍ଦ କଲା କାନାଡ଼ା

**ଓଟାୱା/ନୂଆଦିଲ୍ଲୀ,୯।୧୧/ଏଜେନ୍ସି:**

କାନାଡା ସରକାର ନିଜ ଷ୍ଟୁଡେଣ୍ଟ ଡାଇରେକ୍ଟ ଷ୍ଟ୍ରିମ୍ (ଏସ୍‌ଡିଏସ୍) କାର୍ଯ୍ୟକ୍ରମ ବନ୍ଦ କରିବାକୁ ଘୋଷଣା କରିଛନ୍ତି। ଏହା ଏକ ଫାଷ୍ଟ-ଟ୍ରାକ୍ ଅଧ୍ୟୟନ ଅନୁମତି ପ୍ରକ୍ରିୟା ଯାହା ହଜାର ହଜାର ଅନ୍ତର୍ଜାତୀୟ ଛାତ୍ରଙ୍କୁ କାନାଡାରେ ଉଚ୍ଚଶିକ୍ଷା ପାଇଁ ଶୀଘ୍ର ଭିସା ପାଇବା ଦିଗରେ ଅନୁମତି ଦେଉଥିଲା। କିନ୍ତୁ ଏବେ ଯେତେବେଳେ କାନାଡା ସରକାର ଏହି ଏସ୍‌ଡିଏସ୍ କାର୍ଯ୍ୟକ୍ରମମକୁ ହିଁ ବନ୍ଦ କରିବାକୁ ନିଷ୍ପତ୍ତି ନେଇଛନ୍ତି ସେତେବେଳେ କାନାଡାକୁ ଉଚ୍ଚଶିକ୍ଷା ପାଇଁ ବିଭିନ୍ନ ଦେଶରୁ ଆସିଥିବା ହଜାର ହଜାର ସଂଖ୍ୟକ ଛାତ୍ରଛାତ୍ରୀ ପ୍ରଭାବିତ ହେବା ନିଶ୍ଚିତ ହୋଇଯାଇଛି।

୨୦୧୮ରେ ଇମିଗ୍ରେସନ, ଶରଣାର୍ଥୀ ଏବଂ ନାଗରିକତା କାନାଡା (ଆଇଆରସିସି) ଦ୍ୱାରା ଆରମ୍ଭ ହୋଇଥିବା ଷ୍ଟୁଡେଣ୍ଟ ଡାଇରେକ୍ଟ ଷ୍ଟ୍ରିମ୍ (ଏସ୍‌ଡିଏସ୍) ଭାରତ, ଚୀନ୍ ଏବଂ ଫିଲିପାଇନ୍ସ ସମେତ ୧୪ଟି ଦେଶର ଛାତ୍ରଛାତ୍ରୀମାନଙ୍କ ପାଇଁ ଭିସା ଆବେଦନକୁ ସରଳ କରିବା ପାଇଁ ଉଦ୍ଦିଷ୍ଟ ଥିଲା। ଯୋଗ୍ୟ ଛାତ୍ରଛାତ୍ରୀମାନଙ୍କ ପାଇଁ କାନାଡା ସରକାରଙ୍କ ପକ୍ଷରୁ ନିର୍ଦ୍ଧାରଣ କରାଯାଇଥିବା ମାନଦଣ୍ଡ ଅନୁସାରେ ୨୦,୬୩୫ କାନାଡିୟ ଡଲାର (ପ୍ରାୟ ୧,୨୫୮,୭୩୫ ଭାରତୀୟ ଟଙ୍କା) ମୂଲ୍ୟର କାନାଡୀୟ ଗ୍ୟାରେଣ୍ଟି ନିବେଶ ପ୍ରମାଣପତ୍ର (ଜିଆଇସି) ଏବଂ ଇଂରାଜୀ କିମ୍ବା ଫରାସୀ ଭାଷାରେ ପାରଦର୍ଶିତା। ଏସବୁ ମାନଦଣ୍ଡକୁ ପୂରଣ କରୁଥିବା ଛାତ୍ରଛାତ୍ରୀଙ୍କ ହିଁ କାନାଡା ସରକାର ଏକ ସ୍ୱତନ୍ତ୍ର ଭିସା ପ୍ରଦାନ କରୁଥିଲେ।



### ପ୍ରଭାବିତ ହେବେ ଭାରତୀୟ ଛାତ୍ରଛାତ୍ରୀ

ଏତଦ୍‌ବ୍ୟତୀତ ଏସବୁ ଆବେଦନକାରୀ ଛାତ୍ରଛାତ୍ରୀଙ୍କୁ ସାଧାରଣତଃ କିଛି ସପ୍ତାହ ମଧ୍ୟରେ ଏଠାରେ ଅଧ୍ୟୟନ ଅନୁମତି ଦେଉଥିଲା। କିନ୍ତୁ କାନାଡା ସରକାର ଏବେ ଏସ୍‌ଡିଏସ୍ କାର୍ଯ୍ୟକ୍ରମକୁ ହିଁ ବନ୍ଦ କରିବାକୁ ଘୋଷଣା କରିଛନ୍ତି। ଅନ୍ୟପକ୍ଷେ ଆଇଆରସିସିର ଅଫିସିଆଲ ୱେବସାଇଟ୍ ଦର୍ଶାଇଛି ଯେ, କାନାଡା ସମସ୍ତ ଅନ୍ତର୍ଜାତୀୟ ଛାତ୍ରଛାତ୍ରୀଙ୍କୁ ଅଧ୍ୟୟନ ଅନୁମତି ଆବେଦନ ପ୍ରକ୍ରିୟାରେ ସମାନ ଏବଂ ନ୍ୟାୟ ପ୍ରଦାନ କରିବାକୁ ପ୍ରତିଶ୍ରୁତିବଦ୍ଧ। ନଭେମ୍ବର ୮ ସ୍ଥାନୀୟ ସମୟ ଅପରାହ୍ଣ ୨ଟା ସମୟରେ ଦ୍ୱାରା ଦାଖଲ ହୋଇଥିବା ଏସମ୍ପର୍କୀତ ଆବେଦନଗୁଡିକ ଏସଡିଏସ୍ କାର୍ଯ୍ୟକ୍ରମ ଅଧୀନରେ ପ୍ରକ୍ରିୟାକରଣ କରାଯିବ, ଏହି ସମୟ ପରେ ଦାଖଲ ହୋଇଥିବା ଆବେଦନଗୁଡିକ ମାନକ ଅଧ୍ୟୟନ ଅନୁମତି ପ୍ରକ୍ରିୟା ଅନୁସରଣ କରିବ।

ପ୍ରକାଶ, କାନାଡାରେ ଅଧ୍ୟୟନ ଅନୁମତି ପାଇବା ପାଇଁ ଆବେଦନ କରୁଥିବା ଭାରତୀୟ ଛାତ୍ରଛାତ୍ରୀମାନଙ୍କ ପାଇଁ ଏସ୍‌ଡିଏସ କାର୍ଯ୍ୟକ୍ରମ ସର୍ବୋଚ୍ଚ ପସନ୍ଦ। ୨୦୨୨ରେ, ୮୦% ଛାତ୍ରଛାତ୍ରୀ ଏହି କାର୍ଯ୍ୟକ୍ରମ ଅନ୍ତର୍ଗତ କାନାଡାରେ ପାଠ ପଢ଼ିବା ପାଇଁ ଆବେଦନ କରିଥିଲେ। ସେହିପରି ୨୦୨୩ର ପ୍ରାରମ୍ଭ ସୁଦ୍ଧା, ପ୍ରାୟ ୭୬% ଛାତ୍ରଛାତ୍ରୀଙ୍କୁ ଏଠାରେ ପାଠପଢ଼ିବା ପାଇଁ ଅନୁମୋଦନ ମିଳିଥିଲା। ତେବେ, ଏବେ ଯେତେବେଳେ କାନାଡା ସରକାଙ୍କ ଏସଡିଏସ କାର୍ଯ୍ୟକ୍ରମର ସମାପ୍ତି ହେବାକୁ ଯାଉଛି ସେତେବେଳେ କାନାଡାରେ ଅଧ୍ୟୟନ କରିବାକୁ ଯୋଜନା କରୁଥିବା ଲକ୍ଷ ଲକ୍ଷ ଭାରତୀୟ ଛାତ୍ରଛାତ୍ରୀଙ୍କ ପାଇଁ ଏହା ଏକ ଝଟ୍‌କା ସଦୃଶ ହେବ। ଏହାର କାରଣ ହେଉଛି, ସେମାନଙ୍କୁ ବର୍ତ୍ତମାନ ମାନକ ଅଧ୍ୟୟନ ଅନୁମତି ପ୍ରକ୍ରିୟା ମାଧ୍ୟମରେ ଆବେଦନ କରିବାକୁ ପଡିବ, ଯାହା ସାଧାରଣତଃ ଅଧିକ ସମୟ ନେଇଥାଏ ଏବଂ କମ ଗ୍ରହଣ ହାର ରହିଥାଏ।




# ହେମନ୍ତଙ୍କ ପିଏଙ୍କ ଠିକଣାରେ ଆଇଟି ରେଡ୍



**ରାଞ୍ଚି,୯।୧୧/ଏଜେନ୍ସି:** ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କ ବ୍ୟକ୍ତିଗତ ସଚିବ (ପିଏ) ସୁନୀଲ ଶ୍ରୀବାସ୍ତବଙ୍କ ଘରେ ଶନିବାର ଆୟକର ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଛି। ସୁନୀଲ ହେମନ୍ତଙ୍କର ଅତ୍ୟନ୍ତ ଘନିଷ୍ଠ। ଟିକସ ଫାଙ୍କି ଅଭିଯୋଗରେ ଏହି ଚଢ଼ାଉ କରାଯାଇଥିବା ଜଣାପଡ଼ିଛି। ଆୟକର ବିଭାଗର ୯ଟି ଟିମ୍ ସୁନୀଲଙ୍କ ରାଞ୍ଚି ଓ ଜାମସେଦପୁରର ବିଭିନ୍ନ ଠିକଣାରେ ଥିବା ସୁନୀଲଙ୍କ ଘର ଏବଂ କାର୍ଯ୍ୟାଳୟରେ ଚଢ଼ାଉ ଜାରି ରହିଛି। ତେବେ ଏହି ଟିମ୍ ରାଞ୍ଚିରେ ଥିବା ୭ଟି ଠିକଣା ଏବଂ ଜାମସେଦପୁରରେ ଥିବା ୯ଟି ଠିକଣାରେ ଚଢ଼ଉ କରିଛନ୍ତି। ତେବେ ନଭେମ୍ବର ୧୩ରୁ ଆରମ୍ଭ ହେବାକୁ ଯାଉଥିବା ବିଧାନସଭା ନିର୍ବାଚନ ପୂର୍ବରୁ ଏପ୍ରକାର ଆଇଟି ରେଡ୍‌କୁ ନେଇ ନାନା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଚଳିତ ନିର୍ବାଚନରେ ହେମନ୍ତଙ୍କ ନେତୃତ୍ୱାଧୀନ ଝାଡଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେଏମ୍ଏମ୍), କଂଗ୍ରେସ, ଆରଜେଡି ଏବଂ ବାମ ଦଳକୁ ନେଇ ମେଣ୍ଟ ଗଠନ କରି ନିର୍ବାଚନ ଲଢୁଛି। ସେପଟେ ବିଜେପି ନେତୃତ୍ୱାଧୀନ ଏନଡିଏ ମଧ୍ୟ କ୍ଷମତାକୁ ଫେରିବାକୁ ଜୋରଦାର ଉଦ୍ୟମ ଚଳାଇଛି। ଏସବୁ ମଧ୍ୟରେ ଆୟକର ବିଭାଗ ଏପ୍ରକାର ଚଳଚଞ୍ଚଳ ହୋଇଉଠିବା ଏବଂ ହେମନ୍ତଙ୍କ ବ୍ୟକ୍ତିଗତ ସଚିବଙ୍କୁ ନିଜ ରାଡାରକୁ ନେବାକୁ ନେଇ ଜେଏମ୍ଏମ୍ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି। ଏସବୁ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି ଜେଏମ୍ଏମ୍ କହିଛି।

# ହମାସ୍ ନେତାଙ୍କୁ ଦେଶ ଛାଡ଼ିବାକୁ କତାରର ନିର୍ଦ୍ଦେଶ

**କତାର,୯।୧୧/ଏଜେନ୍ସି:** ଆମେରିକା ରାଷ୍ଟ୍ରପତି ଭାବେ ଡୋନାଲ୍ଡ ଟ୍ରମ୍ପ୍ ନିର୍ବାଚିତ ହେବା ପରେ ଏବେ ମୁସଲିମ୍ ଦେଶଗୁଡ଼ିକ କିଛିମାତ୍ରାରେ ଭୟଭୀତ ହୋଇପଡିଥିବା ସ୍ପଷ୍ଟ ପ୍ରତୀତ ହେଉଛି। ଏପରି ଏକ ରିପୋର୍ଟ ଏବେ କତାରରୁ ଆସିଛି। କତାରରେ ଆତ୍ମଗୋପନ କରୁଥିବା ଆତଙ୍କବାଦୀ ସଂଗଠନ ହମାସର ନେତାମାନଙ୍କୁ ଦେଶ ଛାଡ଼ି ଚାଲିଯିବାକୁ ସ୍ଥାନୀୟ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ମିଳିଛି। ହମାସକୁ ସମର୍ଥନ ନ କରିବାକୁ ଆମେରିକାର ନିର୍ଦ୍ଦେଶ ପରେ ଚାପରେ ଆସି କାତାର ଏଭଳି ନିଷ୍ପତ୍ତି ନେଇଥିବା ଅନୁମାନ କରାଯାଉଛି। ପ୍ରକାଶ, ଇସ୍ରାଏଲ-ହମାସ ମଧ୍ୟରେ ଯୁଦ୍ଧ ଯୋଗୁ ଅନେକ ହମାସ ନେତା ନିପାତ ହୋଇଛନ୍ତି। ସେହି ଭୟରେ ହମାସର ବହୁ ନେତା କାତାର ଚାଲିଯାଇ ସେଠାରେ ଆତ୍ମଗୋପନ କରୁଛନ୍ତି। ସେପଟେ ଯୁଦ୍ଧ ବିରତି ଏବଂ ପଣବନ୍ଦୀ ଥିବା ନାଗରିକଙ୍କୁ ଛାଡ଼ିବାକୁ ବାରମ୍ବାର ପ୍ରସ୍ତାବ ଦିଆଯିବା ସତ୍ତ୍ୱେ ହମାସ ତାହାକୁ ପ୍ରତ୍ୟାଖ୍ୟାନ କରିଦେଇଛି। ଯାହାଫଳରେ ଆମେରିକା ପକ୍ଷରୁ ଲଗାତର କାତାର ସହ ଯୋଗାଯୋଗ କରାଯାଇ ଏହାର ବିରୋଧ କରାଯାଇଆସୁଛି। ଏହା ଗ୍ରହଣୀୟ ନୁହେଁ ବୋଲି ଆମେରିକା ପକ୍ଷରୁ କୁହାଯାଇଛି। ପଣବନ୍ଦୀଙ୍କୁ ଛାଡ଼ିବା ଲାଗି ଆମେରିକାର ଏକାଧିକ ପ୍ରସ୍ତାବକୁ ଖାରଜ କରିଥିବା ସଂଗଠନର ନେତାମାନଙ୍କୁ ମିତ୍ର ରାଷ୍ଟ୍ର ସ୍ୱାଗତ କରିବା ଅନୁଚିତ ବୋଲି ଆମେରିକାର ଜଣେ ଅଧିକାରୀ କହିଛନ୍ତି।

# ଷ୍ଟେସନ୍‌ରେ ବିସ୍ଫୋରଣ ୨୫ ମୃତ, ୩୦ ଆହତ

**ଇସଲାମାବାଦ, ୯।୧୧/ଏଜେନ୍ସି:** ପାକିସ୍ତାନର ଦକ୍ଷିଣ-ପଶ୍ଚିମାଞ୍ଚଳ ବେଲୁଚିସ୍ତାନ ପ୍ରଦେଶର କ୍ୱେଟା ରେଳ ଷ୍ଟେସନରେ ଶନିବାର ଏକ ଭୟାବହ ବିସ୍ଫୋରଣ ଘଟି ୨୫ ଜଣଙ୍କ ପ୍ରାଣହାନୀ ହୋଇଛି। ଏହି ବିସ୍ଫୋରଣରେ ୩୦ରୁ ଅଧିକ ବ୍ୟକ୍ତି ଆହତ ମଧ୍ୟ ହୋଇଛନ୍ତି। ବରିଷ୍ଠ ପୁଲିସ ଅଧିକାରୀ ମହମ୍ମଦ ବାଲୋଚଙ୍କ ସୂଚନା ଅନୁସାରେ, ବିସ୍ଫୋରଣଟି ଷ୍ଟେସନ ଭିତରେ ଏକ ଟ୍ରେନ୍ ନିକଟରେ ଘଟିଥିଲା। କ୍ୱେଟାରୁ ପେଶାୱର ଯିବାକୁ ଥିବା ଟ୍ରେନ ଷ୍ଟେସନ ଛାଡ଼ିବାର ଠିକ୍ ପୂର୍ବରୁ ଏହି ଘଟଣା ଘଟିଛି। ଉଦ୍ଧାରକାରୀ ଦଳ ଏବଂ ଅଗ୍ନିଶମ ବାହିନୀ ପହଞ୍ଚି ଉଦ୍ଧାରକାର୍ଯ୍ୟ କରିଛନ୍ତି। ଆହତମାନଙ୍କୁ ତୁରନ୍ତ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ତେବେ ବିସ୍ଫୋରଣ ପାଇଁ ବେଲୁଚ ଲିବରେଶନ ଆର୍ମି ଆତଙ୍କବାଦୀ ସଂଗଠନ ନିଜକୁ ଦାୟୀ କରିଛି। ପ୍ରକାଶ, ନିକଟରେ ପାକିସ୍ତାନର ଉତ୍ତର-ପଶ୍ଚିମରେ ଆତଙ୍କବାଦୀ ଆକ୍ରମଣରେ ବୃଦ୍ଧି ଘଟିଛି। ଏହା ବ୍ୟତୀତ ଏଠାରେ ବିଚ୍ଛିନ୍ନତାବାଦୀ ବିଦ୍ରୋହ ମଧ୍ୟ ବୃଦ୍ଧି ପାଉଛି। ବରିଷ୍ଠ ପୋଲିସ ଅଧୀକ୍ଷକ କହିଛନ୍ତି ଯେ ପେଶାୱର ଅଭିମୁଖେ ଯାଉଥିବା ବେଳେ ରେଳ ଷ୍ଟେଶନ ଭିତରେ ଏହି ବିସ୍ଫୋରଣ ଘଟିଥିଲା।

# ଏକ୍ସପ୍ରେସ୍ ଟ୍ରେନ୍ ଲାଇନଚ୍ୟୁତ, ୧୫ ଆହତ

**କୋଲକତା,୯।୧୧/ଏଜେନ୍ସି:** ସାଲିମାର-ସିକନ୍ଦରାବାଦ ସ୍ପେଶାଲ ଟ୍ରେନ୍ ଶନିବାର ସକାଳୁ ଲାଇନଚ୍ୟୁତ ହୋଇଛି। ହାୱଡ଼ା ନାଲପୁର ଷ୍ଟେଶନ ନିକଟରେ ଏହି ଅଘଟଣ ଘଟିଥିବା ବେଳେ ଏଥିରେ ୧୫ଜଣ ଆହତ ହୋଇଥିବା ବେଳେ ମୃତକଙ୍କ ସମ୍ପର୍କରେ କିଛି ବି ସୂଚନା ମିଳିନାହିଁ। ଟ୍ରେନ୍‌ର ୩ଟି ବଗି ଲାଇନଚ୍ୟୁତ ହୋଇଥିବା କୁହାଯାଉଛି। ଟ୍ରେନର ଗୋଟିଏ ପାର୍ସଲ କୋଚ୍ ଏବଂ ୨ଟି ବଗି ଲାଇନଚ୍ୟୁତ ହୋଇଛି। ଟ୍ରେନଟି ଏକ ନମ୍ବର ଲାଇନରୁ ଖସିଯାଇ ୨ ନଂ ଲାଇନକୁ ମାଡିଯାଇଛି। ଅନ୍ୟପକ୍ଷେ ଏହି ଦୁର୍ଘଟଣା ପାଇଁ ହେଲପ ଲାଇନ ନଂ ଜାରି କରାଯାଇଛି। ଖଡଗପୁର ଷ୍ଟେଶନ ପକ୍ଷରୁ ହେଲପ ଲାଇନ ନଂ- ୬୩୨୬୪ ଏବଂ ନଂ ୦୩୨୨୨୯-୩୨୬୪ ରହିଛି।

## ମହାରାଷ୍ଟ୍ର ବିଧାନସଭା ନିର୍ବାଚନ: କଂଗ୍ରେସ ବିରୋଧରେ ପ୍ରଧାନମନ୍ତ୍ରୀଙ୍କ ସଂଗୀନ ଅଭିଯୋଗ

# କର୍ଣ୍ଣାଟକରୁ ଆସିଛି ୭୦୦ କୋଟି ଟଙ୍କା

**ମୁମ୍ବାଇ, ୯।୧୧/ଏଜେନ୍ସି:** ଆଗକୁ ମହାରାଷ୍ଟ୍ର ବିଧାନସଭା ନିର୍ବାଚନ। ଏଥିପାଇଁ ସବୁ ରାଜନୈତିକ ଦଳଗୁଡ଼ିକ ଜୋରସୋରରେ ପ୍ରଚାର ଚଳାଇଛନ୍ତି। ତେବେ ବିଜେପି ପାଇଁ ଷ୍ଟାର କ୍ୟାମ୍ପେନର ସାଜିଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବେ ମହାରାଷ୍ଟ୍ର ଗସ୍ତରେ ରହି ଦଳ ଓ ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରୁଛନ୍ତି। ଏହିକ୍ରମେ ଶନିବାର ପ୍ରଧାନମନ୍ତ୍ରୀ ମୋଦୀ, ପୁଣିଥରେ ବିରୋଧୀ ମହାବିକାଶ ଅଘାଡି ମେଣ୍ଟ (ଶିବସେନା (ଉଦ୍ଧବ ଗୋଷ୍ଠୀ)-କଂଗ୍ରେସ-ଏନ୍‌ସିପି)କୁ ତୀବ୍ର ସମାଲୋଚନା କରିବା ଦେଖିବାକୁ ମିଳିଛି।



ଶନିବାର ଅକୋଲା ଠାରେ ଆୟୋଜିତ ଏକ ନିର୍ବାଚନୀ ସଭାକୁ ସମ୍ବୋଧିତ କରି ମୋଦୀ ମହାରାଷ୍ଟ୍ରବାସୀଙ୍କୁ ବିପକ୍ଷ ମହାବିକାଶ ଅଘାଡି ମେଣ୍ଟ ପ୍ରତି ସତର୍କ ରହିବାକୁ କହିଛନ୍ତି।ଏହି ପରିପ୍ରେକ୍ଷୀରେ ମୋଦୀ, ବିରୋଧୀ ଦଳ କଂଗ୍ରେସ ବିରୋଧରେ ଏକ ସଂଗୀନ ଅଭିଯୋଗ ମଧ୍ୟ କରିଛନ୍ତି। ମୋଦୀଙ୍କ କହିବାନୁସାରେ ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ପାଇଁ କଂଗ୍ରେସ କେରଳ ଏବଂ କର୍ଣ୍ଣାଟକରୁ ଟଙ୍କା ସଂଗ୍ରହ କରୁଛି।

ଏହି ସଭାରେ ମୋଦୀ, ଉପସ୍ଥିତ ଜନସାଧାରଣଙ୍କୁ ମହାବିକାଶ ଅଘାଡିର ପ୍ରକୃତ ଅର୍ଥକୁ ବୁଝାଇଛନ୍ତି। ମୋଦୀଙ୍କ ଅନୁସାରେ ମହାଅଘାଡି ଅର୍ଥ ମହାଦୁର୍ନୀତିର ଗନ୍ତାଘର। ତେବେ ଶାସକ ମହାୟୁତି ମେଣ୍ଟ (ବିଜେପି-ଶିବସେନା (ଶିନ୍ଦେ ଗୋଷ୍ଠୀ- ଏନ୍‌ସିପି (ଅଜିତ ପୱାର ଗୋଷ୍ଠୀ)ଙ୍କୁ ନେଇ ଗଠିତ) ନିଜ ନିର୍ବାଚନୀ ଇସ୍ତାହାର ଜରିଆରେ ବିରୋଧୀ ମେଣ୍ଟ ମହାବିକାଶ ଅଘାଡିର ସମ୍ପୂର୍ଣ୍ଣ କଳାଚିଠାକୁ ଖୋଲିଦେଇଛି। ବିରୋଧୀ ମେଣ୍ଟ ଯେତେବେଳେ କ୍ଷମତାରେ ଥିଲା ସେତେବେଳେ ରାଜ୍ୟରେ ହଜାର ହଜାର କୋଟି ଟଙ୍କାର ହୋଇଥିବା ଦୁର୍ନୀତିର ପର୍ଦ୍ଦାଫାଶ୍ ହୋଇସାରିଛି। ଟୋକନ୍ ମନି ଟ୍ରାନ୍ସଫର ପୋଷ୍ଟିଂର କାରବାରରେ ଏହା ଲିପ୍ତଥିବା ଜଣାପଡ଼ିସାରିଛି। ମୋଦୀଙ୍କ ଅନୁସାରେ ମହାରାଷ୍ଟ୍ରର ପ୍ରତ୍ୟେକ ମହିଳା କଂଗ୍ରେସ ପ୍ରତି ସତର୍କ ରହିବା ଉଚିତ୍। କାରଣ ଏହି ଦଳ କଦାପି ମହିଳା ସଶକ୍ତିକରଣକୁ ସହ୍ୟ କରିପାରୁନାହିଁ। ମହାରାଷ୍ଟ୍ରରେ ଏବେ କଂଗ୍ରେସ ଏବଂ ଅଘାଡି କର୍ମୀମାନେ ମହିଳାଙ୍କ ପ୍ରତି କରୁଥିବା ବ୍ୟବହାର ଏସବୁର ବଡ଼ ପ୍ରମାଣ। ମହିଳାଙ୍କ ପ୍ରତି ଯେଉଁ ପ୍ରକାରର ଅପମାନଜନକ ଭାଷା ବ୍ୟବହାର କରାଯାଉଛି ତାହାକୁ ମହାରାଷ୍ଟ୍ରର କୌଣସି ମା' ଏବଂ ଭଉଣୀ କ୍ଷମା କରିପାରିବେ ନାହିଁ।

ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, ଯେଉଁଠାରେ କଂଗ୍ରେସ ସରକାର ଗଠନ ହୁଏ, ସେହି ରାଜ୍ୟ କଂଗ୍ରେସର ରାଜ ପରିବାରର ଏଟିଏମ ହୋଇଯାଏ। ଆଜିକାଲି ହିମାଚଳ, ତେଲେଙ୍ଗାନା ଏବଂ କର୍ଣ୍ଣାଟକ ଭଳି ରାଜ୍ୟ କଂଗ୍ରେସର ରାଜପରିବାରର ଏଟିଏମରେ ପରିଣତ ହୋଇଛନ୍ତି। ଏବେ ମହାରାଷ୍ଟ୍ରରେ ନିର୍ବାଚନ ନାମରେ କର୍ଣ୍ଣାଟକର ଟଙ୍କା ଆଦାୟ ଦ୍ୱିଗୁଣିତ ହୋଇଛି। ଅଭିଯୋଗ ହୋଇଛି ଯେ, କଂଗ୍ରେସ କର୍ଣ୍ଣାଟକର ମଦ ଦୋକାନୀମାନଙ୍କଠାରୁ ୭୦୦କୋଟି ଟଙ୍କା ଆଦାୟ କରିଛି। ଏନେଇ ଆମକୁ ମହାରାଷ୍ଟ୍ରରେ ସତର୍କ ରହିବା ଆବଶ୍ୟକ। ପ୍ରକାଶ, ଦିନକ ପୂର୍ବରୁ ମୋଦୀ ମହାରାଷ୍ଟ୍ରର ଧୁଲେ ଜିଲ୍ଲାରେ ଏକ ସାଧାରଣ ସଭାରେ ସମ୍ବୋଧିତ କରିଥିଲେ। ଏହି ସମୟରେ ସେ ମହାବିକାଶ ଅଘାଡିକୁ ଚକ ନ ଥିବା ଗାଡି ବୋଲି କହିଥିଲେ। ଦଳର ଡ୍ରାଇଭର ସିଟ୍‌ରେ ବସିବା ପାଇଁ ନିଜ ନିଜ ମଧ୍ୟରେ ଲଢ଼େଇ ଜାରି ରହିଥିବା ପ୍ରଧାନମନ୍ତ୍ରୀ କହିଥିଲେ।

# କାନାଡାରେ ଖଲିସ୍ତାନୀଙ୍କ ଉପସ୍ଥିତିକୁ ଟ୍ରୁଡେୟୁଙ୍କ ସ୍ୱୀକାର



**ଓଟାୱା, ୯।୧୧/ଏଜେନ୍ସି:** ଭାରତ ସହ କୂଟନୈତିକ ତିକ୍ତତା ମଧ୍ୟରେ କାନାଡାର ପ୍ରଧାନମନ୍ତ୍ରୀ ଜଷ୍ଟିନ ଟ୍ରୁଡେୟୁ ପ୍ରଥମ ଥର ପାଇଁ ତାଙ୍କ ଦେଶରେ ଖଲିସ୍ତାନୀ ବିଚ୍ଛିନ୍ନତାବାଦୀମାନେ ଉପସ୍ଥିତ ଥିବା ସ୍ୱୀକାର କରିଛନ୍ତି। ଏହା ଭାରତ ପାଇଁ ଏକ ବଡ ଉପଲବ୍ଧି ବୋଲି କୁହାଯାଉଛି। ପ୍ରକାଶ, ଭାରତ ଦୀର୍ଘ ଦିନ ଧରି ଭାରତ ବିରୋଧୀ ଉଗ୍ରବାଦୀ ବିଚ୍ଛିନ୍ନତାବାଦୀ ଖଲିସ୍ତାନୀଙ୍କୁ କାନାଡା ସରକାର ଆଶ୍ରୟ ଦେଇଥିବା ନେଇ ଭାରତ ଦାବି କରିଆସୁଥିବା ବେଳେ ଟ୍ରୁଡେୟୁ ସରକାର କିନ୍ତୁ ଏହାକୁ ଅସ୍ୱୀକାର କରୁଥିଲେ। କିନ୍ତୁ ଏବେ ଭାରତୀୟ କୂଟନୈତିକ ରଣନୀତି ବଳରେ ଟ୍ରୁଡେୟୁ ନିଜେ ବାଧହୋଇ ଏହାକୁ ସ୍ୱୀକାର କରିଛନ୍ତି। ଟ୍ରୁଡେୟୁ କହିଛନ୍ତି ଖଲିସ୍ତାନ ସମର୍ଥକ ବିଚ୍ଛିନ୍ନତାବାଦୀ କାନାଡାରେ ଅଛନ୍ତି। କିନ୍ତୁ ସେମାନେ ସମଗ୍ର ଶିଖ ସମ୍ପ୍ରଦାୟର ପ୍ରତିନିଧିତ୍ୱ କରୁନାହାନ୍ତି। ସେ ଓଟାୱାରେ ପାର୍ଲାମେଣ୍ଟାରୀ ହିଲରେ ଦିୱାଲୀ ଉତ୍ସବ ସମୟରେ ଏଭଳି ମନ୍ତବ୍ୟ ଦେଇଛନ୍ତି।

ଟ୍ରୁଡେୟୁ ଗତ ବର୍ଷ ଅଭିଯୋଗ କରିଥିଲେ ଯେ ଜୁନ୍ ୨୦୨୩ରେ ବ୍ରିଟିଶ କଲମ୍ବିଆର ସୁରେର ଏକ ଗୁରୁଦ୍ୱାର ବାହାରେ ଖଲିସ୍ତାନୀ ଆତଙ୍କବାଦୀ ହରଦୀପ୍ ସିଂ ନିଜ୍ଜରଙ୍କ ହତ୍ୟାରେ ଭାରତର ହାତ ରହିଛି। ଭାରତ ଏହି ଅଭିଯୋଗକୁ ଭିତ୍ତିହୀନ ବୋଲି ପ୍ରତ୍ୟାଖ୍ୟାନ କରି କାନାଡାକୁ ପ୍ରମାଣ ମାଗିଥିଲା, ଯାହା ଟ୍ରୁଡୋ ସରକାର କେବେ ପ୍ରଦାନ କରିନାହାନ୍ତି। କିନ୍ତୁ ଟ୍ରୁଡେୟୁଙ୍କ ଏପ୍ରକାର ଅଭିଯୋଗ ପରେ କାନାଡା ଏବଂ ଭାରତ ମଧ୍ୟରେ ସମ୍ପର୍କ ଖରାପ ହୋଇଥିଲା। ଗତ ମାସରେ ଟ୍ରୁଡେୟୁ ସରକାର କାନାଡାରେ ଭାରତର ହାଇ କମିଶନର ସଞ୍ଜୟ ବର୍ମାଙ୍କୁ ହିଂସା ଘଟଣାରେ 'ପର୍ସନ ଅଫ୍ ଇଣ୍ଟ୍ରେଷ୍ଟ' ଭାବରେ ଘୋଷଣା କରିବା ପରେ ଉଭୟ ଦେଶ ମଧ୍ୟରେ ସମ୍ପର୍କ ଆହୁରି ଖରାପ ହୋଇପଡିଥିଲା। ଏହାକୁ ଆପତ୍ତିଜନକ ବୋଲି କହି ଭାରତ ନିଜର ୬ଜଣ କୂଟନୀତିଜ୍ଞଙ୍କୁ ଫେରାଇ ଆଣିଥିଲା। ଏହା ସହିତ ୬ ଜଣ କାନାଡିୟ କୂଟନୀତିଜ୍ଞଙ୍କୁ ଭାରତରୁ ଫେରିବାକୁ କୁହାଯାଇଥିଲା।

ଚଳିତ ସପ୍ତାହ ପୂର୍ବରୁ, ଖଲିସ୍ତାନର ସମର୍ଥକମାନେ ବ୍ରାମ୍ପଟନରେ ଥିବା ହିନ୍ଦୁ ସଭା ମନ୍ଦିରରେ ଶ୍ରଦ୍ଧାଳୁମାନଙ୍କୁ ମାଡ଼ ମାରିଥିଲେ। ଫଳରେ ଭାରତୀୟ ଏବଂ କାନାଡା ନାଗରିକମାନେ ଅଂଶଗ୍ରହଣ କରିଥିବା ଭାରତୀୟ କନସୁଲେଟର କାର୍ଯ୍ୟକ୍ରମ ମଧ୍ୟ ବ୍ୟାହତ ହୋଇଥିଲା। ସୋସିଆଲ ମିଡିଆରେ ଭାଇରାଲ ହୋଇଥିବା ଭିଡିଓରେ ଖଲିସ୍ତାନ ସମର୍ଥକମାନେ ହିନ୍ଦୁ ଶ୍ରଦ୍ଧାଳୁମାନଙ୍କୁ ବାଡ଼ିରେ ପିଟିବା ସହିତ ମୁଥ ମାରୁଥିବାର ଦେଖିବାକୁ ମିଳିଥିଲା।

## ମୋଦୀଙ୍କୁ ରାହୁଲଙ୍କ ଚ୍ୟାଲେଞ୍ଜ୍

# କ୍ଷମତାକୁ ଫେରିଲେ ଜାତିଗତ ଜନଗଣନା କରିବୁ

**ନୂଆଦିଲ୍ଲୀ, ୯।୧୧/ଏଜେନ୍ସି:** କଂଗ୍ରେସ ପୁଣିଥରେ ଜାତିଗତ ଜନଗଣନା ପ୍ରସଙ୍ଗ ଉଠାଇଛି। କଂଗ୍ରେସ ସାଂସଦ ତଥା ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ କହିଛନ୍ତି, ବିଜେପି ଦେଶରେ ଗଣଜାତି ଜନଗଣନା କରିବାକୁ ଚାହୁଁନାହିଁ। କାରଣ ବିଜେପି ଆଦିବାସୀ ତଥା ଦଳିତଙ୍କ ଜମିକୁ ହଡପ କରିନେବାକୁ ଚାହୁଁଛି। ଜାତିଗତ ଜନଗଣନା କରିବାକୁ ବିଜେପି ଅମଙ୍ଗ ହେବା ପଛରେ ଏକ ବହୁତ ବଡ଼ ଷଡଯନ୍ତ୍ର ରହିଛି। ଗୋଟିଏ ପଟେ ରାହୁଲ ଗାନ୍ଧୀଙ୍କ ଏପ୍ରକାର ବିବୃତି ଆସିଥିବା ବେଳେ ଅନ୍ୟପକ୍ଷେ ତେଲେଙ୍ଗାନାର କ୍ଷମତାସୀନ କଂଗ୍ରେସ ସରକାର ଶନିବାର ରାଜ୍ୟର ପ୍ରଥମ ଜାତିଭିତ୍ତିକ ସର୍ଭେ ଆରମ୍ଭ କରିଛନ୍ତି।



ସେହିପରି ରାହୁଲ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଟାର୍ଗେଟ୍ କରିବାକୁ ଯାଇ କହିଛନ୍ତି ଯେ, ଆଜିଠାରୁ ତେଲେଙ୍ଗାନାରେ ଜାତି ଗଣନା ଆରମ୍ଭ ହୋଇଛି। ଏଥିରୁ ମିଳିଥିବା ତଥ୍ୟକୁ ବ୍ୟବହାର କରି ରାଜ୍ୟର ପ୍ରତ୍ୟେକ ବର୍ଗର ବିକାଶ ପାଇଁ ନୀତି ପ୍ରସ୍ତୁତ କରାଯିବ। ଖୁବଶୀଘ୍ର ମହାରାଷ୍ଟ୍ରରେ ମଧ୍ୟ ଜାତିଗତ ଜନଗଣନା କରାଯିବ। ସେହିପରି କେନ୍ଦ୍ରରେ କଂଗ୍ରେସ କ୍ଷମତାକୁ ଫେରିଲେ ଦେଶବ୍ୟାପୀ ଜାତିଗତ ଜନଗଣନା କରାଯିବ। ପ୍ରଧାନମନ୍ତ୍ରୀ ମୋଦୀ ଚାହିଁଲେ ବି ସାରା ଦେଶରେ ଜାତିଗତ ଜନଗଣନାକୁ ବନ୍ଦ କରିପାରିବେନି। ଏନେଇ ସଂସଦରେ ଜାତିଗତ ଜନଗଣନା ପାରିତ କରାଯିବ ଏବଂ ସଂରକ୍ଷଣ ଉପରେ ୫୦% ସୀମାକୁ ସବୁଦିନ ପାଇଁ ଉଚ୍ଛେଦ କରାଯିବ। ସୂଚନାଯୋଗ୍ୟ, ତେଲେଙ୍ଗାନା ସରକାର ଶନିବାର ଠାରୁ ଜାତିଗତ ଜନଗଣନା ଆରମ୍ଭ କରିଛନ୍ତି। ଆଗାମୀ କିଛି ସପ୍ତାହ ମଧ୍ୟରେ ୮୦ ହଜାର ଗଣନାକାରୀ ୩୩ଟି ଜିଲ୍ଲାର ୧ କୋଟି ୧୭ ଲକ୍ଷରୁ ଅଧିକ ଘର ସର୍ଭେ କରିବେ ବୋଲି କୁହାଯାଉଛି।

## ନିଟ୍ ଆଶାୟୀଙ୍କୁ ଦୁଷ୍କର୍ମ, ବ୍ଲାକ୍‌ମେଲ୍

# କୋଚିଂ ସେଣ୍ଟରର ଦୁଇ ଶିକ୍ଷକ ଗିରଫ



**କାନପୁର, ୯।୧୧/ଏଜେନ୍ସି:** ଏନ୍‌ଇଇଟି ମେଡିକାଲ ଏଣ୍ଟ୍ରାନ୍ସ ପାଇଁ ପ୍ରସ୍ତୁତି କରିବାକୁ ଜଣେ ଦଳିତ ଛାତ୍ରୀ ୨୦୨୨ରେ କାନପୁର ଚାଲିଆସିଥିଲେ। ଏଠାରେ ଏକ ପ୍ରତିଷ୍ଠିତ କୋଚିଂ ସେଣ୍ଟରରେ ସେ ଆଡମିଶନ୍ ପୂର୍ବକ ପ୍ରସ୍ତୁତି ମଧ୍ୟ ଆରମ୍ଭ କରିଥିଲେ। କିନ୍ତୁ ସେ ଜାଣିନଥିଲେ ତାଙ୍କ ସହ ଆଗକୁ କ'ଣ ଘଟିବାକୁ ଯାଉଛି। ନିଜ କୋଚିଂ ସେଣ୍ଟରର ୨ ଶିକ୍ଷକ ହିଁ ତାଙ୍କୁ ଗଣଦୁଷ୍କର୍ମ କରିଥିଲେ ଏବଂ ମାସାଧିକ ସମୟ ଧରି ତାଙ୍କୁ ବ୍ଲାକ୍‌ମେଲ୍ କରିଚାଲିଥିଲେ। ଏପରିକି ହୋଲି ସମୟରେ ଛାତ୍ରୀଜଣକ ତାଙ୍କ ଘରକୁ ଯାଇଥିବା ବେଳେ ସାହିଲ୍ ସିଦ୍ଦିକି ନାମକ ଅନ୍ୟତମ ଅଭିଯୁକ୍ତ ଶିକ୍ଷକ ପୀଡ଼ିତାଙ୍କୁ ଫୋନ କରି ତୁରନ୍ତ ଫେରିଆସିବା କହିଥିଲେ। ଯଦି ତାଙ୍କ କଥା ପୀଡ଼ିତା ନଶୁଣନ୍ତି ତେବେ ତାଙ୍କ ପରିବାରର ଅନ୍ୟ ସଦସ୍ୟଙ୍କୁ ହତ୍ୟା କରାଯିବ ବୋଲି ମଧ୍ୟ ସିଦ୍ଦିକି ଧମକ ଦେଇଥିଲେ।

ପୁଲିସ୍ ରିପୋର୍ଟ ଅନୁସାରେ ଉକ୍ତ କୋଚିଂ ସେଣ୍ଟରରେ ଏନ୍‌ଇଇଟି ମେଡିକାଲ ଏଣ୍ଟ୍ରାନ୍ସ ପାଇଁ ପ୍ରସ୍ତୁତ ହେଉଥିବା ଅନ୍ୟଜଣେ ଛାତ୍ରୀଙ୍କୁ ବିକାଶ ପୋରୱେଲ୍ ନାମକ ଅନ୍ୟତମ ଶିକ୍ଷକ ରାସ୍ତାରେ ଅଶାଳୀନ ବ୍ୟବହାର କରୁଥିବା ଅଭିଯୋଗ ହୋଇଥିଲା। ସିସିଟିଭି ଫୁଟେଜ୍ ଆଧାରରେ ପୁଲିସ୍ ଅଭିଯୁକ୍ତ ଶିକ୍ଷକକୁ ଗିରଫ କରିଥିଲା। ତେବେ ଏହି ସମୟରେ ଏହି ଦଳିତ ଛାତ୍ରୀଜଣକ ସାହସ ଜୁଟାଇ ପୁଲିସ୍ ନିକଟରେ ସବୁକଥା କହିବା ପରେ ଏସମ୍ପର୍କରେ ଜଣାପଡିଛି। ପୀଡ଼ିତାଙ୍କ କହିବାନୁସାରେ ଚଳିତ ବର୍ଷ ଜାନୁଆରୀରେ ଶିକ୍ଷାର୍ଥୀଙ୍କ ପାଇଁ ନିଜ ଫ୍ଲାଟ୍‌ରେ ଏକ ନ୍ୟୁ ଇୟର ପାର୍ଟି ଆୟୋଜନ କରିଥିବା କହି ବାଇଲୋଜି ଶିକ୍ଷକ ସାହିଲ୍ ସିଦ୍ଦିକି ତାଙ୍କୁ ଆସିବାକୁ କହିଥିଲେ। କିନ୍ତୁ ପୀଡ଼ିତା ଯେତେବେଳେ ସେଠାରେ ପହଞ୍ଚିଲେ ସେତେବେଳେ ସେଠାରେ ସେ ନିଜକୁ ଏକୁଟିଆ ହିଁ ପାଇଥିଲେ। ଏହି ଠାରେ ସିଦ୍ଦିକି ତାଙ୍କୁ ଦୁଷ୍କର୍ମ କରିଥିଲା ଏବଂ ଭିଡିଓ ପ୍ରସ୍ତୁତ କରି ବ୍ଲାକ୍‌ମେଲ୍ କରିବା ଆରମ୍ଭ କରିଥିଲା। ମାସାଧିକ କାଳ ସିଦ୍ଦିକି ପୀଡ଼ିତାଙ୍କୁ ନିଜ ଫ୍ଲାଟ୍‌ରେ ବନ୍ଦୀ କରି ରଖିଥିବା ବେଳେ ଏହି ସମୟରେ କୋଚିଂ ସେଣ୍ଟରର ଅନ୍ୟତମ ଅଭିଯୁକ୍ତ ଶିକ୍ଷକ ବିକାଶ ପୋରୱେଲ୍ (କେମିଷ୍ଟ୍ରି ଶିକ୍ଷକ) ମଧ୍ୟ ପୀଡ଼ିତାଙ୍କୁ ଦୁଷ୍କର୍ମ କରିଥିଲେ। ତେବେ ଏହି ଦଳିତ ଛାତ୍ରୀଜଣକ ସାହସ କରି ଶୁକ୍ରବାର ଦିନ ପୁଲିସ୍ ନିକଟରେ ଅଭିଯୋଗ କରିବା ପରେ ଶନିବାର ପୁଲିସ୍ ଏହି ଅଭିଯୁକ୍ତ ଶିକ୍ଷକକୁ ଗିରଫ କରିଛି। ଘଟଣା ବେଳେ ପୀଡ଼ିତା ଜଣଙ୍କ ନାବାଳିକା ଥିଲେ ବୋଲି ପୁଲିସ୍ ଦର୍ଶାଇଛି।

## ରାମମନ୍ଦିର ନିର୍ମାଣ ପାଇଁ ମିଳୁନାହାନ୍ତି ଶ୍ରମିକ

# ଦୁର୍ବଳ ହେବାରେ ଲାଗିଛି ଖଚିତ ପଥର



**ଅଯୋଧ୍ୟା,୯।୧୧/ଏଜେନ୍ସି:** ଅଯୋଧ୍ୟାରେ ନିର୍ମିତ ରାମମନ୍ଦିରରେ ଚାଲିଥିବା ନିର୍ମାଣ କାର୍ଯ୍ୟ ଏବେ ଆଉ କିଛି ମାସ ବିଳମ୍ବ ହୋଇପାରେ। କାରଣ ରାମମନ୍ଦିର ନିର୍ମାଣ ପାଇଁ ଆବଶ୍ୟକ ସଂଖ୍ୟକ ଶ୍ରମିକଙ୍କ ଅଭାବ ରହିଛି। ଏସମ୍ପର୍କରେ ସୂଚନା ଦେଇ ରାମମନ୍ଦିର ନିର୍ମାଣ କମିଟିର ଅଧ୍ୟକ୍ଷ ନୃପେନ୍ଦ୍ର ମିଶ୍ର ସୂଚନା ଦେଇ କହିଛନ୍ତି ଯେ, ପୂର୍ବରୁ ୨୦୨୫ ସୁଦ୍ଧା ମନ୍ଦିର ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା, କିନ୍ତୁ ବର୍ତ୍ତମାନ ୨୦୦ କର୍ମଚାରୀଙ୍କ ଅଭାବ ହେତୁ ଏହା ବିଳମ୍ବ ହେଉଛି। ତେବେ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବା ପାଇଁ ଆହୁରି ୩ ମାସ ବିଳମ୍ବ ହୋଇପାରେ ବୋଲି ସେ କହିଛନ୍ତି।

ନୃପେନ୍ଦ୍ର ମିଶ୍ରଙ୍କ କହିବାନୁସାରେ ମନ୍ଦିରର ସୀମା କାନ୍ଥରେ ବ୍ୟବହୃତ ଲାଲ୍ ବଂଶୀ ପାହାଡ଼ପୁର ୮.୫ ଲକ୍ଷ ଘନଫୁଟ ପଥର ଅଯୋଧ୍ୟାରେ ପହଞ୍ଚି ସାରିଛି, କିନ୍ତୁ ଶ୍ରମିକ ଅଭାବରୁ ନିର୍ମାଣ କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି। ସେହିପରି କିଛି ଅଧାପନ୍ତରିଆ କାମ ବର୍ଷା କାରଣରୁ ଦୁର୍ବଳ ହେବାରେ ଲାଗିଛି। ସୁତରାଂ ମଧ୍ୟରେ ମନ୍ଦିର ନିର୍ମାଣରେ ବ୍ୟବହୃତ ହେଉଥିବା ପଥରର ଗୁଣ ପ୍ରତି ବିଶେଷ ଧ୍ୟାନ ଦିଆଯାଉଛି। ରିପୋର୍ଟ ଅନୁସାରେ ରାମ ମନ୍ଦିରର ପ୍ରଥମ ମହଲାରେ ଥିବା ବ୍ୟବହୃତ ହୋଇଥିବା କିଛି ପଥର ଏବେ ଦୁର୍ବଳ ଏବଂ ପତଳା ହୋଇଥିବା ଦେଖିବାକୁ ମିଳିଛି, ସେମାନଙ୍କ ସ୍ଥାନରେ ବର୍ତ୍ତମାନ ଅଧିକ ଶକ୍ତିଶାଳୀ ମାକ୍ରାନା ପଥର ବ୍ୟବହାର କରାଯାଉଛି। ଏହା ବ୍ୟତୀତ ମନ୍ଦିରର ଅନ୍ୟ ସଂରଚନାଗୁଡ଼ିକର ଅଡିଟୋରିୟମ, ସୀମା ଏବଂ ଘୂର୍ଣ୍ଣନ ପଥ ଭଳି ନିର୍ମାଣ ପ୍ରକ୍ରିୟା ମଧ୍ୟ ଚାଲିଛି। ନୃପେନ୍ଦ୍ର କହିଛନ୍ତି, ଶିଳ୍ପୀମାନେ ନିଶ୍ଚିତ କରିଛନ୍ତି ମନ୍ଦିରର ସମସ୍ତ ପ୍ରତିମା ଡିସେମ୍ବର ୨୦୨୪ ସୁଦ୍ଧା ଶେଷ ହେବ ଏବଂ ଡିସେମ୍ବର ଶେଷ ସୁଦ୍ଧା ଏହି ପ୍ରତିମାମାନେ ଅଯୋଧ୍ୟାରେ ପହଞ୍ଚିବେ। ଏହାପରେ ପରେ କେଉଁ ମନ୍ଦିରରେ କେଉଁ ମୂର୍ତ୍ତି ସ୍ଥାନପନ କରାଯିବ, ତାହା ସ୍ଥିର ହେବ।

ସୂଚନାଯୋଗ୍ୟ, ଜୟପୁରରେ ରାମ ଦରବାର ଏବଂ ୭ଟି ମନ୍ଦିର ନିର୍ମାଣ କାର୍ଯ୍ୟ ଚାଲିଛି। ଡିସେମ୍ବର ସୁଦ୍ଧା ଏହି ପ୍ରତିମାଗୁଡ଼ିକୁ ଅଯୋଧ୍ୟାକୁ ଅଣାଯିବ ଏବଂ ପରେ କେଉଁ ସ୍ଥାନରେ ମନ୍ଦିରରେ ସ୍ଥାପନ କରାଯିବ ତାହା ସ୍ଥିର ହେବ। ନୃପେନ୍ଦ୍ର କହିଛନ୍ତି, ରାମଲାଲାଙ୍କ ଦୁଇଟି ମୂର୍ତ୍ତି ଟ୍ରଷ୍ଟ ଦ୍ୱାରା ଅନୁମୋଦନ ହୋଇସାରିଛି ଏବଂ ସେମାନଙ୍କୁ ମନ୍ଦିରରେ ଉପଯୁକ୍ତ ସ୍ଥାନ ଦିଆଯିବ। ଏହା ସହିତ ମନ୍ଦିର ପରିସରରୁ ଭକ୍ତଙ୍କ ପାଇଁ ଦର୍ଶନ ପାଇବା ପରେ ଅଧିକ ସୁବିଧାଜନକ ହେବା ପାଇଁ ଆଲୋଚନା ମଧ୍ୟ କରାଯାଉଛି। କାରଣ ଯେତେବେଳେ ବହୁ ସଂଖ୍ୟାରେ ଭକ୍ତ ଜନ୍ମଭୂମି ପଥକୁ ଆସନ୍ତି ସେତେବେଳେ ସେମାନେ ବାହାରକୁ ଯିବାରେ ବହୁ ଅସୁବିଧାର ସମ୍ମୁଖୀନ ହୁଅନ୍ତି।

## ମହାରାଷ୍ଟ୍ର ରାଜନୀତିକୁ ପ୍ରଭାବିତ କରୁଛନ୍ତି ବାଂଲାଦେଶୀ, ରୋହିଙ୍ଗ୍ୟା ମୁସଲମାନ

# ୨୦୫୧ ସୁଦ୍ଧା ମୁମ୍ବାଇରେ ହିନ୍ଦୁ ଜନସଂଖ୍ୟା ୫୪%କୁ ହ୍ରାସ ପାଇବ: ଟିସ୍ ରିପୋର୍ଟ

**ମୁମ୍ବାଇ, ୯।୧୧/ଏଜେନ୍ସି:** ୨୦୫୧ ସୁଦ୍ଧା ମୁମ୍ବାଇରେ ହିନ୍ଦୁ ଜନସଂଖ୍ୟା ପ୍ରାୟ ୫୪%କୁ ହ୍ରାସ ପାଇବ। ଏଭଳି ଏକ ରିପୋର୍ଟ ସାମ୍ନାକୁ ଆସିବା ପରେ ଏହାକୁ ନେଇ ଚିନ୍ତାବ୍ୟକ୍ତ କରାଯାଇଛି। ଟାଟା ଇନଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ ସାଇନସେସ୍ (ଟିଆଇଏସ୍ଏସ୍)ର ଏକ ରିପୋର୍ଟରେ ଏଭଳି କିଛି ଆଶ୍ଚର୍ଯ୍ୟଜନକ ତଥ୍ୟ ସାମ୍ନାକୁ ଆସିଛି। ଟିଆଇଏସ୍ଏସ୍ ରିପୋର୍ଟ ଅନୁଯାୟୀ, ପଡୋଶୀ ଦେଶଗୁଡ଼ିକରୁ ମୁସଲମାନ ଅନୁପ୍ରବେଶକାରୀଙ୍କ ଯୋଗୁଁ ମୁମ୍ବାଇର ଜନସଂଖ୍ୟା ଗୁରୁତର ଭାବେ ପ୍ରଭାବିତ ହୋଇଛି। ଏହାହିଁ ଆଗାମୀ କିଛି ବର୍ଷ ମଧ୍ୟରେ ମୁମ୍ବାଇରେ ହିନ୍ଦୁ ଜନସଂଖ୍ୟା ହ୍ରାସ ପାଇବା ଭଳି ଆଶଙ୍କାକୁ ଦ୍ୱିଗୁଣିତ କରିଦେଇଛି।ମୁମ୍ବାଇରେ ହିନ୍ଦୁ ଓ ମୁସଲମାନ ସମ୍ପ୍ରଦାୟର ଜନସଂଖ୍ୟାରେ ହେଉଥିବା ପରିବର୍ତ୍ତନକୁ ଏହି ରିପୋର୍ଟରେ ସ୍ପଷ୍ଟ ଭାବେ ଦର୍ଶାଯାଇଛି। ଏଥିରେ ୨୦୫୧ ସୁଦ୍ଧା ହିନ୍ଦୁ ଜନସଂଖ୍ୟା ୫୪%ରୁ କମ୍, ମୁସଲମାନ ଜନସଂଖ୍ୟା ୩୦%କୁ ବୃଦ୍ଧି ପାଇବ ବୋଲି ଦର୍ଶାଯାଇଛି। ଟିଆଇଏସ୍ଏସର ଅଧ୍ୟୟନ ଅନୁଯାୟୀ, ବାଂଲାଦେଶୀ ଏବଂ ମିଆଁମାରର ରୋହିଙ୍ଗ୍ୟା ମୁସଲମାନମାନେ ମହାରାଷ୍ଟ୍ରର ରାଜନୀତିକୁ ପ୍ରଭାବିତ କରୁଛନ୍ତି। ୧୯୬୧ରେ ମହାରାଷ୍ଟ୍ରରେ ହିନ୍ଦୁଙ୍କ ସଂଖ୍ୟା ୮୮% ରହିଥିବା ବେଳେ ୨୦୧୧ ଜନଗଣନା ପରେ ଏଠାରେ ହିନ୍ଦୁଙ୍କ ସଂଖ୍ୟା ୬୬%କୁ ହ୍ରାସ ପାଇଥିବା ଦେଖିବାକୁ ମିଳିଥିଲା। ୨୦୨୧ରେ ଜନଗଣନା ହୋଇନଥିଲେ ମଧ୍ୟ ବର୍ତ୍ତମାନ ସମୟରେ ହିନ୍ଦୁଙ୍କ ସଂଖ୍ୟା ଆହୁରି ହ୍ରାସ ପାଇଥିବା ନେଇ ଆଶଙ୍କା କରାଯାଉଛି। ବାସ୍ତବରେ ଅନୁପ୍ରବେଶକାରୀ ମୁସଲିମ୍‌ଙ୍କ ସଂଖ୍ୟା ବଢୁଥିବା ବେଳେ ଏହି ହାରରେ ହିନ୍ଦୁଙ୍କ ସଂଖ୍ୟା ସୀମିତ ହେବାରେ ଲାଗିଛି। ସବୁଠୁ ଚିନ୍ତାଜନକ ବିଷୟ ହେଉଛି ଏମାନେ ବାହାର ଦେଶରୁ ଭାରତକୁ ଅନୁପ୍ରବେଶକାରୀ ଭାବେ ଆସିଥିଲେ ମଧ୍ୟ ଏବେ ମହାରାଷ୍ଟ୍ର ରାଜନୀତିରେ ନିଜର ଆଗ୍ରହ ଦେଖାଉଛନ୍ତି। ଆଗାମୀ ଦିନରେ ମହାରାଷ୍ଟ୍ରରେ ହେବାକୁ ଥିବା ବିଧାନସଭା ନିର୍ବାଚନ ପାଇଁ ମଧ୍ୟ ଏହି ବାଂଲାଦେଶୀ ତଥା ରୋହିଙ୍ଗ୍ୟା ଶରଣାର୍ଥୀ ଚିନ୍ତାର କାରଣ ସାଜିବେ ବୋଲି ଅନୁମାନ କରାଯାଉଛି। ପ୍ରକାଶ, କେତେକ ରାଜନୈତିକ ଅନୁଷ୍ଠାନ ବେଆଇନ ପ୍ରବାସୀଙ୍କୁ ଭୋଟ୍ ବ୍ୟାଙ୍କ ରାଜନୀତି ପାଇଁ ବ୍ୟବହାର କରୁଛନ୍ତି, ଯାହା ଗଣତାନ୍ତ୍ରିକ ପ୍ରକ୍ରିୟାରେ ବାଧା ସୃଷ୍ଟି କରିପାରେ। ଭୋଟର ପଞ୍ଜୀକରଣରେ ମଧ୍ୟ ହେରଫେର କରାଯାଉଛି। ବେଆଇନ ପ୍ରବାସୀମାନେ ନକଲି ଭୋଟର ପରିଚୟପତ୍ର ହାସଲ କରୁଥିବା ଅଭିଯୋଗ ହେଉଛି।

ଝାଡ଼ଖଣ୍ଡରେ 'କିଷାନ ସମ୍ମିଳନୀ'କୁ କେନ୍ଦ୍ରମନ୍ତ୍ରୀଙ୍କ ସମ୍ବୋଧନ

# 'ଚାଷୀଙ୍କ ମୁହଁରେ ହସ ଫୁଟାଇବା ସରକାରଙ୍କ ପ୍ରତିବଦ୍ଧତା'



**ବହଡାଗୋଡ଼ା,୯।୧୧/ଏଜେନ୍ସି:** ଚାଷୀଙ୍କ ମୁହଁରେ ହସ ଫୁଟାଇବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସରକାରଙ୍କ ପ୍ରତିବଦ୍ଧତା । ମୋଦୀ ସରକାରରେ ବିଗତ ୧୦ ବର୍ଷ ମଧ୍ୟରେ ଅନ୍ନଦାତାଙ୍କ ଆୟ ବୃଦ୍ଧି କରିବା ସହ ସେମାନଙ୍କୁ ଆତ୍ମନିର୍ଭର କରିବା ପାଇଁ ଅନେକ ପଦକ୍ଷେପ ନିଆଯାଇଛି ବୋଲି ଶନିବାର ଝାଡ଼ଖଣ୍ଡ ନିର୍ବାଚନ ପରିପ୍ରେକ୍ଷୀରେ ବହଡାଗୋଡ଼ା ବିଧାନସଭା ନିର୍ବାଚନମଣ୍ଡଳୀରେ ଆୟୋଜିତ 'କିଷାନ ସମ୍ମିଳନୀ'କୁ ସମ୍ବୋଧିତ କରି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି।

ଓଡ଼ିଆ ବହୁଳ ଅଞ୍ଚଳ ପାରୁଲିଆ ପଞ୍ଚାୟତର ତାଉଆ ଗ୍ରାମରେ ଦଳୀୟ ପ୍ରାର୍ଥୀ ଦିନେଶାନନ୍ଦ ଗୋସ୍ୱାମୀଙ୍କ ପାଇଁ ପ୍ରଚାର କରିଛନ୍ତି କେନ୍ଦ୍ରମନ୍ତ୍ରୀ । କିଷାନ ସମ୍ମିଳନୀକୁ ସମ୍ବୋଧିତ କରି ସେ କହିଛନ୍ତି ଯେ କୃଷିର ବିକାଶ ଓ ଚାଷୀଙ୍କ କଲ୍ୟାଣ ପାଇଁ ମୋଦୀ ସରକାର ସର୍ବଦା କାର୍ଯ୍ୟ କରୁଛନ୍ତି। ଏଥର ଝାଡ଼ଖଣ୍ଡରେ ବିଜେପି ସରକାର ଆସିଲେ ଓଡ଼ିଶା ଭଳି ଧାନର ଏମ୍ଏସ୍‌ପି କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କାକୁ ବୃଦ୍ଧି କରାଯିବ। ବିଜେପି ସରକାରରେ କୃଷକଙ୍କ ଉନ୍ନତି ଓ ପ୍ରଗତି ହେବ । ମା' ଭଉଣୀମାନଙ୍କ ସମୃଦ୍ଧି, ଯୁବକମାନଙ୍କୁ ଚାକିରି, ଗୁଣାତ୍ମକ ଶିକ୍ଷା ଏବଂ ଝାଡ଼ଖଣ୍ଡର ନିରନ୍ତର ବିକାଶ କରିବା ହେଉଛି ବିଜେପିର ସଂକଳ୍ପ । ବିଜେପି ସରକାର ଆସିଲେ ରାଜ୍ୟରେ ଗୋଗୋ ଦିଦି ଯୋଜନାରେ ପ୍ରତ୍ୟେକ ମହିଳାଙ୍କୁ ମାସିକ ୨୧୦୦ ଟଙ୍କା ଦିଆଯିବ।ଆଜି ମୋଦୀ ସରକାରରେ ଆଦିବାସୀ ଲୋକମାନେ ବିଶେଷ ଲାଭ ପାଇଛନ୍ତି। ପୂର୍ବରୁ ଆଦିବାସୀ ଅଧ୍ୟୁଷିତ ଜିଲ୍ଲାର ଖଣିଜ ସମ୍ପଦକୁ ଶାଗ ମାଛ ମୂଲ୍ୟରେ ପୁଞ୍ଜିପତିମାନଙ୍କୁ ବିକ୍ରି କରାଯାଉଥିଲା । ମାତ୍ର ଆଜି ମୋଦୀ ସରକାରଙ୍କ ସଂସ୍କାର କାରଣରୁ ଜିଲ୍ଲାର ଅର୍ଥ ଜିଲ୍ଲାରେ ରହୁଛି। ଖଣି ରାଜସ୍ୱ କୋଟି କୋଟି ଟଙ୍କା ବୃଦ୍ଧି ପାଇଛି। ଡିଏମ୍ଏଫ୍ ପାଣ୍ଠିରୁ ମିଳୁଥିବା ଅର୍ଥରାଶିକୁ ଜନଜାତିଙ୍କ ମୌଳିକ ସୁବିଧା ଯୋଗାଇବା ଦିଗରେ ସଦୁପଯୋଗ କରାଯାଉଛି । ଅନ୍ୟପଟେ ଝାଡଖଣ୍ଡର ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କୁ ଲୁଟ ମାମଲାରେ ପୂର୍ବରୁ ଜେଲ୍ ଯିବାକୁ ପଡିଛି । ତେଣୁ ଝାଡଖଣ୍ଡରେ ବିକାଶ କରିବା ପାଇଁ ପଦ୍ମ ଫୁଲରେ ଭୋଟ୍ ଦେବାକୁ ଶ୍ରୀ ପ୍ରଧାନ ଜନସାଧାରଣଙ୍କୁ ନିବେଦନ କରିଛନ୍ତି। ଗତକାଲି ଶ୍ରୀ ପ୍ରଧାନ ଜାମସେଦପୁରରେ ବସବାସ କରୁଥିବା ଓଡ଼ିଆ ସମୁଦାୟଙ୍କ ସହ ଭେଟ ହୋଇଥିଲେ। ସ୍ଥାନୀୟ ଅଞ୍ଚଳରେ ଓଡ଼ିଆ ଅସ୍ମିତା ଏବଂ ଓଡ଼ିଶାର ଭାବାବେଗକୁ ବଞ୍ଚାଇ ରଖିବା ସହ ଝାଡ଼ଖଣ୍ଡର ବିକାଶ ଓ ଅଭିବୃଦ୍ଧି ଦିଗରେ ଓଡ଼ିଆ ଲୋକଙ୍କର ଥିବା ଅବଦାନକୁ ପ୍ରଶଂସା କରିବା ସହ ଜାମସେଦପୁରକୁ ବିକାଶର ସ୍ରୋତରେ ଆଗେଇ ନେବା ସହ ବିକଶିତ ଭାରତର ଲକ୍ଷ୍ୟ ହାସଲ କରିବା ପାଇଁ କାର୍ଯ୍ୟ କରିବା ପାଇଁ ନିବେଦନ କରିଥିଲେ।

## ୨୬ ଡାକ୍ତରଙ୍କୁ କାରଣ ଦର୍ଶାଅ ନୋଟିସ୍

**କୋରାପୁଟ,୯।୧୧/ଏନ୍ଏନ୍ଏସ୍:** କୋରାପୁଟର ଜୟପୁର ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ୨୬ ଜଣ ଡାକ୍ତରଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିଛନ୍ତି ମେଡିକାଲ ଅଧୀକ୍ଷକ। ଆସନ୍ତାକାଲି ସୁଦ୍ଧା ଲିଖିତ ଭାବେ ଏହାର ଜବାବ ଦେବାକୁ ସେମାନଙ୍କୁ କୁହାଯାଇଛି। ଗତ ୬ ତାରିଖ ଦିନ କୋରାପୁଟ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଏକ ସମୀକ୍ଷା ବୈଠକରେ ଯୋଗ ଦେବାକୁ ଜୟପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆସିଥିଲେ। ଏହି ବୈଠକରେ ଉପସ୍ଥିତ ରହିବାକୁ ଜୟପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସମସ୍ତ ଡାକ୍ତରଙ୍କୁ କୁହାଯାଇଥିଲା। ତେବେ ଏହି ୨୬ ଜଣ ଡାକ୍ତର ଉକ୍ତ ବୈଠକରେ ଯୋଗ ଦେଇ ନଥିଲେ। ଏତେ ସଂଖ୍ୟକ ଡାକ୍ତର ବୈଠକରେ ଅନୁପସ୍ଥିତ ରହିବାରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଅସନ୍ତୋଷ ପ୍ରକାଶ କରିଥିଲେ। ବୈଠକରେ ଏଭଳି ଢଙ୍ଗରେ ଅନୁପସ୍ଥିତ ରହି ଏହି ଡାକ୍ତରମାନେ ସେମାନଙ୍କ ଉପର ଅଧିକାରୀଙ୍କ ନିର୍ଦ୍ଦେଶକୁ ଅମାନ୍ୟ କରିଛନ୍ତି ବୋଲି ମେଡିକାଲ ଅଧୀକ୍ଷକ ଜାରି କରିଥିବା ନୋଟିସ୍‌ରେ ଉଲ୍ଲେଖ କରିଛନ୍ତି ଓ ଏନେଇ ଆସନ୍ତାକାଲି ସୁଦ୍ଧା ଜବାବ ଦାଖଲ କରିବାକୁ କହିଛନ୍ତି।

## 'ପ୍ରଚାରରେ ସମନ୍ୱୟ ନରହିବାରୁ ଦଳ ହାରିଲା'



**ଭୁବନେଶ୍ୱର,୯।୧୧/ଏନ୍ଏନ୍ଏସ୍:** ସାଧାରଣ ନିର୍ବାଚନକୁ ୪ ମାସ ବିତିଛି। ଶାସନ କ୍ଷମତାରୁ ନବୀନ ସରକାର ଅପସରିଥିବାବେଳେ ଦାୟିତ୍ୱ ନେଇଛି ମୋହନ ମାଝୀ ସରକାର। ୨୪ ବର୍ଷର ବିଜେଡି ସରକାର ପରାଜୟର ବିଭିନ୍ନ କାରଣ ସାମ୍ନାକୁ ଆସୁଛି। ଦଳୀୟ ନେତା ଓ ଦଳ ଛାଡୁଥିବା ନେତା ପରାଜୟ ନେଇ ବିଭିନ୍ନ କାରଣ କହୁଛନ୍ତି। ତେବେ ଏହାରି ଭିତରେ ଗତ ନିର୍ବାଚନରେ ଦଳର ପରାଜୟକୁ ନେଇ ବିଜେଡିର ବରିଷ୍ଠ ନେତା ରାଜେନ୍ଦ୍ର ଢୋଲକିଆ ଶନିବାର ଏକ ବଡ଼ ବୟାନ ଦେଇଛନ୍ତି। ତିନୋଟି କାରଣ ଯୋଗୁ ବିଜେଡି ୨୦୨୪ ନିର୍ବାଚନରେ ଖରାପ ପ୍ରଦର୍ଶନ କରି ପରାଜୟର ସମ୍ମୁଖୀନ ହୋଇଥିବା ଶ୍ରୀ ଢୋଲକିଆ ଗଣମାଧ୍ୟମ ଆଗରେ ପ୍ରକାଶ କରିଛନ୍ତି। ନିର୍ବାଚନ ପ୍ରଚାରରେ ଦଳର ସମନ୍ୱୟ ନ ରହିବା ବିଜେଡି ପରାଜୟର ପ୍ରଥମ ପ୍ରମୁଖ କାରଣ ବୋଲି ସେ ପ୍ରକାଶ କରିଛନ୍ତି। ଏପରିକି ଦଳ ପକ୍ଷରୁ ପ୍ରାର୍ଥୀ ଚୟନ ଠିକ୍ ଭାବେ ନ ହେବା ପରାଜୟର ଦ୍ୱିତୀୟ ବୃହତ କାରଣ ବୋଲି ସେ କହିଛନ୍ତି। ତୃଣମୂଳସ୍ତରରେ ଦଳ ଭିତରେ ତାଳମେଳ ନ ରହିବା ବିଜେଡି ପରାଜୟର ତୃତୀୟ ବଡ଼ କାରଣ ବୋଲି ସେ କହିଛନ୍ତି। ତେବେ ଏବେ ଆମେ ପରାଜୟକୁ ଭୁଲି ଆଗକୁ ବଢୁଥିବା ଶ୍ରୀ ଢୋଲକିଆ କହିଛନ୍ତି।

## ଘରେ ପଶି ଓକିଲଙ୍କୁ ଏସିଡ୍ ମାଡ଼

**ଗଜପତି ,୯।୧୧/ଏନ୍ଏନ୍ଏସ୍:** ଗଜପତି ଜିଲ୍ଲା ପାରଳାଖେମୁଣ୍ଡି ଥାନା ଜଙ୍ଗମ ସାହିରେ ରହୁଥିବା ଆଇନଜୀବୀ ପି.ରାମାରାଓ (୬୦)ଙ୍କ ଉପରେ ହୋଇଛି ଏସିଡ୍ ମାଡ଼। ଦୁଇ ଜଣ ଦୁର୍ବୃତ୍ତ ତାଙ୍କ ଉପରେ ଏସିଡ୍ ମାଡ଼ କରିଛନ୍ତି। ସେମାନେ ବାଇକରେ ଆସିଥିଲେ। ଜଣେ ଗାଡ଼ି ଷ୍ଟାର୍ଟରେ ରଖି ଘର ବାହାରେ ରହିଥିଲେ। ଅନ୍ୟ ଜଣେ ପି. ରାମାରାଓଙ୍କ ଘରକୁ ଆସିଥିଲେ।

ସେ କଲିଂ ବେଲ୍ ମାରିଥିଲେ। ପି. ରାମାରାଓ କବାଟ କବାଟ ଖୋଲିବା ମାତ୍ରେ ଦୁର୍ବୃତ୍ତ ଜଣଙ୍କ ତାଙ୍କ ଉପରକୁ ଏସିଡ୍ ପକାଇଥିଲେ।ପି. ରାମାରାଓଙ୍କ ମୁହଁ, ମୁଣ୍ଡ, ହାତ ଓ ଛାତିରେ ଏସିଡ୍ ପଡ଼ିଥିଲା। ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସା ପରେ ତାଙ୍କୁ ବିଶାଖାପାଟଣାର ଏକ ଘରୋଇ ହସ୍‌ପିଟାଲକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି।

ପାରଳାଖେମୁଣ୍ଡି ଥାନା ପୁଲିସ ଘଟଣାର ତଦନ୍ତ କରୁଛି। ପାରଳାଖେମୁଣ୍ଡି ଥାନା ଅଧିକାରୀ କହିଛନ୍ତି ଯେ ବରିଷ୍ଠ ଆଇନଜୀବୀ ପି. ରାମାରାଓ ଘରେ ଏକା ରୁହନ୍ତି। ଆଜି ଅପରାହ୍ଣ ପ୍ରାୟ ୪ଟା ବେଳେ ତାଙ୍କ ଉପରକୁ ଏସିଡ୍ ମାଡ଼ ହୋଇଛି। କିଏ ତାଙ୍କ ଉପରକୁ ଏସିଡ୍ ମାଡ଼ କଲା, ସେ ନେଇ ଏବେ ସେ କିଛି କହିପାରୁ ନାହାନ୍ତି। ସେହିପରି ଆଉ ଜଣେ ବ୍ୟକ୍ତି ଘର ବାହାରେ ବାଇକ୍ ଷ୍ଟାର୍ଟରେ ରଖି ଛିଡ଼ା ହୋଇଥିଲେ ବୋଲି ସେ କହିଛନ୍ତି। ତେବେ ଏନେଇ କିଛି ସ୍ପଷ୍ଟ ହୋଇପାରି ନାହିଁ। ଏହି ଘଟଣାର ତଦନ୍ତ ପାଇଁ ଏକ ଟିମ୍ ଗଠନ କରାଯାଇଛି।

## 'ବିମାନ ଚାଳନା କ୍ଷେତ୍ରରେ ମହିଳାଙ୍କୁ ଉତ୍ସାହିତ କରାଯିବ'

**ଭୁବନେଶ୍ୱର,୯।୧୧/ଏନ୍ଏନ୍ଏସ୍:** ବିମାନ ଚାଳନା କ୍ଷେତ୍ରରେ ମହିଳାମାନଙ୍କୁ ଅଧିକ ପ୍ରୋତ୍ସାହିତ କରାଯିବ। ବିମାନ ଚାଳନା କ୍ଷେତ୍ରରେ ୫୦ ପ୍ରତିଶତ ମହିଳାଙ୍କୁ ଅଂଶଗ୍ରହଣ କରିବା ପାଇଁ ରାଜ୍ୟ ସରକାର ଗୁରୁତ୍ୱ ଦେଇଛନ୍ତି ବୋଲି ବାଣିଜ୍ୟ ଓ ପରିବହନ, ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା ପ୍ରକାଶ କରିଛନ୍ତି। ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ବିମାନ ଚାଳନା କ୍ଷେତ୍ରରେ ମହିଳାଙ୍କ ପ୍ରବେଶ ନେଇ ଏକ କାର୍ଯ୍ୟକ୍ରମରେ ମନ୍ତ୍ରୀ ଶ୍ରୀ ଜେନା ଉପରୋକ୍ତ ମର୍ମରେ ରାଜ୍ୟରେ ବହୁସଂଖ୍ୟାରେ ମହିଳା ବୈମାନିକ ସୃଷ୍ଟି ହେବା ଉପରେ ଗୁରୁତ୍ୱ ଦେଇଛନ୍ତି। ବିଶ୍ୱବିଦ୍ୟାଳୟରେ ବାଣିଜ୍ୟ ଓ ପରିବହନ ବିଭାଗ ଏବଂ ଓମେନ୍ ଇନ୍ ଆଭିଏସନ୍ ଇଣ୍ଡିଆ ସଂଗଠନର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଛାତ୍ରୀମାନଙ୍କୁ ବିମାନ ଚାଳନା କ୍ଷେତ୍ରରେ ଦକ୍ଷତା ବିକାଶ, କ୍ଷେତ୍ରୀୟ ଜ୍ଞାନ ଓ ଲିଙ୍ଗଗତ ବୈଷମ୍ୟ ଦୂରୀକରଣ ନେଇ ସଚେତନ କରାଯାଇଥିଲା। ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ଏହି ଅବସରରେ ବୈମାନିକ ବୃତ୍ତି ପାଇଁ ନିର୍ଦ୍ଧାରିତ ଏକ ନିର୍ଦ୍ଦେଶ ପୁସ୍ତିକା ଉନ୍ମୋଚନ କରିବା ସହ କହିଥିଲେ ଯେ ବିମାନ ଚାଳନା ପାଇଁ ମହିଳାମାନଙ୍କ ସକାଶେ ଆକାଶ ସୀମିତ ନୁହେଁ, ବରଂ ଆରମ୍ଭ ମାତ୍ର। ପାରମ୍ପରିକ ଲିଙ୍ଗଗତ ବୈଷମ୍ୟ ଦୂର କରି ଏହି କ୍ଷେତ୍ରରେ ମହିଳାମାନଙ୍କ ଅଧିକ ପ୍ରବେଶ ପାଇଁ ରାଜ୍ୟ ସରକାର ପଦକ୍ଷେପ ନେଉଛନ୍ତି ବୋଲି ଶ୍ରୀମତୀ ପାଢ଼ୀ ଉଲ୍ଲେଖ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରଶ୍ମିତା ପଣ୍ଡା ଡବ୍ଲ୍ୟୁଏଆଇ ସଂଗଠନର ସଭାପତି ରାଧା ଭାଟିଆଙ୍କ ସମେତ ସୋନା ମୁଦିର, ଯସ୍ମିନ୍ ପରିଛା ଓ ସୋନିଆ କପିଳା ପ୍ରମୁଖ ବୈମାନିକ ବୃତ୍ତି ନିମନ୍ତେ ବିଭିନ୍ନ ପରାମର୍ଶ ଦେଇଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଢେଙ୍କାନାଳ ଜିଲ୍ଲା ବିରାଶାଳଠାରେ ରାଜ୍ୟ ସରକାରଙ୍କ ପକ୍ଷରୁ ଆରମ୍ଭ ହେଉଥିବା ବିମାନ ଚାଳନା କେନ୍ଦ୍ରକୁ କ୍ରିୟାଶୀଳ କରିବା ଲକ୍ଷ୍ୟରେ ସେଠାରେ ବିସ୍ତୃତ ବିମାନ ଚାଳନା ତାଲିମ ପାଇଁ ପଦକ୍ଷେପ ଗ୍ରହଣ କରାଯାଉଛି।

## ଧାନ ଜମିରେ ଫାଟିଲା ସ୍ଲରି ପାଇପ୍ ଲାଇନ



**କେନ୍ଦୁଝର,୯।୧୧/ଏନ୍ଏନ୍ଏସ୍:** କେନ୍ଦୁଝର ଜିଲ୍ଲା ଝୁମ୍ପୁରା ବ୍ଲକ ନୟାଗଡ଼ ଓ ବଡ଼କାଳିମାଟି ପଞ୍ଚାୟତ ସୀମାନ୍ତବର୍ତ୍ତୀ ଖଜୁରୀଡ଼ିହି ସାହି ନିକଟରେ ଶନିବାର ସକାଳେ ଆର୍ସେଲର ମିତ୍ତଲ ନିପନ ଷ୍ଟିଲ କମ୍ପାନୀର ସ୍ଲରି ପାଇପ ଲାଇନ ଫାଟି ଯାଇଛି। ଚାଷ ଜମିରେ ପାଇପ୍ ଫାଟିଯିବା ଯୋଗୁଁ ଲୁହା ଗୁଣ୍ଡ ପଡି ଏକର ଏକର ଧାନ ଫସଲ ନଷ୍ଟ ହୋଇଛି। ଶନିବାର ସକାଳୁ ସ୍ଲରି ପାଇପ ଲାଇନ ଫାଟି ପାଖପାଖି ୩୦ ରୁ ୪୦ ଫୁଟ ଉଚ୍ଚତା ପର୍ଯ୍ୟନ୍ତ ଲୁହାଗୁଣ୍ଡ ସହିତ କାଦୁଅ ଘୂର୍ଣ୍ଣି ବଳୟର ଏକ ଭୟଙ୍କର ଦୃଶ୍ୟ ସୃଷ୍ଟି ହୋଇ ଉପରକୁ ଉଠିଥିଲା। ଏହା ଦ୍ୱାରା ନିକଟରେ ଥିବା ପାଖାପାଖି ୨ ରୁ ୩ଏକର ଧାନ ଫସଲ ଉପରେ ଲୁହାଗୁଣ୍ଡ ଓ କାଦୁଅ ଆସ୍ତରଣ ଜମି ରହିଛି। ଫଳରେ ଧାନ ଫସଲ ସମ୍ପୂର୍ଣ୍ଣ ନଷ୍ଟ ହୋଇଥିବା କଟୁପାଲି ଗ୍ରାମର ଚାଷୀ ମୁରଲୀଧର ବେହେରା, ଦଧିଆ ବେହେରା, ସୁବାସ ଚନ୍ଦ୍ର ବେହେରା ପ୍ରମୁଖ ଅଭିଯୋଗ କରିଛନ୍ତି। ତେବେ କେଉଁ ପରିସ୍ଥିତିରେ ସ୍ଲରି ପାଇପ ଲାଇନ ଫାଟିଲା ଏବଂ ଏନେଇ ହୋଇଥିବା କ୍ଷୟକ୍ଷତି ପାଇଁ ଦାୟୀ କିଏ ବୋଲି ସାଧାରଣରେ ପ୍ରଶ୍ନ ଉଠିଛି। ଏହା ତଦନ୍ତ ସାପେକ୍ଷ ବୋଲି ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଚମ୍ପୁଆ ଉପଜିଲ୍ଲାପାଳ, ଝୁମ୍ପୁରା ତହସିଲଦାର ଏବଂ ମଳଦା ରାଜସ୍ୱ ନିରୀକ୍ଷକ ଘଟଣା ସ୍ଥଳକୁ ଯାଇ ପରିଦର୍ଶନ କରିବା ସହିତ ଘଟଣାର ସମୀକ୍ଷା କରିଛନ୍ତି। କ୍ଷତିଗ୍ରସ୍ତ ଚାଷୀଙ୍କୁ ତୁରନ୍ତ କ୍ଷତିପୂରଣ ଯୋଗାଇ ଦେବାକୁ ଦାବି ହୋଇଛି।

ନିରନ୍ତର ମଧ୍ୟାହ୍ନ ଭୋଜନ ପ୍ରଦାନ ନେଇ ବିଭାଗୀୟ ସଚିବଙ୍କ ସମୀକ୍ଷା

# କୌଣସି ପରିସ୍ଥିତିରେ ବନ୍ଦ ହେବ ନାହିଁ ମଧ୍ୟାହ୍ନ ଭୋଜନ



**ଭୁବନେଶ୍ୱର,୯।୧୧/ଏନ୍ଏନ୍ଏସ୍:** କୌଣସି ପରିସ୍ଥିତିରେ ମଧ୍ୟାହ୍ନ ଭୋଜନ ବନ୍ଦ ନକରିବାକୁ ଜିଲ୍ଲା ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ବିଭାଗୀୟ କମିଶନର ତଥା ଶାସନ ସଚିବ ଶାଳିନୀ ପଣ୍ଡିତ। ପୁଷ୍ଟିକର ମଧ୍ୟାହ୍ନ ଭୋଜନ ପ୍ରତିଟି ଶିଶୁର ଅଧିକାର। ଏହା କିଭଳି ନିରାପଦ, ସ୍ୱଚ୍ଛ, ସୁରକ୍ଷିତ ହେବା ସହ ବିନା କୌଣସି ସମସ୍ୟାରେ ପ୍ରତିଦିନ ଛାତ୍ରଛାତ୍ରୀମାନଙ୍କୁ ମିଳିବ ସେ ନେଇ ସମସ୍ତଙ୍କୁ ସମ୍ବେଦନଶୀଳ ହେବାକୁ ପଡ଼ିବ ବୋଲି ସେ ମତପ୍ରକାଶ କରିଛନ୍ତି । ରାଜ୍ୟର ସମସ୍ତ ଜିଲ୍ଲାରେ ପୁଷ୍ଟିକର, ନିରାପଦ ମଧ୍ୟାହ୍ନ ଭୋଜନ ପରିଚାଳନା ନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ସମୀକ୍ଷା ବୈଠକରେ ଅଧକ୍ଷତା କରି ଶ୍ରୀମତୀ ପଣ୍ଡିତ ଏଭଳି କହିଛନ୍ତି।

ବରିଷ୍ଠ ଅଧିକାରୀ ତଥା ରାଜ୍ୟ ସଂଯୋଜକ ଅଧିକାରୀ (ପିଏମ୍-ପୋଷଣ) ରଘୁରାମ ଆର୍ ଆୟାରଙ୍କ ସମେତ ସମସ୍ତ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ନେଇ ଆଭାସୀ ମାଧ୍ୟମରେ ଏହି ଜରୁରୀକାଳିନ ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ଶ୍ରୀମତୀ ପଣ୍ଡିତ ଜିଲ୍ଲାମାନଙ୍କୁ ପିଏମ୍-ପୋଷଣ ଅନ୍ତର୍ଗତ ଆର୍ଥିକ ଅନୁଦାନ ଯୋଗାଇ ଦିଆଯାଉଥିବା ନେଇ ସୂଚନା ଦେଇଛନ୍ତି। ଏଥିସହ ପୋଷଣୀୟ ଚାଉଳ ଓ ଉନ୍ନତମାନର ଖାଦ୍ୟ ସାମଗ୍ରୀ ବ୍ୟବହାର କରିବା ସହ ନିରନ୍ତର ଭାବରେ ଛାତ୍ରଛାତ୍ରୀଙ୍କୁ ମଧ୍ୟାହ୍ନ ଭୋଜନ ଯୋଗାଇଦେବା ପାଇଁ ଜିଲ୍ଲା ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷେ ରାଜ୍ୟ ସଂଯୋଜକ ଅଧିକାରୀ (ପିଏମ୍-ପୋଷଣ) ରଘୁରାମ ଆର୍ ଆୟାର ମଧ ଶିକ୍ଷା ଅଧିକାରୀମାନଙ୍କ ସହ ମଧ୍ୟାହ୍ନ ଭୋଜନ ପରିଚାଳନା କିପରି ସରଳ ଓ ନିରାପଦ ହୋଇପାରିବ ସେ ନେଇ ଆଲୋଚନା କରିଥିଲେ। ସୂଚନାଯୋଗ୍ୟ, ପିଏମ୍-ପୋଷଣ ଅନ୍ତର୍ଗତ ସମସ୍ତ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟଗୁଡ଼ିକରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପଢୁଥିବା ଛାତ୍ରଛାତ୍ରୀଙ୍କୁ ମଧ୍ୟାହ୍ନ ଭୋଜନ ଯୋଗାଇ ଦିଆଯାଉଛି ।

### ପୁଷ୍ଟିକର ମଧ୍ୟାହ୍ନ ଭୋଜନ ପ୍ରତିଟି ଶିଶୁର ଅଧିକାର





| ଟ୍ରେନ ନଂ | କେଉଁଠାରୁ | ଛାଡିବା ସମୟ | କେଉଁଠିକୁ |
|---|---|---|---|
| | **ଆନ୍ଧ୍ରପ୍ରଦେଶରୁ ସତନ୍ତ୍ର ଟ୍ରେନ** | | |
| 08543 | ବିଶାଖାପଟ୍ଟଣମ୍ ଜଙ୍କସନ୍ | 15:55 | ସାର୍ ଏମ୍ ବିଶ୍ୱେଶ୍ୱରାୟା ଟର୍ମିନାଲ, ବେଙ୍ଗାଲୁରୁ |
| 08536 | ବିଶାଖାପଟ୍ଟଣମ୍ ଜଙ୍କସନ୍ | 12:00 | ଭୁବନେଶ୍ୱର |
| 08567 | ବିଶାଖାପଟ୍ଟଣମ୍ ଜଙ୍କସନ୍ | 10:00 | ବିଜୟୱାଡ଼ା ଜଙ୍କସନ୍ |
| 07442 | ତିରୁପତି | 17:10 | ଶ୍ରୀକାକୁଲମ୍ ରୋଡ୍ |
| 07121 | ତିରୁପତି | 22:20 | ମଚ୍ଛିଲିପଟ୍ଟନମ୍ |
| 07637 | ତିରୁପତି | 05:30 | ସାଇନଗର ଶିର୍ଡି |
| 07481 | ତିରୁପତି | 21:10 | ସିକନ୍ଦରାବାଦ |
| 07440 | ତିରୁପତି | 17:10 | ଶ୍ରୀକାକୁଲମ୍ ରୋଡ୍ |
| 08568 | ବିଜୟୱାଡ଼ା ଜଙ୍କସନ୍ | 08:35 | ବିଶାଖାପଟ୍ଟଣମ୍ ଜଙ୍କସନ୍ |
| | **ଆସାମରୁ ସତନ୍ତ୍ର ଟ୍ରେନ** | | |
| 05831 | ରଙ୍ଗାପରା ଉତ୍ତର | 12:00 | ପ୍ରୟାଗରାଜ ଜଙ୍କସନ୍ |
| 05742 | ନ୍ୟୁ ଜଲପାଇଗୁଡ଼ି | 08:00 | ଗୋମତୀ ନଗର |
| | **ବିହାରରୁ ସତନ୍ତ୍ର ଟ୍ରେନ** | | |
| 01482 | ଦାନାପୁର | 10:45 | ପୁଣେ |
| 01144 | ଦାନାପୁର | 21:30 | ଲୋକମାନ୍ୟ ତିଲକ ଟର୍ମିନସ୍ |
| 01206 | ଦାନାପୁର | 05:30 | ପୁଣେ |
| 08440 | ପାଟନା ଜଙ୍କସନ୍ | 13:30 | ପୁରୀ |
| 02397 | ଗୟା ଜଙ୍କସନ୍ | 14:15 | ଆନନ୍ଦ ବିହାର (ଟି) |
| 02024 | ପାଟନା ଜଙ୍କସନ୍ | 05:30 | ହାୱଡ଼ା |
| 02393 | ପାଟନା ଜଙ୍କସନ୍ | 20:10 | ନୂଆଦିଲ୍ଲୀ |
| 03255 | ପାଟନା ଜଙ୍କସନ୍ | 22:20 | ଆନନ୍ଦ ବିହାର (ଟି) |
| 03257 | ଦାନାପୁର | 07:30 | ଆନନ୍ଦ ବିହାର (ଟି) |
| 05219 | ମୁଜାଫରପୁର ଜଙ୍କସନ୍ | 13:30 | ଆନନ୍ଦ ବିହାର (ଟି) |
| 05283 | ମୁଜାଫରପୁର ଜଙ୍କସନ୍ | 06:30 | ଆନନ୍ଦ ବିହାର (ଟି) |
| 03251 | ଦାନାପୁର | 15:00 | ସାର୍ ଏମ୍ ବିଶ୍ୱେଶ୍ୱରାୟା ଟର୍ମିନାଲ, ବେଙ୍ଗାଲୁରୁ |
| 03301 | ଜୟନଗର | 11:30 | ଧାନବାଦ୍ ଜଙ୍କସନ୍ |
| 05561 | ସାମସ୍ତିପୁର ଜଙ୍କସନ୍ | 23:00 | ଲୋକମାନ୍ୟ ତିଲକ ଟର୍ମିନସ୍ |
| 03044 | ରକ୍ସୌଲ | 16:55 | ହାୱଡ଼ା |
| 03188 | ଜୟନଗର | 15:25 | ସିଆଲଦା |
| 05743 | କଟିହାର | 16:00 | ଛାପ୍ରା |
| 04031 | ସହର୍ଷା ଜଙ୍କସନ୍ | 13:00 | ଆନନ୍ଦ ବିହାର (ଟି) |
| 04006 | ଜୟନଗର | 01:30 | ଦିଲ୍ଲୀ ଜଙ୍କସନ୍ |
| 02269 | ଛାପ୍ରା | 22:20 | ଲକ୍ଷ୍ନୌ ଏନ୍ଆର୍ |
| 02261 | ରକ୍ସୌଲ | 23:20 | ନୂଆଦିଲ୍ଲୀ |
| 07004 | ପାଟନା ଜଙ୍କସନ୍ | 21:30 | ସିକନ୍ଦରାବାଦ |
| 08106 | ଜୟନଗର | 17:00 | ରାଞ୍ଚି |
| 01662 | ଦାନାପୁର | 11:45 | ରାଣୀ କମଲାପତି |
| 09064 | ଦାନାପୁର | 11:00 | ଉଧନା |
| 09570 | ବରଉନି | 13:45 | ରାଜକୋଟ |
| 09014 | ଛାପ୍ରା | 22:30 | ଉଧନା |
| 09462 | ଦାନାପୁର | 21:55 | ଅହମଦାବାଦ |
| 05113 | ଛାପ୍ରା | 05:30 | ଲୋକମାନ୍ୟ ତିଲକ ଟର୍ମିନସ୍ |
| 03401 | ଭାଗଲପୁର | 06:45 | ଆନନ୍ଦ ବିହାର (ଟି) |
| | **ଦିଲ୍ଲୀରୁ ସତନ୍ତ୍ର ଟ୍ରେନ** | | |
| 02394 | ନୂଆଦିଲ୍ଲୀ | 13:20 | ପାଟନା ଜଙ୍କସନ୍ |
| 02392 | ଆନନ୍ଦ ବିହାର (ଟି) | 23:20 | ପାଟନା ଜଙ୍କସନ୍ |
| 05220 | ଆନନ୍ଦ ବିହାର (ଟି) | 08:00 | ମୁଜାଫରପୁର ଜଙ୍କସନ୍ |
| 05284 | ଆନନ୍ଦ ବିହାର (ଟି) | 07:00 | ମୁଜାଫରପୁର ଜଙ୍କସନ୍ |
| 03330 | ନୂଆଦିଲ୍ଲୀ | 09:30 | ପାଟନା ଜଙ୍କସନ୍ |
| 03640 | ଆନନ୍ଦ ବିହାର (ଟି) | 12:00 | ଗୟା ଜଙ୍କସନ୍ |
| 03279 | ଆନନ୍ଦ ବିହାର (ଟି) | 09:30 | ଆରା |
| 05578 | ଆନନ୍ଦ ବିହାର (ଟି) | 16:00 | ସହର୍ଷା |
| 05582 | ଆନନ୍ଦ ବିହାର (ଟି) | 20:00 | ଦରଭଙ୍ଗା |
| 03318 | ଆନନ୍ଦ ବିହାର (ଟି) | 04:00 | ଦାନାପୁର |
| 03484 | ନୂଆଦିଲ୍ଲୀ | 10:30 | ଭାଗଲପୁର |
| 03402 | ଆନନ୍ଦ ବିହାର (ଟି) | 10:00 | ଭାଗଲପୁର |
| 02526 | ଆନନ୍ଦ ବିହାର (ଟି) | 17:20 | କାମାକ୍ଷା |
| 04075 | ନୂଆଦିଲ୍ଲୀ | 23:45 | ଶ୍ରୀ ମାତା ବୈଷ୍ଣୋଦେବୀ କଟରା |
| 04038 | ଦିଲ୍ଲୀ | 19:10 | ଅଲିଗଡ଼ |
| 04498 | ଆନନ୍ଦ ବିହାର (ଟି) | 19:30 | ବଲିଆ |
| 04032 | ଆନନ୍ଦ ବିହାର (ଟି) | 05:15 | ସହର୍ଷା |
| 04062 | ଆନନ୍ଦ ବିହାର (ଟି) | 09:00 | ବରଉନି ଜଙ୍କସନ୍ |
| 02252 | ନୂଆଦିଲ୍ଲୀ | 07:25 | ପାଟନା ଜଙ୍କସନ୍ |
| 02262 | ନୂଆଦିଲ୍ଲୀ | 00:20 | ରକ୍ସୌଲ |
| | **ଗୁଜରାଟରୁ ସତନ୍ତ୍ର ଟ୍ରେନ** | | |
| 05018 | ଉଧନା ଜଙ୍କସନ୍ | 15:00 | ମାଉ |
| 05025 | ଉଧନା ଜଙ୍କସନ୍ | 15:00 | ମାଉ |
| 05116 | ଉଧନା ଜଙ୍କସନ୍ | 10:00 | ଛାପ୍ରା ଜଙ୍କସନ୍ |
| 09493 | ଅହମଦାବାଦ | 16:35 | ପାଟନା ଜଙ୍କସନ୍ |
| 09056 | ଉଧନା ଜଙ୍କସନ୍ | 16:15 | ବାନ୍ଦ୍ରା ଟର୍ମିନସ୍ |
| 09057 | ଉଧନା ଜଙ୍କସନ୍ | 20:00 | ମଙ୍ଗଳୁରୁ ଜଙ୍କସନ୍ |
| 09436 | ଓଖା | 23:50 | ଗାନ୍ଧିଗ୍ରାମ |
| 09041 | ଉଧନା ଜଙ୍କସନ୍ | 11:15 | ଛାପ୍ରା ଜଙ୍କସନ୍ |
| 09457 | ଅହମଦାବାଦ | 08:25 | ଦାନାପୁର |
| | **ହରିଆଣାରୁ ସତନ୍ତ୍ର ଟ୍ରେନ** | | |
| 09640 | ରୋହତକ ଜଙ୍କସନ୍ | 13:20 | ମଦାର ଜଙ୍କସନ୍ |
| 09734 | ଭିୱାନୀ | 16:05 | ଜୟପୁର ଜଙ୍କସନ୍ |
| 04723 | ହିସାର | 05:50 | ପୁଣେ ଜଙ୍କସନ୍ |
| 07056 | ହିସାର | 12:35 | କାଚେଗୁଡ଼ା |
| 04554 | ଅମ୍ବାଲା କ୍ୟାଣ୍ଟନମେଣ୍ଟ ଜଙ୍କସନ୍ | 20:20 | ସାହାରନପୁର |
| | **ଝାଡଖଣ୍ଡରୁ ସତନ୍ତ୍ର ଟ୍ରେନ** | | |
| 02831 | ଧାନବାଦ୍ ଜଙ୍କସନ୍ | 16:00 | ଭୁବନେଶ୍ୱର |
| 08625 | ରାଞ୍ଚି | 18:00 | ପୂର୍ଣ୍ଣିଆ କୋର୍ଟ |
| | **ଜମ୍ମୁ-କାଶ୍ମୀରରୁ ସତନ୍ତ୍ର ଟ୍ରେନ** | | |
| 03310 | ଜମ୍ମୁ ତାୱି | 23:25 | ଧାନବାଦ୍ ଜଙ୍କସନ୍ |
| 04624 | ଶ୍ରୀ ମାତା ବୈଷ୍ଣୋଦେବୀ କଟରା | 23:45 | ବାରାଣସୀ ଜଙ୍କସନ୍ |
| 09322 | ଶ୍ରୀ ମାତା ବୈଷ୍ଣୋଦେବୀ କଟରା | 21:40 | ଡ. ଅମ୍ବେଦକର ନଗର |
| | **କର୍ଣ୍ଣାଟକରୁ ସତନ୍ତ୍ର ଟ୍ରେନ** | | |
| 03242 | ସାର୍ ଏମ୍ ବିଶ୍ୱେଶ୍ୱରାୟା ଟର୍ମିନାଲ, ବେଙ୍ଗାଲୁରୁ | 23:50 | ଦାନାପୁର |
| 06522 | ବାଙ୍ଗାରପେଟ | 09:35 | ସାର୍ ଏମ୍ ବିଶ୍ୱେଶ୍ୱରାୟା ଟର୍ମିନାଲ, ବେଙ୍ଗାଲୁରୁ |
| 07335 | ବେଳଗାଭି | 12:30 | ମାନୁଗୁରୁ |
| | **ମହାରାଷ୍ଟ୍ରରୁ ସତନ୍ତ୍ର ଟ୍ରେନ** | | |
| 01481 | ପୁଣେ | 19:55 | ଦାନାପୁର |
| 01143 | ଲୋକମାନ୍ୟ ତିଲକ ଟର୍ମିନସ୍ | 10:30 | ଦାନାପୁର |
| 01415 | ପୁଣେ | 06:50 | ଗୋରଖପୁର ଜଙ୍କସନ୍ |
| 01079 | ଛତ୍ରପତି ଶିବାଜୀ ମହାରାଜ ଟର୍ମିନସ୍ | 22:30 | ଗୋରଖପୁର ଜଙ୍କସନ୍ |
| 01205 | ପୁଣେ | 15:50 | ଦାନାପୁର |
| 01210 | ପୁଣେ | 15:50 | ନାଗପୁର |
| 01027 | ଦାଦର | 14:05 | ଗୋରଖପୁର ଜଙ୍କସନ୍ |
| 01140 | ମଡଗାଁ | 19:00 | ନାଗପୁର |
| 05586 | ଲୋକମାନ୍ୟ ତିଲକ ଟର୍ମିନସ୍ | 16:35 | ରକ୍ସୌଲ |
| 03426 | ପୁଣେ | 22:00 | ମାଲଦା ଟାଉନ |
| 01923 | ହଡପସର | 19:10 | ବୀରାଙ୍ଗନା ଲକ୍ଷ୍ମୀବାଈ ଝାନ୍ସି |
| 05070 | ପାନଭେଲ | 23:20 | ଛାପ୍ରା |
| 02588 | ଲୋକମାନ୍ୟ ତିଲକ ଟର୍ମିନସ୍ | 06:15 | ଗୋରଖପୁର |
| 09654 | ବାନ୍ଦ୍ରା ଟର୍ମିନସ୍ | 14:30 | ଅଜମେର ଜଙ୍କସନ୍ |
| 04716 | ସାଇନଗର ଶିର୍ଡି | 19:35 | ବିକାନିର |
| 04808 | ପୁଣେ | 00:30 | ଯୋଧପୁର ଜଙ୍କସନ୍ |
| 04722 | ହଡପସର | 20:20 | ବିକାନିର |
| 07606 | ଅକୋଲା | 08:20 | ତିରୁପତି |
| 07198 | ଦାଦର | 13:25 | କାଜିପେଟ ଜଙ୍କସନ୍ |
| 07603 | ହାଜୁର ସାହିବ ନାନ୍ଦେଡ | 23:00 | ଛତ୍ରପତି ଶିବାଜୀ ଟର୍ମିନସ୍ |
| 09055 | ବାନ୍ଦ୍ରା ଟର୍ମିନସ୍ | 09:50 | ଉଧନା ଜଙ୍କସନ୍ |
| 09185 | ମୁମ୍ବାଇ ସେଣ୍ଟ୍ରାଲ | 11:05 | କାନପୁର ଅନୱରଗଞ୍ଜ |
| 09097 | ବାନ୍ଦ୍ରା ଟର୍ମିନସ୍ | 21:50 | ଶ୍ରୀ ମାତା ବୈଷ୍ଣୋଦେବୀ କଟରା |
| 09043 | ବାନ୍ଦ୍ରା ଟର୍ମିନସ୍ | 00:05 | ଗୋରଖପୁର |
| 09093 | ବାନ୍ଦ୍ରା ଟର୍ମିନସ୍ | 04:40 | ଗୋରଖପୁର |
| 09803 | ବାନ୍ଦ୍ରା ଟର୍ମିନସ୍ | 06:00 | ଗୋରଖପୁର |
| | **ମଧ୍ୟପ୍ରଦେଶରୁ ସତନ୍ତ୍ର ଟ୍ରେନ** | | |
| 02181 | ଜବଲପୁର | 20:20 | ହଜରତ ନିଜାମୁଦ୍ଦିନ |
| 09309 | ଇନ୍ଦୋର ଜଙ୍କସନ୍ | 17:00 | ହଜରତ ନିଜାମୁଦ୍ଦିନ |
| 09313 | ଉଜ୍ଜୈନ ଜଙ୍କସନ୍ | 21:00 | ଭୋପାଳ ଜଙ୍କସନ୍ |
| 09314 | ଭୋପାଳ ଜଙ୍କସନ୍ | 02:10 | ଉଜ୍ଜୈନ ଜଙ୍କସନ୍ |
| | **ଓଡ଼ିଶାରୁ ସତନ୍ତ୍ର ଟ୍ରେନ** | | |
| 02832 | ଭୁବନେଶ୍ୱର | 20:55 | ଧାନବାଦ୍ ଜଙ୍କସନ୍ |
| 08535 | ଭୁବନେଶ୍ୱର | 22:30 | ବିଶାଖାପଟ୍ଟଣମ୍ |
| 07432 | [illegible] | 16:45 | ହାଜୁର ସାହିବ ନାନ୍ଦେଡ |
| | **ପଞ୍ଜାବରୁ ସତନ୍ତ୍ର ଟ୍ରେନ** | | |
| 05584 | ଅମୃତସର | 10:00 | ରକ୍ସୌଲ |
| 05576 | ସିରହିନ୍ଦ | 02:00 | ସହର୍ଷା |
| | **ଚଣ୍ଡୀଗଡ଼ରୁ ସତନ୍ତ୍ର ଟ୍ରେନ** | | |
| 04212 | ଚଣ୍ଡୀଗଡ଼ | 09:30 | ବାରାଣସୀ ଜଙ୍କସନ୍ |
| | **ରାଜସ୍ଥାନରୁ ସତନ୍ତ୍ର ଟ୍ରେନ** | | |
| 05538 | ଦୌରାଇ | 23:45 | ଦରଭଙ୍ଗା ଜଙ୍କସନ୍ |
| 03220 | କୋଟା | 22:00 | ପାଟନା ଜଙ୍କସନ୍ |
| 05635 | ଶ୍ରୀ ଗଙ୍ଗାନଗର | 13:20 | ଗୌହାଟୀ |
| 09621 | ଅଜମେର ଜଙ୍କସନ୍ | 06:35 | ବାନ୍ଦ୍ରା ଟର୍ମିନସ୍ |
| 04815 | ଯୋଧପୁର ଜଙ୍କସନ୍ | 17:30 | ମାଉ ଜଙ୍କସନ୍ |
| 09619 | ମଦାର ଜଙ୍କସନ୍ | 13:50 | ରାଞ୍ଚି |
| 04706 | ଜୟପୁର ଜଙ୍କସନ୍ | 13:05 | ଶ୍ରୀ ଗଙ୍ଗାନଗର |
| 04705 | ଶ୍ରୀ ଗଙ୍ଗାନଗର | 23:45 | ଜୟପୁର ଜଙ୍କସନ୍ |
| 09721 | ଜୟପୁର ଜଙ୍କସନ୍ | 06:15 | ଉଦୟପୁର ସିଟି |
| 09722 | ଉଦୟପୁର ସିଟି | 15:05 | ଜୟପୁର ଜଙ୍କସନ୍ |
| 09639 | ମଦାର ଜଙ୍କସନ୍ | 04:30 | ରୋହତକ ଜଙ୍କସନ୍ |
| 09733 | ଜୟପୁର ଜଙ୍କସନ୍ | 07:00 | ଭିୱାନୀ |
| 07118 | ଜୟପୁର | 15:20 | ହାଇଦ୍ରାବାଦ ଡେକାନ |
| 06182 | ଭଗତ କି କୋଠି | 19:00 | କୋଏମ୍ବାଟୋର ଜଙ୍କସନ୍ |
| 09803 | କୋଟା | 21:25 | ଦାନାପୁର |
| | **ତାମିଲନାଡୁରୁ ସତନ୍ତ୍ର ଟ୍ରେନ** | | |
| 08558 | ଚେନ୍ନାଇ ଏଗମୋର | 10:00 | ବିଶାଖାପଟ୍ଟଣମ୍ |
| 07190 | ଏରୋଡ ଜଙ୍କସନ୍ | 05:15 | ହାଜୁର ସାହିବ ନାନ୍ଦେଡ |
| 07436 | ନାଗରକୋଇଲ ଜଙ୍କସନ୍ | 00:30 | କାଚେଗୁଡ଼ା |
| 06012 | ନାଗରକୋଇଲ ଜଙ୍କସନ୍ | 23:15 | ତାମ୍ବରମ୍ |
| 06030 | ତିରୁନେଲଭେଲି | 19:00 | ମେଟ୍ଟୁପାଲାୟମ୍ |
| 09420 | ତିରୁଚିରାପଲ୍ଲୀ | 05:40 | ଅହମଦାବାଦ ଜଙ୍କସନ୍ |
| | **ତ୍ରିପୁରାରୁ ସତନ୍ତ୍ର ଟ୍ରେନ** | | |
| 01066 | ଅଗରତଲା | 15:10 | ଛତ୍ରପତି ଶିବାଜୀ ମହାରାଜ ଟର୍ମିନସ୍ |
| | **ତେଲେଙ୍ଗାନାରୁ ସତନ୍ତ୍ର ଟ୍ରେନ** | | |
| 03226 | ସିକନ୍ଦରାବାଦ | 10:00 | ଦାନାପୁର |
| 05304 | ମେହବୁବନଗର | 22:10 | ଗୋରଖପୁର |
| 07097 | ସିକନ୍ଦରାବାଦ | 16:35 | ବିଶାଖାପଟ୍ଟଣମ୍ |
| 07031 | ସିକନ୍ଦରାବାଦ | 20:45 | ହଜରତ ନିଜାମୁଦ୍ଦିନ |
| 07691 | କାଚେଗୁଡ଼ା | 22:00 | ଦରଭଙ୍ଗା ଜଙ୍କସନ୍ |
| 07336 | ମାନୁଗୁରୁ | 15:40 | ବେଳଗାଭି |
| | **ଉତ୍ତରପ୍ରଦେଶରୁ ସତନ୍ତ୍ର ଟ୍ରେନ** | | |
| 01416 | ଗୋରଖପୁର ଜଙ୍କସନ୍ | 17:30 | ପୁଣେ |
| 01026 | ବଲିଆ | 15:15 | ଦାଦର |
| 01080 | ଗୋରଖପୁର ଜଙ୍କସନ୍ | 14:30 | ଛତ୍ରପତି ଶିବାଜୀ ମହାରାଜ ଟର୍ମିନସ୍ |
| 03132 | ଗୋରଖପୁର ଜଙ୍କସନ୍ | 11:30 | ସିଆଲଦା |
| 03108 | ଲକ୍ଷ୍ନୌ | 01:25 | ସିଆଲଦା |
| 04131 | ପ୍ରୟାଗରାଜ ଜଙ୍କସନ୍ | 23:30 | ସାର୍ ଏମ୍ ବିଶ୍ୱେଶ୍ୱରାୟା ଟର୍ମିନାଲ |
| 04123 | ପ୍ରୟାଗରାଜ ଜଙ୍କସନ୍ | 14:30 | ହଜରତ ନିଜାମୁଦ୍ଦିନ |
| 05023 | ଗୋରଖପୁର ଜଙ୍କସନ୍ | 21:15 | ଆନନ୍ଦ ବିହାର ଟର୍ମିନାଲ |
| 05045 | ଲାଲକୁଆଁ ଜଙ୍କସନ୍ | 13:10 | ରାଜକୋଟ ଜଙ୍କସନ୍ |
| 05001 | ଗୋରଖପୁର ଜଙ୍କସନ୍ | 19:30 | ନୂଆଦିଲ୍ଲୀ |
| 05029 | ଗୋରଖପୁର ଜଙ୍କସନ୍ | 19:00 | ବାନ୍ଦ୍ରା ଟର୍ମିନସ୍ |
| 04079 | ବାରାଣସୀ ଜଙ୍କସନ୍ | 18:20 | ଦିଲ୍ଲୀ ଜଙ୍କସନ୍ |
| 04553 | ସାହାରନପୁର | 04:40 | ଅମ୍ବାଲା କ୍ୟାଣ୍ଟନମେଣ୍ଟ ଜଙ୍କସନ୍ |
| 04043 | ଗୋରଖପୁର ଜଙ୍କସନ୍ | 17:25 | ଆନନ୍ଦ ବିହାର ଟର୍ମିନାଲ |
| 04217 | ବାରାଣସୀ ଜଙ୍କସନ୍ | 06:25 | ଲକ୍ଷ୍ନୌ ଏନ୍ଆର୍ |
| 04218 | ଲକ୍ଷ୍ନୌ ଏନ୍ଆର୍ | 16:30 | ବାରାଣସୀ ଜଙ୍କସନ୍ |
| 02270 | ଲକ୍ଷ୍ନୌ ଏନ୍ଆର୍ | 14:15 | ଛାପ୍ରା |
| 09658 | ବାରହନି | 19:15 | ଦୌରାଇ |
| 02576 | ଗୋରଖପୁର ଜଙ୍କସନ୍ | 08:30 | ହାଇଦ୍ରାବାଦ ଡେକାନ |
| 09196 | ମାଉ ଜଙ୍କସନ୍ | 23:15 | ବଡୋଦରା ଜଙ୍କସନ୍ |
| | **ପଶ୍ଚିମବଙ୍ଗରୁ ସତନ୍ତ୍ର ଟ୍ରେନ** | | |
| 02023 | ହାୱଡ଼ା | 14:15 | ପାଟନା |
| 03007 | ହାୱଡ଼ା | 18:00 | ଖଡ଼ିପୁରା |
| 03413 | ମାଲଦା ଟାଉନ | 07:10 | ନୂଆଦିଲ୍ଲୀ |
| 03417 | ମାଲଦା ଟାଉନ | 12:20 | ଉଧନା ଜଙ୍କସନ୍ |
| 03466 | ଦିଘା | 05:00 | ମାଲଦା ଟାଉନ |
| 03123 | କୋଲକାତା | 23:50 | ପାଟନା ଜଙ୍କସନ୍ |
| 05051 | କୋଲକାତା | 13:20 | ଗୋରଖପୁର ଜଙ୍କସନ୍ |
| 05931 | କୋଲକାତା | 23:50 | ଡିବ୍ରୁଗଡ଼ |
| 07222 | ସାନ୍ତ୍ରାଗାଛି ଜଙ୍କସନ୍ | 12:20 | ସିକନ୍ଦରାବାଦ |

ଭାରତୀୟ ରେଳ
www.indianrailways.gov.in
ଆମକୁ ଫଲୋ କରନ୍ତୁ /RailMinIndia


## ମୋଦୀ@୨୦ ଚିତ୍ରକଳା ଟିମ୍‌ଙ୍କ ଦୁବାଇ ଗସ୍ତ



**ଭୁବନେଶ୍ୱର,୯।୧୧/ଏନ୍‌ଏନ୍‌ଏସ୍:** ପୂର୍ବ ଭାରତର ଅଗ୍ରଣୀ ଚିତ୍ରକଳା ଅନୁଷ୍ଠାନ ସୁଭଦ୍ରା ଆର୍ଟ ଗ୍ୟାଲେରୀ ଭୁବନେଶ୍ୱର, ଦୁବାଇ ଓଡ଼ିଆ ସମାଜ ଓ ସୂର୍ଯ୍ୟକ୍ଷେତ୍ର ଫାଉଣ୍ଡେସନ ସହଯୋଗରେ ମୋଦୀ @୨୦ ଆନ୍ତର୍ଜାତିକ ଚିତ୍ରକଳା ପ୍ରଦର୍ଶନୀ ଆସନ୍ତା ୯ ତାରିଖ ଅପରାହ୍ନରେ ଦୁବାଇ ଇଣ୍ଟର୍‌ନ୍ୟାସ୍‌ନାଲ୍ ଆର୍ଟ ସେଣ୍ଟର୍ ପରିସରରେ ଉଦଘାଟିତ ହେବ। ସାରା ଭାରତରୁ ୪୦ ଜଣ ବରିଷ୍ଠ ଚିତ୍ରଶିଳ୍ପୀ ଓ ଦୁବାଇରୁ ୨୦ ଜଣ ଚିତ୍ରଶିଳ୍ପୀ ଏହି ଶିବିରରେ ଯୋଗଦେଇଛନ୍ତି। ସୁଭଦ୍ରା ଆର୍ଟ ଗ୍ୟାଲେରୀ ଅଧ୍ୟକ୍ଷ ଡକ୍ଟର ସୂର୍ଯ୍ୟ ରଥଙ୍କ ନେତୃତ୍ୱରେ ୨୦ ଜଣ ଚିତ୍ରଶିଳ୍ପୀ ଆଜି ଦୁବାଇ ଅଭିମୁଖେ ଯାତ୍ରା କରିଛନ୍ତି। ନଭେମ୍ବର ୯ରୁ ୧୧ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପ୍ରଦର୍ଶନୀକୁ ଓଡ଼ିଶା ସଂସ୍କୃତି ସଚିବ ବିଷ୍ଣୁପଦ ସେଠୀ ଉଦ୍‌ଘାଟନ କରିବା ସହିତ ୟୁଏଇରେ ରାଷ୍ଟ୍ରଦୂତ ସତୀଶ ଶିବନ, ସୂର୍ଯ୍ୟକ୍ଷେତ୍ର ଫାଉଣ୍ଡେସନ ଅଧ୍ୟକ୍ଷ ଡ. ବିପିନ ମିଶ୍ର, ୟୁଏଇ ଓଡ଼ିଆ ସମାଜ ସଭାପତି ଅମୀୟ ମିଶ୍ର ଓ ଡ. କୁଳମଣି ବିଶ୍ୱାଳ ଅତିଥି ଭାବରେ ଯୋଗଦେବେ। ଏହି ଚିତ୍ରକଳା ପ୍ରଦର୍ଶନୀ ଓଡ଼ିଶା ଓ ୟୁଏଇ ମଧ୍ୟରେ ସାଂସ୍କୃତିକ ସମ୍ପର୍କରେ ସେତୁ ପରି କାର୍ଯ୍ୟ କରିବା ସହିତ ଓଡ଼ିଶା ଓ ମଧ୍ୟପ୍ରାଚ୍ୟ ମଧ୍ୟରେ କଳାର ବିକାଶରେ ସହାୟକ ହେବ ବୋଲି ଅଧ୍ୟକ୍ଷ ମତବ୍ୟକ୍ତ କରିଛନ୍ତି। ଏହା ପୂର୍ବରୁ ମୋଦୀ @୨୦ ଚିତ୍ରକଳା ପ୍ରଦର୍ଶନୀ ଭାରତର ଆଠଟି ପ୍ରମୁଖ ସହର ଭୁବନେଶ୍ୱର, ଗୌହାଟୀ, ନାଗପୁର, ଭୋପାଳ, ଅହମ୍ମଦାବାଦ, ବରୋଦା, ବନାରସ ଓ ନୂଆଦିଲ୍ଲୀରେ ଅନୁଷ୍ଠିତ ହୋଇ ଉଚ୍ଚ ପ୍ରଶଂସିତ ହୋଇଛି।

## ‘ଅନାବୃତ ଅଭ୍ୟନ୍ତର’ ପୁସ୍ତକ ଉନ୍ମୋଚିତ

**ଭୁବନେଶ୍ୱର,୯।୧୧/ଏନ୍‌ଏନ୍‌ଏସ୍:** ପଦାର୍ଥ ବିଜ୍ଞାନ ଅଧ୍ୟାପନା କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ଼. ସଦାଶିବ ବିଶ୍ୱାଳଙ୍କ ଦ୍ୱାରା ଲିଖିତ ଓ ସମ୍ପାଦିତ ପୁସ୍ତକ ‘ଅନାବୃତ ଅଭ୍ୟନ୍ତର’ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଯାଇଛି। ତାଙ୍କର ଅଶୀ ବର୍ଷ ପୂର୍ତ୍ତି ଉପଲକ୍ଷେ ରେଡ଼କ୍ରସ ଭବନରେ ପ୍ରଫେସର ଗୋପାଳ ଚନ୍ଦ୍ର ଶତପଥୀଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ଓଡ଼ିଶା ପରିବେଶ ସମିତିର କାର୍ଯ୍ୟକାରୀ ସଭାପତି ଡ଼. ଜୟକୃଷ୍ଣ ପାଣିଗ୍ରାହୀ ମୁଖ୍ୟ ଅତିଥି ଏବଂ ରେଭେନ୍ସା ମହାବିଦ୍ୟାଳୟର ଓଡ଼ିଆ ବିଭାଗର ପୂର୍ବତନ ମୁଖ୍ୟ ପ୍ରଫେସର ପ୍ରେମାନନ୍ଦ ମହାପାତ୍ର ମୁଖ୍ୟବକ୍ତା ରୂପେ ଯୋଗଦାନ କରିଥିଲେ। ଏହି ଅବସରରେ ଲେଖକ ଡ଼. ବିଶ୍ୱାଳ ପୁସ୍ତକରେ ବର୍ଣ୍ଣିତ ନିଜର ଅଧ୍ୟାପନା, ଗବେଷଣା ଏବଂ ଲେଖନୀ ଅନୁଭୂତି ସମ୍ପର୍କରେ ବକ୍ତବ୍ୟ ଉପସ୍ଥାପନ କରିଥିଲେ ଓ ପ୍ର. ପାଣିଗ୍ରାହୀ ତାଙ୍କ ଅଭିଭାଷଣରେ ଡ଼. ବିଶ୍ୱାଳଙ୍କୁ ଜଣେ ଛାତ୍ରବତ୍ସଳ, ଯଶସ୍ୱୀ ଶିକ୍ଷକ ଏବଂ ଖୋଲା ହୃଦୟର ବ୍ୟକ୍ତିତ୍ୱ ବୋଲି ବର୍ଣ୍ଣନା କରି ଆଜିର ସମାଜରେ ତାଙ୍କ ପରି ବ୍ୟକ୍ତିଙ୍କର ଯଥେଷ୍ଟ ଆବଶ୍ୟକତା ରହିଛି ବୋଲି ବ୍ୟକ୍ତ କରିଥିଲେ। ପ୍ର. ମହାପାତ୍ର ଲେଖକଙ୍କର ଜୀବନୀ ଇତିହାସ ତଥା ପୁସ୍ତକର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ପୁସ୍ତକରେ ଅବଦାନ ରଖିଥିବା ଅନ୍ୟ ନିମନ୍ତ୍ରିତ ଅତିଥିମାନେ ମଧ୍ୟ ନିଜ ନିଜର ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ ନୟାଗଡ଼ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼. ବିପିନ କୁମାର ପଟ୍ଟନାୟକ। ଡ଼. ବିଶ୍ୱାଳଙ୍କର ପୂର୍ବରୁ ୨୫ଟି ବିଜ୍ଞାନ ସମ୍ବନ୍ଧୀୟ ପୁସ୍ତକ ଏବଂ ୪୦୦ରୁ ଅଧିକ ପ୍ରବନ୍ଧ ପ୍ରକାଶିତ ହୋଇଛି।



## ରାଜ୍ୟର ପ୍ରଥମ ଲଜିଷ୍ଟିକ୍ସ ଡ୍ରୋନ୍ ‘ଏୟାର ଓର୍‌କା’ ଶୁଭାରମ୍ଭ

**ଭୁବନେଶ୍ୱର,୯।୧୧/ଏନ୍‌ଏନ୍‌ଏସ୍:** ରାଜ୍ୟରେ ଅବସ୍ଥାପିତ ଏକ ଟେକ୍ ଷ୍ଟାର୍ଟଅପ୍ ବନ ଭି ଏରୋ ପକ୍ଷରୁ ସି. ଭି. ରମଣ ଗ୍ଲୋବାଲ ୟୁନିଭର୍ସିଟି କ୍ୟାମ୍ପସ୍‌ରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଭାରତର ପ୍ରଥମ ଫୁଲି ଅଟୋନୋମସ୍ ଲଜିଷ୍ଟିକ୍ସ ଡ୍ରୋନ୍ ଏୟାର ଓର୍‌କାର ଔପଚାରିକ ଶୁଭାରମ୍ଭ କରାଯାଇଛି। ଟେସଲା ଏବଂ ହଟମେଲ୍ ଭଳି କମ୍ପାନୀରେ ନିଜର ପ୍ରାରମ୍ଭିକ ପୁଞ୍ଜିନିବେଶ ପାଇଁ ଜଣାଶୁଣା ପ୍ରଖ୍ୟାତ ଉଦ୍ୟୋଗପତି ଟିମ୍ ଡ୍ରେପରଙ୍କ ସମେତ ଇନଫ୍ଲାକ୍ସନ ପଏଣ୍ଟ ଭେଞ୍ଚର୍ସ, ହେଡଷ୍ଟାର୍ଟ, ବିୟୋଣ୍ଡ ଭେଞ୍ଚର୍ସ, ଇଣ୍ଡସ ବ୍ରିଜ୍ ଭେଞ୍ଚର୍ସ, ଆଇଆଇଟି ମଣ୍ଡି କ୍ୟାଟାଲିଷ୍ଟ, ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ଏବଂ ଅନ୍ୟାନ୍ୟ ଶିଳ୍ପ ଭେଟେରାନ୍‌ମାନଙ୍କ ଉପସ୍ଥିତି ଦ୍ୱାରା ଭାରତର ଡ୍ରୋନ୍ ଏବଂ ଲଜିଷ୍ଟିକ୍ ଟେକ୍ନୋଲୋଜିରେ ଏହି ମାଇଲଖୁଣ୍ଟର ଗୁରୁତ୍ୱ ଆହୁରି ବୃଦ୍ଧିପାଇଛି। ଡ୍ରେପର୍‌ଙ୍କ ସମର୍ଥନ ବନ୍ ଭି ଏରୋରେ ଆନ୍ତର୍ଜାତୀୟ ଆଗ୍ରହକୁ ଆଲୋକପାତ କରିଛି, ଯାହା ଓଡ଼ିଶାକୁ ଅତ୍ୟାଧୁନିକ ବୈଷୟିକ ଉଦ୍ଭାବନ ପାଇଁ ଏକ ଉଦୀୟମାନ କେନ୍ଦ୍ର ଭାବେ ଅବସ୍ଥାପିତ କରିଛି। ଏ ସମ୍ପର୍କରେ ବନ୍ ଭି ଏରୋର ସିଇଓ ସତ୍ୟବ୍ରତ ଶତପଥୀ କହିଛନ୍ତି, ଏୟାର ଓର୍‌କାର ଆଜିର ଶୁଭାରମ୍ଭ ଭାରତର ପରିବହନ କ୍ଷେତ୍ର ପାଇଁ ଏବଂ ଓଡ଼ିଶାଭିତ୍ତିକ କମ୍ପାନୀ ଭାବେ ଆମ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଅଗ୍ରଗତିକୁ ଚିହ୍ନିତ କରିଛି। ଏହି ଡ୍ରୋନ୍‌କୁ ସ୍ୱଦେଶୀ ଭାବେ ବିକାଶ ଓ ନିର୍ମାଣ କରିବା, ଆମକୁ ଭାରତର ସ୍ୱତନ୍ତ୍ର ଆବଶ୍ୟକତା ପାଇଁ ନିର୍ମାଣ କରିବା ଲାଗି ଅନୁମତି ଦେଇଛି। ଏୟାର ଓର୍‌କାର ଲାଭକୁ ଭାରତରେ ଉଭୟ ବେସାମରିକ ଓ ପ୍ରତିରକ୍ଷା ପ୍ରୟୋଗଗୁଡ଼ିକ ପାଇଁ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖିଛୁ। ତେବେ ଏହା ସ୍ୱାସ୍ଥ୍ୟସେବା, ଇ-କମର୍ସ, ସେନାର ପରିବହନ ଓ ବିପର୍ଯ୍ୟୟ ପରିଚାଳନା ଭଳି ବିଭିନ୍ନ କ୍ଷେତ୍ରରେ ବିବିଧ ପରିବହନ ଆବଶ୍ୟକତାକୁ ପୂରଣ କରିବା ପାଇଁ ଲକ୍ଷ୍ୟ ରଖିଥିବା ସେ କହିଛନ୍ତି।

# କିମ୍‌ସ ଛାତ୍ରଛାତ୍ରୀଙ୍କ ହ୍ୱାଇଟ୍ କୋଟ୍ ଉତ୍ସବ

**ଭୁବନେଶ୍ୱର,୯।୧୧/ଏନ୍‌ଏନ୍‌ଏସ୍:** ଡାକ୍ତରୀ ଶିକ୍ଷାଲାଭ ପରେ ରୋଗୀଙ୍କୁ ଉତ୍ତମ ସେବା ଯୋଗାଇ ଦେବା ପାଇଁ ଶପଥ ନେଇଛନ୍ତି କିମ୍‌ସର ନବାଗତ ଛାତ୍ରଛାତ୍ରୀମାନେ। ଗୁରୁବାର କିମ୍‌ସରେ ନାମ ଲେଖାଇଥିବା ଡାକ୍ତରୀ ଛାତ୍ରଛାତ୍ରୀଙ୍କ ସ୍ୱାଗତ କାର୍ଯ୍ୟକ୍ରମରେ କିଟ୍, କିସ୍ ଓ କିମ୍‌ସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଯୋଗଦେଇ ଛାତ୍ରଛାତ୍ରୀମାନେ ସେବା ମନୋବୃତ୍ତି ରଖି ଡାକ୍ତରୀ ଶିକ୍ଷା ଲାଭ କରିବା ଉଚିତ ବୋଲି କହିଥିଲେ। ସମାଜ ଡାକ୍ତରମାନଙ୍କୁ ଦ୍ୱିତୀୟ ଭଗବାନ ଭାବେ ଦେଖିଥାଏ, ତେଣୁ ଛାତ୍ରଛାତ୍ରୀମାନେ ଡାକ୍ତର ହେବା ପରେ ଉତମ ରୋଗୀସେବା ପ୍ରତି ଧ୍ୟାନ ଦେବା ଉଚିତ ବୋଲି ସେ କହିଥିଲେ।

ଅନ୍ୟମାନଙ୍କ ମଧ୍ୟରେ କିଟ୍ ବିଶ୍ୱବିଦ୍ୟାଳୟ ଉପକୁଳପତି ଡା. ସିବିକେ ମହାନ୍ତି, କିମ୍‌ସ ମେଡିକାଲ୍ କଲେଜ ଅଧ୍ୟକ୍ଷ ଡା. ଆର୍. ସି. ଦାସ, ଉପାଧ୍ୟକ୍ଷ ଡା. ଲଲାଟେନ୍ଦୁ ମହାନ୍ତି, କିମ୍‌ସ ମେଡିକାଲ୍ ଅଧୀକ୍ଷକ ଡା. ମାନସ ରଞ୍ଜନ ବେହେରା ଓ କିଟ୍ ଡେଣ୍ଟାଲ କଲେଜ ଅଧ୍ୟକ୍ଷ ଡା. ଅଶ୍ୱିନୀ କର ପ୍ରମୁଖ ଉପସ୍ଥିତ ରହି ନବାଗତ ଡାକ୍ତରୀ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇବା ସହ ଉତ୍ସାହିତ କରିଥିଲେ। ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇ ଡା. ସିବିକେ ମହାନ୍ତି କହିଲେ, ଏମ୍‌ବିବିଏସ୍ ଏକ ଚ୍ୟାଲେଞ୍ଜିଂ କରିକୁଲମ୍। ତେଣୁ ଡାକ୍ତର ହେବା ପରେ ମଧ୍ୟ ଡାକ୍ତରୀ ଛାତ୍ରଛାତ୍ରୀଙ୍କୁ ଚିକିତ୍ସା ବିଜ୍ଞାନ ସହ ଜଡ଼ିତ ରହିବାକୁ ସବୁବେଳେ ଅଧ୍ୟୟନ କରିବାକୁ ପଡ଼ିଥାଏ ବୋଲି କହିଥିଲେ। ଏହି ୫ବର୍ଷ ମଧ୍ୟରେ ତୁମେମାନେ ଯେଉଁ ପରିଶ୍ରମ କରିବ ତାହା ପରବର୍ତ୍ତୀ ୫୦ବର୍ଷ ପର୍ଯ୍ୟନ୍ତ ତୁମକୁ ସହାୟକ ବୋଲି ସେ କହିଥିଲେ। ସେହିପରି ହ୍ୱାଇଟକୋଟ ସ୍ୱାଗତ କାର୍ଯ୍ୟକ୍ରମ ପରେ କାଡାଭରିକ ଶପଥ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ କିମ୍‌ସ ହ୍ୟୁମାନ ଆନାଟୋମୀ ବିଭାଗରେ ନାମ ଲେଖାଇଥିବା ଛାତ୍ରଛାତ୍ରୀଙ୍କୁ ବିଭାଗୀୟ ମୁଖ୍ୟ ଡା. ପ୍ରଜ୍ଞା ପାରମିତା ସାମନ୍ତ ଡାକ୍ତରୀ ଶିକ୍ଷାର ଅୟମାରମ୍ଭ କାଡାଭାରିକ୍ ଡିସେକ୍‌ସନ୍ ଉପରେ ଗୁରୁତ୍ୱ ଦେଇ ବକ୍ତବ୍ୟ ଦେଇଥିଲେ।

## କ୍ୟୁଏସ୍ ଏସିଆ, ଦକ୍ଷିଣ ଏସିଆ ୟୁନିଭର୍ସିଟି ର୍‍ୟାଙ୍କିଙ୍ଗ୍‌ର ସମ୍ମାନଜନକ ସ୍ଥାନରେ ସୋଆ

**ଭୁବନେଶ୍ୱର,୯।୧୧/ଏନ୍‌ଏନ୍‌ଏସ୍:** ସମ୍ମାନଜନକ ୟୁନିଭର୍ସିଟି ର୍‍ୟାଙ୍କିଂରେ ୨୦୨୪ରେ ସୋଆ କ୍ୟୁଏସ୍ ୱାର୍ଲ୍ଡ ୟୁନିଭର୍ସିଟି ର୍‍ୟାଙ୍କିଙ୍ଗ୍-୨୦୨୫ ୧୨୦୧-୧୪୦୦ ବ୍ରାକେଟ୍‌ରେ ଥିବାବେଳେ (ଅଞ୍ଚଳଭିତ୍ତିକ)ରେ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ଦକ୍ଷିଣ ଏସିଆ ଏବଂ ଏସିଆ ୟୁନିଭର୍ସିଟି ର୍‍ୟାଙ୍କିଂରେ ମହତ୍ୱପୂର୍ଣ୍ଣ ସ୍ଥାନ ହାସଲ କରିଛି। ଦକ୍ଷିଣ ଏସିଆ ନିମନ୍ତେ ଏସିଆ ୟୁନିଭର୍ସିଟି ର୍‍ୟାଙ୍କିଂରେ ସୋଆ ୨୦୨୪ରେ ୧୪୩ତମ ସ୍ଥାନ ହାସଲ କରିଥିବା ବେଳେ ୨୦୨୫ରେ ୬୪ତମ ସ୍ଥାନରେ ପହଞ୍ଚିଛି। ସେହିପରି ଏସିଆ ୟୁନିଭର୍ସିଟି ର୍‍ୟାଙ୍କିଂରେ ୨୦୨୪ରେ ସୋଆ ୫୦୧-୫୫୦ ବ୍ରାକେଟ୍‌ରେ ଥିବାବେଳେ ୨୦୨୫ରେ ଏଥିରେ ଉନ୍ନତି ହୋଇ ୨୭୮ ସ୍ଥାନରେ ପହଞ୍ଚିଛି ସୋଆ। କ୍ୟୁଏସ୍ ୱାର୍ଲ୍ଡ



ନିକଟରେ ପ୍ରକାଶ ପାଇଥିବା ତାଲିକାରେ ଏହି ସ୍ଥିତିକୁ ବଜାୟ ରଖିଛି। ନ୍ୟାସନାଲ ଇନଷ୍ଟିଚ୍ୟୁସନାଲ ର୍‍ୟାଙ୍କିଂ ଫ୍ରେମ୍‌ୱାର୍କ (ଏନଆଇଆରଏଫ) ର୍‍ୟାଙ୍କିଂ ୨୦୨୪ରେ ସୋଆ ଦେଶରେ ୧୪ତମ ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟ ଭାବେ ର୍‍ୟାଙ୍କ ପାଇଥିଲା। ୨୦୧୬ରୁ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଆରମ୍ଭ ହୋଇଥିବା ଏନ୍‌ଆଇଆର୍‌ଏଫ୍ ର୍‍ୟାଙ୍କିଂରେ ପ୍ରତି ଥର ଦେଶର ଶ୍ରେଷ୍ଠ ୨୫ଟି ବିଶ୍ୱବିଦ୍ୟାଳୟ ମଧ୍ୟରେ ନିଜକୁ ସ୍ଥାନୀତ କରିପାରିଛି ସୋଆ।

## ସାଇ ଇଣ୍ଟରନ୍ୟାସନାଲ୍‌ର ପ୍ରତିଷ୍ଠାତାଙ୍କ ସ୍ମୃତିରେ ‘ଫାଉଣ୍ଡର୍ ମେମୋରିଆଲ୍ ଟକ୍’

**ଭୁବନେଶ୍ୱର,୯।୧୧/ଏନ୍‌ଏନ୍‌ଏସ୍:** ସାଇ ଇଣ୍ଟରନ୍ୟାସନାଲ୍‌ର ପ୍ରତିଷ୍ଠାତା ସ୍ୱର୍ଗତ ଡଃ ବିଜୟ କୁମାର ସାହୁଙ୍କ ସ୍ମୃତିରେ ‘ଫାଉଣ୍ଡର ମେମୋରିଆଲ୍ ଟକ୍’ ଅନୁଷ୍ଠିତ ହୋଇଯାଇଛି।




ଏହି ଅବସରରେ ମୁଖ୍ୟବକ୍ତା ଭାବେ ଆମିଶ ତ୍ରିପାଠୀ ଯୋଗଦେଇଥିଲେ। ଏହାର ବିଷୟବସ୍ତୁ ରହିଥିଲା ‘ଖୁସି ମନ, ଉଜ୍ଜ୍ୱଳ ଭବିଷ୍ୟତ’। ପ୍ରତିବର୍ଷ ଅଗଷ୍ଟରୁ ଅକ୍ଟୋବର ପର୍ଯ୍ୟନ୍ତ ପ୍ରତିଷ୍ଠାତା ସ୍ମାରକୀ ସିରିଜ୍ ମାଧ୍ୟମରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା, ପ୍ୟାନେଲ୍ ଆଲୋଚନା , ଅଧିବେଶନ, କର୍ମଶାଳା କାର୍ଯ୍ୟକ୍ରମ କରାଯାଇଥିଲା।

ଲେଖକ ଆମିଶ ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ତାଙ୍କ ଅଭିଭାଷଣରେ କହିଥିଲେ ଯେ ଜୀବନରେ ଜିତିବାବାକୁ ହେଲେ ୪ଟି ବିଷୟରେ ଜ୍ଞାନରହିବା ଆବଶ୍ୟକ, ଯଥା, ସ୍ୱୟଂବୋଧ, ପରମ ବୋଧ, ଶତ୍ରୁ ବୋଧ ଏବଂ ୟୁଗ୍ ବୋଧ। ସାଇ ଇଣ୍ଟର୍‌ନ୍ୟାସନାଲ୍ ଏଜୁକେସନ ଗ୍ରୁପ୍‌ର ଚେୟାର୍‌ପର୍ସନ୍ ଡଃ ଶିଳ୍ପୀ ସାହୁ ପ୍ରକାଶ କରିଛନ୍ତି ପ୍ରତିଷ୍ଠାତା ଡଃ ସାହୁ ଶିକ୍ଷାର କ୍ଷେତ୍ରରେ ଦେଖିଥିବା ସ୍ୱପ୍ନକୁ ଆହୁରି ବ୍ୟାପକ କରିବା ପାଇଁ ଆମେ ସମସ୍ତେ ପ୍ରତିଶ୍ରୁତିବଦ୍ଧ। ଶିକ୍ଷା କ୍ଷେତ୍ରରେ ଅତୁଳନୀୟ ଅବଦାନ ପାଇଁ ଡଃ ବିଜୟ କୁମାର ସାହୁଙ୍କ ମଧୁର ସ୍ମୃତିରେ ପ୍ରତିବର୍ଷ ଏହିଭଳି ମେମୋରିଆଲ୍ ଲେକଚର୍ ଆୟୋଜନ କରାଯାଇଛି। ଯାହା ଭବିଷ୍ୟତର ଛାତ୍ରଛାତ୍ରୀମାନଙ୍କୁ ଦିଗଦର୍ଶନ ଦେବା ସହ ନୂତନ ଓ ବିକଶିତ ଭାରତ ଗଠନରେ ସହାୟକ ହେବ। ପ୍ରତିଷ୍ଠାତା କାର୍ଯ୍ୟାଳୟର ସଦସ୍ୟ ବିଶାଲ ଆଦିତ୍ୟ ସାହୁ ପ୍ରତିଷ୍ଠାତାଙ୍କ ଦ୍ୱାରା ଦିଆଯାଇଥିବା ଶିକ୍ଷା ଆମ ଭିତରେ ଥିବା ସ୍ୱପ୍ନର ଶକ୍ତିକୁ ପ୍ରଜ୍ୱଳିତ କରିବା ସହ ଉତ୍ତମ ମାର୍ଗଦର୍ଶନ ଦେଖାଇଛି। ସ୍କୁଲର ସଂଗୀତ ଶିକ୍ଷକ ହିମାଂଶୁ ଶେଖର ସ୍ୱାଇଁଙ୍କ ନେତୃତ୍ୱରେ ସଂଗୀତ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସିନିୟର ପ୍ରିନ୍ସିପାଲ୍ ନୀଳକଣ୍ଠ ପାଣିଗ୍ରାହୀ, ସାଇ ଇଣ୍ଟର୍‌ନ୍ୟାସନାଲ୍ ରେସିଡେନ୍ସିଆଲ ସ୍କୁଲର ହେଡ୍‌ମାଷ୍ଟର ଅମିତାଭ୍ ଅଗ୍ନିହୋତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।

## ସନ୍ଥ ରାଜିନ୍ଦର ସିଂ ଜୀ ମହାରାଜଙ୍କ ଜନ୍ମଉତ୍ସବ



**ଭୁବନେଶ୍ୱର,୯।୧୧/ଏନ୍‌ଏନ୍‌ଏସ୍:** ସାୱନ କିର୍ପାଲ୍ ରୁହାନି ମିଶନ ଓ ୱାର୍ଲଡ କାଉନ୍ସିଲ୍ ଅଫ୍ ରିଲିଜିୟସର ଅଧ୍ୟକ୍ଷ ସନ୍ଥ ରାଜିନ୍ଦର ସିଂ ଜୀ ମହାରାଜ ଙ୍କ ୭୨ତମ ଜନ୍ମ ଉତ୍ସବ ଜୟଦେବବିହାର ସ୍ଥିତ ଆଶ୍ରମରେ ପାଳିତ ହୋଇଯାଇଛି। ଏହି ଅବସରରେ ମାନବତାର କଲ୍ୟାଣ ଉଦେଶ୍ୟରେ ସାୱନ କ୍ରିପାଲ ରୁହାନି ମିଶନ ଓ ମଣିପାଲ ହସ୍ପିଟାଲର ମିଳିତ ସହଯୋଗରେ ଉନ୍ନତମାନର ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା ଏବଂ ରେଡ଼କ୍ରସ ଦ୍ୱାରା ରକ୍ତଦାନ ଶିବିରର ଆୟୋଜନ କରାଯାଇଥିଲା। ଶିବିରରେ ମୁଖ୍ୟଅତିଥି ଭାବେ ଉତ୍ତର ଭୁବନେଶ୍ୱରର ବିଧାୟକ ସୁଶାନ୍ତ କୁମାର ରାଉତ, ସମ୍ମାନିତ ଅତିଥି ରୂପେ ଅଭିନେତା ଅରଦେନ୍ଦୁ ସୁନ୍ଦର ସାହୁ ଓ ଡାକ୍ତର ପଲ୍ଲବୀ ମହାରଥି ଓ ବି.ଏମ୍.ସି କରପୋରେଟର ଜୟନ୍ତି ସାହୁ ଓ କର୍ପୋରେଟର୍ ଅଚ୍ୟୁତ ସ୍ୱାଇଁ ଯୋଗଦେଇଥିଲେ। ସଂଧ୍ୟା ସମୟରେ ସର୍ବ ପ୍ରଥମେ ମିଶନର ଜୋନ୍ ସଂଯୋଜକ ଦେବାନନ୍ଦ ନାଏକ ମିଶନ ଓ ମହାରାଜଜୀଙ୍କ ବିଷୟରେ ସମସ୍ତଙ୍କୁ ଅବଗତ କରାଇଥିଲେ। ତତ୍ ପଶ୍ଚାତ ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ଉପରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ମନୋଜ କୁମାର ମହାପାତ୍ର ମୁଖ୍ୟ ଅତିଥି ଭାବରେ ଯୋଗଦେଇ ବିଶ୍ୱ ଶାନ୍ତି ଉଦେଶ୍ୟରେ ନିଜର ମତବ୍ୟକ୍ତ କରିଥିଲେ। ଭିଡ଼ିଓ ସତ୍‌ସଙ୍ଗ ମାଧ୍ୟମରେ ସନ୍ଥ ରାଜିନ୍ଦର ସିଂ ଜୀ ମହାରାଜ କହିଛନ୍ତି ଯେ ଆମେ ସମସ୍ତେ ମାନବ ଜୀବନର ଏହି ସୁବର୍ଣ୍ଣ ସୁଯୋଗର ଉପଯୋଗ କରିବା ଉଚିତ। ସାଧୁ ଏବଂ ମହାନ ପୁରୁଷମାନଙ୍କର ଜନ୍ମଦିନ ପାଳନ କରିବାର ସଠିକ୍ ଉପାୟ ହେଉଛି ଆମ ଜୀବନରେ ସେମାନଙ୍କର ଶିକ୍ଷା ଗ୍ରହଣ କରିବା। ଏଥିସହ ଦର୍ଶନ ଏକାଡେମୀର ଛାତ୍ରଛାତ୍ରୀମାନେ ଆଧ୍ୟାତ୍ମିକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଶେଷରେ ଭଜନ ସନ୍ଧ୍ୟା ଆୟୋଜନ ହୋଇଥିଲା। ଶେଷରେ ମିଶନ୍‌ର ଭୁବନେଶ୍ୱର ଶାଖା ସଚିବ କିଶୋର ନାଏକ ଧନ୍ୟବାଦ୍ ଦେଇଥିଲେ।

## ନାଟ୍ୟାନୁଷ୍ଠାନ ‘ନାୟିକା’ ପକ୍ଷରୁ ‘ଏପ୍ରିଲ ଫୁଲ୍’ ମଞ୍ଚସ୍ଥ

**ବାଲେଶ୍ୱର,୯।୧୧/ଏନ୍‌ଏନ୍‌ଏସ୍:** ପ୍ରତିବଦ୍ଧ ନାଟ୍ୟାନୁଷ୍ଠାନ ‘ନାୟିକା ବାଲେଶ୍ୱର’ର ୧୯ତମ ପ୍ରତିଷ୍ଠା ଦିବସ ଓ ୭ମ ରାଜ୍ୟସ୍ତରୀୟ ନାଟକ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା ଗତକାଲି ସ୍ଥାନୀୟ ଗାନ୍ଧି ସ୍ମୃତି ଭବନରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସଭାରେ ମଞ୍ଚାସୀନ ଅତିଥିମାନେ ବାଲେଶ୍ୱରର ଯୁବ ସାମ୍ବାଦିକା ତଥା ‘ସକାଳ’ ସମ୍ବାଦପତ୍ରର ସିନିୟର୍ ରିପୋର୍ଟର୍ ପ୍ରତ୍ୟାଶା ପ୍ରିୟମ୍ବଦା ମହାନ୍ତିଙ୍କୁ ନାୟିକା ମିଡିଆ ସମ୍ମାନ ୨୦୨୪ରେ ସମ୍ମାନିତ କରିଥିଲେ। ସାମ୍ବାଦିକତାକୁ ବୃତ୍ତି ଭାବେ ଗ୍ରହଣ କରିଥିବା ପ୍ରତ୍ୟାଶା ଆରମ୍ଭରୁ ଜଣେ ଉତ୍ସର୍ଗୀକୃତ ସାମ୍ବାଦିକ ଭାବେ ନିଜକୁ ପ୍ରତିଷ୍ଠା ଦେବା ସହିତ ଏ ଦିଗରେ ଅନୁସନ୍ଧିତ୍ସା ରଖି ନୂଆ ନୂଆ ସମ୍ବାଦ ପରିବେଷଣ କରି ସେ ସର୍ବିଙ୍କର ଆଦରଣୀୟା ହୋଇ ପାରିଛନ୍ତି। ଏହା ପୂର୍ବରୁ ସେ ବହୁ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ ହୋଇଛନ୍ତି। ଏହି ସନ୍ଧ୍ୟାରେ ଡା. ପ୍ରଫୁଲ୍ଲ ଚନ୍ଦ୍ର ଆଚାର୍ଯ୍ୟ ଓ ହିମାଂଶୁ ଦାସଙ୍କ ସ୍ମୃତିରେ ‘ନାଟ୍ୟରୁଚି ସମ୍ମାନ’ ଓଡ଼ିଶା ନାଟ୍ୟ ସଂଘ, ଦକ୍ଷିଣାଞ୍ଚଳ ଜୋନ୍ ଉପ-ସଭାପତି ମନୋଜ



କୁମାର ଦଣ୍ଡପାଟଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା।

ଏହି ଦ୍ୱିତୀୟ ସନ୍ଧ୍ୟାରେ ବାଲେଶ୍ୱର ଶିଳ୍ପ ଓ ବାଣିଜ୍ୟ ସଂଘ ସଭାପତି ସଞ୍ଜୟ କୁମାର ଦାସ, ଡାକ୍ତର ଅମରଜ୍ୟୋତି ଆଚାର୍ଯ୍ୟ, ଓଡ଼ିଶା ନାଟ୍ୟ ସଂଘ ସମ୍ପାଦକ ଶୁଭକାନ୍ତ ପାଢ଼ୀ ଅତିଥି ଭାବେ ଯୋଗଦେଇ ନାଟକକୁ ବଞ୍ଚାଇ ରଖିବା ଦିଗରେ ବାଲେଶ୍ୱରର ନାଟ୍ୟାନୁଷ୍ଠାନ ‘ନାୟିକା’ର ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମଞ୍ଚରେ ଉପସ୍ଥିତ ଥିଲେ ‘ନାୟିକା’ର ନିର୍ଦ୍ଦେଶିକା ସୁସ୍ମିତା ରଣା, ସାଂସ୍କୃତିକ ସମ୍ପାଦକ ବିଜୟ ଅଧିକାରୀ ଏବଂ ପାର୍ଥ ସାରଥୀ ଧଳ। ‘ନାୟିକା’ ପକ୍ଷରୁ ପ୍ରତିଷ୍ଠାତା ସୁଶୀଲ ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିଲେ। ଶେଷରେ ଉପନିର୍ଦ୍ଦେଶକ ଅରବିନ୍ଦ ସାହୁ ଧନ୍ୟବାଦ୍ ଦେଇଥିଲେ। ଦ୍ୱିତୀୟ ସନ୍ଧ୍ୟାର ନାଟକର ନିର୍ଦ୍ଦେଶକ ଅର୍ଣ୍ଣବ କରଙ୍କୁ ମଧ୍ୟ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ କରାଯାଇଥିଲା। ଏହା ପରେ ‘ଶୋଭା’ ପକ୍ଷରୁ ଅର୍ଣ୍ଣବ କର ନିର୍ଦ୍ଦେଶିତ ନାଟକ ‘ଏପ୍ରିଲ ଫୁଲ୍’ ମଞ୍ଚସ୍ଥ ହୋଇଥିଲା। ଏହି ନାଟକକୁ ଉପଭୋଗ କରିଥିଲେ ଭରପୁର୍ ନାଟ୍ୟପ୍ରେମୀ ଦର୍ଶକ।

## ଓଡ଼ିଶା ସ୍ୱଚ୍ଛସାଥୀ ମହାସଭାର ରାଜ୍ୟସ୍ତରୀୟ ବୈଠକ

**ଭୁବନେଶ୍ୱର,୯।୧୧/ଏନ୍‌ଏନ୍‌ଏସ୍:** ସର୍ବଭାରତୀୟ ହିନ୍ଦ୍ ମଜଦୁର ସଭାର ଅନୁବନ୍ଧିତ ଓଡ଼ିଶା ସ୍ୱଚ୍ଛ ସାଥୀ ମହାସଭାର ଏକ ରାଜ୍ୟସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକ ମହାସଭାର ସଭାନେତ୍ରୀ ସଂଯୁକ୍ତା ମହଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଭୁବନେଶ୍ୱର ମଧ୍ୟ ନିର୍ବାଚନମଣ୍ଡଳୀ ବିଜେପି ବିଧାୟକ ପ୍ରାର୍ଥୀ ଜଗନ୍ନାଥ ପ୍ରଧାନ, ସମ୍ମାନିତ ଅତିଥି ଭାବେ ୩୩ନଂ ୱାର୍ଡ କର୍ପୋରେଟର୍ ଧରିତ୍ରୀ ଜେନା, ହିନ୍ଦ୍ ମଜଦୁର ସଭାର ସଭାପତି କୃଷ୍ଣଚନ୍ଦ୍ର ପାତ୍ର ଏବଂ ସଭାପତି କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ ଏଚ୍‌ଏମ୍‌ଏସ୍, ବିଏମ୍‌ଏସ୍, ଆଇଏନ୍‌ଟିୟୁସି, ସିଆଇଟିୟୁ, ସିସିଟିୟୁ, ଏନ୍‌ଏସ୍‌ୟୁଏସ୍‌ସି ଓଡ଼ିଶାର ପ୍ରମୁଖ ବ୍ୟକ୍ତିମାନେ ଏହି ବୈଠକରେ ଅଂଶଗ୍ରହଣ କରି ନିଜ ନିଜର ମତ ରଖିଥିଲେ। ଏହି ଅବସରରେ ମହାସଭାର ସଭାନେତ୍ରୀ ଶ୍ରୀମତୀ ମହଲ କହିଥିଲେ ଯେ ଦୀର୍ଘବର୍ଷ ହେବ ଓଡ଼ିଶାର ସ୍ୱଚ୍ଛସାଥୀମାନେ ତାଙ୍କର ନିଃସ୍ୱାର୍ଥପର କାର୍ଯ୍ୟ ସୁଚାରୁ ରୂପେ ତୁଲାଇ ଆସୁଛନ୍ତି। ହେଲେ ସେମାନଙ୍କ ପ୍ରତି ସରକାରୀସ୍ତରରେ ଅଣଦେଖା କରାଯାଇଛି। ତେଣୁ ସେମାନଙ୍କୁ ସ୍ଥାୟୀ ନିଯୁକ୍ତି ପ୍ରଦାନ କରିବା, କେନ୍ଦ୍ର ସରକାରଙ୍କ ପକ୍ଷରୁ ମିଳୁଥିବା ଅନୁଦାନକୁ ରାଜ୍ୟ ସରକାର ତୁରନ୍ତ କାର୍ଯ୍ୟକାରୀ କରିବା, ସାମାଜିକ ସୁରକ୍ଷା ଯୋଗାଇଦେବା, ଶ୍ରମଦାନ ସମୟରୁ ସୁରକ୍ଷା ନିମନ୍ତେ ସମସ୍ତ ଅତ୍ୟାବଶ୍ୟକୀୟ ସରଞ୍ଜାମ ଯୋଗାଇଦେବା, ସରକାରୀସ୍ତରରେ ଯେଉଁଭଳି ଭାବେ ଛୁଟି ପ୍ରଦାନ କରାଯାଉଛି ତାହାକୁ କାର୍ଯ୍ୟକାରୀ କରିବା, ସ୍ୱାସ୍ଥ୍ୟବୀମା ଏବଂ ସ୍ୱଚ୍ଛସାଥୀଙ୍କ ସନ୍ତାନମାନଙ୍କୁ ଶିକ୍ଷା କ୍ଷେତ୍ରରେ ସରକାର ଅଗ୍ରାଧିକାର ଦେବା ଆଦି ଦାବି ଆଜି ମୁଖ୍ୟ ପ୍ରସଙ୍ଗ ହୋଇ ରହିଛି। କାର୍ଯ୍ୟକ୍ରମରେ ରାଜ୍ୟର ପ୍ରତ୍ୟେକ ଜିଲ୍ଲାର ସ୍ୱଚ୍ଛସାଥୀମାନେ ଯୋଗ ଦେଇଥିଲେ।

### ସର୍ବୋଦୟ ଆନ୍ଦୋଳନ ପୁସ୍ତକ ଲୋକାର୍ପିତ

# ସର୍ବୋଦୟ ହେଉଛି ତ୍ୟାଗ ଓ ନିର୍ମାଣର ଗାଥା: ଚନ୍ଦନ ପାଲ

**ଭୁବନେଶ୍ୱର,୯।୧୧/ଏନ୍‌ଏନ୍‌ଏସ୍:** ସ୍ୱାଧୀନତା ପରେ କ୍ଷମତାକୁ ପାଦରେ ଆଡ଼େଇ ଦେଇ ସମତା ଓ ସର୍ବୋଦୟମୂଳକ ନୂଆ ଭାରତର ନିର୍ମାଣ ନିମନ୍ତେ ଗାନ୍ଧୀ ପ୍ରଦର୍ଶିତ ପଥରେ ବିନୋବା ଭାବେ, ଲୋକନାୟକ ଜୟପ୍ରକାଶ, ଓଡ଼ିଶାରେ ଗୋପବନ୍ଧୁ ଚୌଧୁରୀ, ରମାଦେବୀ, ଆଚାର୍ଯ୍ୟ ହରିହର, କୃପାସିନ୍ଧୁ ହୋତା, ମାଳତୀ ଦେବୀ, ନବକୃଷ୍ଣ ଚୌଧୁରୀ ଆଦିଙ୍କ ନେତୃତ୍ୱରେ ହୋଇଥିବା ସର୍ବୋଦୟ ଆନ୍ଦୋଳନର ହଜାର ହଜାର କର୍ମୀକୁଳ ଜୀବନ ବ୍ୟାପୀ ସାଧନା କରି ଯେଉଁ ଇତିହାସ ନିର୍ମାଣ କରିଛନ୍ତି, ତାହା ଆଜି ଲିପିବଦ୍ଧ ହୋଇ ପ୍ରକାଶିତ ହେବା ଦ୍ୱାରା ଓଡ଼ିଶା ଇତିହାସ ଆହୁରି ସମୃଦ୍ଧ ହୋଇଛି। ବିଶିଷ୍ଟ ଐତିହାସିକ ଡ. ପ୍ରଶାନ୍ତ କୁମାର ପ୍ରଧାନଙ୍କ ଦ୍ୱାରା ୧୯୪୮ରୁ ୨୦୧୦ ମସିହା ଯାଏ ଲିଖିତ ଏହି ଗ୍ରନ୍ଥ ତ୍ୟାଗ ଓ ନିର୍ମାଣର ବାର୍ତ୍ତା ବହନ କରୁଅଛି ବୋଲି ସର୍ବ ସେବା ସଂଘର ରାଷ୍ଟ୍ରୀୟ ଅଧ୍ୟକ୍ଷ ଚନ୍ଦନ ପାଲ ମତବ୍ୟକ୍ତ କରିଛନ୍ତି।



ଉତ୍କଳ ଗାନ୍ଧୀ ସ୍ମାରକ ନିଧିର ସଭାନେତ୍ରୀ କୃଷ୍ଣା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସଭାରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ପ୍ରମେୟର ଫିଚର ସମ୍ପାଦକ ସୁଭାଷ ଚନ୍ଦ୍ର ଶତପଥୀ କହିଲେ ଯେ, ପଚାଶରୁ ଅଶୀ ଦଶକ ମଧ୍ୟରେ ସାମ୍ରାଜ୍ୟବାଦ ଯେଉଁ ଢଙ୍ଗରେ ଆସୁଥିଲା, ବର୍ତ୍ତମାନ ଆହୁରି ଶାଣିତ ଢଙ୍ଗରେ ଆମ ସମାଜକୁ କବଳିତ କରୁଅଛି। ତେଣୁ ସର୍ବୋଦୟ ଆନ୍ଦୋଳନକୁ ଆହୁରି ଶାଣିତ ଓ ତୀବ୍ର କରିବାକୁ ହେବ। ସେହିପରି ମୁଖ୍ୟଅତିଥି ଭାବେ ଗ୍ରୀନ୍ ନୋବେଲ୍ ବିଜେତା ପ୍ରଫୁଲ୍ଲ ସାମନ୍ତରା ଭୂଦାନ ଗ୍ରାମଦାନ ଆନ୍ଦୋଳନର ବର୍ତ୍ତମାନ ପିଢ଼ିକୁ ଏବେର କର୍ପୋରେଟ ଜମି ଲୁଟ୍ ବିରୋଧରେ ସ୍ୱର ଉତ୍ତୋଳନ ପାଇଁ ଆହ୍ୱାନ ଦେଇଥିଲେ। ବାଜି ରାଉତ ଛାତ୍ରାବାସର ସଭାପତି ଶୈଳଜ ରବି ପୁସ୍ତକର ସମୀକ୍ଷା କରି ଏକ ବିଚାରବନ୍ତ ସମର୍ପିତ ଗୋଷ୍ଠୀ ଭୂଦାନ ଗ୍ରାମଦାନ ଆନ୍ଦୋଳନ, ଜରୁରୀକାଳୀନ ପରିସ୍ଥିତି, ସ୍ୱାଧୀନତା ବଞ୍ଚାଅ ଆନ୍ଦୋଳନ, ସାମ୍ପ୍ରଦାୟିକ ସଦ୍‌ଭାବ କାର୍ଯ୍ୟଠାରୁ ଆରମ୍ଭ କରି ନବ୍ୟ ସାମ୍ରାଜ୍ୟବାଦ ବିରୋଧୀ ସଂଗ୍ରାମ ଯାଏଁ ଅନେକ ଜନ ଆନ୍ଦୋଳନକୁ ସୃଷ୍ଟି କରିଥିବା ପୁସ୍ତକରେ ବର୍ଣ୍ଣିତ ଥିବା ତଥା ଏକ ସୁଦୀର୍ଘ କର୍ମୀ ତାଲିକା ମାଧ୍ୟମରେ ହଜାର ହଜାର ସେବକସେବିକାଙ୍କୁ ଏହି ପୁସ୍ତକରେ ମନେ ପକାଯାଇଥିବା କହିଥିଲେ। ଏହି ଅବସରରେ ଡ. ପ୍ରଶାନ୍ତ କୁମାର ପ୍ରଧାନ, ରମାକାନ୍ତ ସାମନ୍ତରାୟ ଓ ମାନସ ପାଢ଼ୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ଅଧ୍ୟକ୍ଷ ଜଷ୍ଟିସ୍ ମନୋରଞ୍ଜନ ମହାନ୍ତି, ଉତ୍କଳ ସର୍ବୋଦୟ ମଣ୍ଡଳର ସଭାପତି ମିହିର ପ୍ରତାପ ଦାସ, ପ୍ରଗତିବାଦୀର କାର୍ଯ୍ୟନିର୍ବାହୀ ସମ୍ପାଦକ ବିରୁପାକ୍ଷ ତ୍ରିପାଠୀ, ସାହିତ୍ୟିକା ଝରଣା ପଟ୍ଟନାୟକ, ଲୋହିଆ ଏକାଡେମୀର ସମ୍ପାଦକ ଦେବ ପ୍ରସାଦ ରାୟ, ନିଧିର ସମ୍ପାଦକ ଜୟନ୍ତ ଦାସ ପ୍ରମୁଖ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଗାନ୍ଧୀ ସ୍ମାରକ ନିଧି ପ୍ରକାଶନ ସମିତିର ସଂଯୋଜକ ଡା ବିଶ୍ୱଜିତ ସଭା ସଂଚାଳନ କରିଥିବା ବେଳେ ମାନସ ପଟ୍ଟନାୟକ ଧନ୍ୟବାଦ ଅର୍ପଣ ଓ ଲିପିକା ମହାପାତ୍ର, ସୂର୍ଯ୍ୟ ନାରାୟଣ ନାଥ ଓ ଅନିମା ରାୟ ପ୍ରମୁଖ ସର୍ବଧର୍ମ ପ୍ରାର୍ଥନା ଆବୃତ୍ତି କରିଥିଲେ। ଏହି ସଭାରେ ସମଗ୍ର ରାଜ୍ୟରୁ ଶତାଧିକ ସର୍ବୋଦୟ କର୍ମୀ ଓ ସେମାନଙ୍କ ପରିବାରବର୍ଗ ଯୋଗଦେଇଥିଲେ।

## ଶୁଦ୍ଧତାର ପରିଚୟ, ହଲ୍‌ମାର୍କର ତିନୋଟି ଚିହ୍ନ

**ଭୁବନେଶ୍ୱର,୯।୧୧/ଏନ୍‌ଏନ୍‌ଏସ୍:** ବ୍ୟୁରୋ ଅଫ୍ ଇଣ୍ଡିଆନ୍ ଷ୍ଟାଣ୍ଡାର୍ଡ (ବିଆଇଏସ୍) ହେଉଛି ଭାରତ ସରକାରଙ୍କ ଗ୍ରାହକ ବ୍ୟାପାର, ଖାଦ୍ୟ ଏବଂ ଯୋଗାଣ ମନ୍ତ୍ରଣାଳୟ ଅଧୀନରେ କାର୍ଯ୍ୟ କରୁଥିବା ଏକ ସଂସ୍ଥା, ଯାହା ଉତ୍ପାଦ ସାର୍ଟିଫିକେସନ୍ ସ୍କିମ୍ ଅଧୀନରେ ଆଇଏସଆଇ ମାର୍କ, ହଲମାର୍କ ମାର୍କ ସ୍କିମ୍ ଅନ୍ତର୍ଗତ ହଲମାର୍କ ଏବଂ ଅନ୍ୟାନ୍ୟ ସମାନ ପ୍ରମାଣୀକରଣ ସ୍କିମ୍ ପରିଚାଳନା କରୁଥିବା ଜାତୀୟ ମାନକ ସଂସ୍ଥା। କେନ୍ଦ୍ର ସରକାର ସୁନା ଓ ରୁପା ଅଳଙ୍କାରର ସାର୍ଟିଫିକେଟ୍ ସ୍କିମ୍ ବ୍ୟୁରୋ ଅଫ୍ ଇଣ୍ଡିଆନ୍ ଷ୍ଟାଣ୍ଡାର୍ଡକୁ ହସ୍ତାନ୍ତର କରିଛନ୍ତି ଯେଉଁଥିରେ ବ୍ୟୁରୋ ଏହାର ହଲମାର୍କ ସ୍କିମ୍ ଚଳାଉଛି। ବ୍ୟୁରୋରେ ପଞ୍ଜୀକରଣ କରିବା ପରେ ହିଁ ଜୁଏଲର୍ସ ସେମାନଙ୍କ ଦୋକାନରେ କିମ୍ବା ପ୍ରୋତ୍ସାହନ ସାମଗ୍ରୀରେ ହଲମାର୍କ ହୋଇଥିବା ଅଳଙ୍କାର ବିକ୍ରୟ କରିବାକୁ ଦାବି କରିପାରିବେ କିମ୍ବା ବିକ୍ରୟ କରିପାରିବେ।

କେବଳ ପଞ୍ଜୀକୃତ ଜୁଏଲର୍ସଙ୍କୁ ହଲମାର୍କ କେନ୍ଦ୍ରରୁ ଅଳଙ୍କାର ହଲମାର୍କ କରିବାକୁ ଅନୁମତି ଦିଆଯାଇଛି ଏବଂ ବ୍ୟୁରୋ ଅଫ୍ ଇଣ୍ଡିଆନ୍ ଷ୍ଟାଣ୍ଡାର୍ଡ କେବଳ ପଞ୍ଜୀକୃତ ଜୁଏଲର୍ସମାନଙ୍କଠାରୁ କିଣାଯାଇଥିବା ଅଳଙ୍କାରକୁ ଗ୍ୟାରେଣ୍ଟି ଦେଇଥାଏ। ପ୍ରତ୍ୟେକ ବିଆଇଏସ୍ ହଲମାର୍କ ଥିବା ସ୍ୱର୍ଣ୍ଣ ଅଳଙ୍କାର ବିକଳାକୃତିରେ ହଲମାର୍କ ବିଶିଷ୍ଟ ପରିଚୟ ଆରମ୍ଭ ସହିତ ଉପଭୋକ୍ତାଙ୍କର ହିତ ଏବଂ ସୁରକ୍ଷା ବର୍ତ୍ତମାନ ଆଉ ମଜଭୁତ ହୋଇଯାଇଛି। ବିଆଇଏସ୍ ହଲମାର୍କ ଥିବା ଅଳଙ୍କାର ଓଡ଼ିଶାରେ ୫୦୦୦ରୁ ଅଧିକ ପଞ୍ଜିକୃତ ଜୁଏଲର୍ସଙ୍କ ମାଧ୍ୟମରେ ଉପଲବ୍ଧ ଅଛି। ଯେଉଁଠାରେ ଅଳଙ୍କାର ପରୀକ୍ଷା କରାଯାଏ, ହଲମାର୍କ କରାଯାଇଥାଏ ଏବଂ ଉପଯୁକ୍ତ ପରିଚୟ ପ୍ରଦାନ କରି ଏକ ରିପୋର୍ଟ ଦିଆଯାଏ। ହଲମାର୍କ ପଞ୍ଜିକରଣକୁ ଭାରତୀୟ ମାନକ ବ୍ୟୁରୋ ଅତ୍ୟନ୍ତ ସରଳ ରଖିଛି। ଯେଉଁ ଜୁଏଲର୍ସମାନେ ହଲମାର୍କ ଅଳଙ୍କାର ବିକ୍ରୟ କରିବାର ଇଚ୍ଛା କରନ୍ତି, ସେମାନେ ନିଜେ ଆସି ପଞ୍ଜିକରଣ କରାଇ ପାରନ୍ତି। ମାତ୍ର ଯେଉଁ ପ୍ରତିଷ୍ଠାନ ବିଆଇଏସ୍ ଦ୍ୱାରା ପଞ୍ଜିକୃତ ନୁହଁନ୍ତି ସେମାନଙ୍କ ପ୍ରଚାର ଏବଂ ପ୍ରସାର ସାମଗ୍ରୀରେ ହଲମାର୍କର ଦାବି କରିବା ଉଚିତ୍ ନୁହଁ ଏବଂ ହଲମାର୍କ ଆଭୂଷଣ ବିକ୍ରୟ କରିବା ଉଚିତ୍ ନୁହଁ। ଯଦି ସେମାନେ ଏପରି କାମ କରିବାରେ ଧରାପଡ଼ନ୍ତି, ତେବେ ସେମାନଙ୍କ ବରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ପିଆଇଏଲ୍‌ର ଆର୍ଥିକ ରିପୋର୍ଟ ପ୍ରକାଶ

**ଭୁବନେଶ୍ୱର,୯।୧୧/ଏନ୍‌ଏନ୍‌ଏସ୍:** ଓଇଏମ୍ ପାଇଁ ବିଭିନ୍ନ ଅଟୋମୋଟିଭ୍ ପାର୍ଟସ୍ ଉତ୍ପାଦନ ବ୍ୟବସାୟରେ ନିୟୋଜିତ କମ୍ପାନୀ ପାଭନା ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ ପକ୍ଷରୁ ତ୍ରୈମାସିକ ଏବଂ ଅର୍ଦ୍ଧବର୍ଷ ପାଇଁ ଏହାର ଅଣ-ଅଡିଟ୍ ହୋଇଥିବା ଆର୍ଥିକ ଫଳାଫଳକୁ ଅନୁମୋଦନ କରାଯାଇଛି ବୋଲି ପରିଚାଳନା ନିର୍ଦ୍ଦେଶକ ସ୍ୱପ୍ନିଲ ଜୈନ କହିଛନ୍ତି। ସେ କହିଛନ୍ତି ଯେ ବିଶେଷଜ୍ଞ ରଣନୀତିକ ପଦକ୍ଷେପ, ଯୋଗୁଁ ସଫଳତା ମିଳିଛି। ଭାରତ ଅଟୋ କମ୍ପୋନେଟ୍ ସୋର୍ସିଂ ପାଇଁ ଏକ ବିଶ୍ୱସ୍ତରୀୟ ହବ୍ ଭାବରେ ନିଜର ସ୍ଥିତି ସୁଦୃଢ଼ କରୁଥିବା ବେଳେ ପାଭନା ଇଣ୍ଡଷ୍ଟ୍ରିଜ୍ ଏହି ଅଭିବୃଦ୍ଧିରେ ଯୋଗଦାନ ଏବଂ ଉପକୃତ ହେବା ପାଇଁ ଭଲ ସ୍ଥିତିରେ ଅଛି। ଇଲେକ୍ଟ୍ରିକ୍ ଯାନ ବଜାର ପାଇଁ ସରକାରଙ୍କ ମହତ୍ତ୍ୱାକାଂକ୍ଷୀ ଲକ୍ଷ୍ୟ ଦ୍ୱାରା ଆମେ ବିଶେଷ ଭାବରେ ଉତ୍ସାହିତ ହୋଇଛୁ, ୨୦୩୦ ସୁଦ୍ଧା ଭାରତକୁ ସର୍ବବୃହତ୍ ଇଭି ବଜାରରେ ପରିଣତ କରିବା ପାଇଁ ଆଶାତୀତ ଅଭିବୃଦ୍ଧି ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ତେବେ ପାଭନା ପ୍ରତିଷ୍ଠିତ ଓଇଏମ୍‌ମାନଙ୍କ ପାଇଁ ବିଭିନ୍ନ ନିର୍ଭରଯୋଗ୍ୟ ଏବଂ ଉଚ୍ଚ ମାନର ଅଟୋମୋଟିଭ୍ ପାର୍ଟସ୍ ଉତ୍ପାଦନ ବ୍ୟବସାୟରେ ନିୟୋଜିତ ଅଛି।

## ‘କୋଠଘର’ କବିତା ଆସର

**ଭୁବନେଶ୍ୱର,୯।୧୧/ଏନ୍‌ଏନ୍‌ଏସ୍:** କଳିଙ୍ଗ ପୁସ୍ତକ ମେଳାର ଦ୍ୱିତୀୟ ଦିବସରେ କୋଠଘର ପରିବାର ପକ୍ଷରୁ ସମ୍ପାଦିକା ଅମ୍ବିକା ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ମାସିକ କବିତା ଆସର ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ କାର୍ଯ୍ୟକାରୀ ସଭାପତି ଆଶୁତୋଷ ମେହେର, ଡଃ ଦେବାଶିଷ ମହାପାତ୍ର, ମମତା ବାରିକ, ଡଃ ନଳିନୀ ପ୍ରଭା ମହାପାତ୍ର, ଡଃ ପ୍ରତାପ ରଞ୍ଜନ ମହାନ୍ତି, ଗୋଲକ ବିହାରୀ ନାୟକ, ଅପର୍ଣ୍ଣା ମିଶ୍ର, ମନୋରମା ପଟ୍ଟନାୟକ ପ୍ରମୁଖ କବିତା ପାଠ କରିଥିଲେ।

ନିତିଦିନ NITIDIN

## ଅଁଳାନବମୀ ଉତ୍ସବ ପ୍ରସ୍ତୁତି

**ଖଣ୍ଡପଡ଼ା,୯।୧୧/ଏନ୍ଏନ୍ଏସ୍:** ଖଣ୍ଡପଡା ସହର ସନ୍ନିକଟ ସଂରକ୍ଷିତ ଜଙ୍ଗଲ ମଧ୍ୟସ୍ଥ ବଡ଼ଟାସେରା ପୀଠରେ ରବିବାର ପବିତ୍ର ଅଁଳାନବମୀ ଯାତ୍ରା ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ସମସ୍ତ ପ୍ରସ୍ତୁତି ପର୍ବ ସେଠାରେ ଶେଷ ହୋଇଥିବା ଯାତ୍ରା କମିଟିର କର୍ମକର୍ତ୍ତାମାନଙ୍କଠାରୁ ପ୍ରକାଶ। ଜନସାଧାରଣଙ୍କ ସମାଗମକୁ ଦୃଷ୍ଟିରେ ରଖି ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଥିବା ବଡ଼ଟାସେରା ପୀଠର ମୁଖ୍ୟ ବିଷ୍ଣୁପ୍ରସାଦ ନନ୍ଦଶର୍ମା ସୂଚନା ଦେଇଛନ୍ତି।



# କାଢ଼ା କେନାଲ ଅବରୋଧ ଯୋଗୁ ସମସ୍ୟା: ଚାଷୀ ମହଲରେ ଅସନ୍ତୋଷ

**ନିଶ୍ଚିନ୍ତକୋଇଲି,୯।୧୧/ଏନ୍ଏନ୍ଏସ୍:** ନିଶ୍ଚିନ୍ତକୋଇଲି ବ୍ଲକ ଜିଗ୍ନିପୁର ପଞ୍ଚାୟତର ମହାଜନପୁର ମୌଜାର ୧ ନମ୍ବର ଓ ୪ ନମ୍ବର ନକ୍ସା ଅନୁଯାୟୀ ଜଳସେଚନର ସୁବିଧା ପାଇଁ ଚାଷ କ୍ଷେତକୁ ନିର୍ମାଣ କରାଯାଇଥିବା କାଢ଼ା କେନାଲକୁ କେତେକ ମୁଷ୍ଟିମେୟ ଲୋକ ଜବରଦଖଲ କରିଛନ୍ତି। ଯାହାଦ୍ୱାରା ଚାଷ କ୍ଷେତକୁ ସଠିକ୍ ଭାବେ ଜଳସେଚନ ହୋଇ ନପାରିବାରୁ ଚାଷୀଙ୍କ ମହଲରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଦୀର୍ଘଦିନ ହେଲା ଜବରଦଖଲ ଉଚ୍ଛେଦ ନହେବାରୁ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତିମାନେ କାଢ଼ା କେନାଲବନ୍ଧକୁ ଜବରଦଖଲରେ କରି ରଖିଛନ୍ତି। ଯାହାଫଳରେ ପ୍ରତି ବର୍ଷ ଖରିଫ ଧାନ ଓ ରବି ଜାତୀୟ ଫସଲରେ ଶହ ଶହ ହେକ୍ଟର ଚାଷ ଜମିରେ ସଠିକ୍ ଭାବେ ଜଳସେଚନ ହୋଇପାରୁନାହିଁ। ଏହି କାଢ଼ା ନାଳଗୁଡିକ ଜବରଦଖଲ ହଟାଇବା ପାଇଁ ବିଭାଗୀୟ ଅଧିକାରୀଙ୍କ ସମେତ ତହସିଲ ଓ ସାଲେପୁରରେ ଥିବା ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଅବଗତ କରିଲେ ମଧ କେହି କର୍ଣ୍ଣପାତ କରୁନାହାନ୍ତି। ଏହି ଅଞ୍ଚଳର ଚାଷୀମାନେ ମୁଖ୍ୟତଃ ଚାଷ ଉପରେ ନିର୍ଭରକରି ତାଙ୍କର ଜୀବିକା ନିର୍ବାହ କରନ୍ତି। ବିଶେଷକରି ଖରିଫ ଧାନଚାଷ ଚାଷୀଙ୍କର ମୁଖ୍ୟ ଫସଲ। ଦୀର୍ଘ ବର୍ଷ ହେଲା କାଡା କେନାଲ ଜବରଦଖଲ ହେତୁ ସଠିକ୍ ଭାବେ କ୍ଷେତକୁ ଜଳସେଚନ ହୋଇ ନପାରିବାରୁ ଧାନ ଚାଷ ଅମଳରେ ବ୍ୟାଘାତ ଘଟୁଛି। ଫଳରେ ଚାଷୀମାନେ ବହୁ ପରିମାଣର କ୍ଷତି ସହୁଛନ୍ତି। ଜଳସେଚନ ପାଇଁ ପ୍ରତ୍ୟେକ ବର୍ଷ ଚାଷୀଙ୍କଠାରୁ ସରକାର ଜଳକର ଖଜଣା ଆକାରରେ ଆଦାୟ କରୁଥିଲେ ମଧ ଚାଷ ଜମିରେ ଠିକ୍ ଭାବେ ଜଳ ପହଞ୍ଚିପାରୁନାହିଁ। ଏସଂକ୍ରାନ୍ତରେ ସାଲେପୁରରେ ଅବସ୍ଥିତ ସେଚାଞ୍ଚଳ ଉନ୍ନୟନ ଉପଖଣ୍ଡ କାଡା ସହକାରୀ ଯନ୍ତ୍ରୀଙ୍କୁ କାର୍ଯ୍ୟାଳୟକୁ ବହୁବାର ଦୌଡି ଦୌଡି ଚାଷୀ ନୟାନ୍ତ ହେଲେଣି। ହେଲେ ଏଠାରେ ନିଯୁକ୍ତ ହୋଇଥିବା ବିଭାଗୀୟ ଅଧିକାରୀ କାର୍ଯ୍ୟାଳୟକୁ ଆସୁନାହାଁନ୍ତି ଓ ଏଠାରେ କାର୍ଯ୍ୟରତ ଠିକା କର୍ମଚାରୀଙ୍କ ନିର୍ଦ୍ଦେଶରେ ଉଚ୍ଚ ପଦସ୍ଥ ଅଧିକାରୀମାନେ କାର୍ଯ୍ୟ କରନ୍ତି ବୋଲି ଚାଷୀମାନେ ପ୍ରକାଶ କରୁଛନ୍ତି। ଅଧିକାରୀ ଜଣକ କାର୍ଯ୍ୟାଳୟରେ ଉପସ୍ଥିତ ରହୁନଥିବାରୁ ଚାଷୀମାନଙ୍କର ଭାଗ୍ୟ ଠିକା କର୍ମଚାରୀଙ୍କ ଉପରେ ନିର୍ଭରକରି ଚାଲୁଛି ବୋଲି ଜଣାଯାଇଛି। ଉଚ୍ଚପଦସ୍ଥ ଅଧିକାରୀ ଏହା ଉପରେ ଧ୍ୟାନ ଦେବାକୁ ଚାଷୀଙ୍କ ମହଲରେ ଦାବି ହେଉଛି।

# କାର୍ତ୍ତିକ ମାସ ଶେଷ ଶନିବାରରେ ନବଗ୍ରହ ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼



**କୋଣାର୍କ,୯।୧୧/ଏନ୍ଏନ୍ଏସ୍:** ପବିତ୍ର କାର୍ତ୍ତିକ ମାସ ଶେଷ ଶନିବାର ଅବସରରେ ବିଶ୍ୱପ୍ରସିଦ୍ଧ କୋଣାର୍କ ସୂର୍ଯ୍ୟମନ୍ଦିର ବେଢ଼ା ନିକଟସ୍ଥ ନବଗ୍ରହ ପୀଠରେ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିଥିବା ଦେଖିବାକୁ ମିଳିଥିଲା। ପ୍ରତ୍ୟୁଷରୁ ବିଭିନ୍ନ ସ୍ଥାନରେ ଆସିଥିବା ଶ୍ରଦ୍ଧାଳୁ ଗ୍ରହପୀଡ଼ାରୁ ମୁକ୍ତି ନିମନ୍ତେ ପୂଜାର୍ଚ୍ଚନା ଓ ହୋମଯଜ୍ଞ କରିଥିଲେ। ନବଗ୍ରହ ପୀଠରେ ନାହିଁ ନଥିବା ଭିଡ଼କୁ ନଜରରେ ରଖି ପୁଲିସ ପକ୍ଷରୁ ଶ୍ରଦ୍ଧାଳୁଙ୍କ ନିମନ୍ତେ ଧାଡି ଦର୍ଶନର ବ୍ୟବସ୍ଥା ହୋଇଥିଲା। କୋଣାର୍କ ପୁଲିସ ପକ୍ଷରୁ ପର୍ଯ୍ୟାପ୍ତ ସୁରକ୍ଷା ବ୍ୟବସ୍ଥା ହୋଇ ନଥିବାରୁ ଶ୍ରଦ୍ଧାଳୁଙ୍କ ମଧରେ ଠେଲାପେଲା ହେଉଥିବା ଦେଖିବାକୁ ମିଳିଥିଲା। ନବଗ୍ରହଙ୍କ ପୀଠରେ ମାନସିକ ରଖି ନବଗ୍ରହ ମନ୍ଦିରର ପଶ୍ଚିମଦ୍ୱାର ସମ୍ମୁଖରେ ଶିଶୁମାନଙ୍କୁ ବାଲିରେ ଅଣ୍ଟା ପର୍ଯ୍ୟନ୍ତ ପୋତିଲେ ପୋଲିଓ, ବାତରୋଗ ଆଦି ଭଲ ହୋଇଥାଏ ବୋଲି ଶ୍ରଦ୍ଧାଳୁଙ୍କ ମନରେ ବିଶ୍ୱାସ ରଖି ଆଜି ଶତାଧିକ ଶିଶୁଙ୍କୁ ନିଜର ପରିବାର ପକ୍ଷରୁ ଶ୍ରଦ୍ଧାଳୁମାନେ ନିଜ ନିଜର ପିଲାମାନଙ୍କୁ କିଛି ସମୟ ଅଣ୍ଟା ପର୍ଯ୍ୟନ୍ତ ଗାତ ଖୋଳି ବାଲିରେ ପୋତି ନିଜର ମାନସିକ ପୂରଣକରିବା ସହ ପୂଜାପାଠ କରୁଥିବା ଦେଖିବାକୁ ମିଳିଥିଲା।

# ରାଜଧାନୀ ଉପକଣ୍ଠରୁ ମୋରମ ଚୋରାଚାଲାଣ

**ମୁଣ୍ଡମୁହାଣ,୯।୧୧/ଏନ୍ଏନ୍ଏସ୍:** ରାଜଧାନୀ ଉପକଣ୍ଠ ଯାଁଳା, ଗଙ୍ଗପଡ଼ା ଓ ଅଙ୍ଗାରପଡ଼ା ଆଦି ଅଞ୍ଚଳରେ ଏବେ ମୋରମ ମାଫିଆମାନେ ସକ୍ରିୟ ହୋଇ ଉଠିଛନ୍ତି। ବିଭିନ୍ନ ସ୍ଥାନରେ ଅବାଧରେ ଚାଲିଛି ମୋରମ ତଡ଼ା। କମିଶନରେଟ୍ ପୁଲିସ ଓ ମାଇନ୍ସ ଆଣ୍ଡ ମିନେରାଲ ବିଭାବ ଓ ରାଜସ୍ୱ ବିଭାଗର ନିଷ୍କ୍ରିୟତା ଯୋଗୁ ଏକର ଏକର ଜମିରୁ ମାଫିଆମାନେ ମୋରମ ତାଡି ନେଉଥିବା ଅଭିଯୋଗ ହେଉଛି। ଇନ୍ଫୋସିଟି ଥାନା ଅନ୍ତର୍ଗତ ଓଗାଳପଡା-୨, ଗଙ୍ଗପଡ଼ା, ଚନ୍ଦକା ଥାନା ଅନ୍ତର୍ଗତ ଅଙ୍ଗାରପଡା ପଞ୍ଚାୟତ ଓ ମଳିପଡା ପଞ୍ଚାୟତର ଗୋଠପାଟଣା ଆଦି ଅଞ୍ଚଳରୁ ଗତ ଦୁଇ ମାସ

**ବିଭାଗୀୟ କର୍ତ୍ତୃପକ୍ଷ ନିଷ୍କ୍ରିୟ, ସାଧାରଣରେ ଅସନ୍ତୋଷ**

ଭିତରେ ପ୍ରାୟ ୨୦ଏକର ସରକାରୀ ଜମିରୁ ମାଫିଆମାନେ ମୋରମ ତାଡି ନେବାରେ ସଫଳ ହୋଇଛନ୍ତି। ତେଣୁ ଏହି ସବୁ ଅଞ୍ଚଳରେ ଏବେ ଜନଅସନ୍ତୋଷ ମୁଣ୍ଡ ଟେକିବାରେ ଲାଗିଛି। କିଛି କିଛି ସ୍ଥାନରେ ସ୍ଥାନୀୟ ଲୋକ ଗାଡ଼ିକୁ ଅଟକ ରଖି ପୁଲିସ ଜିମା ଦେଉଛନ୍ତି। ରାଜଧାନୀ ଉପକଣ୍ଠରେ ଏବେ ଚୋରା ମୋରମ ଚାଲଣ ଏକ ଲାଭଜନକ ବ୍ୟାପାରରେ ପରିଣତ ହୋଇଛି। ସରକାରୀ ଜମିରୁ ଅବଧରେ ମାଫିଆ ମାନେ ଏକର ଏକର ଜମିରୁ ମୋରମ ତାଡି ବିକ୍ରି କରିବାରେ ସଫଳ ହେଉଛନ୍ତି। ଶୁନଶାନ ରାତିରେ ଜେସିବି ମେସିନ ଲଗାଇ ମୋରମ ତଡା ଯାଇ ହାଇୱା ଟ୍ରକ ଯୋଗେ ଚାଲଣ ହେଉଛି। ଗତ ଏକ ମାସ ମଧରେ ଇନ୍ଫୋସିଟି ଥାନା ଅନ୍ତର୍ଗତ ଓଗାଳପଡା, ଅଲକର ଓ ଯାଁଳା ମୌଜାରେ ଥିବା ଟାଙ୍ଗିରୁ ପ୍ରାୟ ୪/୫ ଏକର ଜମିରୁ ମୋରମ ତାଡି ନେଇଛନ୍ତି ମାଫିଆ। ଫଳରେ ସମାନ୍ତରାଳ ସ୍ଥାନଗୁଡିକ ପ୍ରାୟ ୧୦ଫୁଟ୍ ଗର୍ତ୍ତ ସୃଷ୍ଟି ହୋଇଯାଉଛି। ଏହାଛଡ଼ା ରାତିରେ ମୋରମ ବୋଝେଇ ଟ୍ରକ୍‌ଗୁଡିକ ଦ୍ରୁତଗତିରେ ଆସି ବିଭିନ୍ନ ସ୍ଥାନରେ



ଦୁର୍ଘଟଣା ଗ୍ରସ୍ତ ହେଉଛନ୍ତି। ଫଳରେ ସାଧାରଣ ଲୋକ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗତକାଲି ବିଳମ୍ବିତ ରାତିରେ ଏକ ମୋରମ ବୋଝେଇ ଟ୍ରକ ଦ୍ରୁତଗତିରେ ଆସି ଆଉ ଏକ ମୋରମ ବୋଝେଇ ଟ୍ରକ୍‌କୁ ଧକ୍କାଦେଇ ଜଣେ ବ୍ୟକ୍ତିଙ୍କ ଘର ଉପରେ ଓଲଟି ପଡ଼ିଥିଲା। ସେହିଭଳି ଗଙ୍ଗପଡ଼ାରେ ମଧ ସମାନ ଅବସ୍ଥା। ଗଙ୍ଗପଡ଼ାର ଏକ ଟାଙ୍ଗରା ସ୍ଥାନରୁ ମଧ ମାଫିଆମାନେ ୧୦/୧୨ ଫୁଟ ଗାତକରି ମୋରମ ତାଡି ନେଇଛନ୍ତି। ଇନ୍ଫୋସିଟି ଥାନା ପୁଲିସ ଓ ମୋରମ ମାଫିଆ ମାନଙ୍କ ମଧରେ ମଧୁଚନ୍ଦ୍ରିକା ଯୋଗୁ ମୋରମ୍ ଚୋରାଚାଲାଣ ବୃଦ୍ଧି ପାଇଥିବା ବେଳେ ସାଧାରଣଲୋକ ଅଭିଯୋଗ କଲେ ମଧ କୌଣସି ସୁଫଳ ମିଳୁ ନଥିବା ସାଧାରଣରେ ଚର୍ଚ୍ଚା ହେଉଛି। ସେହିଭଳି ଚନ୍ଦକା ଥାନା ଅଙ୍ଗାରପଡା ଅଞ୍ଚଳରେ ଗତ ୪ମାସ ହେଲା ମୋରମ ତାଡି ନେଉଥିବା ଜଣାପଡ଼ିଛି। ଏପରିକି ଜଙ୍ଗଲ ଜମିକୁ ମଧ ଛାଡୁନାହାନ୍ତି। ଏନେଇ ସାଧାରଣ ଲୋକ ଥାନାକୁ ଜଣାଇଲେ ମୋରମ ମାଫିଆ ମାନେ ଓଲଟି ହତ୍ୟା ଧମକ ଦେଉଥିବା ଅଭିଯୋଗ ହେଉଛି। ସେହିଭଳି ଗତ ଜୁନ ୨୪ ତାରିଖରେ ଚନ୍ଦକା ଥାନା ଅନ୍ତର୍ଗତ ମଳିପଡା ପଞ୍ଚାୟତ ଗୋଠପାଟଣା ଗ୍ରାମର ମୋରମ ତଡ଼ାକୁ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଫଳରେ ଏହା ଉଗ୍ରରୂପ ନେଇଥିଲା। ଗତ କିଛି ବର୍ଷ ଧରି ଗୋଠପାଟଣା ଗ୍ରାମବାସୀ ଉଦ୍ୟମରେ ଏକ ଗ୍ରାମ୍ୟ ଜଙ୍ଗଲ ସୃଷ୍ଟି ହୋଇଥିଲା। କିନ୍ତୁ ମୋରମ ମାଫିଆ ମାନେ ରାତିରେ ମୋରର କାଟିବା ଦ୍ୱାରା ଜଙ୍ଗଲ ନଷ୍ଟ ହୋଇଥିଲା। ଏହା ସହ ନିକଟରେ ଥିବା ଗ୍ରାମର ଖେଳ ପଡିଆ ମଧ ପ୍ରଭାବିତ ହୋଇଥିଲା। ଏହାକୁ ନେଇ ଗ୍ରାମରେ ବିରୋଧ ହେଉଥିଲା। କିନ୍ତୁ ନୂଆଗାଁ-କାଟେଣୀ ରାସ୍ତା ସଂପ୍ରସାରଣ ପାଇଁ ରାଜସ୍ୱ ବିଭାଗ ଏକ ନିର୍ଦ୍ଦିଷ୍ଟ ସ୍ଥାନରୁ ମୋରମ ଉଠାଇବା ପାଇଁ ଏକ ଠିକା ସଂସ୍ଥାକୁ ଅନୁମତି ଦିଆଯାଇଥିଲା। ଏହି ଆଳରେ ପୁଣି ମୋରମ ମାଫିଆମାନେ ମୋରମ ତାଡିବା ଆରମ୍ଭ କରିଥିଲେ। ତେଣୁ ଗ୍ରାମରେ ତିବ୍ର ଉତ୍ତେଜନା ଦେଖାଦେବା ସହ ଗତ ଜୁନ ୨୩ ତାରିଖ ରାତିରେ ଗ୍ରାମବାସୀମାନେ ଏକାଠି ହୋଇ ବିରୋଧ କରିବା ସହ ୧୧ଟି ହାଇୱା ଟ୍ରକ୍‌କୁ ଅଟକ ରଖିଥିଲେ। ଖବର ପାଇ ଭୁବନେଶ୍ୱର ଉନ୍ନୟନ ଅଧିକାରୀଙ୍କ କର୍ମଚାରୀ, ସିଟି ଫରେଷ୍ଟ କର୍ମଚାରୀ, ଖଣି ବିଭାଗ ଅଧିକାରୀ ଓ ଚନ୍ଦକା ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଗାଡ଼ି ଜବତ କରିବା ସହ ଜଙ୍ଗଲ ଜମିରୁ ମୋରମ ଓ ମାଟି ଚାଲାଣର ତଦନ୍ତ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଉପକଣ୍ଠରେ ଦିନକୁ ଦିନ ମୋରମ ମାଫିଆଙ୍କ ଉପଦ୍ରବ ବଢୁଥିବାରୁ ସ୍ଥାନୀୟ ଅଞ୍ଚଳରେ ଜନଅସନ୍ତୋଷ ତୀବ୍ର ହେବାରେ ଲାଗିଛି। ଏନେଇ ଖୋର୍ଦ୍ଧା ଜିଲ୍ଲା ମାଇନ୍ସ ଆଣ୍ଡ ମିନେରାଲ ବିଭାଗ ଅଧିକାରୀ ଜଗନ୍ ବେହେରାଙ୍କ ସହ ଯୋଗାଯୋଗ ସମ୍ଭବ ହୋଇନଥିଲା।

# ଟାଟା ପାୱାର୍‌ର ମନମୁଖୀ କାର୍ଯ୍ୟକଳାପ, ଗ୍ରାହକ ଅସନ୍ତୁଷ୍ଟ

**ଆଠଗଡ଼,୯।୧୧/ଏନ୍ଏନ୍ଏସ୍:** ଓଡ଼ିଶାରେ ବିଦ୍ୟୁତ୍ ବିତରକ ଭାବେ ଟାଟା ପାୱାର ହାତକୁ ନେଇଛି। ସମସ୍ତ ବିଦ୍ୟୁତ୍ ଉପୋଭକ୍ତାମାନଙ୍କୁ ବିଦ୍ୟୁତ୍‌ଜନିତ ସମସ୍ୟାକୁ ଦୂରୀଭୂତ କରିବା ସହିତ ବିଦ୍ୟୁତ ବଣ୍ଟନ ଓ ଏହାର ଶୁଳ୍କ ଆଦାୟ ନିମନ୍ତେ କମ୍ପାନୀ ସହିତ ପୂର୍ବତନ ସରକାର ଚୁକ୍ତି କରିଛନ୍ତି। ମାତ୍ର କମ୍ପାନୀର ବଣ୍ଟନ ବ୍ୟବସ୍ଥା ହେଉ ଅଥବା ବିଦ୍ୟୁତ ଉପଭୋକ୍ତାମାନଙ୍କର ବିଦ୍ୟୁତଜନିତ ସମସ୍ୟା ଦୂରୀକରଣ ହେଉ ସବୁଥିରେ ବିଫଳ ହେଉଛି କମ୍ପାନୀ। ନିଜର ଭିତିଭୂମି ସଜାଡିବା ଦୂରର କଥା ମୁନାଫା କମାଇବା ଲୋଭରେ କମ୍ପାନୀର କର୍ମଚାରୀମାନେ ମନମାନି କରି ଉପଭୋକ୍ତା ତଥା ଗ୍ରାହକମାନଙ୍କୁ ହଇରାଣ କରିବାରେ ଲାଗି ପଡ଼ିଥିବାରୁ ଗ୍ରାହକମାନଙ୍କ ମଧରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଏଭଳି ଘଟଣା ଦେଖିବାକୁ ମିଳିଛି ଆଠଗଡ଼ ଅଞ୍ଚଳରେ। ଖବର ନେବାରେ ଜଣାଯାଏ ଏକ ସର୍ପରାଇଜ ଭିଜିଟ୍ ଆଳରେ ବିନା ପରିଚୟପତ୍ରରେ କଟକ ତଥା ଭୁବନେଶ୍ୱରରୁ ନାମ କହି କିଛି ପୁରୁଷ ଓ ମହିଳା ଆଠଗଡ଼ ରାଧାଗୋବିନ୍ଦପୁର ହାଉସିଂବୋର୍ଡ ଓ ଏହାର ଆଖପାଖ ଅଞ୍ଚଳକୁ ଆସି ଘର କବାଟ ବାଡ଼େଇବା ସହିତ କବାଟ ଖୋଲୁ ଖୋଲୁ ଘର ଭିତରକୁ ଜୋର୍

**କମ୍ପାନୀ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଦାବିକଲା ଆଠଗଡ଼ ଜନଜାଗରଣ ମଞ୍ଚ**

ଜବରଦସ୍ତ ପଶି ଆସି ଯାଞ୍ଚ ନାମରେ ବହୁ ଅପମାନଜନକ କଥା ମାନ କହୁଛନ୍ତି। ଏହାସହିତ ଫାଇନ୍ ଆଳ ଦେଖାଇ ଏକ ପ୍ରକାର ଭୟଭୀତ କରାଉଥିବା ଉପଭୋକ୍ତାମାନେ ପ୍ରକାଶ କରିଛନ୍ତି। ସ୍ଥାନୀୟ ଜଣେ ଉପଭୋକ୍ତା ଘରେ ନଥିବା ଏବଂ ଘରେ କେବଳ ଜଣେ ନାବାଳକ ଥିବା ସମୟରେ ଜୋର୍ ଜବରଦସ୍ତ ଘରେ ପଶି ଦୁଃବ୍ୟବହାର ପ୍ରଦର୍ଶନ କରିଥିବା ନେଇ ଉପଭୋକ୍ତା ଜଣକ ଅଭିଯୋଗ କରିଛନ୍ତି। ଏପରିକି ଜଣକ ଘରକୁ ଦୁଇ ତିନିଥର ଲେଖାଏଁ ଯାଇ ଯାଞ୍ଚ ନାମରେ ସେମାନଙ୍କୁ ଜାଣିଶୁଣି ହଇରାଣ ହରକତ କରାଯାଉଥିବାର ଉଚ୍ଚପଦସ୍ତ ଅଧିକାରୀଙ୍କ ନିକଟରେ ଅଭିଯୋଗ ହୋଇଛି। ଯାଞ୍ଚ ସଂକ୍ରାନ୍ତରେ ଏଠାରେ ଥିବା ବିଭାଗର ଅଧିକାରୀ ମାନଙ୍କ ସହିତ ଯୋଗଯୋଗ କରିବାରେ ଏଭଳି ଯାଞ୍ଚ ସଂପର୍କରେ ସେମାନେ ଜାଣି ନଥିବା ପ୍ରକାଶ କରୁଛନ୍ତି। ଏଭଳି ଗ୍ରାହକ ତଥା ଉପୋଭକ୍ତାମାନଙ୍କ ଭାବାବେଗକୁ ଅପମାନ କରିବା ନେଇ ଗ୍ରାହକମାନଙ୍କ ନାମରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ସମସ୍ତ ତଥ୍ୟ ଆଧାରକରି କମ୍ପାନୀ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ଆଠଗଡ଼ ଜନଜାଗରଣ ମଞ୍ଚ ଦାବି କରିଛି।

# ମୂଲ୍ୟବୋଧଭିତ୍ତିକ ସାମ୍ବାଦିକତା ଦିବସ ପାଳିତ

**ଖଣ୍ଡପଡ଼ା,୯।୧୧/ଏନ୍ଏନ୍ଏସ୍:** ଖଣ୍ଡପଡ଼ା ଆଞ୍ଚଳିକ ସାମ୍ବାଦିକ ସଂଘ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ମୂଲ୍ୟବୋଧଭିତ୍ତିକ ସାମ୍ବାଦିକତା ଦିବସ ପାଳିତ ହୋଇଯାଇଛି। ସାମ୍ବାଦିକ ସଂଘର ସଭାପତି ବିନାୟକ ମିଶ୍ରଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ଅଧକ୍ଷ ତଥା ବିଶିଷ୍ଟ ସାହିତ୍ୟିକ ଡଃ ବିଜୟ ଚୌଧୁରୀ ଓ ସମ୍ମାନିତ ଅତିଥି ଭାବେ ବ୍ଲକ ଉନ୍ନୟନ ଅଧିକାରୀ ଅଙ୍କୁର ଅଭିଳାଷ, ଅବସରପ୍ରାପ୍ତ ପ୍ରଶାସକ ଭାରତୀ ଭୂଷଣ ମିଶ୍ର, ସାଂସଦ ପ୍ରତିନିଧି ଚନ୍ଦ୍ରକାନ୍ତ ବଳିୟାରସିଂ, ପଣ୍ଡିତ ମନୋଜ କୁମାର ଦାଶ ପ୍ରମୁଖ ଯୋଗଦେଇ ମୂଲ୍ୟବୋଧଭିତ୍ତିକ ସାମ୍ବାଦିକତା ଦିବସ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଦିବଂଗତ ସାମ୍ବାଦିକ ପ୍ରଦ୍ୟୁମ୍ନ ବଳ ସାମ୍ବାଦିକତା ଇତିହାସରେ ଯେଉଁ ମାଇଲ ଖୁଣ୍ଟ ସ୍ଥାପନ କରି ଯାଇଛନ୍ତି କର୍ତ୍ତବ୍ୟରତ ସମସ୍ତ ସାମ୍ବାଦିକ ତାଙ୍କ ଜୀବନଶୈଳୀକୁ ଅନୁସରଣ କରିବା ଉଚିତ ବୋଲି ଅତିଥିମାନେ ମତ ଦେଇଥିଲେ। ସାମ୍ବାଦିକ ସଂଘର ସମ୍ପାଦକ ଭବାନୀ ଶଙ୍କର ସିଂହସାମନ୍ତ ଅତିଥି ପରିଚୟ ପ୍ରଦାନ କରିବା ସହ କାର୍ଯ୍ୟକ୍ରମ ସମ୍ପର୍କରେ ସମ୍ୟକ ସୂଚନା ପ୍ରଦାନ କରିଥିଲେ। ବରିଷ୍ଠ ସାମ୍ବାଦିକ ପ୍ରଭାକର ଶିରୋମଣି ସାମ୍ବାଦିକ ମାନଙ୍କର ଭୂମିକା ଓ କର୍ତ୍ତବ୍ୟ ପରାୟଣତା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଆୟୋଜିତ ବକ୍ତୃତା ପ୍ରତିଯୋଗିତାରେ ଶ୍ରେଷ୍ଠ ବିବେଚିତ ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟ, ପଠାଣି ସାମନ୍ତ ମହାବିଦ୍ୟାଳୟ, ଖଣ୍ଡପଡା କନିଷ୍ଠ ମହାବିଦ୍ୟାଳୟର ୬ଜଣ ଛାତ୍ରୀଙ୍କୁ ଅତିଥିମାନେ ପ୍ରଶଂସାପତ୍ର ଓ ପୁରସ୍କାର ବିତରଣ କରିଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭରେ ସାମ୍ବାଦିକ ସଂଘ ପକ୍ଷରୁ ସମସ୍ତ ଅତିଥିମାନଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଶେଷରେ ସାମ୍ବାଦିକ ଶିଶିର କୁମାର ସାହୁ ଧନ୍ୟବାଦ ଦେଇଥିଲେ। ଖଣ୍ଡପଡ଼ା, ଭାପୁର, କଣ୍ଟିଲୋ, କଳାପଥର ଓ ବୋଲଗଡ ବ୍ଲକ ଅଞ୍ଚଳରେ କାର୍ଯ୍ୟରତ ଗଣମାଧମ ପ୍ରତିନିଧିଙ୍କ ସମେତ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ, ଛାତ୍ରଛାତ୍ରୀ, ଯୁବକସଂଘର ସଦସ୍ୟମାନେ ଯୋଗ ଦେଇଥିଲେ।

# ନୟାଗଡ଼ରେ ବିଜେଡିର ଜନସମ୍ପର୍କ ପଦଯାତ୍ରା



**ନୟାଗଡ଼,୯।୧୧/ଏନ୍ଏନ୍ଏସ୍:** ନୟାଗଡ଼ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ନୟାଗଡ଼ ବ୍ଲକ ଓ ପୌରାଞ୍ଚଳକୁ ନେଇ ବିଜୁ ଜନତା ଦଳର ଜନସମ୍ପର୍କ ପଦ ଯାତ୍ରାରେ ଜନସମୁଦ୍ର ହୋଇଥିବା ଦେଖିବାକୁ ମିଳିଛି। ନୟାଗଡ଼ ବିଧାୟକ ଡଃ ଅରୁଣ କୁମାର ସାହୁଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ନୟାଗଡ଼ ଖେଳପଡିଆଠାରୁ ଏହି ପଦଯାତ୍ରା ବାହାରି ଶାଳଭଞ୍ଜ ତୋଟା ପର୍ଯ୍ୟନ୍ତ ଯାଇଥିଲା। ସେଠାରେ ଅନୁଷ୍ଠିତ ଏକ ସାଧାରଣ ସଭାରେ ଉପସ୍ଥିତ ବିଜେଡିର ନେତୃମଣ୍ଡଳୀ ମାନେ ବିଜେପି ସରକାରଙ୍କ ବିରୋଧରେ ବିଷୋଦଗାର କରିବା ସହିତ ବିଧାୟକ ଡଃ ସାହୁ ବିଜେପି ଶାସନର ୫ମାସ ଭିତରେ ନିଜର ଅନୁଭବର ଅନୁଭୂତି କଥା କହି ଲୋକମାନେ ବିଜେପି ସରକାର ପ୍ରତି ବିମୁଖତା ସହ ମୁହଁ ଫେରେଇଲେଣି ବୋଲି କହିଥିଲେ। ଏପରିକି ମିଛ କହିବା ଛାଡ଼ି ଲୋକଙ୍କ କାମ କର ନଚେତ ଗାଦି ଛାଡ଼ ବୋଲି ଆହ୍ୱାନ ଦେଇଥିଲେ। ଯାହାକି ସ୍ୱତଃ ପ୍ରୋତ ଭାବେ ଜନସାଧାରଣ ଏହି ପଦଯାତ୍ରାରେ ସାମିଲ୍ ହେବା ଏକ ଜ୍ୱଳନ୍ତ ପ୍ରମାଣ ବୋଲି କହିଥିଲେ। ଅନ୍ୟମାନଙ୍କ ମଧରେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ରଣପୁର ପୂର୍ବତନ ବିଧାୟକ ସତ୍ୟନାରାୟଣ ପ୍ରଧାନ, ଜିଲ୍ଲାପରିଷଦ ଅଧକ୍ଷ ଇଂ. ଦେବାଶିଷ ପଟ୍ଟନାୟକ, ବିଜେଡି ନେତ୍ରୀ ଇରାନୀ ରାୟ ଓ ବରିଷ୍ଠ ବିଜେଡିନେତା ମାନେ ଏଥିରେ ସାମିଲ ହୋଇ ରାଜ୍ୟ ସରକାରଙ୍କ ଅପାରଗତା ଉପରେ ବକ୍ତବ୍ୟ ରଖିଥିଲେ। ପଦଯାତ୍ରାରେ ବହୁ ସଂଖ୍ୟାରେ ଛାତ୍ର ବିଜେଡି, ଯୁବ ବିଜେଡି ଓ ମୁଖ୍ୟତଃ ହଜାର ହଜାର ମହିଳା ସାମିଲ ହୋଇଥିବା ଦେଖିବାକୁ ମିଳିଥିଲା।

# ଶିଶୁମନ୍ଦିରରେ ୨୨ତମ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା

**କଣ୍ଟିଲୋ,୯।୧୧/ ଏନ୍ଏନ୍ଏସ୍:** ପ୍ରମୁଖ ପର୍ଯ୍ୟଟନସ୍ଥଳ ତଥା ଜଗନ୍ନାଥ ସଂସ୍କୃତିର ଆଦିପୀଠ ଭାବେ ପରିଚିତ ପ୍ରଭୁ ଶ୍ରୀ ନୀଳମାଧବ ଜିଉ ବିଜେ କଣ୍ଟିଲୋ ପଞ୍ଚାୟତ ପରିସର ମାଧବ ଚୌଧୁରୀ ପାଟଣାରେ ଥିବା ଅଗ୍ରଣୀ ବେସରକାରୀ ଶିକ୍ଷାନୁଷ୍ଠାନ ସରସ୍ୱତୀ ଶିଶୁମନ୍ଦିରର ୨୨ତମ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଗତକାଲିଠାରୁ ଅନୁଷ୍ଠିତ ହୋଇଛି। ସୂଚନାରୁ ଜଣାପଡ଼ିଛି ଯେ, ପ୍ରତ୍ୟେକ ପୂର୍ବ ବର୍ଷର ବାର୍ଷିକ କ୍ରୀଡା ଉତ୍ସବ ଉଦ୍ଘାଟନୀ ଦିବସରେ ଶିକ୍ଷାନୁଷ୍ଠାନ ତରଫରୁ ଯେଉଁ ଭଳି କାର୍ଯ୍ୟକ୍ରମ ପାଳନ ହୋଇଥିଲା ସେହି ଭଳି ଗତକାଲି ସକାଳୁ ଅନୁଷ୍ଠାନର ସଭାପତି ପ୍ରଦୀପ କୁମାର କର, ପ୍ରଧାନ ଆଚାର୍ଯ୍ୟ କାଶୀନାଥ ମହାରଣା, ଗୁରୁଜୀ, ଗୁରୁମାମାନଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀମାନଙ୍କ ଗହଣରେ ମଶାଲ ଶୋଭାଯାତ୍ରା ସହିତ ପ୍ରଭାତ ଫେରି



କାର୍ଯ୍ୟକ୍ରମ ଶେଷ ହୋଇଥିଲା। ପରେ ଆରାଧ ଦେବତା ପ୍ରଭୁ ଶ୍ରୀ ନୀଳମାଧବ ଜିଉଙ୍କ ମନ୍ଦିରକୁ ଯାଇ ଦର୍ଶନ ସହ ପୂଜାର୍ଚ୍ଚନା ସମ୍ପନ୍ନକରି ସେହି ମଶାଲ ଶୋଭାଯାତ୍ରାରେ କଣ୍ଟିଲୋ ମିନି ଷ୍ଟାଡିୟମ୍‌କୁ ଯାଇଥିଲେ। ଅନୁଷ୍ଠାନର ସଭାପତିଙ୍କ ଦ୍ୱାରା ୨୨ତମ ବାର୍ଷିକ କ୍ରୀଡା ଉତ୍ସବର ଶୁଭ ଉଦ୍ଘାଟନ ହେବା ପରେ ଅରୁଣରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ୫୦ ଓ ୧୦୦ମିଟର ଦୌଡ଼, ସ୍ଲୋ ସାଇକ୍ଲିଙ୍ଗ ଓ ଅଖା ଦୌଡ଼ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ରବିବାର ଦ୍ୱିତୀୟ ତଥା ଉଦ୍‌ଯାପନୀ ଦିବସରେ ଅରୁଣ, ଉଦୟ, ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ପିଲାଙ୍କ ଦ୍ୱାରା ବାଟିଚାମଚ, ଛୁଞ୍ଚି ସୂତା, ମ୍ୟୁଜିକ ଚେୟାର ଓ ତୃତୀୟଠାରୁ ସପ୍ତମ ଶ୍ରେଣୀ ପିଲାମାନଙ୍କ ଦ୍ୱାରା, ବିଦ୍ୟାଳୟ ଖେଳପଡ଼ିଆରେ ହାଇ ଜମ୍ପ, ଲଙ୍ଗ ଜମ୍ପ୍, ଡିସ୍କସ ଥ୍ରୋ ଇତ୍ୟାଦି ପ୍ରତିଯୋଗିତା ଶେଷ ହୋଇଥିବାବେଳେ ସଟ୍‌ଫୁଟ୍ ଥ୍ରୋ, ରଚନା, ସାଧାରଣଜ୍ଞାନ, ବକ୍ତୃତା ଓ ଝୋଟି ପ୍ରତିଯୋଗିତା ହେବାକୁ ବାକି ଅଛି। କୃତୀ ଛାତ୍ରଛାତ୍ରୀମାନଙ୍କୁ ଆଗାମୀ ବାର୍ଷିକ ଉତ୍ସବରେ ପୁରସ୍କାର ପ୍ରଦାନ କରାଯିବ ବୋଲି ଅନୁଷ୍ଠାନ କର୍ମକର୍ତ୍ତାମାନଙ୍କ ତରଫରୁ ପ୍ରକାଶ।

**ବିକାଶ ପରିଷଦ ପକ୍ଷରୁ ଆୟୋଜିତ ଗଣକବି ଜୟନ୍ତୀର ଅଷ୍ଟମ ସନ୍ଧ୍ୟା**

# ‘ବୈଷ୍ଣବ ପାଣିଙ୍କ ସାହିତ୍ୟ ଓ ଗୀତିନାଟ୍ୟରେ ନିଚ୍ଛକ ଗାଉଁଲି କାହାଣୀ’

**ମାହାଙ୍ଗା,୯।୧୧/ଏନ୍ଏନ୍ଏସ୍:** ମାହାଙ୍ଗା ବ୍ଲକ ଅନ୍ତର୍ଗତ ଶ୍ରୀକୃଷ୍ଣପୁର ପଞ୍ଚାୟତ ମାଳିହତା ମା’ କ୍ଷେତ୍ରପାଳିନୀ ମନ୍ଦିର ପରିସରରେ ଗଣକବି ବୈଷ୍ଣବ ପାଣିଙ୍କ ୧୪୨ତମ ଜୟନ୍ତୀର ଅଷ୍ଟମ ସନ୍ଧ୍ୟା ମାହାଙ୍ଗା ବିକାଶ ପରିଷଦ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ଆଇନଜୀବୀ ଉମେଶ ଭଞ୍ଜଙ୍କ ଅଧକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ମାହାଙ୍ଗା ବିଧାୟକ ସାରଦା ପ୍ରସାଦ ପ୍ରଧାନ ଯୋଗଦେଇ ଗଣକବି ବୈଷ୍ଣବ ପାଣି ସାହିତ୍ୟ ଓ ଗୀତିନାଟ୍ୟରେ ରହିଛି ନିଚ୍ଛକ ଗାଉଁଲି କାହାଣୀ, ତାଙ୍କ ଯାଦୁକାରୀ ଲେଖନୀରେ ସମାଜରେ ପରିବର୍ତ୍ତନ ଆସିପାରିଛି ବୋଲି କହିବା ସହ କବିଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ମୁଖ୍ୟବକ୍ତା ଭାବେ ସୁସାହିତ୍ୟିକ ଡଃ ହରିହର କାନୁନ୍‌ଗୋ ଯୋଗଦେଇ ଗଣକବିଙ୍କ ସାହିତ୍ୟ ଓ ଗୀତିନାଟ୍ୟ ଉପରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥିଭାବେ ସମାଜସେବୀ ଚୌଧୁରୀ ପ୍ରଭାତ କେଶରୀ ମିଶ୍ର, ସମ୍ମାନିତ ବକ୍ତାଭାବେ ପ୍ରଫେସର ଡଃ ଯୁଧିଷ୍ଠିର ଖଟୁଆ, ଅତିଥିଭାବେ ଆଇନଜୀବୀ ଶୁଭେନ୍ଦୁ ମହାନ୍ତି, କୃଷ୍ଣଚନ୍ଦ୍ର ମଲିକ, ଗଗନ ଓଝା ପ୍ରମୁଖ ଯୋଗଦେଇ ଗଣକବି ଏକାଧାରାରେ ସୁସାହିତ୍ୟିକ, ଲେଖକ ଓ ଗୀତିନାଟ୍ୟ ଜଗତର ଅପ୍ରତିଦ୍ୱନ୍ଦ୍ୱୀ ସ୍ରଷ୍ଟା ଥିଲେ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ପ୍ରଗତି ଯୁବ ପରିଷଦ ପକ୍ଷରୁ ‘କର୍ଣ୍ଣବଧ’ ଓ ଗାଦିବ୍ରହ୍ମ ସାଂସ୍କୃତିକ ସଂସଦ ଗୌଡଗୋପ ପକ୍ଷରୁ ‘ବଳୁ ବାହନ’ ଗୀତିନାଟ୍ୟ ପରିବେଷଣ କରାଯାଇଥିଲା। ଅଧାପକ ଡଃ ଅଶୋକ କୁମାର ରାଉତ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଡଃ ଗିରିଜା ଶଙ୍କର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସମିତିସଭ୍ୟ ସୁରେନ୍ଦ୍ର ମହାନ୍ତି, ଯୁବ ସଂଗଠକ ମନୋରଂଜନ ବିଶ୍ୱାଳ, ଅଜୟ ନାୟକ, ହୃଷିକେଶ ବେହେରା, ଚିତ୍ତରଞ୍ଜନ ସାହୁ, ନିରଞ୍ଜନ ସାମଲ, କାର୍ତ୍ତିକେଶ୍ୱର ବରାଳ, ଅମରେନ୍ଦ୍ର ପତି, ଅଜିତ ପୃଷ୍ଟି, ବାପିନ ଚନ୍ଦ୍ର ବରାଳ, ବିନୋଦ ବେହେରା, ରଂଜିତ ବରାଳ, ସୁନୀଲ ସେନାପତି, ପ୍ରବୀଣ ସେନାପତି, ହେମନ୍ତ ବରାଳ, ପ୍ରଶାନ୍ତ ମଲିକ, ସୁବାଶିଷ କର, ବିଜୟ ବରାଳ, ଉଦିତ ନାରାୟଣ ସେନାପତିଙ୍କ ସମେତ ବହୁ ବ୍ୟକ୍ତି ଉପସ୍ଥିତ ଥିଲେ।



# ପର୍ଯ୍ୟଟନ ଦକ୍ଷତା ବିକାଶ କାର୍ଯ୍ୟକ୍ରମ

**ବାଣପୁର,୯।୧୧/ଏନ୍ଏନ୍ଏସ୍:** ମରାଳମାଳିନୀ ନିଳାମ୍ବୁ ଚିଲିକାରେ ପର୍ଯ୍ୟଟନ ସେବା ବୃଦ୍ଧି ଏବଂ ପ୍ରୋତ୍ସାହନ ନିମିତ୍ତ ଓଡ଼ିଶା ପର୍ଯ୍ୟଟନ ବିଭାଗ ଓ ଆଇଆଇଟିଟିଏମ ଭୁବନେଶ୍ୱର ମିଳିତ ଆନୁକୂଲ୍ୟରେ ଦୀର୍ଘ ତିନି ଦିନ ଧରି ବଡ଼କୁଳ ସ୍ଥିତ ଆଦ୍ରଭୂମି ଅନୁସନ୍ଧାନ ତାଲିମ କେନ୍ଦ୍ର ଠାରେ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନଭେମ୍ବର ୬ରୁ ୮ ତାରିଖ ପର୍ଯ୍ୟନ୍ତ ପ୍ରଥମ ବ୍ୟାଚ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା। ଉକ୍ତ ଶିବିରକୁ ବନ୍ୟପ୍ରାଣୀ ଡିଏଫଓ ତଥା ସିଡ଼ିଏ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମ୍ଳାନ ନାୟକ ଉଦଘାଟନ କରିଥିବା ବେଳେ ସିଡିଏ ବୈଜ୍ଞାନିକ ଡ଼ ପ୍ରଦୀପ ରଞ୍ଜନ ମୁଦୁଲି, ଓଟିଡିସି ମ୍ୟାନେଜର ସବ୍ୟସାଚୀ କର, ଡ଼. ସୁଶାନ୍ତ କୁମାର ସାସମଲ ପ୍ରମୁଖ ଉପସ୍ଥିତ ଥିଲେ। ତିନିଦିନ ଧରି ଏହି ଶିବିରରେ ୫୦ରୁ ଉର୍ଦ୍ଧ୍ୱ ସ୍ଥାନୀୟ ଡଙ୍ଗା ଚାଳକ, ସହ ଚାଳକ, ମତ୍ସ୍ୟଜୀବୀ, ପର୍ଯ୍ୟଟନ ବିଶେଷଜ୍ଞ, ମୋଟର ବୋଟ୍ ଆସୋସିଏସନ କର୍ମକର୍ତ୍ତା ପ୍ରମୁଖ ଯୋଗଦେଇ ସୁଚାରୁରୂପେ ପ୍ରଶିକ୍ଷଣ ନେଇଥିଲେ। ଭୁବନେଶ୍ୱର ଆଇଆଇଟିଟିଏମ ଅଧକ୍ଷ ଡ. ଆଦ୍ୟାଶା ଦାସ ଚିଲିକା ହ୍ରଦରେ ନୌବିହାରକୁ ବୃଦ୍ଧି କରିବା, ପକ୍ଷୀ ସୁରକ୍ଷା ଏବଂ ଚିଲିକା ହ୍ରଦର ସ୍ଥାୟୀ ବିକାଶରେ ସହଯୋଗ କରିବା ପାଇଁ ଡଙ୍ଗା ଚାଳକମାନଙ୍କୁ ଆବଶ୍ୟକୀୟ ଜ୍ଞାନକୌଶଳ ସମ୍ପର୍କରେ ପ୍ରଶିକ୍ଷଣ ଦେଇଥିଲେ। ଯାହାକି ପ୍ରଶିକ୍ଷଣ ଅଧିବେଶନରେ ଆତିଥ୍ୟ ଗ୍ରହଣର ସର୍ବୋତ୍ତମ ଅଭ୍ୟାସ, ପର୍ଯ୍ୟଟକଙ୍କ ସହ ପ୍ରଭାବଶାଳୀ ଯୋଗାଯୋଗ, ଜଳରାଶିରେ ସୁରକ୍ଷା ବ୍ୟବସ୍ଥା, ଚିଲିକା ହ୍ରଦର ଅନନ୍ୟ ଇକୋସିଷ୍ଟମ୍ ସଂରକ୍ଷଣ, ସାମଗ୍ରିକ ପର୍ଯ୍ୟଟନ ଅଭିଜ୍ଞତାକୁ ବ୍ୟକ୍ତିଗତ ସେବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏଥିସହିତ ଚିଲିକା ହ୍ରଦ ପର୍ଯ୍ୟଟକଙ୍କ ଏକ ପ୍ରମୁଖ ପର୍ଯ୍ୟଟନସ୍ଥଳୀ ଭାବେ ସୁନିଶ୍ଚିତ କରିବା ପାଇଁ ନିରନ୍ତର ସହଯୋଗ କରିବାକୁ ସମସ୍ତଙ୍କୁ ଅନୁରୋଧ କରାଯାଇଥିଲା। ଅନ୍ତିମ ଦିବସରେ ସମସ୍ତ ପ୍ରଶିକ୍ଷାର୍ଥୀମାନଙ୍କୁ ସିଡ଼ିଏ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମ୍ଳାନ ନାୟକ, ବନ୍ୟପ୍ରାଣୀ ରେଞ୍ଜର ରଶ୍ମିତା ଜେନା, ସିଡିଏ ଅଧିକାରୀ ମନୋରଞ୍ଜନ ମିଶ୍ରଙ୍କ ଉପସ୍ଥିତିରେ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

ନିତିଦିନ NITIDIN
ରବିବାର, ୧୦ ନଭେମ୍ବର, ୨୦୨୪

**ନିତି ଭାରତୀ** | ଯେପରି ଗୋଟିଏ ଜଳୁଥିବା ମହମବତୀରୁ ଶହ ଶହ ମହମବତୀ ଲଗାଇ ଜଳାଗଲେ ମଧ୍ୟ ପ୍ରଥମ ମହମବତୀର ଆୟୁଷ ଶେଷ ହୁଏନାହିଁ, ସେହିପରି ସୁଖକୁ ବାଣ୍ଟିଲେ ତାହା ବାଣ୍ଟୁଥିବା ଲୋକଠାରୁ ସରିଯାଏ ନାହିଁ। - **ଗୌତମ ବୁଦ୍ଧ**

# କୁମ୍ଭାରଶାଳ

ଜୟପ୍ରକାଶ ନାରାୟଣ ୧୯୦୨ ମସିହା ଅକ୍ଟୋବର ୧୧ ତାରିଖରେ ଜନ୍ମଗ୍ରହଣ କରିଥିଲେ। ବ୍ରିଟିଶ ସାମ୍ରାଜ୍ୟରେ ସୂର୍ଯ୍ୟାସ୍ତ ନଥିଲା। ତା'ର ଶାସନରେ ନିଷ୍ପେଷିତ ଉପନିବେଶର ସ୍ୱାଧୀନତା ପାଇବାର ଆଶା ଦିବାସ୍ୱପ୍ନ ଥିଲା। କିନ୍ତୁ ଏହି କାଳ ଖଣ୍ଡରେ ଦୃଢ଼ ସଂକଳ୍ପଧାରୀ ଅନମନୀୟ ଭାବନା ଉପନିବେଶ ଶାସନ ବିରୁଦ୍ଧରେ ଅଣ୍ଟା ଭିଡୁଥିଲା। କେହି କେବେ ଦେଖି ନଥିବା ବିପ୍ଳବର ଝଡ଼ର ସୂତ୍ରପାତ ହେଉଥିଲା। ଜୟପ୍ରକାଶଙ୍କର ବାଲ୍ୟକାଳ ସଂପର୍କରେ ସବିଶେଷ ତଥ୍ୟ ସଂଗ୍ରହ ହୋଇ ପାରିନି। ବିହାରର ରାଜଧାନୀ ପାଟଣାଠାରୁ ସଡ଼କ ପଥରେ ୧୧୮ କିଲୋମିଟର ଦୂରରେ ସୀତାବଦିରା ନାମକ ଗ୍ରାମରେ ତାଙ୍କର ବାଲ୍ୟକାଳ ଅତିବାହିତ ହୋଇଥିଲା। ସୀତାବଦିରା ଗ୍ରାମ ଗଙ୍ଗା ଓ ସରଯୁ ନଦୀର ସଙ୍ଗମ ସ୍ଥଳରେ ଅବସ୍ଥିତ ଥିଲା। ବାରମ୍ବାର ନଦୀ ବନ୍ୟାରେ ଆକ୍ରାନ୍ତ ହେଉଥିଲେ ମଧ୍ୟ ତା'ର ପରିବେଶ ଚିତ୍ତାକର୍ଷକ ଥିଲା। ଗଙ୍ଗା ଅବବାହିକାରେ ଭୌଗୋଳିକ ପରିସ୍ଥିତି ଯନ୍ତ୍ରର ସହ ସେଠିକା ସଂସ୍କୃତିକୁ ସୁରକ୍ଷିତ କରି ଆସିଛି। ଅଷ୍ଟାଦଶ ଶତାବ୍ଦୀର ଚତୁର ଜମିଦାର ସୀତାବଦିରା ରାୟଙ୍କ ନାମ ଅନୁସାରେ ସେ ଭୂଖଣ୍ଡ ନାମିତ ହୋଇଥିଲା। ସେ ଔଦ୍ଧର ରାଜାଙ୍କ ବିରୁଦ୍ଧରେ ଯୁଦ୍ଧ କରିଥିଲେ। ଇଷ୍ଟ ଇଣ୍ଡିଆ କମ୍ପାନୀର ବ୍ରିଟିଶଙ୍କ ସହ ବନ୍ଧୁତା ବାନ୍ଧି ଉକ୍ତ ଅଞ୍ଚଳରେ ବାସ କରିଥିଲେ।

ସୀତାବଦିରା ଗ୍ରାମରେ ପ୍ରାୟ ୪୦ ହଜାର ଲୋକ ବସବାସ କରୁଥିଲେ। ତାହା ଅନେକଗୁଡ଼ିଏ ପଡ଼ାରେ ବିଭକ୍ତ ଥିଲା। ଜୟପ୍ରକାଶଙ୍କ ଘର ଲାଲା ପଡ଼ାରେ ଅବସ୍ଥିତ ଥିଲା। ସେହି ପଡ଼ାରେ ଅନେକ ଶିକ୍ଷିତ କାୟସ୍ଥ ପରିବାର ବାସ କରୁଥିଲେ। ୧୮୮୫ରେ ଜମିବାଡ଼ି ସଂଶୋଧନ ଆଇନ ଆସିଲା। ଡୁମରାଓର ରାଜା ଜୟପ୍ରକାଶଙ୍କ ପରିବାରକୁ ଗୋଟିଏ ଛୋଟ ଜମିର ପଟ୍ଟା ପ୍ରଦାନ କରିଥିଲେ। ଜୟପ୍ରକାଶଙ୍କ ପରିବାର ଜମି ମାଲିକାନାରୁ ଧନ ଉପାର୍ଜନ କରି ନଥିଲେ। ତାଙ୍କର ପୂର୍ବପୁରୁଷମାନେ ସରକାରୀ ସେବାରେ ଯୋଗ ଦେଇ ଜୀବିକା ଉପାର୍ଜନ କରୁଥିଲେ। ତାଙ୍କର ପିତାମହ ଦେବକୀନନ୍ଦନ ଲାଲ ଜଣେ ପୁଲିସ ସବଇନିସପେକ୍ଟର ଥିଲେ। ସେ ପ୍ରଗତିଶୀଳ ବିଚାରଧାରାର ମଣିଷ ଥିଲେ। ଅନ୍ୟ ପକ୍ଷରେ, ସେ ବଡ଼ବୋଲା ମଧ୍ୟ ଥିଲେ। କଟୁ ବଚନ କହିବାକୁ ପଶ୍ଚାତ୍‌ପଦ ହେଉ ନଥିଲେ।

ଜୟପ୍ରକାଶଙ୍କ ପରିବାରର ସଦସ୍ୟମାନଙ୍କଠାରୁ ଦେବକୀନନ୍ଦନଙ୍କ ସଂପର୍କରେ ଗୋଟେ ମଜାଳିଆ ଗପ ଶୁଣିବାକୁ ମିଳେ। ଥରେ ସେ ଗୋଟିଏ କଣ୍ଟା ବାଡ଼ ପାଖରେ ଠିଆ ହୋଇଥିବା ଗୋରା ପୁଲିସ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ଲାଠିରେ କେଇ ପାହାର ପକେଇ ଦେଇଥିଲେ। ଗୋରା ଅଧିକାରୀ ଲଜ୍ଜାବଶତଃ ଗୋଟେ ଭାରତୀୟଠାରୁ ମାଡ଼ ଖାଇବା କଥା ପ୍ରକାଶ କରି ନଥିଲେ। ଏଣୁ ଦେବକୀନନ୍ଦନ ଦଣ୍ଡ ପାଇବାରୁ ରକ୍ଷା ପାଇ ଯାଇଥିଲେ।

ଜୟପ୍ରକାଶଙ୍କ ବାପା ହରଷୁଦୟାଲ ଜଣେ ଶିକ୍ଷିତ ବ୍ୟକ୍ତି ଥିଲେ। ଇଂରାଜୀ , ଆରବୀ, ପାର୍ସି ଭାଷା ସେ ବ୍ୟବହାର କରି ପାରୁଥିଲେ। ସେ ସରକାରଙ୍କ ପାଖରେ ଜିଲ୍ଲାଦାର ପଦବୀରେ କାର୍ଯ୍ୟ କରୁଥିଲେ। ଜଳ ସମ୍ପଦ ବିଭାଗର ଏହା ଗୋଟିଏ ତଳିଆ ପଦବୀ ଥିଲା। ସେ


ବିରଜା ପ୍ରସାଦ

ବିହାରର ଶାହାବାଦ ଜିଲ୍ଲାର ଜଳକର ଆଦାୟ ଦାୟିତ୍ୱରେ ଥିଲେ। ସରକାରୀ ଚାକିରି କରିବା ସହିତ ସେ ସାମାଜିକ କାର୍ଯ୍ୟକ୍ରମ ଓ ଜାତୀୟ ସ୍ୱତନ୍ତ୍ରତା ଆନ୍ଦୋଳନରେ ରୁଚି ରଖୁଥିଲେ। ଜୟପ୍ରକାଶଙ୍କ ମାତା ଫୁଲରାଣୀ ଦେବୀ ବିହାରର ଛାପ୍ରା ଜିଲ୍ଲାର ଅମରଧା ଗ୍ରାମର ଧନ୍ୟାଢ୍ୟ ପରିବାରର ଝିଅ ଥିଲେ। ସେ ମଧ୍ୟ ପ୍ରଗତିଶୀଳା ଥିଲେ। ନାରୀଙ୍କୁ ପରାଧୀନ କରିବାର ଘୋର ବିରୋଧୀ ଥିଲେ।

ଜୟପ୍ରକାଶଙ୍କ ଜନ୍ମ ବେଳକୁ ସୀତାବଦିରାରେ ପ୍ଲେଗ୍ ରୋଗ ବ୍ୟାପିଥିଲା। ଏଣୁ ତାଙ୍କ ପରିବାର ବାଲିଆ ଜିଲ୍ଲାରେ ଥିବା ତାଙ୍କର ଅନ୍ୟ ଏକ ବାସଗୃହକୁ ଚାଲି ଯାଇଥିଲେ। ତାଙ୍କର ପ୍ରାରମ୍ଭିକ ଶୈଶବରେ ସେମିତି କିଛି ବିଶେଷତ୍ୱ ନଥିଲା। ତାଙ୍କର ଦୁଧଖିଆ ଦାନ୍ତ ଡେରିରେ ଉଠିଥିଲା। ତାଙ୍କର ମାଆ ତାଙ୍କୁ ବାଉଲ ବୋଲି ଡାକୁଥିଲେ, ଯାହାର ଅର୍ଥ ପାକୁଆ। ଅନେକେ ତାଙ୍କୁ ସରଳ ବା ବୋକା ଭାବୁଥିଲେ। ତାଙ୍କର ସମ୍ପର୍କୀୟମାନେ ତାଙ୍କୁ ବାଉଲଜୀ ସମ୍ବୋଧନ କରୁଥିଲେ। ସେ ଖନା ଥିଲେ। କଥା କହିବା ବେଳକୁ ରହି ରହି କଥା କହୁଥିଲେ। ଏଣୁ ଅନେକେ ତାଙ୍କୁ ପରିହାସ କରୁଥିଲେ।

ପରିବାରର ଜ୍ୟେଷ୍ଠ ସନ୍ତାନ ହୋଇଥିବାରୁ ସେ ଜନ୍ମଦାତ୍ରୀ ଓ ମାତାମହୀଙ୍କର ନୟନ ପିତୁଳା ଥିଲେ। ମୁକ୍ତ ଆକାଶ ତଳେ ଖେଳକୁଦ ପ୍ରତି ତାଙ୍କର ଆଗ୍ରହ ନଥିଲା। ଘର ଭିତରେ ଅଧିକାଂଶ ସମୟ ସେ ଗୌତମ ବୁଦ୍ଧଙ୍କ ପରି ଧ୍ୟାନ ମୁଦ୍ରାରେ ବସି ରହୁଥିଲେ। ତାଙ୍କର ସ୍ଥିର ମୂର୍ତ୍ତି ପରି ନିରବରେ ବସି ରହିବା କଥା ଅଭିଯୋଗ ଆକାରରେ ବାପାଙ୍କ କାନକୁ ଆସିଲା। ହରଷୁବର୍ଦ୍ଧନ କେବେ ଜୟପ୍ରକାଶଙ୍କୁ ଆକଟ କରି ନଥିଲେ, ବରଂ ଅଭିଯୋଗକାରୀଙ୍କୁ ବୁଝେଇ ଦେଇଥିଲେ ଯେ ତାଙ୍କ ପୁଅ ପରିପକ୍ୱତା ହାସଲ କରି ସାରିଛି। ପିତା ପୁତ୍ରଙ୍କର ଏହି ସଂପର୍କ ପରେ ଅନେକ ଉତ୍‌ଥାନ ପତନ ଦେଖିଲା। ଜୟପ୍ରକାଶ ନିଜ ବାପାଙ୍କ ଜୀବନର ଅନେକଗୁଡ଼ିଏ ଘଟଣା ବହୁ ବିଳମ୍ବରେ ବୁଝିଥିଲେ। ମୌନ ମୁଦ୍ରାରେ ଜୟପ୍ରକାଶ ମାନସିକ ଶକ୍ତି ହାସଲ କରିବା ପରି ଲାଗୁଥିଲା। ଏହା ବ୍ୟତୀତ ସେ ନିଜର ଭାଇ ଓ ଭଉଣୀମାନଙ୍କ ସହିତ ଖେଳୁଥିଲେ। ଗୃହପାଳିତ ପଶୁ ପକ୍ଷୀମାନଙ୍କ ସହିତ ସମୟ ବିତାଉ ଥିଲେ। ତାଙ୍କ ବାପା ଦୁଇଟି କଳା ପାରା ତାଙ୍କୁ ଉପହାର ଦେଇଥିଲେ। ସେମାନଙ୍କ ମଧ୍ୟରୁ ଗୋଟିଏ ହୃଦ୍‌ଘାତରେ ମୃତ୍ୟୁବରଣ କରିଥିଲା। ଜୟପ୍ରକାଶ ଦୁଃଖରେ ଭାଙ୍ଗି ପଡ଼ିଲେ। ସେ କ୍ରମଶଃ ଠେକୁଆ, ଗୋଟିଏ ଆକର୍ଷଣୀୟ ନେଉଳ ମଧ୍ୟ ପାଳିଥିଲେ। ଗୋଟିଏ ଛୋଟ ଘୋଡ଼ା ମଧ୍ୟ ରଖିଥିଲେ। ସେ ଘୋଡ଼ାଟି ବୋଲ ମାନୁ ନଥିଲା। ତଥାପି ଜୟପ୍ରକାଶ ଅନ୍ୟ ଗୃହପାଳିତ ପଶୁଙ୍କ ପରି ତାକୁ ମଧ୍ୟ ଆଦର କରୁଥିଲେ।

ତାଙ୍କର ପ୍ରାଥମିକ ଶିକ୍ଷା ଘରେ ଆରମ୍ଭ ହୋଇଥିଲା। ତୁଳସୀ ଦୁଇ ପତ୍ରରୁ ବାସିବା ପରି ଜୟପ୍ରକାଶ ନିଜର




ମେଧା ଶକ୍ତିର ପ୍ରଦର୍ଶନ କରିଥିଲେ। ତାଙ୍କୁ ସୀତାବଦିରାର ପ୍ରାଥମିକ ବିଦ୍ୟାଳୟରେ ଭର୍ତ୍ତି କରାଯାଇଥିଲା। ସେହି ସ୍କୁଲରେ ଜଣେ ନବ ଯୁବକ ଶିକ୍ଷକ ଥିଲେ। ସେ ବ୍ୟାୟାମ କରି ସୁଠାମ ଶରୀରର ଅଧିକାରୀ ହୋଇଥିଲେ। ଜୟପ୍ରକାଶଙ୍କ ପାଇଁ ସେ ଆଦର୍ଶ ହୋଇଗଲେ। ଗୁରୁ ତାଙ୍କ ଶିଷ୍ୟଙ୍କୁ ନିରବତାର ବଳୟରୁ ନିଜକୁ ବାହାରକୁ ଆଣିବା ପାଇଁ ପରାମର୍ଶ ଦେଇଥିଲେ। ସେହି ଶିକ୍ଷକ ତାଙ୍କୁ ଯୁବ ବିପ୍ଳବୀ ଖୁଦିରାମ ବୋଷଙ୍କ କାହାଣୀ ଶୁଣାଇ ଥିଲେ। ଖୁଦିରାମ ବୋଷଙ୍କୁ ମାତ୍ର ୧୮ ବର୍ଷ ବୟସରେ ଫାଶୀ ଦିଆଯାଇଥିଲା। ଏହି ବୀର ଗାଥା ଜୟପ୍ରକାଶଙ୍କର ମନ ଭିତରେ ବସା ବାନ୍ଧିଗଲା। ୧୯୧୨ ମସିହାରେ ତାଙ୍କୁ ପାଟଣା କଲିଜିଏଟ ସ୍କୁଲକୁ ପାଠ ପଢ଼ିବା ପାଇଁ ପଠାଗଲା। ସେତେବେଳେ ତାଙ୍କୁ ମାତ୍ର ୧୦ ବର୍ଷ ବୟସ ହୋଇଥିଲା। ଉକ୍ତ ବିଦ୍ୟାଳୟଟିକୁ ୧୮୩୫ ମସିହାରେ ଇଷ୍ଟ ଇଣ୍ଡିଆ କମ୍ପାନୀ ତିଆରି କରିଥିଲା। ତତ୍କାଳୀନ ବିହାରର ତାହା ଶ୍ରେଷ୍ଠ ବିଦ୍ୟାଳୟ ଥିଲା ଅମଜାଦ ଅଲ୍ଲୀ ଖାଁ ଏବଂ ପ୍ରଫେସର ରାସମାଶୁଙ୍କ ପରି ବିଖ୍ୟାତ ବିଦ୍ୱାନମାନେ ପ୍ରଧାନ ଶିକ୍ଷକ ହୋଇଥିଲେ। ପ୍ରଫେସର ରାସମାଶୁ ଆଲିଗଡ ମୁସଲିମ ୟୁନିଭର୍ସିଟିର ପ୍ରତିଷ୍ଠାତା ସାର ସୟଦ ଅହମଦ ଖାଁଙ୍କର ନାତି ଥିଲେ।

ସେ ପ୍ରଥମେ ପାରିବାରିକ ବନ୍ଧୁ ଶମ୍ଭୁ ଶରଣଙ୍କ ସହିତ ସରସ୍ୱତୀ ଭବନ ନାମକ ଛାତ୍ରାବାସରେ ଅବସ୍ଥାନ କରିଥିଲେ। ସେଠାରେ ଜାତୀୟତାବାଦୀ ବିଚାରର ଆଲୋଚନା ଜମି ଉଠୁଥିଲା। ପରବର୍ତ୍ତୀ ଯୁଗରେ ସେଠାକାର ଅନ୍ତେବାସୀମାନେ ବିହାର ମାନ୍ୟଗଣ୍ୟ ବ୍ୟକ୍ତି ଭାବରେ ବିବେଚିତ ହୋଇଥିଲେ। ବିଭିନ୍ନ ଅଞ୍ଚଳର ଛାତ୍ର ନେତାମାନେ ଗୁରୁତ୍ୱପୂର୍ଣ୍ଣ ସରକାରଙ୍କର ଦ୍ୱାର ନିଷିଦ୍ଧ ପତ୍ରପତ୍ରିକା ସେଠାକୁ ଆଣୁଥିଲେ। ଫଳରେ ଛାତ୍ରାବାସଟି ଗୋଟିଏ ରାଜନୈତିକ କର୍ମ କେନ୍ଦ୍ରରେ ପରିଣତ ହୋଇଥିଲା। ଜୟପ୍ରକାଶ ସେଠାରେ ରାଜନୈତିକ ଆଲୋଚନା ଓ ଓଜସ୍ୱିନୀ ବକ୍ତବ୍ୟ ଶୁଣିବାକୁ ସୁଯୋଗ ପାଇଥିଲେ। ତାଙ୍କ ମଧ୍ୟରେ ଥିବା ଜଡ଼ତା ଓ ବ୍ରୀଡ଼ା ଭାବ କ୍ରମେ ଦୂର ହେବାରେ ଲାଗିଲା। ତାଙ୍କଠାରେ ବକ୍ତୃତା ଦେବାର ଦକ୍ଷତା ପ୍ରକାଶିତ ହୋଇଥିଲା। ସେ ସମୟରେ ବିଖ୍ୟାତ ଇତିହାସକାର ଓ ଇତିହାସ ପ୍ରାଧ୍ୟାପକ ସାର ଯଦୁମଣି ସରକାର ନିକଟରେ ଅବସ୍ଥାନ କରୁଥିଲେ। ତାଙ୍କର ବାସଗୃହରେ ବଙ୍ଗାଳୀ ଯୁବ ବିପ୍ଳବୀମାନେ ଆସି ଏକାଠି ହେଉଥିଲେ। ଏଣୁ ପୁଲିସ ତାଙ୍କର ଘରକୁ ବାରମ୍ବାର ଖାନତଲାସ କରୁଥିଲେ। ସରସ୍ୱତୀ ଭବନର ମାନସ ମନ୍ଥନ ଓ ସାର ଯଦୁମଣି ସରକାରଙ୍କର ଘର ଜୟପ୍ରକାଶଙ୍କୁ ଆଚ୍ଛାଦିତ କରି ଜାତୀୟତାର ବିଚାରରେ ମଗ୍ନ କରି ଦେଇଥିଲା।


ନିଜକୁ ଛାତ୍ରାବାସର ଭିଡ଼ଠାରୁ ଦୂରରେ ରଖିବାକୁ ସେ ଭଗିନୀ ଚନ୍ଦ୍ରମୁଖୀ ଓ ଭିଣୋଇ ବ୍ରଜବିହାରୀ ସହାୟଙ୍କର ଘରକୁ ଯାଇ ରହିଥିଲେ। ସେମାନଙ୍କର ସହିତ ଆତ୍ମୀୟତା ବୃଦ୍ଧି ଘଟିଥିଲା। ସେ କେବେ କେବେ ଅପରାହ୍ନରେ ପାଟଣା ଗାନ୍ଧୀ ମଇଦାନରେ ଫୁଟବଲ ଖେଳ ଦେଖିବାକୁ ଯାଉଥିଲେ, ନହେଲେ ପାଠ ପଢ଼ିବା ଓ ପାଠ ଲେଖିବାରେ ବ୍ୟସ୍ତ ରହୁଥିଲେ। ଦରକାର ହେଲେ ଚନ୍ଦ୍ରମୁଖୀଙ୍କୁ ଘରକରଣା କାମରେ ସାହାଯ୍ୟ କରୁଥିଲେ। ରାମବୃକ୍ଷ ବେନିପୁରୀ ଅତି ସୁନ୍ଦର ଭାବରେ ଜୟପ୍ରକାଶଙ୍କର ତତ୍କାଳୀନ ଜୀବନର ଘଟଣାବଳୀକୁ ଉଲ୍ଲେଖ କରିଛନ୍ତି। ତାଙ୍କର ଇଂରାଜୀ ପଢ଼ାଉ ଥିବା ମୁସଲମାନ ଶିକ୍ଷକ ଅଧ୍ୟୟନ କରିବା ଜୀବନର ଗୋଟିଏ ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟ ବୋଲି ତାଙ୍କ ମନରେ ଆଗ୍ରହ ସୃଷ୍ଟି କରିଥିଲେ। ଜୟପ୍ରକାଶଙ୍କୁ ନିଜ ସ୍କୁଲ ଲାଇବ୍ରେରୀରେ ବସି ପଢ଼ିବା ଉର୍ଦ୍ଦୁ , ହିନ୍ଦୀ , ଇଂରାଜୀ ଭାଷାରେ ରସମୟ କବିତାକୁ ନିଜର ଇଂରାଜୀ ଶିକ୍ଷକଙ୍କର ବ୍ୟକ୍ତିଗତ ପୁସ୍ତକାଗାରରେ ବସି ପଢ଼ିବା ସବୁଠାରୁ ଭଲ ଲାଗୁଥିଲା। ସେ ମୈଥିଲୀ ଶରଣ ଗୁପ୍ତାଙ୍କ କବିତାର ଅଗ୍ନି ସ୍ଫୁଲିଙ୍ଗକୁ ଅନୁଭବ କରିଥିଲେ। ମାନବୀୟ ବେଦୀଙ୍କର ପତ୍ରିକା ସରସ୍ୱତୀ ବିଦ୍ୟାର୍ଥୀଙ୍କର ପ୍ରତାପ, ମଦନମୋହନ ମାଲବ୍ୟଙ୍କର ସାପ୍ତାହିକ ରାଜନୈତିକ ପତ୍ରିକା ମର୍ଯ୍ୟାଦା ପ୍ରତି ସେ ଆଗ୍ରହୀ ହେଲେ। ବିଂଶ ଶତାବ୍ଦୀରେ ସଂଗଠିତ ହେଉଥିବା ଆନ୍ଦୋଳନ ଏବଂ ଘଟଣାବଳୀକୁ ତାଙ୍କର ଶିକ୍ଷକମାନେ ତାଙ୍କୁ ବୁଝେଇ ଦେଉଥିଲେ। ଜୟପ୍ରକାଶ ନିଜର ବିଦ୍ୟାଳୟ ପ୍ରତିଯୋଗିତାମାନଙ୍କରେ ଯେଉଁ ରଚନା ଲେଖୁଥିଲେ, ସେଗୁଡ଼ିକର ଲେଖିବା ଶୈଳୀ ଓ ବିଷୟବସ୍ତୁରେ ଅଭିନବତା ଥିଲା। କିଶୋର ବୟସରେ ତାଙ୍କର ରଚନା ଲେଖିବାର ପରିପକ୍ୱତାକୁ ତାଙ୍କର ଶିକ୍ଷକମାନେ ଭୁରି ଭୁରି ପ୍ରଶଂସା କରିବାରେ କେବେ ହେଳା କରି ନଥିଲେ।

ମୋ: ୯୪୩୮୧୦୦୯୯୦


# ସେବା ପ୍ରତି ସମର୍ପଣର ପ୍ରତୀକ

୨୦୦୫ ମସିହା ଡିସେମ୍ବର ମାସର ଶୀତୁଆ ସନ୍ଧ୍ୟା ବେଳ। ଲୋକମାନେ ଆସୁଥିଲେ, ଆଉ ଭୋଜନ କରି ଚାଲି ଯାଉଥିଲେ। ଭୋଜନ କଲା ପରେ ଅଇଁଠା ଖଲିସବୁ ଗୋଟିଏ ସ୍ଥାନରେ ଫିଙ୍ଗି ଦେଉଥିଲେ। କିଛି ଲୋକଙ୍କ ମଧ୍ୟରେ ଛୋଟ ପିଲାମାନେ ମଧ୍ୟ ଥିଲେ। ବଡ଼ମାନେ ଅଇଁଠା ଖଲିସବୁ ଗଦା କରୁଥିଲେ। ପିଲାମାନେ ସେହି ଖଲିମାନ ଚାଟିବାରେ ଲାଗୁଥିଲେ। ଏହି ଦୃଶ୍ୟକୁ ପ୍ରଥମ ଥର ପାଇଁ ଜଣେ ଯୁବକ ଦେଖି ଅବାକ୍ ହୋଇ ରହିଥିଲା। ଶେଷରେ ସେ ନିଜ ପରିଜନମାନଙ୍କୁ ପଚାରି ଥିଲା, ଏମାନେ କିଏ ? କାହିଁକି ଅଇଁଠା ପତ୍ର ଚାଟୁଛନ୍ତି ? ଯୁବକକୁ କୁହାଗଲା, ଏମାନେ ଡମ ଜାତିର, ଅଇଁଠା ପତ୍ର ଚାଟିବା ତାଙ୍କର ପ୍ରଥା ରହିଛି। କିଛି ସମୟ ପରେ ଯୁବକ ପଚାରିଲା, ଯଦି ଶତାଧିକ ଲୋକଙ୍କୁ ଖାଇବାକୁ ଦିଆଯାଉଛି, ଏମାନଙ୍କୁ କାହିଁକି ଖାଇବାକୁ ଦିଆଯାଉ ନାହିଁ ? ପ୍ରଶ୍ନର ଉତ୍ତର ଦେବା ପୂର୍ବରୁ ଯୁବକଙ୍କୁ କିଛି ଅଲଗା ଦୃଷ୍ଟିରେ ଦେଖି କହିଲେ, ସେମାନେ ଅଛୁଆଁ ଅଟନ୍ତି।

ଏହା ପରେ ଆଉ କେହି ଯୁବକ ସହିତ କଥାବାର୍ତ୍ତା







ପଞ୍ଚାନନ ଅଗ୍ରୱାଲ

ନ ହୋଇ ଦୂରେଇ ରହିଲେ। ଯୁବକ ଜଣକ ଅଇଁଠା ଚାଟୁଥିବା ଲୋକମାନଙ୍କୁ ନିରୀକ୍ଷଣ କରୁଥିଲା। ଯୁବକ ଜଣକ ସେହି ଦୃଶ୍ୟକୁ ଦେଖି ରାତିସାରା ଶୋଇ ପାରିଲେ ନାହିଁ। ସକାଳ ହେଲା ପରେ ପୁଣି ସେହି ସ୍ଥାନକୁ ଯୁବକଟି ଗଲେ। ଦେଖିଲେ, ଦୁଇଜଣ ପିଲା ଅଇଁଠା ଖଲି ପାଇଁ ବୁଲା କୁକୁର ସହ ସଂଘର୍ଷ କରୁଛନ୍ତି। ଏହି ଦୃଶ୍ୟ ଦେଖି ତାଙ୍କ ହୃଦୟ ବ୍ୟଥିତ ହୋଇ ପଡ଼ିଲା। ସେହି ଯୁବକର ନାମ ଥିଲା ସଂଜୀବ କୁମାର ଆଉ ଘଟଣା କହ୍ନେୟାପୁର ଗାଁର। ତାହା ବିହାରର ଖଗଡ଼ିଆ ଜିଲ୍ଲାରେ ଅବସ୍ଥିତ। କହ୍ନେୟାପୁରରେ ସଂଜୀବ କୁମାରର ଭଉଣୀର ଶାଶୂଘର। ସେତେବେଳେ ତା'ଭଉଣୀଙ୍କ ଶାଶୁର ମୃତ୍ୟୁ ହୋଇଥିଲା; ଲୋକମାନଙ୍କୁ ଶ୍ରାଦ୍ଧର ଭୋଜି ଦିଆଯାଇଥିଲା।

ସଂଜୀବ କୁମାରଙ୍କ ଜନ୍ମ ଦିଲ୍ଲୀରେ। ସେଠାରେ ସେ ପାଠଶାଠ ପଢ଼ି ବଡ଼ ହୋଇଥିଲେ। ସେ ଏକ ବହୁରାଷ୍ଟ୍ରୀୟ କମ୍ପାନୀରେ ମାର୍କେଟିଂ ମ୍ୟାନେଜର ଥିଲେ। ଶ୍ରାଦ୍ଧ ପରେ ସେ ଦିଲ୍ଲୀ ଫେରି ଆସିଲେ, କିନ୍ତୁ ସେହି ଦୃଶ୍ୟକୁ ସେ ଭୁଲି ପାରି ନଥିଲେ। ସେ ଭାବୁଥିଲେ, ଆମମାନଙ୍କ ଜୀବନ କେତେ ଆରାମଦାୟକ, ଆଉ କିଛି ଲୋକଙ୍କୁ ଅଇଁଠା ପତ୍ର ପାଇବା ପାଇଁ କୁକୁର ସହିତ ସଂଘର୍ଷ କରିବାକୁ ପଡୁଛି। ଏହା ଭାବି ଭାବି ବହୁତ ଦିନ ଯାଏଁ ସେ ଶୋଇ ପାରିଲେ ନାହିଁ।

ଶେଷରେ ସେ ଚାକିରି ଛାଡ଼ି ସେହି ଦଳିତ ଲୋକଙ୍କ ପାଇଁ କାମ କରିବାକୁ ସ୍ଥିର କଲେ। ଦିନେ ସେ ଏହି କାମ କରିବାକୁ ପରିବାର ଲୋକଙ୍କୁ ଜଣାଇଲେ। ସଂଜୀବ କୁମାରଙ୍କ କଥା ଶୁଣି ଘର ଲୋକେ ଆବାକାବା ହୋଇ ଚାହିଁଲେ। ଘର ପରିବାର, ଅନ୍ୟ ବନ୍ଧୁ ବାନ୍ଧବ ସଂଜୀବକୁ ବହୁତ ବୁଝାଇଲେ, କିନ୍ତୁ ସେ ନିଜେ ଦୃଢ଼ମନା ହୋଇ ରହିଲେ। ଶେଷରେ, ତାଙ୍କ ମାଆ କହିଲେ, ତୋର ଯାହା ଖୁସି, ତାହା କର।

ଏହାପରେ ସଂଜୀବ ୨୦୦୬ ମସିହା ଜୁନ୍ ମାସରେ କହ୍ନେୟାପୁରରେ ପହଞ୍ଚିଲେ। ରାତିରେ ସେ ଭଉଣୀ ଘରେ ରହୁଥିଲେ, ଆଉ ଦିନରେ ଡମ ବସ୍ତିରେ ସମୟ ବିତାଉ ଥିଲେ। ସେ ବସ୍ତିଟି ବିଡିଓଙ୍କ ଅଫିସ୍ ନିକଟରେ ଥିଲା। ବହୁ ଦିନ ପର୍ଯ୍ୟନ୍ତ ସେ ଗୋଟିଏ ଗଛ ତଳେ ବସି ଡମ ପିଲାଙ୍କ ଖେଳକୁଦକୁ ନିରୀକ୍ଷଣ କରୁଥିଲେ। ସେହି ସମୟରେ ସେଠାକାର ବିଡିଓ ଥିଲେ ଅନୀଲ କୁମାର ସିଂହ। ତାଙ୍କ ନଜର ଯିବା ଆସିବା ସମୟରେ ସଂଜୀବ କୁମାର ନଜର ପଡୁଥିଲା। ବହୁ ଦିନ ପର୍ଯ୍ୟନ୍ତ ସଂଜୀବକୁ ସେଇ ଗଛ ମୂଳରେ ବସୁଥିବା ଦେଖି ବିଡିଓ କାହିଁକି ବସୁଛ ବୋଲି ଦିନେ ପଚାରିଲେ। ସଂଜୀବ କହିଲେ, ବସ୍ତିର ପିଲାଙ୍କୁ ପଢ଼ାଇବାକୁ ହେବ। ବିଡିଓ ଭାବିଲେ ସହରୀ ଯୁବକ, ହଇରାଣ ହରକତ ହେଲେ ଆପେ ଚାଲିଯିବ। କିନ୍ତୁ ତାଙ୍କ ଧାରଣା ଭୁଲ୍ ପ୍ରମାଣିତ ହେଲା। କିଛି ଦିନ ପରେ ବିଡିଓ ଦେଖିଲେ, ସଂଜୀବ ଗୋଟିଏ ଗଛ ତଳେ ୩୦-୩୫ ଜଣ ପିଲାଙ୍କୁ ନେଇ ଶିକ୍ଷାଦାନ କରୁଛନ୍ତି। ଶ୍ରେଣୀ ଆରମ୍ଭ କରିବା ପୂର୍ବରୁ ସଂଜୀବ ନିଜ ନାମ ସହିତ 'ଡମ' ଯୋଡ଼ିଦେଲେ। ଯେଉଁ ବସ୍ତିକୁ ଲୋକେ ଯିବା ପାଇଁ ପସନ୍ଦ କରୁ ନଥିଲେ, ସେଠାରେ ସେ ବସ୍ତି ପିଲାଙ୍କୁ ନିଜେ ସ୍ନାନ କରାଉ ଥିଲେ। ଏହି ଖବର ବଡ଼ ଦ୍ରୁତ ଗତିରେ ଚାରିଆଡ଼େ ଖେଳିଗଲା। ବହୁ ଲୋକ ଆସି ସଂଜୀବର କାର୍ଯ୍ୟକୁ ଦେଖୁଥିଲେ, କେହି କେହି ତାକୁ ସାହାଯ୍ୟ କରିବା ପାଇଁ ଆଗଭର ହେଉଥିଲେ ତ ଆଉ କେହି କହୁଥିଲେ ଲୋକଟି ନିଜ ଜାତିକୁ ବୁଡ଼ାଇ ଦେଲା ! କିନ୍ତୁ ସଂଜୀବ ନିଜ କାର୍ଯ୍ୟ ପ୍ରତି ସଜାଗ ରହିଲେ; ସମାଲୋଚନାକୁ ଧ୍ୟାନ ଦେଲେ ନାହିଁ। ଦିନେ ବିଡିଓ ଅନୀଲ କୁମାର ସିଂହ ଅନୁଭବ କଲେ ଯେ ସଂଜୀବ ପ୍ରକୃତରେ ଶିକ୍ଷାଦାନ କରିବାରେ ମନ ବଳାଇଛନ୍ତି। ସେ ସଂଜୀବକୁ ଡାକି କହିଲେ, ପିଲାଙ୍କୁ ଗଛ ମୂଳରେ ନ ପଢ଼ାଇ ପଡ଼ିଶାରେ ଥିବା ଲୋହିଆ ଭବନରେ ପଢ଼ାଇବାକୁ। ସେହି ଦିନଠାରୁ ବସ୍ତିପିଲା ଲୋହିଆ ଭବନକୁ ପଢ଼ିବା ପାଇଁ ଗଲେ।

ସଂଜୀବ ଦିନଯାକ ବସ୍ତି ପିଲାଙ୍କୁ ପାଠ ପଢ଼ାଇ ସନ୍ଧ୍ୟାରେ ଭଉଣୀ ଘରକୁ ଫେରୁଥିଲେ। ଗାଁ ଲୋକେ ସଂଜୀବର ଭିଣୋଇଙ୍କ ନିକଟରେ ଅଭିଯୋଗ କଲେ ଯେ ଉଚ୍ଚ ଜାତିର ଲୋକ ହୋଇ ଡମ ବସ୍ତିରେ ରହୁଛି। ତେଣୁ ତାକୁ ବାରଣ କରାଯାଉ। ପରେ ସେ ଭଉଣୀ ଘରେ ନ ରହି ସେଠାରୁ ୭ କି.ମି. ଦୂର ନିଜ ପୈତୃକ ଗ୍ରାମରେ ଯାଇଁ ରହିଲେ। ସେଠାରୁ ସବୁଦିନ ପାଦରେ ଚାଲି ଚାଲି ଡମ ବସ୍ତିକୁ ଆସୁଥିଲେ। ପାଠପଢ଼ା ସଙ୍ଗେ ସେମାନଙ୍କୁ ଶିକ୍ଷା, ରୋଜଗାର ଆଉ ସରକାରୀ ଯୋଜନା ବିଷୟରେ ସଚେତନ କରାଉ ଥିଲେ। ସେ 'ବହିଷ୍କୃତ ହିତକାରୀ ସଂଗଠନ' ନାମରେ ଏକ ସଂସ୍ଥା ଆରମ୍ଭ କଲେ। ସେଥିରେ ପ୍ରମୁଖ ପଦ ପଦବୀର ଦାୟିତ୍ୱ ବସ୍ତି ଲୋକଙ୍କୁ ଦେଲେ। ଏହି ସଂଗଠନର ବ୍ୟାନର ତଳେ ସଂପୂର୍ଣ୍ଣ ସାମାଜର ଜାଗରଣ କାର୍ଯ୍ୟ ଆରମ୍ଭ ହେଲା।

ଏହି ସମୟରେ ସଂଜୀବର କକାପୁଅ ଭାଇକୁ କେହି ଜଣେ ହତ୍ୟା କଲା। ଦୁର୍ଭାଗ୍ୟକୁ ଏହି ହତ୍ୟା ଅଭିଯୋଗ ସଂଜୀବ ଉପରେ ଲଗାଗଲା। ସଂଜୀବର ସମସ୍ତ ସଂପର୍କୀୟ ତା'ଠାରୁ ଦୂରେଇ ରହିଲେ। ପରେ ଏହି ଅଭିଯୋଗ ମିଥ୍ୟା ପ୍ରମାଣିତ ହେଲା। ସଂଜୀବ ଗାଁ ଛାଡ଼ି ଡମ ବସ୍ତିରେ ରହିବାକୁ ଲାଗିଲେ। ସେ କହିଲେ, ଅଇଁଠା ଖାଅ ନାହିଁ, ମୃତ ଜନ୍ତୁକୁ ଉଠାଅ ନାହିଁ, ମୁଣ୍ଡରେ ମଇଳା ବୋଝେଇ କର ନାହିଁ। ତାଙ୍କ ଆହ୍ୱାନରେ ସମସ୍ତେ ଏକଜୁଟ ହୋଇ ନିଜ ଭିତରେ ପ୍ରେମ, ଏକତା, ଭ୍ରାତୃଭାବ ଆଣିଲେ। ପ୍ରଥମେ ଏହି ଲୋକମାନଙ୍କୁ ଗଙ୍ଗା ନଦୀର ମୁଖ୍ୟଧାରାରେ ସ୍ନାନ କରିବାକୁ ବାରଣ କରାଯାଉଥିଲା। ସଂଜୀବ ୨୦୦୬ ମସିହାରେ ଛଟ ପୂଜା ସମୟରେ ବହିଷ୍କୃତ ଚେତନା ମେଳା ଆରମ୍ଭ କଲେ। ପ୍ରଥମେ ମହିଳାମାନେ ଗଙ୍ଗାସ୍ନାନ କଲେ, ପରେ କଳସ ଯାତ୍ରା ହେଲା, ୭୫ ଜଣ ମହିଳା କଳସ ଯାତ୍ରାରେ ଯୋଗ ଦେଇ ଛଟ ପୂଜା କରିବାକୁ ଗଲେ।


ସଂଜୀବ ଲୋକମାନଙ୍କୁ ସଠିକ୍ ରାସ୍ତାକୁ ଆଣିଥିଲେ। କିଛି ଲୋକ ପ୍ରଲୋଭନପୂର୍ଣ୍ଣ ମିଥ୍ୟା କଥାରେ ମାଓବାଦୀ ହୋଇଥିଲେ। ସେମାନେ ବେରୋଜଗାରୀରେ ଭାରାକ୍ରାନ୍ତ ହୋଇ ମାଓବାଦୀ ସାଜିଥିଲେ। ସେ ସମସ୍ତଙ୍କୁ ସମାଜର ମୁଖ୍ୟସ୍ରୋତକୁ ଆଣିଥିଲେ। ମାଓବାଦୀମାନେ ୨୦୦୯ରେ ଗୋଟିଏ ରାତିରେ ସଂଜୀବଙ୍କୁ ଅପହରଣ କରିନେଲେ। ସେମାନେ ସଂଜୀବକୁ କହିଥିଲେ, ତୁମେ ଯେଉଁ କାମ କରୁଛ, ଠିକ୍ ନୁହେଁ, ତୁମକୁ ହତ୍ୟା କରାଯିବ। ସଂଜୀବ କିନ୍ତୁ ଭିନ୍ନ ଧାତୁରେ ଗଢ଼ା। ସେ କହିଲେ, ମୋତେ ମାରିଦିଅ ପଛେ କିନ୍ତୁ ମୁଁ ମୋ କାମ ଛାଡ଼ିବି ନାହିଁ। ପରେ ପ୍ରଶାସନର ହସ୍ତକ୍ଷେପ ଦ୍ୱାରା ସେ ମାଓବାଦୀଙ୍କ କବଳରୁ ମୁକ୍ତ ହେଲେ। ଖଗଡ଼ିଆର ଡମମାନେ ମଧ୍ୟ ସଂଜୀବକୁ ତାଙ୍କ ତ୍ରାଣକର୍ତ୍ତା ରୂପେ ମାନୁଥିଲେ। ସଂଜୀବଙ୍କ ତ୍ୟାଗ ଆଉ ତପସ୍ୟା ଯୁବ ସମାଜ ପାଇଁ ପ୍ରେରଣାଦାୟୀ ହୋଇ ରହିବ। ଦଳିତଙ୍କ ସେବାରେ ସମର୍ପିତ ହୋଇ ସେ ଦୀପଟିଏ ଭଳି ଜଳିବାକୁ ବୋଧହୁଏ ଜନ୍ମ ନେଇଥିଲେ।

ରାଧିକା ଟାୱାର,
ଟଙ୍କପାଣି ରୋଡ୍ ,ଭୁବନେଶ୍ୱର,
ମୋ: ୯୭୭୭୭୪୦୭୧

# ସଚେତନତା ଯଥେଷ୍ଟ ନୁହେଁ

ଏକ ସୁନ୍ଦର ସମାଜ ଗଠନ କରିବାର ଦାୟିତ୍ୱ ଆମ ସମସ୍ତଙ୍କର। ଏମିତି ଏକ ସମାଜ, ଯେଉଁଠି ପରସ୍ପର ବନ୍ଧୁତା ସହିତ ଶାନ୍ତ ବାତାବରଣରେ ସାମାଜିକ ମୂଲ୍ୟବୋଧର ଧାରା ପ୍ରବାହିତ ହେଉଥିବ; ସମ୍ପୂର୍ଣ୍ଣ ଭାଇଚାରାର ପରିବେଶ ସମସ୍ତଙ୍କୁ ଏକତାର ଡୋରିରେ ବାନ୍ଧିଥିବ ଏବଂ ସତ୍ୟନିଷ୍ଠ ହେବାକୁ ଅନୁକୂଳ ହୋଇଥିବ। ଆବଶ୍ୟକତା ଭିତ୍ତିରେ ସାଂସାରିକ ଜୀବନ କଟି ଯାଉଥିବ ସତ୍ ଉପାୟରେ ଧନ ଅର୍ଜନ କରି କୁଳ କୁଟୁମ୍ବଙ୍କ ହେପାଜତ ପାଇଁ। ସନ୍ତୁଷ୍ଟିରେ ଜୀବନ ବିତାଇ ସୃଷ୍ଟିର ମହତ୍ ଉଦ୍ଦେଶ୍ୟ ପୂରଣ ନିମନ୍ତେ, କାରଣ ମନୁଷ୍ୟକୁ ତା'ର କର୍ତ୍ତବ୍ୟ ସୁଚାରୁ ରୂପେ ନିର୍ବାହ କରିବାକୁ ହେବ।

ମାତ୍ର ବ୍ୟତିକ୍ରମ ଉପୁଜେ, ଯେତେବେଳେ ସ୍ୱାର୍ଥୀ ମଣିଷଟି ତା' ଝୁଡ଼ିରେ ଅଧିକ ଭରିବାକୁ




ସଞ୍ଜୀବ କୁମାର ଦାସ

ତତ୍ପର ହୁଏ। ସେଇଠି ସେ ବେଗି ବେଗି ସବୁ ଠୁଳ କରିଦିଏ ତା' ନିବୁଜ ସିନ୍ଧୁକରେ। ମୁଣ୍ଡ ଝାଳ ତୁଣ୍ଡରେ ମାରି ଅକ୍ଲାନ୍ତ ପରିଶ୍ରମ କରୁଥିବା ଲୋକଟିର ଭାଗ ଯେନତେନ ପ୍ରକାରେଣ ହଡ଼ପ କରିବାକୁ ପଛାଏ ନାହିଁ, ଯାହା ତା'ର ପ୍ରାପ୍ୟ ନୁହେଁ। ବିଶେଷତଃ, ଏହା ସରକାରୀ ପୃଷ୍ଠପୋଷକତାରେ ହେଉଥିବା ଅଧିକାଂଶ ଯୋଜନାରେ ପରିଲକ୍ଷିତ ହୁଏ।

ଏଠାରେ ଆମେ ଯେଉଁ କଥା କହିବାକୁ ଯାଉଛୁ, ତାହା ଆମ ଆଗରେ ପ୍ରତ୍ୟେକ ଦିନ ଘଟି ଯାଉଥିବା ବା ହେଉଥିବା ଘଟଣା ସମୂହ, ଯାହା ନୀତି ନିୟମର ବହୁ ଦୂରରେ। ଏହାକୁ ସମାଜର ବହୁ ଭାଗ ସହଜରେ ସହି ପାରନ୍ତି ନାହିଁ। ସେମାନେ ଦେଖନ୍ତି, କେବଳ ସେତିକି ନୁହେଁ, ବହୁ ଦିନ ଧରି ଦେଖି ଆସୁଛନ୍ତି। ସଂକ୍ଷେପରେ, ଏହା ଦୁର୍ନୀତିର କଳା ଛାୟାର କଥା। ଏହାକୁ ରୋକିବାର ଏମାନଙ୍କ ଇଚ୍ଛା ଦୃଢ଼, ମାତ୍ର ସାଧନର ଘୋର ଅଭାବ। ତଥାପି ଏମାନେ ସଂଘର୍ଷ କରନ୍ତି ପାରୁ ପର୍ଯ୍ୟନ୍ତ। ମାତ୍ର ମୁଷ୍ଟିମେୟଙ୍କ ପ୍ରବଳ ପ୍ରତିରୋଧ ଆଗରେ ଏମାନେ ସମ୍ପୂର୍ଣ୍ଣ ଅସହାୟ। ନୀତି ବହିର୍ଭୂତ କାର୍ଯ୍ୟକଳାପ ଏବେ ସୁନୀତି ଭାବେ ଉଭା ହୋଇଛି। ପ୍ରତିବାଦ ପାଇଁ ଉଦାସୀନତା କ୍ଷୀପ୍ର ଗତିରେ ବଢୁଥିବାରୁ ଦୁର୍ନୀତି ବିରୁଦ୍ଧରେ ସ୍ୱର ଉତ୍ତୋଳନକାରୀଙ୍କ ସଂଖ୍ୟା କମିବାରେ ଲାଗିଛି। ଏମାନେ ଦେଖୁଛନ୍ତି, କିଛି ନ କରି ପାରିବାରୁ ସହି ଯାଉଛନ୍ତି ଏବଂ କହିପାରୁ ନାହାନ୍ତି ଶକ୍ତି ଜୁଟେଇ, କାରଣ ଭୟର ମାତ୍ରା ଅଧିକ।

ସରକାରୀ, ବେସରକାରୀ କାର୍ଯ୍ୟାଳୟ ଏବଂ ବିଭିନ୍ନ ଅନୁଷ୍ଠାନମାନଙ୍କରେ ଦୁର୍ନୀତିର ପ୍ରାବଲ୍ୟକୁ ଆଖି ଆଗରେ ରଖି ଭାରତ ସରକାରଙ୍କ କେନ୍ଦ୍ରୀୟ ସଚେତନତା ଆୟୋଗ ୧୯୯୯ ମସିହା ଠାରୁ ପ୍ରତି ବର୍ଷ ଅକ୍ଟୋବର ମାସ ଶେଷ ସପ୍ତାହର ମଧ୍ୟଭାଗରୁ ନଭେମ୍ବର ମାସ ପ୍ରଥମ ସପ୍ତାହର ମଧ୍ୟଭାଗ ପର୍ଯ୍ୟନ୍ତ ଦୁର୍ନୀତି ନିବାରଣ ସପ୍ତାହ ବା ସତର୍କତା ସଚେତନତା ସପ୍ତାହ ପାଳନ କରି ଆସୁଛନ୍ତି। ଚଳିତ ବର୍ଷ ଏହା ଅକ୍ଟୋବର ୨୮ ତାରିଖରୁ ନଭେମ୍ବର ୩ ତାରିଖ ଭିତରେ ପାଳିତ ହୋଇ ଯାଇଛି। ଏହି ସପ୍ତାହ ମଧ୍ୟରେ, ଅର୍ଥାତ୍ ଅକ୍ଟୋବର ୩୧ ତାରିଖ ହେଉଛି ଭାରତର ବିସ୍ମାର୍କ କୁହାଯାଉଥିବା ଲୌହମାନବ ଭାରତରତ୍ନ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜନ୍ମଦିନ। ତାଙ୍କ ସମ୍ମାନରେ ପାଳିତ ହେଉଥିବା ଏହି ସପ୍ତାହ ପାଇଁ ବିଗତ ୨୫ ବର୍ଷ ଧରି ଭିନ୍ନ ଭିନ୍ନ ବିଷୟକୁ 'ଥିମ୍' କରା ଯାଇଛି। ଏ ବର୍ଷର ପ୍ରସଙ୍ଗ ଥିଲା- 'ରାଷ୍ଟ୍ରର ସମୃଦ୍ଧି ନିମନ୍ତେ ସତ୍ୟନିଷ୍ଠାର ସଂସ୍କୃତି।'

ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଦେଶ ସାରା ସପ୍ତାହ ବ୍ୟାପି କାର୍ଯ୍ୟକ୍ରମ ଜରିଆରେ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନାଚକ୍ର ସହିତ ତର୍କ ବିତର୍କ ପ୍ରତିଯୋଗିତା ସଙ୍ଗେ ସଙ୍ଗେ ଗଣମାଧ୍ୟମରେ ଜନତାଙ୍କୁ ସଚେତନ କରାଯାଉଛି। ସରକାରୀ, ବେସରକାରୀ କାର୍ଯ୍ୟାଳୟ ଏବଂ ଅନୁଷ୍ଠାନମାନଙ୍କରେ ଦୁର୍ନୀତି ନିବାରଣ ନିମନ୍ତେ ଠୋସ ପଦକ୍ଷେପ ନେବାକୁ ଶପଥ ପାଠ କରାଯାଉଛି। କେଉଁଠି କେଉଁଠି ପଥପ୍ରାନ୍ତ ନାଟକ ଜରିଆରେ ଦୁର୍ନୀତିର କାୟାକଳ୍ପକୁ ସାଧାରଣ ଜନତାଙ୍କ ସାମ୍ନାରେ ରଖାଯାଉଛି। ଦୁର୍ନୀତି ରୂପୀ ରାକ୍ଷସ ବିକାଶର ପ୍ରଥମ ଓ ଭୟଙ୍କର ଶତ୍ରୁ ବୋଲି ବାର୍ତ୍ତା ମଧ୍ୟ ଗଣମାଧ୍ୟମରେ ପ୍ରଚାରିତ ହେଉଛି। ସବୁ ସ୍ତରରେ ପର୍ଯ୍ୟାପ୍ତ ଅର୍ଥ ବ୍ୟୟ କରାଯାଉଛି ପ୍ରଚାର ଓ ପ୍ରସାର ପାଇଁ। କିନ୍ତୁ ଆଶାନୁରୂପ ସଫଳତା ମିଳୁନାହିଁ। ସଜାଗତା ଅର୍ଥାତ୍ ସଚେତନତା ପର୍ଯ୍ୟାପ୍ତ ନୁହେଁ ବୋଲି ପ୍ରତୀୟମାନ ହେଉଛି। ତେବେ ଆଶା ରହିଛି, ପ୍ରତିରୋଧକୁ ଆହୁରି ଶାଣିତ କରାଯାଇ ପାରିବ।




ପରିତାପର ବିଷୟ, ଦୁର୍ନୀତିର କରାଳ ରୂପର ପ୍ରତିଫଳନ ଆମେ ପ୍ରତିକ୍ଷଣ ଦେଖୁଛୁ ଗଣମାଧ୍ୟମରେ। ବିଶେଷତଃ ସରକାରୀ କର୍ମଚାରୀ-ତଳୁ ଉପର ଯାଏଁ ଭିଜିଲାନ୍ସ ଜାଲରେ, କୋଟି କୋଟି ଟଙ୍କା ଆୟ ବହିର୍ଭୂତ ସମ୍ପତ୍ତି ହେଉଛି ଜବତ। ଅମାପ ଧନ ସମ୍ପଦର କୁବେର ମାଲିକମାନଙ୍କ କାରନାମା ଛାପା ଓ ବୈଦ୍ୟୁତିକ ଗଣମାଧ୍ୟମର ଶିରୋନାମାରେ ଝଟକୁଛି। ଏ ବିଡ଼ମ୍ବନା ପାଇଁ କାହାକୁ ଦାୟୀ କରିବା !

ପ୍ରଶ୍ନ ଖୁବ୍ ସହଜ, ମାତ୍ର ଉତ୍ତର ମିଳିବ ନାହିଁ ଏତେ ସହଜରେ। କାରଣ ଖୋଜି ପାଇଥିବା ବିଶେଷଜ୍ଞ କୁହନ୍ତି, ଏସବୁ ଲୋଭର ଫଳ। ନିଜକୁ ସମାଜରେ ପ୍ରତିଷ୍ଠିତ କରି ସମସ୍ତ ସୁଖ ସମ୍ଭୋଗରେ ଜୀବନ କାଟିବାକୁ ଅଭିଳାଷ ରଖିଥିବା ଲୋକଟି ନୀତି ଅନୀତି କିଛି ଦେଖେନାହିଁ। ଧନ ଅର୍ଜନ ତା'ର କେବଳ ଏକମାତ୍ର ଲକ୍ଷ୍ୟ ହୋଇଥିବାରୁ ନୈତିକତା ତା' ପାଇଁ କୌଣସି ଅର୍ଥ ରଖେନାହିଁ। ବଡ଼କଥା ହେଲା, ଏସବୁକୁ ବୁଝିବା ପାଇଁ ତା' ପାଖରେ ନା ଥାଏ ସମୟ, ନା ମୂଲ୍ୟବୋଧର ପରିଭାଷା। ସେଇଥିପାଇଁ ଭିଜିଲାନ୍ସ ଜାଲରେ ପଡ଼ି ଦଣ୍ଡିତ ହୋଇଥିବା ଅନେକଙ୍କୁ ଦେଖି ମଧ୍ୟ କାହାର ଶୁଭ ବୁଦ୍ଧି ଉଦୟ ହୁଏ ନାହିଁ। ଅତଏବ, ଏକଥା ନିର୍ଧାର୍ଯ୍ୟ ଯେ ସଚେତନତା ଦୁର୍ନୀତିର ମଜଭୁତ ଚେରକୁ କସ୍ମିନ୍ କାଳେ ଦୋହଲାଇ ପାରିବ ନାହିଁ।

ଆଶ୍ଚର୍ଯ୍ୟ ହେବାକୁ ପଡ଼େ, କେଉଁ ଅନାଦି କାଳରୁ ଏହି ଦୁର୍ନୀତିର କଳା ଛାଇ ଆମକୁ ଆଚ୍ଛାଦିତ କରି ରଖିଛି ଯେ ଆମେ ସେହି ଗମ୍ଭୀରି ଭିତରୁ ମୁକୁଳି ପାରୁନାହୁଁ ! ନୀତି ନିର୍ଦ୍ଧାରଣକାରୀଙ୍କଠାରୁ ଆରମ୍ଭ କରି ସଜାଗ ଜନ ସମୂହ କହିବାକୁ ଆରମ୍ଭ କଲେ ହୁଏତ ଏହି ଭୟଙ୍କର ଦାନବର ପ୍ରାଦୁର୍ଭାବ କିଛି କମିପାରେ, ଯଦିଓ ଏହାର ମୂଳୋତ୍ପାଟନ କଦାପି ସମ୍ଭବ ନୁହେଁ। କାରଣ କର୍କଟ ରୋଗ ସଦୃଶ ଏହା ଆମ ସମାଜ ଶରୀରରେ ଚାରି ଆଡ଼କୁ ମାଡ଼ି ଗଲାଣି। ତେବେ ଲୋକ ଲୋଚନକୁ ଆସୁଥିବା କୋଟି କୋଟି ଟଙ୍କାର ଦୁର୍ନୀତି ଜରିଆରେ ଆୟକୁ ବ୍ୟାଜ୍ୟାପ୍ତି କରାଯାଇ ସମୂହ ସ୍ୱାର୍ଥ ନିମନ୍ତେ ବିନିଯୋଗ ଏବଂ ଦୋଷୀକୁ ଆଖିଦୃଶିଆ ଦଣ୍ଡ ପ୍ରଦାନ ଦୁର୍ନୀତି ନାମକ ବ୍ୟାଧିରେ ମହୌଷଧି ନହେଲେ ବି ମଲମ ଭଳି କାମ କରିପାରେ। ଏବେ ଆମ ପାଖରେ ଦୁଇଟି ବିକଳ୍ପ: ଦେଖି ସହିଯିବା ନା କହିବା ପାଇଁ ଆଗକୁ ଆସି ସମୂହ ସତ୍ୟ ସ୍ୱରର ଭାଗିଦାର ହେବା ! ନଚେତ୍ ଆମ ଭିତରେ ନିଷ୍ପେଷିତ ଏକ ବୃହତ୍ ଗୋଷ୍ଠୀ ଦୁର୍ନୀତିର ପାପ ଭାରକୁ ମୁଣ୍ଡେଇ ପାରିବ ନାହିଁ।

ଉପସଂହାରରେ କୁହାଯାଇପାରେ ଯେ ବ୍ୟବସ୍ଥାର ସୁରକ୍ଷା ଏବଂ ସଠିକ୍ ପରିଚାଳନା ପାଇଁ ସଚେତନତା ସହ ବଳିଷ୍ଠ ପଦକ୍ଷେପ ଦ୍ୱାରା ଶାସନତନ୍ତ୍ରରେ ବସା ବାନ୍ଧି ରହିଥିବା ଦୁର୍ନୀତି ଘୁଣକୁ ଯଥା ଶୀଘ୍ର ନିର୍ମୂଳ କରିବାର ପନ୍ଥା ନିର୍ଦ୍ଧାରଣ କରିବାର ମାର୍ଗ ସନ୍ଧାନ ପାଇଁ ପ୍ରୟାସ କରିବାକୁ ହେବ। ଏହି ଗୁରୁ ଦାୟିତ୍ୱ ଆମ ସମସ୍ତଙ୍କର। ଉତ୍କୋଚ ଦାନ ଏବଂ ଗ୍ରହଣ ଉଭୟ ଦଣ୍ଡନୀୟ ଅପରାଧ ହୋଇଥିବାରୁ ଦାତା ଏବଂ ଗ୍ରହୀତା ଏହାକୁ ସଠିକ୍ ଭାବେ ହୃଦୟଙ୍ଗମ କରି ପାରିଲେ ଆମ ସାମଗ୍ରିକ ବ୍ୟବସ୍ଥାରେ ବ୍ୟାପକ ପରିବର୍ତ୍ତନ ଅବଶ୍ୟ ସମ୍ଭବ ହେବ, ଏଥିରେ ଦ୍ୱିମତ ନାହିଁ।

ଭଦ୍ରକ, ମୋ: ୬୩୭୧୬୧୯୦୦୫

## ନାବାଳିକା ଉଦ୍ଧାର, ଅପହରଣକାରୀ ଗିରଫ

**କିଶୋରନଗର,୯।୧୧/ଏନ୍‌ଏନ୍‌ଏସ୍:** ଦୁଇମାସ ତଳେ କିଶନନଗର ଥାନା ସୋମପୁର ପଞ୍ଚାୟତ ଅଞ୍ଚଳର ଜଣେ ନାବାଳିକାକୁ ସ୍କୁଲ ଯିବା ବାଟରେ ଅପହରଣ ହୋଇଥିବା ବେଳେ ପୁଲିସ ଦିଲ୍ଲୀରୁ ନାବାଳିକାଙ୍କ ସହ ଅପହରଣକାରୀ ଯୁବକକୁ ଉଦ୍ଧାର କରି ଯୁବକକୁ ଶନିବାର କୋର୍ଟଚାଲାଣ କରିଥିବା ଜଣାପଡ଼ିଛି। ଅଭିଯୁକ୍ତ ଜଣକ କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇର ଅନନ୍ତ ମଲ୍ଲିକ ହୋଇଥିବା ବେଳେ ଉଭୟଙ୍କୁ ପୁଲିସ ଦିଲ୍ଲୀରୁ ଧରିଥିଲା।

# ଆଜି ଅଁଳାନବମୀ, ଶ୍ରୀରାଧାଙ୍କ ପାଦ ଦର୍ଶନ

**ସାକ୍ଷୀଗୋପାଳ,୯।୧୧/ଏନ୍‌ଏନ୍‌ଏସ୍:** ରବିବାର ଅଁଳାନବମୀ। ବର୍ଷକୁ ଥରେ ସାକ୍ଷୀଗୋପାଳ ମନ୍ଦିରରେ ଜଗଦ୍ଧାତ୍ରୀ ମା' ଶ୍ରୀରାଧା ଓଡ଼ିଆଣୀ ବେଶରେ ଦୁର୍ଲ୍ଲଭଦର୍ଶନ ଦେବେ। ସେହିପରି ସାକ୍ଷୀଗୋପାଳ ଠାକୁର ରାଧାଦାମୋଦର ବେଶରେ ନୃତ୍ୟରତ ଭଙ୍ଗିରେ ଶୋଭାପାଇବେ। ଏହି ଅବସରରେ ରାଜ୍ୟ ତଥା ରାଜ୍ୟ ବାହାରୁ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିବ। ଏଥିପାଇଁ ପୁରୀ ଜିଲ୍ଲା ପ୍ରଶାସନ ସହିତ ସତ୍ୟବାଦୀ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତିକୁ ନେଇ ସାକ୍ଷୀଗୋପାଳ ଚଳଚଞ୍ଚଳ ହୋଇଛି। ଶୃଙ୍ଖଳିତ ଦର୍ଶନ ଓ ସୁରକ୍ଷା ବ୍ୟବସ୍ଥା

### ସକାଳ ୬ଟାରୁ ସାହଣମେଲା ଦର୍ଶନ, ୨୦ପ୍ଲାଟୁନ୍ ଫୋର୍ସ ମୁତୟନ

କଡାକଡି କରାଯାଇଛି। ଶାନ୍ତିଶୃଙ୍ଖଳାରେ ମନ୍ଦିର ସମ୍ମୁଖରେ ନିର୍ମିତ ଛାୟାପ୍ରଦ ବାରିକେଟ ମଧ୍ୟରେ ଶ୍ରଦ୍ଧାଳୁ ମାନେ ସିଂହଦ୍ୱାର ଦେଇ ପ୍ରବେଶ କରିବେ। ଦୀପଦାନଠାରୁ ଦର୍ଶନ, ଅଁଳା ବୃକ୍ଷ ପରିକ୍ରମା ଓ ପୂଜାର୍ଚ୍ଚନା ପରେ ଉତ୍ତର ଦ୍ୱାରରେ ପ୍ରସ୍ଥାନ କରିବା ପାଇଁ ବ୍ୟବସ୍ଥା କରାଯାଇଛି। କୋଟ ଉପର ପଡ଼ିଆରେ କାର୍ ପାର୍କିଙ୍ଗ୍ ସ୍ଥଳରୁ ସିନିୟର ସିଟିଜେନ୍ ଓ ଭିନ୍ନକ୍ଷମମାନଙ୍କୁ ବ୍ୟାଟେରୀ ଚାଳିତ ଗାଡ଼ିରେ ମନ୍ଦିର ନିକଟରେ ପହଞ୍ଚାଇବା ସହିତ ଦର୍ଶନ ସୁବିଧା କରାଯାଇଛି। ଘଣ୍ଟା ଘଣ୍ଟା ଧରି ଲମ୍ବା ଧାଡିରେ ରହୁଥିବା ଶ୍ରଦ୍ଧାଳୁଙ୍କ ଉପରେ ଜଳ ସିଞ୍ଚନ, ପାନୀୟ ଜଳ ଓ ବିଶ୍ରାମ ସ୍ଥଳ ରହିଛି। ମନ୍ଦିରକୁ ରଙ୍ଗ ବେରଙ୍ଗ ଆଲୋକ ଓ ଫୁଲମାଳରେ ସଜ୍ଜା ଯାଇଛି। ଗୋଷ୍ଠାଷ୍ଟମୀ ଠାରୁ ପଞ୍ଚସଖା ମୁକ୍ତାକାଶ ରଙ୍ଗମଞ୍ଚରେ ୩ ଦିନ ବ୍ୟାପି ଆୟୋଜିତ ଶ୍ରୀ ରାଧା ଉତ୍ସବ ସନ୍ଧ୍ୟାରେ

### ୩ ଦିନ ବ୍ୟାପି ଶ୍ରୀ ରାଧା ଉତ୍ସବ ଶନିବାର ସନ୍ଧ୍ୟାରେ ଉଦ୍‌ଘାଟିତ



ଉଦ୍‌ଘାଟିତ ହୋଇଯାଇଛି। ସନ୍ଧ୍ୟାରେ ଆୟୋଜିତ ଉତ୍ସବ କାର୍ଯ୍ୟକ୍ରମକୁ ବିଧାୟକ ଓମ ପ୍ରକାଶ ମିଶ୍ର ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି ଉଦଘାଟନୀ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ସୁନୀଲ କୁମାର ପଣ୍ଡା, ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ, ବିଡ଼ିଓ ଲିପ୍ସା ରାୟ ଓ ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ମେଳା ପଡିଆରେ ପଲ୍ଲିଶ୍ରୀ ମେଳା ପ୍ରଦର୍ଶନ ମଣ୍ଡପ ଖୋଲାଯାଇଛି। ଭିଡ଼ରେ ଅପରାଧ ରୋକିବା ନିମନ୍ତେ ମନ୍ଦିର ପରିସର ବାହାରେ ସିସିଟିଭି କ୍ୟାମେରା ଲଗାଯାଇଛି। ଡ଼ଗ୍ ସ୍କାଡ ଓ ବୋମା ନିଷ୍କ୍ରିୟ କାରୀ ଦଳ ସହିତ ମନ୍ଦିର ସିଂହଦ୍ୱାର ରେ ମେଟାଲ ଡିଟେକ୍ଟର ଲଗାଯାଇଛି। ସମସ୍ତ ସୁରକ୍ଷା ବ୍ୟବସ୍ଥା ଅନୁଧ୍ୟାନ କରିବା ପାଇଁ ପୁରୀ ଆରକ୍ଷୀ ଅଧିକ୍ଷକ ଭିନୀତ ଅଗ୍ରୱାଲ ଅପରାହ୍ନ ରେ ସାକ୍ଷୀଗୋପାଳ ପରିଦର୍ଶନ କରି ସମୀକ୍ଷା କରିଛନ୍ତି। ବିଭିନ୍ନ ସ୍ଥାନରେ ୩ଜଣ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ, ୮ଜଣ ଉପ ଆରକ୍ଷୀ ଅଧିକ୍ଷକ, ୧୮ଜଣ ଆରକ୍ଷୀ ନିରୀକ୍ଷକ, ୭୪ଜଣ ଏସ୍‌ଆଇ, ୧୦୦ଜଣ ହାବିଲଦାର ଓ କନ୍‌ଷ୍ଟେବଲ, ୨୦୦ଜଣ ଗୃହରକ୍ଷୀ ସମେତ ୨୦ ପ୍ଲାଟୁନ୍ ଫୋର୍ସ ମୁତୟନ ହୋଇଥିବା ଜଣାପଡ଼ିଛି।

## ଚତୁର୍ଥ ଅକ୍ଷୟ ସ୍ମାରକୀ ଉପନ୍ୟାସ ପୁରସ୍କାର ଘୋଷିତ

**ଭୁବନେଶ୍ୱର,୯।୧୧/ଏନ୍‌ଏନ୍‌ଏସ୍:** ଆଦ୍ୟା ପ୍ରକାଶନୀର ପ୍ରତିଷ୍ଠାତା ତଥା ବିଶିଷ୍ଟ ମୁଖ୍ୟମନ୍ତ୍ରୀ ଅକ୍ଷୟ ଚନ୍ଦ୍ର ରାୟଙ୍କ ପୁଣ୍ୟ ସ୍ମୃତିରେ ପ୍ରତିଭା ରାୟ ଟ୍ରଷ୍ଟ ଓ ଆଦ୍ୟା ପ୍ରକାଶନୀ ପକ୍ଷରୁ ୨୦୨୪ ପାଇଁ ଚତୁର୍ଥ 'ଅକ୍ଷୟ ସ୍ମାରକୀ ଉପନ୍ୟାସ ପୁରସ୍କାର' ପ୍ରଦାନ କରାଯିବ। ପଚାଶ ବର୍ଷରୁ କମ୍ ଲେଖକଙ୍କଠାରୁ ପ୍ରାପ୍ତ ୧୬ଟି ଉପନ୍ୟାସ ମଧ୍ୟରୁ ୬ଟି ଉପନ୍ୟାସକୁ ପ୍ରଥମ ପର୍ଯ୍ୟାୟରେ ବିଚାରକୁ ନିଆଯାଇଥିଲା। ବିଚାରକମଣ୍ଡଳୀ ସେଥି ମଧ୍ୟରୁ ପେନ୍ ଇନ୍ ବୁକ୍‌ସ୍, ଭୁବନେଶ୍ୱରଙ୍କ ଦ୍ୱାରା ପ୍ରକାଶିତ ଶୁଭ୍ରାଂଶୁ ପଣ୍ଡାଙ୍କ ସାମାଜିକ ଉପନ୍ୟାସ 'ଇତର'କୁ ପୁରସ୍କାର ନିମନ୍ତେ ମନୋନୀତ କରିଛନ୍ତି। ପୁରସ୍କାର ଉତ୍ସବ ଡିସେମ୍ବର ୧୬ତାରିଖ ସୋମବାର ସଂଧ୍ୟା ୬ଟାରେ ଜୟଦେବ ଭବନଠାରେ ଅନୁଷ୍ଠିତ ହେବ। ପୁରସ୍କୃତ ଲେଖକଙ୍କୁ ମାନପତ୍ର ଓ ସ୍ମାରକୀ ସହ ୫୧ହଜାର ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯିବ ବୋଲି ଟ୍ରଷ୍ଟର ଉପସଭାପତି ଡ. ଆଦ୍ୟାଶା ଦାସ କହିଛନ୍ତି। ଲେଖକ, ଲେଖିକା ଓ ସାହିତ୍ୟପ୍ରେମୀମାନଙ୍କୁ ଏହି ପୁରସ୍କାର ଉତ୍ସବରେ ଉପସ୍ଥିତ ରହିବା ପାଇଁ ବିନମ୍ର ଅନୁରୋଧ କରାଯାଇଛି।

## ବାବା ବାଙ୍କେଶ୍ୱରଙ୍କ ପୀଠରେ ମହାକ୍ଷୀରସାଗର ମେଳା

**ଗୋପ,୯।୧୧/ଏନ୍‌ଏନ୍‌ଏସ୍:** ଶନିବାର ଗୋପ ବ୍ଲକ୍ ଅଧୀନ ବଣିଆସାହି ପଞ୍ଚାୟତସ୍ଥିତ ପ୍ରସିଦ୍ଧ ଶୈବପୀଠ ବାବା ବାଙ୍କେଶ୍ୱରଙ୍କ ପୀଠରେ ମହାକ୍ଷୀରସାଗର ମେଳା ଅନୁଷ୍ଠିତ ହୋଇଥିବାବେଳେ ୫ହଜାର ଲିଟର କ୍ଷୀରରେ ବାବା ସ୍ନାନ କରିଥିବା ଜଣାପଡ଼ିଛି। ଶନିବାର ପ୍ରତ୍ୟୁଷରୁ ଠାକୁରଙ୍କ ସ୍ନାନ, ଧୂପ, ନୈବେଦ୍ୟ ପରେ ଖେଚୁଡ଼ି ଭୋଗ କରାଯାଇ ଭକ୍ତଙ୍କ ଲାଗି ସାହାଣ ମେଳା ଦର୍ଶନ କରାଯାଇଥିଲା। ପରେ ହୋମ ଯଜ୍ଞ କରାଯାଇ ବାବା ବାଙ୍କେଶ୍ୱରଙ୍କୁ କ୍ଷୀର ଲାଗି କରାଯାଇଥିଲା। ଏହି ସମୟରେ ହରିବୋଲ, ହୁଳହୁଳି, ଘଣ୍ଟ ଘଣ୍ଟା ଶଙ୍ଖ ମର୍ଦ୍ଦଳ ଧ୍ୱନିରେ ପୀଠ ପ୍ରକମ୍ପିତ ହୋଇଥିଲା। ପରେ ଭକ୍ତମାନଙ୍କୁ କ୍ଷୀରି ପ୍ରସାଦ ବଣ୍ଟନ କରାଯାଇଥିଲା। ଯାଦବ ଭାଇମାନଙ୍କ ଦ୍ୱାରା ଓଗାଳ, ଲଉଡ଼ି ଖେଳ ଆଦି କରାଯାଇଥିବା ବେଳେ ସଂକୀର୍ତ୍ତନ, ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ ମହାକ୍ଷୀରସାଗର ମେଳା ପରିଚାଳନା ପରିଷଦ, ଆଞ୍ଚଳିକ ଦୁଗ୍ଧ ସଂଗ୍ରହକାରୀ ଯାଦବ ବନ୍ଧୁମାନେ ପରିଚାଳନାରେ ସହଯୋଗ କରିଥିଲେ।

## ଆଦର୍ଶ ପ୍ରଧାନଶିକ୍ଷକଙ୍କ ସ୍ମୃତିରେ ସମ୍ବର୍ଦ୍ଧନା ସମାରୋହ

**ମାହାଙ୍ଗା,୯।୧୧/ଏନ୍‌ଏନ୍‌ଏସ୍:** ମାହାଙ୍ଗା ବ୍ଲକ ଅନ୍ତର୍ଗତ ମଉଦା ଗ୍ରାମର ଆଦର୍ଶ ପ୍ରଧାନଶିକ୍ଷକ ସ୍ୱର୍ଗତ ବୀର କିଶୋର ପଣ୍ଡାଙ୍କ ଷୋଡଶାହ ଦିବସ ଅବସରରେ ଏକ ସମ୍ବର୍ଦ୍ଧନା ସମାରୋହ ବରିଷ୍ଠ ନାଗରିକ ଜନକଲ୍ୟାଣ ମଞ୍ଚ ନୁର୍ତାଙ୍ଗ ପକ୍ଷରୁ ମଉଦାଠାରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଂପାଦକ ମାଧବ ଚନ୍ଦ୍ର ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଅତିଥିଭାବେ ଚୌଧୁରୀ ଭାବଗ୍ରାହୀ ମିଶ୍ର, ନରେନ୍ଦ୍ର ନାଥ ଶତପଥି, ସମାଜସେବୀ ଶ୍ୟାମସୁନ୍ଦର ସ୍ୱାଇଁ, ବିଷ୍ଣୁଚରଣ ପଣ୍ଡା, ଜଳଧର ପରିଡା, ସୁରେନ୍ଦ୍ର ମାଢେଇ, ଚନ୍ଦ୍ରକାନ୍ତ ପଣ୍ଡା, ରଞ୍ଜନ କୁମାର ଚୌଧୁରୀ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ପଣ୍ଡା ଏକାଧାରରେ ଜଣେ ଲେଖକ, ସୁସାହିତ୍ୟିକ ଓ ଆଦର୍ଶ ଶିକ୍ଷକ ଭାବେ ବେଶ ପରିଚିତ ଥିଲେ ବୋଲି କହିବା ସହ ତାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଶିବପ୍ରସାଦ ଦାଶ, ଆରତି ପଣ୍ଡା, ପୁତ୍ର ରବି ନାରାୟଣ ପଣ୍ଡା, ଛବିଲତା ରଥ, ଡକ୍ଟର ମୃତ୍ୟୁଞ୍ଜୟ ପଣ୍ଡା, ରିଙ୍କୁ ପଣ୍ଡା, ଶରତ ଚନ୍ଦ୍ର ମିଶ୍ର, ସୋମ୍ୟଶ୍ରୀ ଦାଶ, ସ୍ମିତାଶ୍ରୀ ଦାଶ, ଶୁଭଶ୍ରୀ ଦାଶ, ସୁଶ୍ରୀ ଦାଶ, ରବୀନ୍ଦ୍ର ଦାଶ, ମିନତୀ ମିଶ୍ର, ପ୍ରଣତି ପଣ୍ଡା, ପ୍ରଭାତୀ ପଣ୍ଡା, କୁଳଦ୍ୟୁତି ପଣ୍ଡା, ପ୍ରଶାନ୍ତ ପ୍ରହରାଜ, ଦେବ ଦାଶ ପ୍ରମୁଖ ଉପସ୍ଥିତ ରହି ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ସମାଜରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ୨୦ ଜଣ ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା।

## କେଏସ୍‌ବି ପବ୍ଲିକ ସ୍କୁଲରେ ବିଜ୍ଞାନମେଳା

**ଶରଣକୁଳ,୯।୧୧/ଏନ୍‌ଏନ୍‌ଏସ୍:** ଶରଣକୁଳ କେଏସ୍‌ବି ପବ୍ଲିକ ସ୍କୁଲରେ ଶନିବାର ବିଦ୍ୟାଳୟସ୍ତରୀୟ ପିଲାଙ୍କ ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି। ଏହି ବିଜ୍ଞାନମେଳାକୁ ବିଦ୍ୟାଳୟର ସମ୍ପାଦକ ପ୍ରଶାନ୍ତ କୁମାର ଦାଶ ଓ ଅଧ୍ୟକ୍ଷ ନୀଳମାଧବ ତ୍ରିପାଠୀ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ସର୍ବକନିଷ୍ଠ, କନିଷ୍ଠ ଓ ବରିଷ୍ଠ ଏହିପରି ତିନିଗୋଟି ବିଭାଗରେ ମୋଟ ୮୨ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିବା ବେଳେ ସେଥିମଧ୍ୟରୁ ୧୦ଟି ପ୍ରକଳ୍ପ ଶିକ୍ଷା ପରିଷଦ ଦ୍ୱାରା ଆୟୋଜିତ ରାଜ୍ୟସ୍ତରୀୟ ବିଜ୍ଞାନମେଳାକୁ ମନୋନୀତ ହୋଇଛି। ଅପରାହ୍ନରେ ବିଦ୍ୟାଳୟର ସଭାପତି ମନୋରଞ୍ଜନ ଦାଶଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ଅବସରପ୍ରାପ୍ତ ବ୍ଲକ ଶିକ୍ଷା ଅଧିକାରୀ ନିମାଇଁ ଚରଣ ପ୍ରଧାନ ମୁଖ୍ୟ ଅତିଥି ରୂପେ ଯୋଗଦେଇ ବିଜ୍ଞାନମେଳା ଶିଶୁମାନଙ୍କ ବିଜ୍ଞତାର ପରିଚୟ ଦେଇଥାଏ ବୋଲି ମତବ୍ୟକ୍ତ କରିଥିଲେ। ବିଜ୍ଞାନଶିକ୍ଷକ ତଥା ସ୍ତମ୍ଭକାର ଲକ୍ଷ୍ମୀଧର ସାହୁ ମୁଖ୍ୟବକ୍ତା ରୂପେ ଯୋଗଦେଇଥିଲେ। ଶିକ୍ଷକ ପ୍ରଦୀପ କୁମାର ସାହୁ, ବିଶ୍ୱନାଥ ସାହୁ ସମ୍ମାନିତ ଅତିଥି ରୂପେ ଯୋଗଦେଇଥିବା ବେଳେ ସମ୍ପାଦକ ଶ୍ରୀ ଦାଶ ବିଜ୍ଞାନମେଳାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ତିନିଗୋଟି ବିଭାଗରୁ ମନୋନୀତ ୧୨ଟି ପ୍ରକଳ୍ପ ପ୍ରସ୍ତୁତକାରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ବିଦ୍ୟାଳୟର ସମସ୍ତ ଗୁରୁଜୀଗୁରୁମାଙ୍କ ସହିତ ସ୍କାଉଟ୍ସ ଓ ଗାଇଡ୍‌ସମାନେ ସହଯୋଗ କରିଥିଲେ।

## ଶିକ୍ଷାବିତ୍ ବି. ରଙ୍ଗନାଥନ୍‌ଙ୍କ ୧୧୭ତମ ଜୟନ୍ତୀ ପାଳିତ



**ଚିଲିକା,୯।୧୧/ଏନ୍‌ଏନ୍‌ଏସ୍:** ଓଡ଼ିଶାର ବିଶିଷ୍ଟ ଶିକ୍ଷାବିତ୍, ଇଂରାଜୀ ଭାଷା ତତ୍ତ୍ୱବିତ୍ ତଥା ନାରୁଣୀ ମହାବିଦ୍ୟାଳୟର ପ୍ରାକ୍ତନ୍ ଅଧ୍ୟକ୍ଷ ବି. ରଙ୍ଗନାଥନ୍ ୧୧୭ତମ ଜୟନ୍ତୀ ରାଜ୍ୟ ପୂଜ୍ୟପୂଜା ସଂସଦ ଚିଲିକା ଶାଖା ଆନୁକୂଲ୍ୟରେ ପାଳିତ ହୋଇ ଯାଇଅଛି। ପ୍ରାରମ୍ଭରେ ସ୍ୱର୍ଗତ ବି. ରଙ୍ଗନାଥନ୍ ତୈଳ ଚିତ୍ରରେ ଧୂପ ପୁଷ୍ପ ଅର୍ପଣ କରାଯିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ବରିଷ୍ଠ ନାଗରିକ ସଂଘର ସଭାପତି ଅଶ୍ୱିନୀ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଜୟନ୍ତୀ ସଭାରେ କାଳିଜାଈ କଲେଜର ପ୍ରାକ୍ତନ ଅଧ୍ୟକ୍ଷ ତଥା ଜଗୃତିକାର ସଭାପତି ଗଙ୍ଗାଧର ପ୍ରଧାନ, ଗାୟକ ଦକ୍ଷିଣକେଶରୀ ରାମଚନ୍ଦ୍ର କର, ଅଧ୍ୟାପକ ଗୋଲକ ବିହାରୀ ବାରିକ, ଯୁବଜ୍ୟୋତି ହାଇସ୍କୁଲର ପ୍ରଧାନଶିକ୍ଷକ ଆଶିଷ କୁମାର ପତି, ପ୍ରାକ୍ତନ ଲାଇବ୍ରେରୀଆନ୍ ରାମଚନ୍ଦ୍ର ମାର୍ଥା, ଶିକ୍ଷକ ଦୁର୍ଯ୍ୟୋଧନ ପ୍ରଧାନ, ଅଧ୍ୟାପକ ବିଶ୍ୱଭୂଷଣ ରଥ, ଶିକ୍ଷକ ପଠାଣି ବଳବନ୍ତରାୟ, ପଣ୍ଡିତ ଭବାନୀ ଶଙ୍କର ମହାପାତ୍ର, ଶିକ୍ଷକ ସୁରେନ୍ଦ୍ର ନାଥ ସ୍ୱାଇଁ, ଶିକ୍ଷକ ବିଭୂତି ଭୂଷଣ ଦାଶ, ଭରତ ଚନ୍ଦ୍ର ସାହୁ, ରମେଶ ଚନ୍ଦ୍ର ଭୋଳ, ଦୁର୍ଯ୍ୟୋଧନ ବେହେରା ଓ ଶରତ କୁମାର ଶତପଥୀ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ବି. ରଙ୍ଗନାଥନ୍‌ଙ୍କୁ ଜଣେ ଦକ୍ଷ ପ୍ରଶାସକ ଭାବେ ଅଭିହିତ କରିବା ସହ ସେ ଜଣେ ସତ୍ୟନିଷ୍ଠ, କର୍ତ୍ତବ୍ୟ ପରାୟଣତା ଓ ସମୟାନୁବର୍ତ୍ତିତାର ମୂର୍ତ୍ତିମନ୍ତ ପ୍ରତୀକ ଥିଲେ ବୋଲି ବକ୍ତାମାନେ ମତ ଦେଇଥିଲେ। ପରିଶେଷରେ ଚିଲିକା ପୂଜ୍ୟପୂଜା ସଂସଦର ସଭାପତି ଦିଲ୍ଲୀପ କୁମାର ଶତପଥୀ ଧନ୍ୟବାଦ ପ୍ରଦାନ କରିଥିଲେ।

## ୨୧ରୁ ମଣ୍ଡିରେ ଧାନକିଣା ଆରମ୍ଭ, ଚିନ୍ତାରେ ଚାଷୀ


**କୁଆଁପାଳ,୯।୧୧/ଏନ୍‌ଏନ୍‌ଏସ୍:** ଆସନ୍ତା ୨୧ ତାରିଖଠାରୁ ମଣ୍ଡିରେ ଧାନ କିଣା ଆରମ୍ଭ ହେବ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ସୂଚନା ଦେଇଥିଲେ। ହେଲେ ମଣ୍ଡିରେ ଧାନ ବିକ୍ରି ପାଇଁ ଚାଷୀଙ୍କ ମହଲରେ ଏବେଠାରୁ ଆଶଙ୍କା ପ୍ରକାଶ ପାଇଲାଣି। ରାଜ୍ୟ ସରକାର ଧାନର ଏଫ୍.ଏ.କ୍ୟୁ. ମାନ କଥା କହୁଥିଲା ବେଳେ ମଣ୍ଡିରେ ଧାନ ବିକ୍ରି ବେଳେ ଆଦ୍ରତା କେତେ ରହିବ ସେ ସଂପର୍କରେ ଚାଷୀମାନଙ୍କୁ ଏପର୍ଯ୍ୟନ୍ତ ଅବଗତ କରାଯାଇନାହିଁ। ଧାନରେ କେତେ ଆଦ୍ରତା ରହିଲେ ମିଲର ଚାଷୀମାନଙ୍କଠାରୁ ମଣ୍ଡିରୁ ଧାନ କିଣିବେ ସେ ସଂପର୍କରେ ସରକାର ଚାଷୀମାନଙ୍କୁ ପ୍ରଥମେ ସୂଚନା ଦିଅନ୍ତୁ ବୋଲି ଚାଷୀମହଲରେ ମତପ୍ରକାଶ ପାଇଛି। ପୂର୍ବରୁ ମଣ୍ଡିରେ ଧାନ ବିକ୍ରି ସମୟରେ ମିଲର ଚାଷୀମାନଙ୍କୁ ଝୋଟ ଅଖା ଯୋଗାଉନାହାନ୍ତି। ଚାଷୀମାନେ ବଜାରରୁ ୩୦ରୁ ୪୦ଟଙ୍କା ଦରରେ ଝୋଟ ଅଖା କ୍ରୟ କରୁଛନ୍ତି। ପରବର୍ତ୍ତୀ ସମୟରେ ମିଲର ବି ଚାଷୀମାନଙ୍କୁ ଅଖାର ମୂଲ୍ୟ ପ୍ରଦାନ କରୁନାହାନ୍ତି। କେତେକ ମଣ୍ଡିରେ ବ୍ୟବସାୟୀମାନେ ବିଭିନ୍ନ ଚାଷୀଙ୍କ ନାମରେ ଅନ୍‌ଲାଇନରେ ମିଥ୍ୟା ଜମିର ପରିମାଣ ଦର୍ଶାଇ ଧାନ ବିକ୍ରି ପାଇଁ ଆବେଦନ କରିଥିବା ଏବଂ ପରବର୍ତ୍ତୀ ସମୟରେ ଉକ୍ତ ଚାଷୀ ଧାନ ବିକ୍ରି କରିଥିବା ବର୍ତ୍ତମାନ ଜଣାପଡ଼ିଛି। ଯାହାକୁ ନେଇ ଚାଷୀ ମହଲରେ ଦୀର୍ଘଦିନ ଧରି ଅସନ୍ତୋଷ ଲାଗି ରହିଛି। ଫଳରେ ପ୍ରକୃତ ଚାଷୀ ମଣ୍ଡିରେ ଧାନ ବିକ୍ରି କରିପାରୁନାହିଁ। ଏଣୁ ରାଜ୍ୟ ସରକାର ମଣ୍ଡିରେ ଧାନ ବିକ୍ରି ପୂର୍ବରୁ ଧାନର ଆଦ୍ରତା ସଂପର୍କରେ ଅବଗତ କରାଇବା ଓ ଚାଷୀମାନଙ୍କୁ ଝୋଟ ଅଖା ପ୍ରଦାନ କରିବାକୁ ମାହାଙ୍ଗା କୃଷକ ମଞ୍ଚର ସଭାପତି ରାମଚନ୍ଦ୍ର ସ୍ୱାଇଁ ଦାବି କରିଛନ୍ତି।

## ଉପ୍ରା ବିଦ୍ୟାଳୟରେ ପୋଷାକ ବିତରଣ ଉତ୍ସବ



**କୁଆଁପାଳ,୯।୧୧/ଏନ୍‌ଏନ୍‌ଏସ୍:** ମାହାଙ୍ଗା ବ୍ଲକ ଅନ୍ତର୍ଗତ ନାହାଙ୍ଗ ପଞ୍ଚାୟତସ୍ଥିତ ଶ୍ରୀଧର କୁଅଁର ନୋଡାଲ ଉପ୍ରା ବିଦ୍ୟାଳୟ ବାଲିପଡା ପରିସରରେ ପୋଷକ ବିତରଣୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ବିଦ୍ୟାଳୟ ପରିସରରେ ପ୍ରଧାନଶିକ୍ଷୟତ୍ରୀ ସାବିତ୍ରୀ ନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୋଷାକ ବିତରଣୀ ଉତ୍ସବରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଯୋଗେଶ ଚନ୍ଦ୍ର କୁଅଁର ମୁଖ୍ୟଅତିଥି ଭାବେ ଯୋଗଦେଇ ରାଜ୍ୟ ସରକାରଙ୍କର ଏଭଳି ପଦକ୍ଷେପକୁ ପ୍ରଶଂସା କରିବା ସହ ଛାତ୍ରଛାତ୍ରୀମାନେ ମନଦେଇ ପାଠ ପଢିବାକୁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ଏସ୍‌ଏମ୍‌ସି ସଭାପତି ନିରୋଦ ସେଠୀ, ପୂର୍ବତନ ପ୍ରଧାନଶିକ୍ଷକ ରବିନ୍ଦ୍ରନାଥ ବାରିକ ଯୋଗଦେଇ ମୋଟ ୧୬୯ଜଣ ଛାତ୍ର ଛାତ୍ରୀମାନଙ୍କୁ ପୋଷାକ ବଣ୍ଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ମନୋରଂଜନ କର, ଅଭିରାମ ସ୍ୱାଇଁ, ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ମୋହନ ଚରଣ ସିଂ, ରାକେଶ କୁମାର ସାହୁ, ଶିକ୍ଷୟିତ୍ରୀ ସାହାଜାନ୍ ବେଗମ୍, ମମତା କୁମାରୀ ଶତପଥି, ଲୀନା ନାୟକ, ଅରୁନ୍ଧତୀ ସାହୁ, ସଂଯୁକ୍ତାବାଳା ନାଥ ପ୍ରମୁଖ ଉପସ୍ଥିତ ଥିଲେ। ପଞ୍ଚାୟତ ଶ୍ରୀଧର କୁଅଁର ଉଚ୍ଚବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସୁରେନ୍ଦ୍ର କୁମାର ସାମଲ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ, ପରିଚାଳନା କମିଟି ସଭ୍ୟ ସଭ୍ୟା ଓ ଅଭିଭାବକମାନେ ଉପସ୍ଥିତ ଥିଲେ।

## ପ୍ରଦ୍ୟୁମ୍ନ ବଳଙ୍କ ୯୨ତମ ଜୟନ୍ତୀ ସମାରୋହ



**ମାହାଙ୍ଗା,୯।୧୧/ଏନ୍‌ଏନ୍‌ଏସ୍:** ମାହାଙ୍ଗା ବ୍ଲକ ଅନ୍ତର୍ଗତ କୁଆଁପାଳସ୍ଥିତ ପ୍ରତିଭା ଭବନ ପରିସରରେ ମାହାଙ୍ଗା ବରପୁତ୍ର, ଜନନେତା ସାମ୍ବାଦିକ ତଥା ପ୍ରଗତିବାଦୀ ପ୍ରତିଷ୍ଠାତା ପ୍ରଦ୍ୟୁମ୍ନ ବଳଙ୍କ ୯୨ ତମ ଜୟନ୍ତୀ ସମାରୋହ ମାହାଙ୍ଗା ବିକାଶ ପରିଷଦ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ମାହାଙ୍ଗା ବିଧାୟକ ସାରଦା ପ୍ରସାଦ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅତିଥିଭାବେ ପୂର୍ବତନ ବ୍ଲକ୍ ଅଧ୍ୟକ୍ଷା କନକଲତା ବେହେରା, ନାରୀନେତ୍ରୀ ଯାଜ୍ଞସେନୀ ଜେନା, ଅଧ୍ୟାପକ ଅଶୋକ କୁମାର ରାଉତ, ପୂର୍ବତନ ସରପଞ୍ଚ ଜିତେନ୍ଦ୍ର କୁମାର ଶତପଥି, ଆଇନଜୀବୀ ଶୁଭେନ୍ଦୁ ମହାନ୍ତି, କୃଷ୍ଣଚନ୍ଦ୍ର ମଲିକ, କର୍ପୋରେଟର ଗଗନ ଓଝା, ପନ୍ନଗ ଭୂଷଣ ଦାସ ପ୍ରମୁଖ ଯୋଗଦେଇ ମାହାଙ୍ଗାର ବରପୁତ୍ର ପ୍ରଦ୍ୟୁମ୍ନ ବଳଙ୍କ ବହୁମୁଖୀ ପ୍ରତିଭା ସଂପର୍କରେ ଆଲୋଚନା କରିବା ସହ ସ୍ୱର୍ଗତ ବଳଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଶରତ ସାମଲ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିବାବେଳେ ପୂର୍ବତନ ସରପଞ୍ଚ ଅଜୟ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ମାହାଙ୍ଗା ବିକାଶ ପରିଷଦର ବହୁ ସଦସ୍ୟ ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

## ବେଆଇନ ବାଣତିଆରି ବେଳେ ବିସ୍ଫୋରଣ, ସ୍ୱାମୀ ଓ ସ୍ତ୍ରୀ ଗୁରୁତର

**ଓଡ଼ଗାଁ,୯।୧୧/ଏନ୍‌ଏନ୍‌ଏସ୍:** ଓଡ଼ଗାଁ ବ୍ଲକ ଶରଣକୁଳ ଥାନା ଅନ୍ତର୍ଗତ ଗୋଲଗାଁ ଗ୍ରାମରେ ବେଆଇନ ବାଣ ତିଆରି ସମୟରେ ବିସ୍ଫୋରଣ ଘଟି ସ୍ତ୍ରୀର ଦୁଇହାତ ପାପୁଲି ଛିଣ୍ଡି ଯାଇଥିବାବେଳେ ସ୍ୱାମୀ ଗୁରୁତର ଆହତହୋଇ ଦୁହେଁ ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ ଗୋଲଗାଁ ଗ୍ରାମର ସଂସାରୀ ସେଠୀ (୭୨) ଓ ତାଙ୍କ ସ୍ତ୍ରୀ ନିଶାମଣି ସେଠୀ (୬୫) ନିଜଘରେ ବିଭିନ୍ନ ପ୍ରକାର ବାଣରଖି ଦୀର୍ଘ ବର୍ଷଧରି ବେଆଇନ ଭାବେ ବ୍ୟବସାୟ କରି ଆସୁଥିଲେ। ଶନିବାର ସ୍ୱାମୀ ସ୍ତ୍ରୀ ଦୁହେଁ ନିଜଘରେ ବାଣ ତିଆରି କରୁଥିବାବେଳେ ଅଚାନକ ବିସ୍ଫୋରଣ ଘଟି ସ୍ୱାମୀ ସଂସାରୀ ଗୁରୁତର ଆହତ ହୋଇଥିବାବେଳେ ସ୍ତ୍ରୀ ନିଶାମଣିର ଦୁଇ ହାତର ପାପୁଲି ଛିଣ୍ଡି ପଡ଼ିଥିବା ଦେଖିବାକୁ ମିଳିଥିଲା। ଦୁର୍ଘଟଣାର ଶିକାର ହୋଇଥିବା ସ୍ୱାମୀ ଓ ସ୍ତ୍ରୀ ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିବାବେଳେ ଶରଣକୁଳ ଥାନା ପୁଲିସ ଘଟଣାର ତଦନ୍ତ କରୁଥିବା ଜଣାପଡ଼ିଛି।

## ସାମ୍ବାଦିକ ଗୁରୁତର ଅସୁସ୍ଥ

**ନିଶ୍ଚିନ୍ତକୋଇଲି,୯।୧୧/ଏନ୍‌ଏନ୍‌ଏସ୍:** ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳର ବରିଷ୍ଠ ସାମ୍ବାଦିକ ସୁରେନ୍ଦ୍ରନାଥ ରାଉତ ଗୁରୁତର ଭାବେ ଅସୁସ୍ଥ ହୋଇପଡ଼ିଛନ୍ତି। ତାଙ୍କୁ ଚିକିତ୍ସା ନିମନ୍ତେ ଭୁବନେଶ୍ୱରର ଏକ ଘରୋଇ ହସପିଟାଲରେ ଭର୍ତ୍ତି କରାଯାଇଛି। ନିଶ୍ଚିନ୍ତକୋଇଲିର ବରିଷ୍ଠ ସାମାମ୍ବାଦିକ ବଲ୍ଲଭ ଚରଣ ପଲେଇ, ଅଶୋକ କୁମାର ମହାପାତ୍ର, ଲକ୍ଷ୍ମୀଧର ଦାସ, ଲକ୍ଷ୍ମଣ ଦାସ, ପ୍ରଫୁଲ୍ଲ କୁମାର ଦାଶ, ପ୍ରମୋଦ କୁମାର ସ୍ୱାଇଁ, ପ୍ରଶାନ୍ତ କୁମାର ନାୟକ, ରଞ୍ଜନ କୁମାର ଦାସ, ସୌମ୍ୟରଞ୍ଜନ ନିହାଣ, ପ୍ରଶାନ୍ତ କୁମାର ବିଶ୍ୱାଳ ପ୍ରମୁଖ ବହୁ ସାମ୍ବାଦିକ ତାଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି।

## ନୀଳାଚଳ ସେବା ପ୍ରତିଷ୍ଠାନ ବାଳାଶ୍ରମରେ ୪ ଜଣ୍ଡିସ୍ ରୋଗୀ

**କଣାସ,୯।୧୧/ଏନ୍‌ଏନ୍‌ଏସ୍:** ପୁରୀ ଜିଲ୍ଲା କଣାସ ବ୍ଲକର ଦୟାବିହାରଠାରେ ପ୍ରତିଷ୍ଠିତ ଆଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ନୀଳାଚଳ ସେବା ପ୍ରତିଷ୍ଠାନ ଦ୍ୱାରା ପରିଚାଳିତ ବାଳାଶ୍ରମ ଓ ଶିଶୁ ଗୃହରେ ୪ଜଣ କୋମଳମତି ପିଲା ଜଣ୍ଡିସ୍ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିବା ଜଣାପଡିଛି। ବାଳାଶ୍ରମର ଆହୁତି ସ୍ୱାଇଁ(୧୧), ବିଜୟଲକ୍ଷ୍ମୀ ମହାପାତ୍ର(୬) ଜଣ୍ଡିସ୍ ରୋଗରେ ଆକ୍ରାନ୍ତ ହୋଇଥିବା ବେଳେ ଶିଶୁଗୃହର ଦୁଇଜଣ କୋମଳମତି ପିଲା ଜଣ୍ଡିସ୍ ରୋଗରେ ଆକ୍ରାନ୍ତ ହୋଇଥିବା କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଡାକ୍ତର ରମେଶ ଚନ୍ଦ୍ର ବେହେରାଙ୍କଠାରୁ ସୂଚନା ମିଳିଛି। ଡାକ୍ତର ଶ୍ରୀ ବେହେରା ଖବର ପାଇବାପରେ ଅନୁଷ୍ଠାନ ପରିସରକୁ ଯାଇ ଜଣ୍ଡିସ୍‌ରେ ଆକ୍ରାନ୍ତ ହୋଇଥିବା ପିଲାମାନଙ୍କୁ ଦେଖି ଚିକିତ୍ସା କରିବା ସହିତ କେଉଁ କାରଣରୁ ଜଣ୍ଡିସ୍ ରୋଗରେ ଆକ୍ରାନ୍ତ ହେଲେ ତାହା ନିରୀକ୍ଷଣ କରୁଥିବା ଶ୍ରୀ ବେହେରାଙ୍କ ଠାରୁ ପ୍ରକାଶ। ପାନୀୟଜଳ ସମସ୍ୟାକୁ ନେଇ ଜଣ୍ଡିସ୍ ବ୍ୟାପିଥିବା ଆଶଙ୍କା କରି ପାନୀୟଜଳ ନମୁନା ସଂଗ୍ରହକରି ପଠାଯାଇଥିବା ଜଣାପଡ଼ିଛି।

## ବ୍ରାଉନ୍‌ସୁଗର୍ ଜବତ, ଅଭିଯୁକ୍ତ ଗିରଫ

**ସାଲେପୁର,୯।୧୧/ଏନ୍‌ଏନ୍‌ଏସ୍:** ସାଲେପୁର ପୁଲିସ ଚଢ଼ଉକରି ବ୍ରାଉନସୁଗର୍ ଜବତ କରିବା ସହ ଏହି କାରବାର ଚଳାଉଥିବା ଅଭିଯୁକ୍ତକୁ ଗିରଫ କରିଥିବା ଜଣାପଡ଼ିଛି। ଘଟଣାରୁ ପ୍ରକାଶ ଚନ୍ଦ୍ରାଦେଇପୁର ଗ୍ରାମର ପ୍ରଦୀପ୍ତ କୁମାର ପାତ୍ର ଗାଡ଼ିରେ ଯାଉଥିବା ସମୟରେ ହରିଚନ୍ଦନପୁର ବ୍ୟାରେଜ ଛକ ନିକଟରେ ସାଲେପୁର ପୁଲିସ ଅଟକାଇଥିଲେ। ତାଙ୍କ ନିକଟରୁ ୬ଗ୍ରାମ୍‌ର ବ୍ରାଉନସୁଗର୍ ଯାହାର ଆନୁମାନିକ ମୂଲ୍ୟ ପ୍ରାୟ ୬୦ହଜାର ଟଙ୍କା ହେବ ମିଳିଥିଲା। ପୁଲିସ ଅଭିଯୁକ୍ତକୁ ଗିରଫ ପରେ କୋର୍ଟଚାଲାଣ କରିଥିବା ସାଲେପୁର ଥାନା ଆଇଆଇସି ମନୋଜ ସ୍ୱାଇଁ ସୂଚନା ଦେଇଛନ୍ତି।

## ମତ୍ସ୍ୟ ଅଧିକାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ବାଣପୁର,୯।୧୧/ଏନ୍‌ଏନ୍‌ଏସ୍:** ବାଣପୁରସ୍ଥିତ ମା' ଟିକିରାଇ ମନ୍ଦିର ପ୍ରାଙ୍ଗଣରେ ବାଣପୁର ବ୍ଲକ୍‌ର ମତ୍ସ୍ୟ ଚାଷୀମାନଙ୍କ ସହଯୋଗରେ ବ୍ଲକ ମତ୍ସ୍ୟ ଅଧିକାରୀ ପର୍ଶୁରାମ ଶବରଙ୍କ ଉଦ୍ଦେଶ୍ୟରେ ଏକ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ବିଡ଼ିଓ ଶୀତଲ ଅଗ୍ରୱାଲ ସଭାପତିତ୍ୱ କରିଥିବାବେଳେ ତହସିଲଦାର ଟି. ପଦ୍ମନାଭ ଦୋରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରାଣୀ ଏବଂ ପଶୁ ସମ୍ପଦ ବିଭାଗ ତରଫରୁ ବ୍ଲକ ଭେଟେନାରୀ ଅଧିକାରୀ ସନ୍ଦୀପ ପଟ୍ଟନାୟକ, କୃଷି ବିଭାଗ ତରଫରୁ ସହକାରୀ କୃଷି ଅଧିକାରୀ ବିଶ୍ୱଜିତ ରଣା ଓ ଉଦ୍ୟାନ କୃଷି ବିଭାଗ ଅଧିକାରୀ ଉକ୍ତ ସଭାରେ ଉପସ୍ଥିତ ଥିଲେ କ୍ଷ ବିଡ଼ିଓ ଶ୍ରୀମତୀ ଅଗ୍ରୱାଲ ମତ୍ସ୍ୟ ଅଧିକାରୀଙ୍କ କାର୍ଯ୍ୟ ଦକ୍ଷତା, ନିଷ୍ଠାପରତା ଏବଂ ଉତ୍ତମ ବ୍ୟବହାରକୁ ପ୍ରଶଂସା କରିବା ସହ ଅବସର କାଳୀନ ସମୟ ଭଲରେ ଅତିବାହିତ ହେଉ ବୋଲି ମା' ଭଗବତୀଙ୍କ ନିକଟରେ ପ୍ରାର୍ଥନା କରିଥିଲେ। ପରେ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ତହସିଲଦାର ଶ୍ରୀ ଦୋରା ମତ୍ସ୍ୟ ଅଧିକାରୀ ଜଣେ ଦକ୍ଷ ଓ କର୍ତ୍ତବ୍ୟନିଷ୍ଠ ଅଧିକାରୀ ବୋଲି କହିଥିଲେ। ଉକ୍ତ ସଭାରେ ଉପସ୍ଥିତ ଥିବା ଅନ୍ୟ ମତ୍ସ୍ୟ ଚାଷୀମାନେ ମତ୍ସ୍ୟ ଅଧିକାରୀଙ୍କ କାର୍ଯ୍ୟ ଶୈଳୀ, ସରଳତା, ଉତ୍ତମ ବ୍ୟବହାର ଓ ଲୋକପ୍ରିୟତା ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମକୁ ନୀଳଲୋହିତ ହରିଚନ୍ଦନ ପରିଚାଳନା କରିଥିବା ବେଳେ ପୂର୍ଣ୍ଣ ଚନ୍ଦ୍ର ସାହୁ, ସତ୍ୟବାନ ସାହୁ, ମନୋଜ କୁମାର ପଟ୍ଟନାୟକ, ଉମାକାନ୍ତ ମଲିକ, ବିଷ୍ଣୁ ପ୍ରସାଦ ମିଶ୍ର, କାହ୍ନୁ ଚରଣ ସୁବୁଦ୍ଧି, ସୁକାନ୍ତ କୁମାର ଗିରି ପ୍ରମୁଖ ସହଯୋଗ କରିଥିଲେ।

## ହାଇସ୍କୁଲ୍‌ରେ ମଣ୍ଡଳସ୍ତରୀୟ ବିଜ୍ଞାନମେଳା



**ଖଣ୍ଡପଡ଼ା,୯।୧୧/ଏନ୍‌ଏନ୍‌ଏସ୍:** ଖଣ୍ଡପଡ଼ା ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟରେ ୩୦ତମ ମଣ୍ଡଳସ୍ତରୀୟ ବିଜ୍ଞାନମେଳା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ଓ ଜାତୀୟ ଶିକ୍ଷା ଗବେଷଣା ପ୍ରତିଷ୍ଠାନର ମିଳିତ ଆନୁକୂଲ୍ୟରେ ଆୟୋଜିତ ବିଜ୍ଞାନମେଳାରେ ପରିବେଶ ଅନୁକୂଳ ଉନ୍ନତ ଭବିଷ୍ୟତ ପାଇଁ ବିଜ୍ଞାନ ଏବଂ ପ୍ରଯୁକ୍ତି ବିଦ୍ୟା ସମ୍ପର୍କିତ ବିଷୟବସ୍ତୁ ଉପରେ ଆଧାରିତ ପ୍ରକଳ୍ପଗୁଡ଼ିକ ବିଜ୍ଞାନ ମେଳାରେ ସ୍ଥାନ ପାଇଥିଲା। ଖଣ୍ଡପଡ଼ା ବ୍ଲକ ଅଧୀନ ବିଭିନ୍ନ ବିଦ୍ୟାଳୟରୁ ସର୍ବମୋଟ ୧୨୩ଗୋଟି ପ୍ରକଳ୍ପ ବିଜ୍ଞାନମେଳାରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରଦର୍ଶିତ ହୋଇଥିଲା। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଖଣ୍ଡପଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅଙ୍କୁର ଅଭିଳାଷ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଖଣ୍ଡପଡ଼ା ଗୋଷ୍ଠୀ ଶିକ୍ଷାଧିକାରୀ କୈଳାସ ଚନ୍ଦ୍ର କର, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ କଳିଙ୍ଗ ଚନ୍ଦ୍ର ନାୟକ ଏବଂ ପ୍ରଦୀପ୍ତ କୁମାର ସାହୁ, ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟତ୍ରୀ ଲିପ୍ସା ନନ୍ଦ, ଯୋଗିଆପଲ୍ଲୀ ବିଦ୍ୟାଳୟର ପ୍ରଧାନଶିକ୍ଷକ ବସନ୍ତ କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଅପରାହ୍ନରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ଯୋଗଦେଇ ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ ବିଜ୍ଞାନମନସ୍କ ହେବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ଶିକ୍ଷାଧିକାରୀ ରାଜଶ୍ରୀ ପଟ୍ଟନାୟକ, ଗୋଷ୍ଠୀ ଶିକ୍ଷାଧିକାରୀ ଶ୍ରୀଯୁକ୍ତ କର, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ନାରାୟଣ ଦାଶ ଓ ଖଣ୍ଡପଡ଼ା ବ୍ଲକ ଅଧ୍ୟକ୍ଷା ଉପମା ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ।

# ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍‌ଙ୍କ ଅଦାଲତ ଉଦ୍‌ଘାଟିତ



**ମାହାଙ୍ଗା,୯।୧୧/ଏନ୍‌ଏନ୍‌ଏସ୍:** ମାହାଙ୍ଗା ବ୍ଲକ ଅନ୍ତର୍ଗତ କୁଆଁପାଳସ୍ଥିତ ଶ୍ରୀକୃଷ୍ଣପୁର ପଞ୍ଚାୟତ ରାଜୀବ ସେବା କେନ୍ଦ୍ରରେ କନିଷ୍ଠ ଦେଓ୍ୱାନୀ ବିଚାରପତି ତଥା ପ୍ରଥମ ବିଚାର ବିଭାଗୀୟ ମାଜିଷ୍ଟ୍ରେଟଙ୍କ ଅଦାଲତକୁ କଟକ ଉଚ୍ଚ ନ୍ୟାୟଳୟ ନ୍ୟାୟମୂର୍ତ୍ତି ସଙ୍ଗମ କୁମାର ସାହୁ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ଏହି ଅଦାଲତ ଖୋଲିବା ଦ୍ୱାରା ମାହାଙ୍ଗାବାସୀ ଆଉ ଦୂରକୁ ନ ଯାଇ ଖର୍ଚ୍ଚାନ୍ତ ନ ହୋଇ ନିକଟରେ ସମସ୍ତ ପ୍ରକାର ସୁବିଧା ପାଇପାରିବେ ବୋଲି କହିଥିଲେ । ଜିଲ୍ଲା ଜଜ କଟକ ସୀତିକଣ୍ଠ ସାମଲ, ରେଜିଷ୍ଟ୍ରର ଜେନେରାଲ ଅଶାନ୍ତ କୁମାର ଦାସ, ରେଜିଷ୍ଟ୍ରର ଭିଜିଲାନ୍ସ ପ୍ରଦ୍ୟୁମ୍ନ ନାୟକ, ରେଜିଷ୍ଟ୍ରର ଆଡମିନ ଜୀବନଜ୍ୟୋତି ରଥ, ଜେଏମ୍‌ଏଫ୍‌ସି ସିଭିଲ ମାହାଙ୍ଗା ଶର୍ମିଷ୍ଠା ଜେନା, ଜିଲ୍ଲା ରେଜିଷ୍ଟ୍ରର ଦୀପଙ୍କର ପଟ୍ଟନାୟକ, କୋର୍ଟ ମ୍ୟାନେଜର ବସନ୍ତ କୁମାର ମହାନ୍ତି, ନାଜର ଗିରିଶ କୁମାର, କ୍ରିମିନାଲ ବାର ଆସୋସିଏସନ ସଂପାଦକ ତାପସ କୁମାର ନାୟକ, ଧ୍ରୁବଚରଣ ରାଉତ, ସାଲେପୁର ବାର ଆସୋସିଏସନ ପୂର୍ବତନ ସଭାପତି ଦୀପକ ମହାନ୍ତି, ପ୍ରବୀଣ କାନୁନ୍‌ଗୋ, ବିକ୍ରମ କେଶରୀ ସିଂହ, ଶ୍ରୀବନ୍ତ ଜେନା, ସୁଶାନ୍ତ ବରାଳ, ସୁଶାନ୍ତ ମହାନ୍ତି, ଶରତ ପ୍ରଧାନ, ଉମେଶ ଭଞ୍ଜ, ଅରବିନ୍ଦ ରାୟ, ତାପସ ବାରିକ, ସ୍ମୃତିରଂଜନ ରାଉତ, ପ୍ରଭଞ୍ଜନ ମହାନ୍ତି, ଲଛମନ କୁମାର ସିହ୍ନା, ଅଶୋକ ମଲିକ, ପାର୍ଥସାରଥି ସାହୁ, ମନୋଜ ମହାନ୍ତି, ବିଜୟ ପରିଡା, ନରୋତ୍ତମ ନାୟକଙ୍କ ସମେତ କଟକ, ସାଲେପୁର ଓ ମାହାଙ୍ଗାର ଆଇନଜୀବୀ ଉପସ୍ଥିତ ଥିଲେ ।

## ଜେଏମ୍‌ଏଫ୍‌ସି ଅଦାଲତ ଲୋକାର୍ପିତ

**ନିଶ୍ଚିନ୍ତକୋଇଲି,୯।୧୧/ଏନ୍‌ଏନ୍‌ଏସ୍:** କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ବ୍ଲକରେ ଶନିବାର କନିଷ୍ଠ ଦେଓ୍ୱାନୀ ବିଚାରପତି ତଥା ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟଙ୍କ ଅଦାଲତ ଲୋକାର୍ପିତ ହୋଇଯାଇଛି । ଏହାକୁ ଉଚ୍ଚ ନ୍ୟାୟାଳୟର ବିଚାରପତି ଏସକେ ସାହୁ ଲୋକାର୍ପଣ କରିଛନ୍ତି । ଏହି ଉତ୍ସବରେ ଜିଲ୍ଲା ଜର୍ଜ ସିତିକଣ୍ଠ ସାମଲ, ଅତିରିକ୍ତ ସେକ୍ସସନ ଜର୍ଜ ସରୋଜ କୁମାର ଦାଶ, ସାଲେପୁର ସିଭିଲ ଜର୍ଜ ମଳୟ କୁମାର ପ୍ରଧାନ, ବିଚାର ପତି ବିଭୁ କଲ୍ୟାଣ ପାରି, ଜ୍ଞାନେନ୍ଦ୍ର କୁମାର ବାରିକ, ଶୁଭଙ୍କର ମିଶ୍ର, ଭାନୁପ୍ରତାପ ମିଶ୍ର, ବସନ୍ତ କୁମାର ମହାନ୍ତି ପ୍ରମୁଖ ଯୋଗଦେଇଥିଲେ । ଉଦଘାଟନ ପରେ କୋର୍ଟ ରୁମରେ ଏକ ଅବକାରୀ ମାମଲାର ସାକ୍ଷ୍ୟ ଗ୍ରହଣ କରାଯାଇଥିଲା । ବିଚାରପତି ରିତୀ ତ୍ରିପାଠୀ ବିଚାରପତି ଆସନରେ ବସି ବିଚାର କରିଥିଲେ । ସରକାରୀ ଓକିଲ ଭାବେ ଜୟନ୍ତ କୁମାର ସାମନ୍ତରାୟ ସାକ୍ଷୀଙ୍କୁ ଜେରା କରିଥିଲେ । ଏହି ଉତ୍ସବରେ ବଡ଼ବାବୁ ହାଫିଜ ଖାଁ, ସାଲେପୁର ବାର ଆସୋସିଏସନର ସଭାପତି ବିକ୍ରମ ବଳ, ସରକାରୀ ଓକିଲ ପ୍ରଦିପ୍ତ କୁମାର ଷଡଙ୍ଗୀ, ରବିନ୍ଦ୍ର କୁମାର ପଣ୍ଡା,ବିନୋଦ ବିହାରୀ ଚୌଧୁରୀ, ଭାସ୍କର ବେହେରା, ଆଇନଜୀବୀ ରାମଚନ୍ଦ୍ର ଲେଙ୍କା, ଅଶୋକ କୁମାର ମହାପାତ୍ର, ତପନ କୁମାର ଦାସ, ଅଶୋକ କୁମାର ସାହୁ, ପ୍ରଭାକର ସେଠୀ, ବିରଞ୍ଚି ମଲ୍ଲିକ, ସୁମନ୍ତ ରଥ,ସରୋଜ ବେହେରା, ସମେତ ନିଶ୍ଚିନ୍ତକୋଇଲି ,ସାଲେପୁର ଓ ମାହାଙ୍ଗା ଅଞ୍ଚଳର ବହୁ ଆଇନଜୀବୀ ଓ ବୁଦ୍ଧିଜୀବୀ ଯୋଗଦାନ କରିଥିଲେ । ତେବେ ନିଶ୍ଚିନ୍ତକୋଇଲି ଠାରେ ଏହି ଅଦ୍ଧାଲତ ଲୋକାର୍ପିତ ହେବା ଦ୍ୱାରା ସ୍ଥାନୀୟ ଅଂଚଳବାସୀଙ୍କ ମଧ୍ୟରେ ଆନନ୍ଦର ଲହରୀ ଖେଳିଯାଇଛି । ଏହି କୋର୍ଟ ପ୍ରତିଷ୍ଠା ହେବା ଦ୍ୱାରା ନିଶ୍ଚିନ୍ତକୋଇଲି ବାସୀଙ୍କୁ ଆଉ ସାଲେପୁର ଅଦ୍ଧାଲତକୁ ଯିବା ପାଇଁ ପଡିବ ନାହିଁ । ଲୋକେ ଆର୍ଥିକ ଖର୍ଚ୍ଚାନ୍ତରୁ ରକ୍ଷା ପାଇବେ ।

## ବରୁଣେଇ ଜଙ୍ଗଲରେ ନିଆଁ

**ଖୋର୍ଦ୍ଧା,୯।୧୧/ଏନ୍‌ଏନ୍‌ଏସ୍:** ଶନିବାର ଅପରାହ୍ଣରେ ସ୍ଥାନୀୟ ବରୁଣେଇ ଜଙ୍ଗଲରେ ଆକସ୍ମିକଭାବେ ଅଗ୍ନିକାଣ୍ଡ ଘଟିଥିଲା । ଖବରପାଇ ବନ ବିଭାଗ ଓ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । ପାହାଡ ଉପରୁ ନିଆଁ ଲାଗି ଏହା ଧୀରେ ଧୀରେ ପାଦଦେଶ ପର୍ଯ୍ୟନ୍ତ ଚାଲି ଆସୁଥିଲା । ତେବେ ପାହାଡ ଉପରେ ନିଆଁ ଲାଗିଥିବାରୁ ପାଣି ଟାଙ୍କି ଗାଡି ଉପରକୁ ଯାଇପାରିନଥିଲା । ଫଳରେ ବନ କର୍ମଚାରୀମାନେ ହାତରେ ଗଛପତ୍ର ଡାଳ ଧରି ଉପରକୁ ଉଠି ନିଆଁକୁ ଲିଭାଇବାକୁ ଚେଷ୍ଟା କରିଥିଲେ । ଶେଷରେ ନିଆଁକୁ ଆୟତ୍ତ କରିବାକୁ ଉଦ୍ୟମ କରୁଥିବା ଜଣାଯାଇଛି । ତେବେ କେଉଁ କାରଣରୁ ଏହି ଅଗ୍ନିକାଣ୍ଡ ଘଟିଲା ବନାଞ୍ଚଳ ବିଭାଗ ପାଖରେ କୌଣସି ସୂଚନା ନଥିଲେ ମଧ୍ୟ କୌଣସି ଦୁର୍ବୃତ୍ତ ବିଡ଼ି କିମ୍ବା ସିଗାରେଟ ଟାଣି ନିଆଁକୁ ନଲିଭାଇ ଜଙ୍ଗଲକୁ ଫିଙ୍ଗି ଦେଇଥାଏ ପାରେ ବୋଲି ବିଭାଗ ଅନୁମାନ କରିଥିବା ପ୍ରକାଶ କରିଛି । ଏ ସମ୍ପର୍କରେ ଜୟକୃଷ୍ଣ ପଣ୍ଡାଙ୍କ କହିବା କଥା ସନ୍ଧ୍ୟାରେ ନିଆଁ ଲାଗିଥିବା ଖବର ପାଇ ବନବିଭାଗର ଏକ ଟିମ୍ ଲିଭାଇବାକୁ ଯାଇ ଉଦ୍ୟମ ଜାରି ରଖିଛନ୍ତି ।

## ଖଣ୍ଡପଡ଼ାରେ ଜାତୀୟ ଆଇନସେବା ଦିବସ

**ଖଣ୍ଡପଡ଼ା,୯।୧୧/ଏନ୍‌ଏନ୍‌ଏସ୍:** ଜାତୀୟ ଆଇନସେବା ପ୍ରାଧିକରଣ ଆନୁକୁଲ୍ୟରେ ଖଣ୍ଡପଡା ଆଦର୍ଶ ବିଦ୍ୟାଳୟ ପରିସରରେ ଶନିବାର ଜାତୀୟ ଆଇନ ସେବା ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ଆଦର୍ଶ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ସାମିଲ ହୋଇଥିଲେ । ଛାତ୍ରଛାତ୍ରୀମାନେ ବିଭିନ୍ନ ସ୍ଲୋଗାନ ଦେଇ ସହର ପରିକ୍ରମା କରିବା ଅବସରରେ ଜନସାଧାରଣଙ୍କୁ ଆଇନ ସେବା ସଂପର୍କରେ ସଚେତନ କରିଥିଲେ । ବରିଷ୍ଠ ଆଇନଜୀବୀ ଗିରିଜା ଶଙ୍କର ତରାସିଆଙ୍କ ସମେତ ବାର୍ ଆସୋସିଏସନ୍‌ର ବରିଷ୍ଠ ସଦସ୍ୟବୃନ୍ଦ, ଆଦର୍ଶ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ଖଣ୍ଡପଡ଼ା ବରିଷ୍ଠ ଦେଓ୍ୱାନୀ ଜଜ୍ ବିଭୁତି ଭୂଷଣ ନାୟକ ଓ ଖଣ୍ଡପଡ଼ା ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ମିସ ତସଲିମା ଦାସ କାର୍ଯ୍ୟକ୍ରମରେ ଯୋଗଦେଇ ଜନସାଧାରଣ ସ୍ୱଳ୍ପ ସମୟ ମଧ୍ୟରେ ଏବଂ ବିନାମୂଲ୍ୟରେ କିଭଳି ନ୍ୟାୟ ପାଇବେ ସେ ସଂପର୍କରେ ଆଲୋକପାତ କରିଥିଲେ ।

## ବିଦ୍ୟାଳୟସ୍ତରୀୟ ବିଜ୍ଞାନମେଳା

**ଗୋପ,୯।୧୧/ଏନ୍‌ଏନ୍‌ଏସ୍:** ଗୋପ ଶିକ୍ଷାବିଭାଗ ଅଧିନ କୋରୁଆଳ ପାଞ୍ଚଣା ସ୍ଥିତ ଦେଶବନ୍ଧୁ ନୋଡ଼ାଲ ଉଚ୍ଚ ବିଦ୍ୟାଳୟରେ ବିଦ୍ୟାଳୟସ୍ତରୀୟ ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି । ବିଜ୍ଞାନମେଳା ଉଦ୍‌ଘାଟନ କାର୍ଯ୍ୟକ୍ରମରେ ପ୍ରଧାନଶିକ୍ଷକ ମନୋଜ ମଲ୍ଲିକ୍, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବିମ୍ବାଧର ଦଳେଇ ପ୍ରମୁଖ ଉଦ୍‌ଘାଟନ କରିଥିଲେ । କାର୍ଯ୍ୟକ୍ରମରେ ବିଜ୍ଞାନଶିକ୍ଷକ ସୌମ୍ୟସୁଚରିତା ସେଠୀ, ସହକାରୀ ଶିକ୍ଷକ ସୁବ୍ରତ କୁମାର ସେଠୀ, କଳ୍ପନା ଦାସ, ମଧୁସ୍ମିତା ସାହୁ, ଶୁଭଶ୍ରୀ ପ୍ରିୟଦର୍ଶିନୀ ପ୍ରମୁଖ ଉଦ୍‌ବୋଧନ ଦେବା ସହ ଆଜିର ଦିନରେ ବିଜ୍ଞାନର ଉପକାରିତା ସଂପର୍କରେ ବିଭିନ୍ନ ତଥ୍ୟ ଉପସ୍ଥାପନା କରିଥିଲେ । ବିଜ୍ଞାନଦ୍ୱାରା ସବୁକିଛି ସମ୍ଭବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ୩୦ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିବାବେଳେ ନୟାହାଟ ଉଚ୍ଚ ବିଦ୍ୟାଳୟ ବିଜ୍ଞାନଶିକ୍ଷକ ମନୋରଞ୍ଜନ ନାୟକ, ସତ୍ୟନାରାୟଣ ବିଦ୍ୟାପୀଠ ବାଲିଆର ବିଜ୍ଞାନଶିକ୍ଷକ ବିଶ୍ୱଜିତ୍ ପ୍ରଧାନ, ମହେଶ୍ୱର ବିଦ୍ୟାପୀଠ ସୋହଣା ଶାସନର ପ୍ରମୋଦ କୁମାର ରାଉତ ପ୍ରମୁଖ ବିଚାରକ ଭାବେ ଯୋଗ ଦେଇଥିଲେ । ନବମ ଶ୍ରେଣୀର ଛାତ୍ରୀ ଅଙ୍କିତା ଲେଙ୍କାଙ୍କ ବହୁଭୁଜ ଧର୍ମ ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ଦଶମ ଶ୍ରେଣୀର ଛାତ୍ରୀ ରୋଜାଲିସା ବେଉରାଙ୍କ ତ୍ରିକୋଣମିତି ବଗିଚା ଦ୍ୱିତୀୟ ସ୍ଥାନ, ଦଶମ ଶ୍ରେଣୀର ଛାତ୍ର ଅଂଶୁମାନ ପାଢ଼ୀଙ୍କ ତ୍ରିକୋଣମିତିର ପ୍ରୟୋଗ ତୃତୀୟ ସ୍ଥାନ ଅଧିକାର କରିଥିଲା । କାର୍ଯ୍ୟକ୍ରମକୁ ଶିକ୍ଷକ ଯୁଧିଷ୍ଠିର ବିଦ୍ୟାଳୟ, ନୀଳାଦ୍ରୀନାଥ ସାହୁ, ଜୟନ୍ତ କୁମାର ରାୟ, ମିଥୁନ ମଲ୍ଲିକ୍, ହେମନ୍ତ କୁମାର ରାଉତ, ଗୋପାଳ କୃଷ୍ଣ ନାୟକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

## ବଡ଼ଝରିଲୋ କାଳୀପୂଜାରେ ସାଂସଦ ଓ ବିଧାୟକ

**ଫୁଲନଖରା,୯।୧୧/ଏନ୍‌ଏନ୍‌ଏସ୍:** ସଦର ଥାନା ଅନ୍ତର୍ଗତ ବଡ଼ଝରିଲୋଠାରେ ଚାଲିଥିବା ମା’ ଶ୍ୟାମାକାଳୀ ପୂଜାରେ ଜଗତସିଂହପୁର ସାଂସଦ ଡଃ. ବିଭୁପ୍ରସାଦ ତରାଇ ଓ ନିଆଳି ବିଧାୟକ ଇଂ. ଛବି ମଲିକ ଯୋଗଦେଇଛନ୍ତି । ଆଜି ସଂଧ୍ୟାରେ ଉଭୟ ଜନପ୍ରତିନିଧି ମା’କାଳୀଙ୍କ ଦର୍ଶନ କରିବା ସହିତ ପୂଜାର୍ଚ୍ଚନା କରିଥିଲେ । ଏହି ସମୟରେ ମା’ ଶ୍ୟାମାକାଳୀ ସାଂସ୍କୃତିକ ପରିଷଦ ସଭାପତି ପ୍ରତାପଚନ୍ଦ୍ର ପଣ୍ଡା, ସାଂସ୍କୃତିକ ସମ୍ପାଦକ ଦିନେଶ ଦାସ, ବିଜେପି ଗବବସ୍ତ ମଣ୍ଡଳ ସଭାପତି ଧୀରେନ୍ଦ୍ର ବାରିକ, ସାଂସଦଙ୍କ ପ୍ରତିନିଧି ଦିଲୀପକୁମାର ପାତ୍ର, ବିଜୟ କୁମାର ସାହୁ, ଅମୀୟ ସ୍ୱାଇଁ, ସୁକାନ୍ତ ପାତ୍ର, ଜନାର୍ଦ୍ଦନ ପାତ୍ର, ବସନ୍ତ ବେହେରା, ସୁବାସ ବେହେରା, ଉମାକାନ୍ତ ପୃଷ୍ଟି, ଲକ୍ଷ୍ମୀକାନ୍ତ କାନୁନଗୋ, ଅକ୍ଷୟ ପ୍ରଧାନ, ଗଗନବିହାରୀ ଦାସ, ରତିକାନ୍ତ ମହାନ୍ତି, ବିଶ୍ୱମ୍ଭର ଜେନା, ଅଭିରାମ ପାତ୍ର, ନିରୋଦ ଜେନା ପ୍ରମୁଖ ଉପସ୍ଥିତ ଥିଲେ । ପରିଷଦ ପକ୍ଷରୁ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ରମେଶ ସ୍ୱାଇଁ, ନିତାଇଗୌର ଦାସ, ସୁବୋଧ ପଟ୍ଟନାୟକ, ବାବାନି ସିହ୍ନା ପ୍ରମୁଖ ଅତିଥିମାନଙ୍କୁ ଭୋଗହାଣ୍ଡି ପ୍ରଦାନ କରିବା ସହିତ ସମ୍ବର୍ଦ୍ଧିତ କରିଥିଲେ ।

## ଗୋମଙ୍ଗଳ ସମିତିର ୮୨ତମ ବାର୍ଷିକ ଉତ୍ସବ



**ନିଶ୍ଚିନ୍ତକୋଇଲି,୯।୧୧/ଏନ୍‌ଏନ୍‌ଏସ୍:** ନିଶ୍ଚିନ୍ତକୋଇଲି ବ୍ଲକ କେଣ୍ଟାଲୋ ଗ୍ରାମପଞ୍ଚାୟତ ମଲ୍ଲୀପୁରଠାରେ ଅସୁରେଶ୍ୱର ଗୋମଙ୍ଗଳ ସମିତିର ୮୨ତମ ବାର୍ଷିକ ଉତ୍ସବ ପବିତ୍ର ଗୋଷ୍ଠାଷ୍ଟମୀ ଅବସରରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଅନୁଷ୍ଠିତ ଉତ୍ସବରେ ପ୍ରାକ୍ତନ ମନ୍ତ୍ରୀ ତଥା ଅସୁରେଶ୍ୱର ଗୋମଙ୍ଗଳ ସମିତିର ସଭାପତି ଅତନୁ ସବ୍ୟସାଚୀ ନାୟକ ସଭାପତିତ୍ୱ କରିଥିଲେ । ଏଥିରେ ମୁଖ୍ୟଅତିଥିରୂପେ ମାହାଙ୍ଗା ବିଧାୟକ ସାରଦା ପ୍ରଧାନ ଯୋଗଦାନ କରି ଅସୁରେଶ୍ୱର ଗୋରକ୍ଷଣୀର କିଭଳି ଅଧିକ ଉନ୍ନତି ହୋଇପାରିବ ସେ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଅବସରରେ ଶ୍ରୀ ପ୍ରଧାନ ଗୋସେବା ସଦନ ନିମନ୍ତେ ଶିଳାନ୍ୟାସ କରିଥିଲେ । ଏହି ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା, ବର୍ଷିୟାନ ସାହିତ୍ୟିକ ଶ୍ରୀନିବାସ ସାହୁ, ପଣ୍ଡିତ ଶ୍ରୀକାନ୍ତ ପଣ୍ଡା ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ଯୋଗଦାନ କରି ବକ୍ତବ୍ୟ ପ୍ରଦାନ କରିଥିଲେ । ପ୍ରାରମ୍ଭରେ ଅନୁଷ୍ଠାନର ସମ୍ପାଦ୍‌କ ପର୍ଶୁରାମ ଦ୍ୱିବେଦୀ ସମ୍ପଦକୀୟ ବିବରଣୀ ପାଠ ଓ ଶେଷରେ ପ୍ରଶାନ୍ତ କୁମାର କର ଧନ୍ୟବାଦ ଅର୍ପଣକରିଥିଲେ । ଏହି ଅବସରରେ ଗୀତା ଓ ଗୋମହାତ୍ମ୍ୟ ପାଠ, ସଂକୀର୍ତ୍ତନ, ଗୋପୂଜନ, ଗୋସମ୍ବର୍ଦ୍ଧନା କରାଯାଇଥିଲା । ଉତ୍ସବରେ ସ୍ଥାନୀୟ ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ଯୋଗଦାନ କରିଥିଲେ ।

## ଖଣ୍ଡାୟତ ମହାନାୟକ ସମାଜର ସାଧାରଣସଭା



**ଖଣ୍ଡପଡ଼ା,୯।୧୧/ଏନ୍‌ଏନ୍‌ଏସ୍:** ରାଜ୍ୟ ଖଣ୍ଡାୟତ ମହାନାୟକ ସମାଜର ସାଧାରଣ ସଭା ଖଣ୍ଡପଡ଼ା ବ୍ଲକ ଅଧିନ ବେଣାଗାଡିଆ ଗ୍ରାମ ଠାରେ ଶନିବାର ଅନୁଷ୍ଠିତ ହୋଇଯାଇଛି । ସମାଜର ସାଧାରଣ ସଂପାଦକ ଡଃ ଗଣେଶ୍ୱର ସ୍ୱାଇଁଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ କଟକ ଜିଲ୍ଲା ଅଧିନ ଟିଗିରିଆ ରାଜ୍ୟ ସଭାପତି କବିରାଜ ପରିଡା, ଡମପଡା ରାଜ୍ୟ ସଭାପତି ଅଜୟ କୁମାର ରାଉତ, ଦଶପଲ୍ଲା ରାଜ୍ୟ ସଭାପତି ଦୁର୍ଯ୍ୟୋଧନ ସାହୁ, ବଡମ୍ବା ରାଜ୍ୟ ସଭାପତି ମାନସ ରଂଜନ ବିଶ୍ୱାଳଙ୍କ ସମେତ ସମାଜର ଅନ୍ୟ ରାଜ୍ୟର ସଭାପତି, ସଂପାଦକମାନେ ଯୋଗ ଦେଇଥିଲେ । ଏହି ଅବସରରେ ସମାଜର ପୂର୍ବତନ ସଭାପତି ଦିବଂଗତ ଜନନେତା ମହେନ୍ଦ୍ର ସ୍ୱାଇଁଙ୍କର ସମାଜପ୍ରତି ଥିବା ଅବଦାନ ସଂପର୍କରେ ଆଲୋକପାତ କରାଯିବା ସହ ତାଙ୍କ ଉଦ୍ଦେଶ୍ୟରେ ବିନମ୍ର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା । ସେହିପରି ସମାଜର ଭବିଷ୍ୟତ କାର୍ଯ୍ୟପନ୍ଥା ସଂପର୍କରେ ନୀତି ନିର୍ଦ୍ଧାରଣ କରାଯାଇଥିଲା । ସମାଜର ବରିଷ୍ଠ ସଦସ୍ୟ ଆର୍ତ୍ତବନ୍ଧୁ ଗୋଛି, କୈଳାସ ଚନ୍ଦ୍ର ଖୁଣ୍ଟିଆ, ବୈକୁଣ୍ଠ ପ୍ରଧାନ, ରବିନ୍ଦ୍ର କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ଖଣ୍ଡପଡା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ସମସ୍ତଙ୍କୁ ସ୍ୱାଗତ କରିବା ସହ ନଅ ରାଜ୍ୟ ଖଣ୍ଡାୟତ ମହାନାୟକ ସମାଜର ଉନ୍ନତି କଳ୍ପେ ବିଭିନ୍ନ ପ୍ରସ୍ତାବ ଉପରେ ମତ ରଖିଥିଲେ ।

## ଦୁର୍ଘଟଣା ଘଟାଉଛି ରାସ୍ତାକଡ଼ ବୁଦା

### ବାଇକ୍ ଚଳାଇବାକୁ ଡରୁଛନ୍ତି ଚାଳକ

**ଓଡ଼ଗାଁ,୯।୧୧/ଏନ୍‌ଏନ୍‌ଏସ୍:** ଦୁର୍ଘଟଣା ଘଟାଉଛି ରାସ୍ତାକଡ଼ ବୁଦା । ରାଜ୍ୟ ରାଜପଥ ହେଉ କି ଗ୍ରାମ୍ୟ ଉନ୍ନୟନ କିମ୍ବା ଏନ୍‌ଏସି ସବୁଠି ଏବେ ରାସ୍ତାକଡ଼ ଗଛକୁ ନେଇ ସମସ୍ୟା ଦେଖାଦେଇଛି । ଉଭୟପାର୍ଶ୍ୱରୁ ଯାନବାହାନ ଚଳାଚଳ କରୁଥିବାବେଳେ ରାସ୍ତାରେ ଥିବା ଅଙ୍କାବଙ୍କା ଗଛ ଯୋଗୁଁ ପ୍ରତିଦିନ ଛୋଟବଡ଼ ଦୁର୍ଘଟଣା ଘଟୁଥିବା ଜଣାପଡ଼ିଛି । ଓଡ଼ଗାଁ ଅଞ୍ଚଳରେ ରାସ୍ତାକଡ଼ ଜାଣିନପାରିବାରୁ ବଡ଼ବଡ଼ ଦୁର୍ଘଟଣା ଘଟିଚାଲିଛି । ଏ ନେଇ କିଛି ଗାଡ଼ିମାଲିକ ଏବଂ ସମାଜସେବୀ ରାସ୍ତାର ଉଭୟପାର୍ଶ୍ୱ ସଫାପାଇଁ ସ୍ୱର ଉଠାଇଥିଲେ ମଧ୍ୟ ରାସ୍ତାକଡ଼ ସଫା କରିବାର ନାଁ ଉଠୁନି । ପୂର୍ତ୍ତ ବିଭାଗ ଧରାଛୁଆଁ ଦେଉନଥିବା ବେଳେ ଗ୍ରାମ୍ୟ ଉନ୍ନୟନ ବିଭାଗ ହଁହାଁ କରି ଦିନଗଡ଼ାଇ ଚାଲିଛି । ଏନ୍‌ଏସି ପ୍ରଶାସନକୁ କିଛିଲୋକ ଆପତି କରିଥିଲେ ମଧ୍ୟ ସମାନ ଢଙ୍ଗରେ ହଁ କରି ଦିନପରେ ଦିନ ଗଡ଼ାଇ ଚାଲିଥିବା ଲୋକେ କହିଛନ୍ତି । ସରକାରୀ ନିୟମ କହୁଛି ରାସ୍ତାତିଆରି କରୁଥିବା ଠିକାଦାର କାର୍ଯ୍ୟର ଅବଧି ଅନୁଯାୟୀ ପ୍ରତିବର୍ଷ ରାସ୍ତାର ଉଭୟ ପାର୍ଶ୍ୱ ସଫା କରିବାକଥା । ଏଥିପାଇଁ ବିଭିନ୍ନ ବିଭାଗ ପକ୍ଷରୁ ଅନୁଦାନ ଯୋଗାଇ ଦିଆଯାଉଛି କିନ୍ତୁ ତାହା ଏଠାରେ କରାଯାଉନାହିଁ । ଠିକାଦାର ଜାଣିସୁଣି ଗାଲୁଆମି କରୁଥିବାବେଳେ ବିଭାଗ ସବୁଜାଣି ଅଭିନୟ କରିଚାଲିଛି । ଏପଟେ ପ୍ରତିଦିନ ରାସ୍ତାକଡ଼ ଗଛ ଓ ବୁଦାକୁ ନେଇ କେଉଁଠି ନା କେଉଁଠି ଦୁର୍ଘଟଣା ଘଟିଚାଲିଛି । ଏଥିପ୍ରତି ଜିଲ୍ଲାପାଳ ଓ ଆଞ୍ଚଳିକ ପରିବହନ ବିଭାଗ ଦୃଷ୍ଟି ଦେବାକୁ ଦାବି ହୋଇଛି ।



ବୁଦା ଏବେ ଚାଳକଙ୍କ ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟିଛି । ସୂଚନା ଅନୁଯାୟୀ ନୟାଗଡ଼-ଓଡ଼ଗାଁ ରାଜ୍ୟ ରାଜପଥର ଅଙ୍କାବଙ୍କା ରାସ୍ତା କଡ଼ରେ ଥିବା ବୁଦା ଗାଡ଼ିଚାଳକଙ୍କ ପାଇଁ ବିପଦ ସୃଷ୍ଟିକରିଛି । ସେତିକି ନୁହଁ ଏନ୍‌ଏସିର ବସଷ୍ଟାଣ୍ଡ ଠାରୁ ପିମିଟ୍ କଲେଜଯିବା ରାସ୍ତାର ଉଭୟ ପାର୍ଶ୍ୱରେ ଗଛଲତା ମାଡ଼ିଥିବାରୁ ବାଇକ୍ ଚାଳକଙ୍କ ମଧ୍ୟରେ ଧକ୍କାହୋଇ ଗୁରୁତର ହେଉଛନ୍ତି । ଏହାସହିତ ଗୋଡ଼ିପଲ୍ଲୀ-କୁରାଳ ଗ୍ରାମ୍ୟ ଉନ୍ନୟନ ରାସ୍ତାର ଉଭୟ ପାର୍ଶ୍ୱ ଓ ବୁଲାଣିରେ ମଧ୍ୟ ସମାନ ଅବସ୍ଥା ଦେଖିବାକୁ ମିଳିଛି । ରାସ୍ତାକଡ଼ ସଫା ହେଉନଥିବାରୁ ଗାଡ଼ିଚାଳକ

## ବିଦ୍ୟାଳୟରେ ପୋଷାକ ବିତରଣୀ ଉତ୍ସବ



**ନିମାପଡ଼ା,୯।୧୧/ଏନ୍‌ଏନ୍‌ଏସ୍:** ନିମାପଡ଼ା ଏନ୍‌ଏସି ଅନ୍ତର୍ଗତ ସର୍ବପୁରାତନ ପ୍ରାକ୍ଟିସିଂ ୟୁଜିୟୁପି ବିଦ୍ୟାଳୟରେ ସରକାରଙ୍କ ଦ୍ୱାରା ପ୍ରଦତ ମାଗଣା ପୋଷାକ ବିତରଣୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟରେ ଅଧ୍ୟୟନରତ ମୋଟ ୧୭୦ ଜଣ ଛାତ୍ରଛାତ୍ରୀଙ୍କ ପାଇଁ ପୋଷାକ ବଣ୍ଟନ କାର୍ଯ୍ୟକ୍ରମ ବିଦ୍ୟାଳୟ ପରିଚାଳନା କମିଟିର ଅଧକ୍ଷା ଶୁଭଶ୍ରୀ ବରାଳ, ଉପ-ସଭାପତି ଶ୍ୟାମଘନ ନାୟକ ଓ ଅନ୍ୟାନ୍ୟ ସଦସ୍ୟ, ସଦସ୍ୟାମାନଙ୍କ ଉପସ୍ଥିତିରେ ସୁଚାରୁ ରୂପେ ଅନୁଷ୍ଠିତ ହୋଇଥିବା ବେଳେ ପ୍ରତ୍ୟେକ ପିଲାଙ୍କୁ ଦୁଇହଳ ଲେଖାଏଁ ପୋଷାକ ପ୍ରଦାନ କରାଯାଇଥିଲା । ଉକ୍ତ ସଭାରେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ନିର୍ମଳ ମିଶ୍ର ଓ ସହକାରୀ ଶିକ୍ଷିକା କ୍ଷଣପ୍ରଭା ପାତ୍ର, ମାହେଶ୍ୱରୀ ଦାଶ, ଇପ୍ସିତା ପ୍ରିୟଦର୍ଶିନୀ ଏବଂ ତ୍ରୈଲିପ୍ତା ଦାଶ ଉପସ୍ଥିତ ରହି କାର୍ଯ୍ୟକ୍ରମ ସୁପରିଚାଳନାରେ ସହାୟତା ପ୍ରଦାନ କରିଥିଲେ । ଏଥି ସହିତ ବହୁ ସଂଖ୍ୟାରେ ବିଦ୍ୟାଳୟର ଅଭିଭାବକ ଓ ଅଭିଭାବିକାମାନେ ଉପସ୍ଥିତ ଥିଲେ ।

## ସପ୍ତାହବ୍ୟାପୀ ଶ୍ରୀମଦ୍ ଭାଗବତ କଥା ମହୋତ୍ସବ ଉଦ୍‌ଯାପିତ



**ସାଲେପୁର,୯।୧୧/ଏନ୍‌ଏନ୍‌ଏସ୍:** ସପ୍ତାହ ବ୍ୟାପୀ ଶ୍ରୀମଦ ଭାଗବତ କଥା ମହୋତ୍ସବ ଶାନ୍ତି ଶୃଙ୍ଖଳାର ସହିତ ଉଦ୍‌ଯାପିତ ହୋଇଥିବାରୁ କୃତଜ୍ଞତା ଜଣାଇଛନ୍ତି ଯୁବନେତା ହିମାଂଶୁ ମହାନ୍ତି । ସାଲେପୁର ସାହେଶ୍ୱରୀ ମନ୍ଦିର ପରିସରରେ ଗତ ୨ତାରିଖରୁ ଆରମ୍ଭ ହୋଇ ୮ତାରିଖ ପର୍ଯ୍ୟନ୍ତ ଚାଲିଥିଲା । ଏଥିରେ ଓଡ଼ିଶାର ବିଭିନ୍ନ ସ୍ଥାନରୁ ସହ ସହ ସାଧୁସନ୍ଥ ଯୋଗ ଦେଇଥିଲେ । ପ୍ରତିଦିନ ସନ୍ଧ୍ୟାରେ ପୂଜ୍ୟ ବାବାଜୀ ଅମୃତାନନ୍ଦ ଦାସ ମହାରାଜଙ୍କ ଦିବ୍ୟ ପ୍ରବଚନ ଶୁଣିବା ପାଇଁ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା । ଦୀର୍ଘ ସାତ ଦିନ ଧରି ସାଲେପୁର ଅଞ୍ଚଳରେ ଭକ୍ତି ମୟ ପରିବେଶ ସୃଷ୍ଟି ହୋଇଥିଲା । ଯୁବନେତା ହିମାଂଶୁ ମହାନ୍ତିଙ୍କ ଉଦ୍ୟମରେ ସାତଦିନ ଧରି ଏହି ଶ୍ରୀମଦ୍ ଭାଗବତ କଥା ମହୋତ୍ସବ ଅନୁଷ୍ଠିତ ହୋଇଥିଲା । ପ୍ରଥମ ଦିନ ଶ୍ରୀକ୍ଷେତ୍ର ପୁରୀ ଜଗନ୍ନାଥଙ୍କ ପାଖରୁ ଆଜ୍ଞାମାଳ ଆସିବା ପରେ ଏହାକୁ ସପନପୁରଠାରୁ ବିରାଟ ଶୋଭାଯାତ୍ରାରେ ଶହ ଶହ ସାଧୁସନ୍ଥଙ୍କ ଗହଣରେ ବିଭିନ୍ନ ପ୍ରକାର ବାଦ୍ୟଯନ୍ତ୍ର ବଜାଇ ସାଲେପୁର ସାହେଶ୍ୱରୀ ମନ୍ଦିର ପାଖରେ ପହଞ୍ଚିଲା ପରେ ଏହି ଦିବ୍ୟ ପ୍ରବଚନ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ସାତ ଦିନ ଧରି ଚାଲିଥିବା ଏହି ଭଗବତ ପ୍ରବଚନ କାର୍ଯ୍ୟକ୍ରମରେ ଭକ୍ତମାନେ ପ୍ରବଚନ ଶୁଣିବା ସହିତ ପ୍ରସାଦ ସେବନ କରିଥିଲେ । ଭାଗବତ ପାଠର ଅଧିକ ପ୍ରଚାର ପ୍ରସାର ପାଇଁ ଚେଷ୍ଟା କରିବା ସହିତ ସାଲେପୁର ନିର୍ବାଚନମଣ୍ଡଳୀରେ ଥିବା ସମସ୍ତ ଭାଗବତ ଟୁଙ୍ଗୀକୁ ଶ୍ରୀମଦ ଭାଗବତ ଗୀତା ବହି ଯୋଗାଇଦେବା ସହ ଆନୁଷଙ୍ଗିକ ବ୍ୟବସ୍ଥା ଗ୍ରହଣ କରିବେ ବୋଲି ଯୁବନେତା ହିମାଂଶୁ ମହାନ୍ତି ସମ୍ମିଳନୀରେ ପ୍ରକାଶ କରିଥିଲେ । ଏହା ସହିତ ସାଲେପୁର ଏବଂ ଏହାର ଆଖପାଖ ଅଞ୍ଚଳରୁ ଆସି ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିବା ସମସ୍ତ ଭକ୍ତମାନଙ୍କୁ ଆନ୍ତରିକ କୃତଜ୍ଞତା ଜଣାଇଥିଲେ ।

ତ୍ରିଦିବସୀୟ ଆନ୍ତର୍ଜାତୀୟ ସମ୍ମିଳନୀ ଉଦ୍‌ଘାଟିତ

## ଭାଗନେଲେ ୫ ବିଦେଶୀ ପ୍ରତିନିଧି, ଭାରତରୁ ୬୦




**କୋଣାର୍କ,୯।୧୧/ଏନ୍‌ଏନ୍‌ଏସ୍:** ବିଶ୍ୱପ୍ରସିଦ୍ଧ ପର୍ଯ୍ୟଟନ କ୍ଷେତ୍ର କୋଣାର୍କସ୍ଥିତ ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ ଦ୍ୱାରା ପରିଚାଳିତ କୋଣାର୍କ ଯାତ୍ରୀନିବାସଠାରେ ଓଡ଼ିଶାର ଅଗ୍ରଣୀ ସାମାଜିକ ସଂଗଠନ ‘ରିଚ୍ ଲାଇଭ୍‌ସ’ ଆନୁକୁଲ୍ୟରେ ତ୍ରିଦିବସୀୟ ଉଦୀୟମାନ ସମାଜ ଓ ମାନବୀୟ ମୂଲ୍ୟବୋଧ ଶୀର୍ଷକ ଆନ୍ତର୍ଜାତୀୟ ସମ୍ମିଳନୀ ଉଦ୍‌ଘାଟିତ ହୋଇଯାଇଛି । ସଂଗଠନ ‘ରିଚ୍ ଲାଇଭ୍‌ସ’ର ଅଧ୍ୟକ୍ଷ ତାପସ କୁମାର ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ଅତିଥି ଭାବରେ ଭାରତୀୟ କିଷାନ ସଂଘର ସଂପାଦକ ତଥା କୃଷି ବିଶେଷଜ୍ଞ ମୋହିନୀ ମୋହନ ମିଶ୍ର, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ପୂର୍ବପ୍ରାନ୍ତ ଓଡ଼ିଶା ପ୍ରମୁଖ ବିପିନ ପ୍ରସାଦ ନନ୍ଦ, ନୂଆଦିଲ୍ଲୀସ୍ଥିତ ନିପା ବିଶ୍ୱ ବିଦ୍ୟାଳୟର ରେଜିଷ୍ଟ୍ରର ସୂର୍ଯ୍ୟନାରାୟଣ ମିଶ୍ର, ଲକ୍ଷ୍ନୌସ୍ଥିତ ଆଇଆଇଏମ୍‌ର ପ୍ରଫେସର ସତ୍ୟଭୂଷଣ ଦାଶ ଓ ନେପାଳର ବିଶିଷ୍ଟ ସଂସ୍କୃତି ଗବେଷକ ରମେଶ କୁମାର ଓପ୍ରେତୀ ପ୍ରମୁଖ ଯୋଗଦେଇ ଶିକ୍ଷା ମାଧ୍ୟମରେ ବିଚାରଧାରାକୁ ପ୍ରାଚୀନ ଦିଗଦର୍ଶନ ଓ ନୈତିକ ମୂଲ୍ୟବୋଧରେ ବର୍ତ୍ତୀ ହୋଇ ସମାଜରେ ମାନବୀୟ ମୂଲ୍ୟବୋଧ ସହିତ ସଂଶ୍ଳିଷ୍ଟ ସଂସ୍କାର ମୂଳକ ରାଷ୍ଟ୍ର ଗଠନରେ ଏକ ଭାଗିଦାରୀ ଲିଭାଇବା ପାଇଁ ଚେଷ୍ଟିତ ହେବା ଜରୁରୀ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ । ସମ୍ମିଳନୀରେ ଅଷ୍ଟ୍ରେଲିଆ, ନେପାଳ ଓ କାଠମାଣ୍ଡୁ ସମେତ ୫ଟି ଦେଶର ପ୍ରତିନିଧି ସମେତ ଭାରତ ବର୍ଷର ୨୫ଟି ରାଜ୍ୟର ୬୦ଜଣ ମାନବାଧିକାର ଓ ସାମାଜିକ କର୍ମୀ ଯୋଗଦେଇଛନ୍ତି । ଏହି ସମ୍ମିଳନୀ ଆସନ୍ତା ୧୦ ତାରିଖରେ ଶେଷ ହେବ । ସମ୍ମିଳନୀକୁ ‘ରିଚ୍ ଲାଇଭ୍‌ସ’ର ସଦସ୍ୟ ସୁଧାଂଶୁ ପଣ୍ଡା, ଚିତ୍ରସେନ ବାଘ, ସଂଜୟ ସାହୁ ଓ ଅଞ୍ଜନ ମୁଦୁଲି ପ୍ରମୁଖ ପରିଚାଳନା କରିଥିଲେ ।

B-591

GOVERNEMENT OF ODISHA
OFFICE OF THE CHIEF CONSTRUCTION ENGINEER, SOUTHERN (R&B) CIRCLE, BERHAMPUR
Phone : 0680-2281582, e-mail : ccescbam@gmail.com
INVITATIONS FOR BIDS (IFB) [e-Procurement]

Bid Identification No. CCE, S.C (R&B)-BAM-11/2024-25 No. 3811 // Dated : 07.11.2024

1) The Chief Construction Engineer, Southern (R&B) Circle, Berhampur on behalf of Governor of Odisha invites **percentage rate bid** in double cover system in **ONLINE MODE** from eligible contractors for construction of **Road works** as detailed in the table below.
2) Nature of work : Road Works
3) No. of work : 03 Nos.
4) Tender Cost : Rs.10,000/- (online)
5) Class of Contractor : "B" Class, "A" Class & Special Class
6) Availability of Bid document in the Website : From 12.11.2024 10.00 AM to 26.11.2024 5.30 PM
7) Date of Opening of Bid : 27.11.2024 at 11.30 A.M.
8) The Bidders have to participate in ONLINE bidding only. Further details can be seen from the website https://tendersodisha.gov.in.
9) Any addendum / corrigendum / cancellation of tender can also be seen in the said website only.

Sd/- (Ashis Kumar Nayak)
Chief Construction Engineer (I/C),
Southern (R&B) Circle, Berhampur

OIPR-34103/11/0013/2425

# ୫ ଦିନ ପରେ ବାଲିଯାତ୍ରା, ଉଭୟ ପଡ଼ିଆ ଚଳଚଞ୍ଚଳ

**କଟକ,୯।୧୧/ଏନ୍‌ଏନ୍‌ଏସ୍‌:** କଟକ ବାଲିଯାତ୍ରା ଆଉ ମାତ୍ର ୫ ଦିନ ରହିଥିବାବେଳେ ଜିଲ୍ଲା ପ୍ରଶାସନ ପକ୍ଷରୁ ବାଲିଯାତ୍ରା କଟକ ଉତ୍ସବ ପ୍ରସ୍ତୁତି ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ଏଥିପାଇଁ ତଳ ଓ ଉପର ପଡ଼ିଆ



ଚଳଚଞ୍ଚଳ ହୋଇଉଠିଛି । ରାଜ୍ୟ ବାହାର ତଥା ରାଜ୍ୟର ଶହଶହ ବ୍ୟବସାୟୀ ସେମାନଙ୍କ ଷ୍ଟଲ ପ୍ରସ୍ତୁତି କରିବାରେ ଦିନରାତି ଲାଗି ପଡ଼ିଛନ୍ତି । ସହରର ପ୍ରବେଶ ପଥ ସମେତ ବିଭିନ୍ନ ସ୍ଥାନରେ ସ୍ୱାଗତ ତୋରଣ ଲଗାଯାଉଛି ।

ଏହି ତୋରଣ ସାଧବପୁଅଙ୍କ ନୌବାଣିଜ୍ୟ ଯାତ୍ରା ଓ ଓଡ଼ିଆ ସଂସ୍କୃତି ଏବଂ ବାଲିଯାତ୍ରା ଐତିହ୍ୟର ଛିଟା ଦେଖିବା ପାଇଁ ମିଳୁଛି । ବାଲିଯାତ୍ରା ସମୟରେ ସୁରକ୍ଷା ବ୍ୟବସ୍ଥା ଉପରେ ପୁଲିସ ପକ୍ଷରୁ ବେଶ୍ ଗୁରୁତ୍ୱ ଦିଆଯାଇଛି । ସୁରକ୍ଷା, ଭିଡ଼ ନିୟନ୍ତ୍ରଣ, ଟ୍ରାଫିକ୍ ଓ ପାର୍କିଂ ପରିଚାଳନା ପାଇଁ ୬୭ ପ୍ଲାଟୁନ୍ ଫୋର୍ସ ମୁତୟନ ରହିବେ । ତେବେ ପ୍ରାୟ ଏକ ଦଶନ୍ଧି ପରେ କଟକ ବାଲିଯାତ୍ରାକୁ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିବେ ବୋଲି ଜଣାପଡ଼ିଛି ।

ନଭେମ୍ବର ୧୫ରେ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବାଲିଯାତ୍ରା ମହୋତ୍ସବକୁ ଉଦ୍‌ଘାଟନ କରିବେ । ତାଙ୍କ ସହିତ ମୁଖ୍ୟମନ୍ତ୍ରୀଙ୍କ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ଜିଲ୍ଲାର ସମସ୍ତ ନିର୍ବାଚନ ମଣ୍ଡଳୀର ବିଧାୟକ, ସାଂସଦ ମଧ୍ୟ ଯୋଗଦେବେ ବୋଲି ସୂଚନା ମିଳିଛି । ଚଳିତ ବର୍ଷ ବାଲିଯାତ୍ରା କଟକ ଉତ୍ସବର ଆକର୍ଷଣ ହେବ ବଲିଉଡ୍ ଓ ଓଲିଉଡ୍‌ର ଲୋକପ୍ରିୟ କଣ୍ଠଶିଳ୍ପୀ ଓ ସଂଗୀତ ନିର୍ଦ୍ଦେଶକ । ସାତଦିନିଆ ଏହି ମେଳାରେ ପ୍ରତି ସନ୍ଧ୍ୟାରେ ମନଛୁଆଁ ସଂଗୀତରେ ଦର୍ଶକଙ୍କୁ ହଜାଇବେ ରାଜ୍ୟ ତଥା ରାଜ୍ୟ ବାହାରର ବିଶିଷ୍ଟ ସୁନାମଧନ୍ୟ କଳାକାରମାନେ । ବିଶିଷ୍ଟ ଗଜଲ ଗାୟକ ଅନୁପ୍ ଜଲୋଟା ଓ ପଙ୍କଜ ଜାଲ୍, ଟି.ସୌରୀ, କୁମାର ବାପି, ତାନ୍‌ସେନ୍ ସିଂହ, ଅସୀମା ପଣ୍ଡା, କୁଲ୍‌ଦୀପ୍ ପଟ୍ଟନାୟକ, ସତ୍ୟଜିତ୍ ପ୍ରଧାନ, ସୋନୁ ନିଗମ, ଶଶାଙ୍କ ଶେଖର, ଦିପ୍ତିରେଖା ପାଢ଼ୀ ଓ ସୁରେଶ ୱାଡ୍‌କେର ସେମାନଙ୍କ ସଂଗୀତ ପରିବେଷଣ କରିବାର କାର୍ଯ୍ୟକ୍ରମ ରହିଛି ।

## ବାଲିଯାତ୍ରା ପଡ଼ିଆ ପରିଦର୍ଶନ କଲେ ଜିଲ୍ଲାପାଳ



କଟକ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଧେ ବରିଷ୍ଠ ଅଧିକାରୀମାନଙ୍କ ସହ ଉଭୟ ଉପର ଓ ତଳ ବାଲିଯାତ୍ରା ପଡ଼ିଆ ପରିଦର୍ଶନ କରିଛନ୍ତି । ଚଳିତ ବର୍ଷ ବାଲିଯାତ୍ରା କଟକ ଉତ୍ସବର ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ଜିଲ୍ଲା ପ୍ରଶାସନ ଉଭୟ ପୁଲିସ ଓ ମହାନଗର ନିଗମ ସହ ସମନ୍ୱୟ ରକ୍ଷା ପୂର୍ବକ ସମସ୍ତ ନିୟମାବଳୀ ଅବଲମ୍ବନ କରି ଶୃଙ୍ଖଳାର ସହ ଏହି ଉତ୍ସବ ୮ଦିନ ଧରି ଆୟୋଜନ କରାଯିବ ବୋଲି ଜିଲ୍ଲାପାଳ ସୂଚନା ଦେଇଛନ୍ତି ।

ବରିଷ୍ଠ ଅଧିକାରୀମାନଙ୍କ ସହ ଆଲୋଚନାପୂର୍ବକ ସମସ୍ତ କାର୍ଯ୍ୟ ୧୩ ତାରିଖ ସୁଦ୍ଧା ଶେଷ କରାଯିବା ନେଇ ସେ ଗୁରୁତ୍ୱାରୋପ କରିଥିଲେ । ଟ୍ରାଫିକ କଟକଣା ସହ ଭିଡ଼ ନିୟନ୍ତ୍ରଣ ନିମନ୍ତେ ପଦକ୍ଷେପ ସ୍ୱରୂପ ଉପର ଓ ତଳ ବାଲିଯାତ୍ରା ପଡ଼ିଆ ମଧ୍ୟରେ ସଂଯୋଗ ନିମନ୍ତେ ଆଉ ଦୁଇଟି ଅସ୍ଥାୟୀ ରାସ୍ତା ନିର୍ମାଣ କରାଯିବ । ଏଥିପାଇଁ ସମ୍ପୃକ୍ତ ଅଧିକାରୀ ଓ ଯନ୍ତ୍ରୀ ସହ ଆଲୋଚନା ପରେ ଦୁଇଟି ଜାଗା ଚିହ୍ନଟ କରି ପୂର୍ତ୍ତ ବିଭାଗକୁ ରାସ୍ତା ନିର୍ମାଣ ନିମନ୍ତେ ପୂର୍ତ୍ତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି ।

## ୧୫୧ ୟୁନିଟ୍ ରକ୍ତ ସଂଗୃହୀତ




**କଟକ,୯।୧୧/ଏନ୍‌ଏନ୍‌ଏସ୍‌:** ରାଜାବଗିଚାସ୍ଥିତ ଡିଏଭି ପବ୍ଲିକ୍ ସ୍କୁଲର ପରିସରରେ ଆଜିଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ୧୫୧ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା । ସେଣ୍ଟ୍ରାଲ ରେଡକ୍ରସ ଡାକ୍ତରୀ ଦଳ ଏହି ରକ୍ତ ସଂଗ୍ରହ କରିଥିଲେ । ସଂଗୃହୀତ ରକ୍ତକୁ ଥାଲାସେମିଆ ରୋଗୀଙ୍କ ପାଇଁ ବ୍ୟବହାର କରାଯିବ । ଏହି ରକ୍ତଦାନ ଶିବିରକୁ କଟକ-ବାରବାଟୀ ବିଧାୟିକା ସୋଫିଆ ଫିରଦୋସ୍ ଓ ଭାରତ ମସଲାର ମ୍ୟାନେଜିଙ୍ଗ ଡାଇରେକ୍ଟର ସୁଶାନ୍ତ ପଣ୍ଡା ମହୋଦୟ ଉଦ୍‌ଘାଟନ କରିଥିଲେ ଓ ସ୍କୁଲର ଅଧ୍ୟକ୍ଷା ସୁଜାତା ମିଶ୍ର ଏହାର ପରିଚାଳନା କରିଥିଲେ । ରାଜାବଗିଚା ଡିଏଭି ପବ୍ଲିକ ସ୍କୁଲରର ଚେୟାରମେନ ପ୍ରଫେସର ଡକ୍ଟର କାଞ୍ଚନବାଳା ପଟ୍ଟନାୟକ ଏଥିରେ ଉପସ୍ଥିତ ରହି ଅଭିଭାବକ, ଶିକ୍ଷକଶିକ୍ଷୟିତ୍ରୀ ଓ କର୍ମଚାରୀଙ୍କୁ ଉତ୍ସାହିତ କରିଥିଲେ ।

## ମାତୃ ସମ୍ମିଳନୀ



**ଖୋର୍ଦ୍ଧା,୯।୧୧/ଏନ୍‌ଏନ୍‌ଏସ୍‌:** ଆଜି ବେଗୁନିଆ ବ୍ଲକ ପୋଡ଼ାଡିହ ସ୍ଥିତ ଅଗ୍ରଣୀ ଶିକ୍ଷାନୁଷ୍ଠାନ ଭାରତୀୟ ବିଦ୍ୟା ନିକେତନ ପରିସରରେ ଏକ ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ରେ ୫୦ରୁ ଊର୍ଦ୍ଧ୍ୱ ମା' ଯୋଗ ଦେଇଥିଲେ । ମା'ମାନଙ୍କୁ ଉତ୍ସାହିତ କରିବା ସହ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଦୁଇଟି ପ୍ରତିଯୋଗିତା ଯଥା ସମ୍ପୂର୍ଣ୍ଣ ଲକ୍ଷ୍ମୀ ଖୋଟି ଓ ସ୍ୱୟଂସିଦ୍ଧା ମ୍ୟୁଜିକ୍ ଚେୟାର ଅନୁଷ୍ଠିତ ହୋଇଥିଲା । ଅନୁଷ୍ଠାନର ପ୍ରତିଷ୍ଠାତା ସମ୍ପାଦକ ଶୁଭକାନ୍ତ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅତିଥି ଭାବେ ସମାଜସେବୀ ପୂର୍ଣ୍ଣଚନ୍ଦ୍ର ପଣ୍ଡା, କୋଷାଧ୍ୟକ୍ଷ ସୁରେନ୍ଦ୍ର ମହାନ୍ତି, ପ୍ରଧାନ ଆଚାର୍ଯ୍ୟା ସୁକାନ୍ତି ନାୟକ ସମେତ ସମସ୍ତ ଗୁରୁମା ସହଯୋଗ କରିଥିଲେ । ଶିଶୁମାନଙ୍କ ଦ୍ୱାରା ମା'ମାନଙ୍କ ଉଦ୍ଦେଶ୍ୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ସମ୍ପୂର୍ଣ୍ଣ ଲକ୍ଷ୍ମୀ ଭାବେ ଶର୍ମିଷ୍ଠା ସାହୁ, ସସ୍ମିତା ଦାସ, ରଞ୍ଜୁଲତା ସେଠୀ ଓ ସ୍ୱୟଂସିଦ୍ଧା ଭାବେ ଝୁନା ସାହୁ, ମମତା ବେହେରା ଓ ରଶ୍ମିତା ନାୟକଙ୍କୁ ଅତିଥିମାନେ ପ୍ରଶଂସା ପତ୍ର ଓ ଟ୍ରଫି ଦେଇ ସମ୍ବର୍ଦ୍ଧିତ କରିଛନ୍ତି । ଏଭଳି କାର୍ଯ୍ୟକ୍ରମ ଆୟୋଜନକୁ ଅଭିଭାବକଙ୍କ ସହ ଅଞ୍ଚଳବାସୀ ଭୂୟସୀ ପ୍ରଶଂସା କରିଛନ୍ତି ।

## ଉର୍ଜାବାନ ଓଡ଼ିଶା ଟ୍ରଷ୍ଟ ପକ୍ଷରୁ ତୃତୀୟ ସ୍ୱନକ୍ଷତ୍ର ଉତ୍ସବ



**ପୁରୀ,୯।୧୧/ଏନ୍‌ଏନ୍‌ଏସ୍‌:** ସମାଜସେବା କ୍ଷେତ୍ରରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ପୁରୀ ମାଟିର ଅଗ୍ରଣୀ ଅନୁଷ୍ଠାନ 'ଉର୍ଜାବାନ ଓଡ଼ିଶା' ଟ୍ରଷ୍ଟ ପକ୍ଷରୁ ଏହାର ତୃତୀୟ ସ୍ୱନକ୍ଷତ୍ର ଉତ୍ସବ ସ୍ଥାନୀୟ ସଂସ୍କୃତି ଭବନଠାରେ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ପୁରୀ ପୂର୍ବତନ ବିଧାୟକ ଜୟନ୍ତ ଷଡ଼ଙ୍ଗୀ, ପୁରୀ ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ, ପୁରୀ ସଦର ଉପଆରକ୍ଷୀ ଅଧିକ୍ଷକ ପ୍ରଶାନ୍ତ କୁମାର ସାହୁ, ଜିଲ୍ଲା ଶିଶୁ ମଙ୍ଗଳ ଅଧିକାରୀ ମନୋଜ କୁମାର ତ୍ରିପାଠୀ, ଟାଉନ ଥାନା ଭାରପ୍ରାପ୍ତ ଅଧିକାରୀ ସୁନୀଲ କୁମାର ପ୍ରଧାନ, ଜିଆର୍‌ପି ଥାନା ଭାରପ୍ରାପ୍ତ ଅଧିକାରୀ ସନ୍ତୋଷ ବାହିନୀପତି, ଯୁବ ସମାଜସେବୀ ଡ. ଷ୍ଟାଲିନ୍ କୁମାର ପରିଜା, ଶ୍ରୀମନ୍ଦିର ବରିଷ୍ଠ ସେବାୟତ ମଧୁସୂଦନ ସିଂହାରୀ, ଭଗବାନ ସୁଆର, ବରିଷ୍ଠ ସମାଜସେବୀ ତଥା ଶିଳ୍ପପତି ରାଜକିଶୋର ପାତ୍ର ସମେତ ଅନୁଷ୍ଠାନର ଉପଦେଷ୍ଟା ପୁଷ୍ପଜିତ ମହାପାତ୍ର, ସଭାପତି ସନ୍ତୋଷ ସେନାପତି ଏବଂ ସମ୍ପାଦିକା ତଥା ପ୍ରତିଷ୍ଠାତା ସୁଶ୍ରୀ ନୀହାରିକା ତ୍ରିପାଠୀ ପ୍ରମୁଖ ଉପସ୍ଥିତ ରହିଥିଲେ ।

ଏହି ଅବସରରେ ପୁରୀ ସହରର ପାଖାପାଖି ଚାଳିଶରୁ ଊର୍ଦ୍ଧ୍ୱ ସାମାଜିକ ଅନୁଷ୍ଠାନ ଓ ସ୍ୱେଚ୍ଛାସେବୀ ସଂଗଠନ ତଥା ଗଣମାଧ୍ୟମର ପ୍ରତିନିଧିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ବଲାଙ୍ଗୀରରୁ ଆସିଥିବା ସମ୍ବଲପୁରୀ ନୃତ୍ୟ ସହିତ ପୁରୀର ଯୋଗ କଳାକାର ଏବଂ ନାଚଘର ଅନୁଷ୍ଠାନର ଓଡ଼ିଶୀ ନୃତ୍ୟଶିଳ୍ପୀ ଓ ଶ୍ରୀଜଗନ୍ନାଥ ବେଦାନ୍ତ ସାଂସ୍କୃତିକ କେନ୍ଦ୍ର ତରଫରୁ କୁନି କୁନି ପିଲାମାନଙ୍କ ଦ୍ୱାରା ଯୋଗ ପରିବେଷଣ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲା । ଉର୍ଜାବାନ ଓଡ଼ିଶା ଟ୍ରଷ୍ଟର ବହୁମୁଖୀ କାର୍ଯ୍ୟକ୍ରମ ଅତିଥିମାନଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଥିଲା । ଚଳିତ ବର୍ଷ ରଥଯାତ୍ରା ସମୟରେ ଦିବ୍ୟାଙ୍ଗ ପିଲାମାନଙ୍କୁ ରଥାରୂଢ଼ ଚତୁର୍ଦ୍ଧା ମୂର୍ତ୍ତିଙ୍କ ଦର୍ଶନ କରାଇ ଏଇ ଅନୁଷ୍ଠାନ ବେଶ ଚର୍ଚ୍ଚାକୁ ଆସିଥିଲା । ଜଳ ବଣ୍ଟନ, ଟଙ୍କ ତୋରାଣି , ଖାଦ୍ୟ ବଣ୍ଟନ, ପ୍ରସାଦ ବଣ୍ଟନ, ବୃକ୍ଷ ରୋପଣ ଏବଂ ଆର୍ଥିକ ଅନଗ୍ରସର ପିଲାଙ୍କୁ ପାଠ୍ୟ ଉପକରଣ ଯୋଗାଇ ଦେବା ଭଳି ପ୍ରମୁଖ କାର୍ଯ୍ୟ କରି ଉର୍ଜାବାନ ଓଡ଼ିଶା ଚର୍ଚ୍ଚାରେ ରହି ଆସିଛି । ସଭିଏଁ ଏକାଠି ହୋଇ କାମ କଲେ ପୁରୀ ସହର ବିଶ୍ୱରେ ନିଜ ସେବା ପାଇଁ ସ୍ୱତନ୍ତ୍ର ନା ରଖି ପାରିବ ବୋଲି ଅତିଥିମାନେ ମତ ପୋଷଣ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ପାଖାପାଖି ତିନି ଶହରୁ ଊର୍ଦ୍ଧ୍ୱ ଲୋକ ଯୋଗ ଦେଇଥିଲେ । ସଭାପତି ସନ୍ତୋଷ ସେନାପତି ଆନୁଷ୍ଠାନିକ ସ୍ୱାଗତ କରିଥିଲା ବେଳେ ସମ୍ପାଦିକା ନିହାରିକା ତ୍ରିପାଠୀ ଧନ୍ୟବାଦ୍ ଦେଇଥିଲେ । ଦୂରଦର୍ଶନର ଉପସ୍ଥାପକ ଶିବାନନ୍ଦ ବାରିକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଅନୁଷ୍ଠାନର ସମସ୍ତ ସଦସ୍ୟସଦସ୍ୟା ଉପସ୍ଥିତ ଥିଲେ ।

## ସୁରଭି ଗୋସେବା କେନ୍ଦ୍ରର ପ୍ରତିଷ୍ଠା ଉତ୍ସବ

**ପୁରୀ,୯।୧୧/ଏନ୍‌ଏନ୍‌ଏସ୍‌:** ଶନିବାର ପବିତ୍ର ଗୋପାଷ୍ଟମୀ ଉପଲକ୍ଷେ ଗୋମାତାଙ୍କର ପୂଜା ଅବସରରେ ପୁରୀର ମେରିନ୍ ଡ୍ରାଇଭ ରୋଡ୍ ନିକଟବର୍ତ୍ତୀ ନାଗାପାଟଣାଠାରେ ନବଯୁବକମାନଙ୍କର ମିଳିତ ପ୍ରୟାସରେ ସଂଗଠିତ 'ସୁରଭି ଗୋସେବା କେନ୍ଦ୍ର' ଗୋମାତାଙ୍କର ସେବାକାର୍ଯ୍ୟ ଓ ଅବହେଳିତ ଗୋମାତାଙ୍କର ରକ୍ଷଣାବେକ୍ଷଣ ଉଦ୍ଦେଶ୍ୟରେ ନୂତନ ଅନୁଷ୍ଠାନର ପ୍ରତିଷ୍ଠା ଉତ୍ସବ ସୁରୁଖୁରୁରେ ସମ୍ପନ୍ନ ହୋଇଛି । ପ୍ରତିଷ୍ଠା ଉତ୍ସବ ପୂର୍ବରୁ ଦୀର୍ଘ ୧୦୦ ଦିନର ଖାଦ୍ୟ ଅଭିଯାନ ଏବଂ ବର୍ତ୍ତମାନ ପର୍ଯ୍ୟନ୍ତ ୮୦ରୁ ଊର୍ଦ୍ଧ୍ୱ ଦୁର୍ଘଟଣାଯୁକ୍ତ ଗୋମାତାମାନଙ୍କର ଉଦ୍ଧାର ଓ ସେବା କାର୍ଯ୍ୟ ଚାଲୁଛି । ଏହି ଶୁଭାବସରରେ ଅନୁଷ୍ଠାନର ପ୍ରତିଷ୍ଠାତା ରୋସନ୍ କୁମାର ନାୟକ, ଅନୁଷ୍ଠାନର ପ୍ରମୁଖ ଦିଗ୍‌ଦର୍ଶନ ପଟ୍ଟନାୟକ, ନୀତିନ, ବିକାଶ, ରଞ୍ଜନ, ଆୟୁଷ୍ମାନ, ଅଂଶୁମାନ, ରିତିକ୍, ପ୍ରଭୁ, ଚନ୍ଦନ, ବିନାୟକ, ଆୟୁଷ, ଶୁଭଶ୍ରୀ ଏବଂ ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତାଙ୍କ ଉପସ୍ଥିତିରେ 'ସୁରଭି ଗୋସେବା କେନ୍ଦ୍ର' ର ଭବ୍ୟ ପ୍ରତିଷ୍ଠା ଉତ୍ସବ ସୁରୁଖୁରୁରେ ଅନୁଷ୍ଠିତ ହୋଇଛି । ଅନୁଷ୍ଠାନର ପ୍ରତିଷ୍ଠାତା ରୋସନ୍ କୁମାର ନାୟକ ଏବଂ ଦିଗ୍ ଦର୍ଶନ ପଟ୍ଟନାୟକ ଏହିପରି ଆଗକୁ ଅନେକ ଗୋମାତାଙ୍କର ସେବା ଏବଂ ଦୁର୍ଘଟଣାଯୁକ୍ତ ଗୋମାତାମାନଙ୍କର ଉଦ୍ଧାର କରିବାକୁ ପ୍ରସ୍ତାବ ଦେବା ସହିତ ଯୁବବର୍ଗଙ୍କୁ ଆହ୍ୱାନ ଦେଇଥିଲେ ।




## ଆକାଶବାଣୀର ବରିଷ୍ଠ କଳାକାର ଲକ୍ଷ୍ମୀଧର ତ୍ରିପାଠୀଙ୍କ ସ୍ମୃତିସଭା

**ଖୋର୍ଦ୍ଧା,୯।୧୧/ଏନ୍‌ଏନ୍‌ଏସ୍‌:** ଆଜି ଖୋର୍ଦ୍ଧା ସାହିତ୍ୟ ସଂସଦ ଏବଂ ତ୍ରିନାଥ ଚରଣ ସ୍ମୃତି କଳା ସାହିତ୍ୟ ସଂସଦ, ଖୋର୍ଦ୍ଧାର ମିଳିତ ଆନୁକୂଲ୍ୟରେ ଦିବଂଗତ ଲକ୍ଷ୍ମୀଧର ତ୍ରିପାଠୀଙ୍କ ସମୃଦ୍ଧିସଭା ଅନୁଷ୍ଠିତ ହୋଇଯାଇଛି । ସ୍ୱର୍ଗତ୍ ତ୍ରିପାଠୀ



ଏକାଧାରରେ ଜଣେ ହାଇସ୍କୁଲର ଇଂରାଜୀ ଶିକ୍ଷକ ସହିତ ଆକାଶବାଣୀର କଳାକାର ଥିଲେ । ଶିକ୍ଷାର ପ୍ରଚାର ପ୍ରସାର ପାଇଁ ଆନ୍ଦୋଳନ କରି ବହୁବାର ଜେଲ୍ ଯାଇଛନ୍ତି । ନାଟକର ଭିତ୍ତିଭୂମି ସୃଷ୍ଟି କରିବା ସହିତ ସେ ନିଜେ ଜଣେ ବେତାର, ଚଳଚ୍ଚିତ୍ର ଓ ଦୂରଦର୍ଶନର ଜଣେ ଉଚ୍ଚକୋଟୀର କଳାକାର ଭାବେ ସୁନାମ ଅର୍ଜନ କରିପାରିଥିଲେ ।

ଅନେକ ଉଚ୍ଚ ବିଦ୍ୟାଳୟରେ ସେ ପ୍ରଧାନଶିକ୍ଷକ ଭାବରେ ଦାୟିତ୍ୱ ତୁଲାଇଥିଲେ । ସେ ପରୋପକାରୀ ଏବଂ ସମାଜସେବୀ ଥିଲେ । ଆକାଶବାଣୀରେ ପ୍ରସାରିତ ହେଉଥିବା କାର୍ଯ୍ୟକ୍ରମ 'ମହିଷାମର୍ଦ୍ଦିନି'ରେ ମହିଷାସୁର ଭୂମିକାରେ ଅଭିନୟ କରି ଉଚ୍ଚ ପ୍ରଶଂସିତ ହୋଇଥିଲେ । ଆଜି ଖୋର୍ଦ୍ଧା ସାହିତ୍ୟ ସଂସଦର ସଭାପତି ପ୍ରାଧ୍ୟାପକ ଗୋପାଳକୃଷ୍ଣ ଦାସଙ୍କ ଦ୍ୱାରା ଶୋକ ପ୍ରସ୍ତାବ ଆଗତ ହୋଇଥିଲା । ଏଥିରେ ସମ୍ପାଦକ ବିଭୂ ପ୍ରସାଦ ହରିଚନ୍ଦନ, ତ୍ରିନାଥ ଚରଣ ସ୍ମୃତି କଳା ସାହିତ୍ୟ ସଂସଦର ସମ୍ପାଦିକା ଇତିଶ୍ରୀ ସାହୁଙ୍କ ସମେତ ଐତିହାସିକ ସତ୍ୟବାଦୀ ବଳିୟାରସିଂହ, ଉପଦେଷ୍ଟା ଗୋବିନ୍ଦ ଚନ୍ଦ୍ର ମହାରଣା, ହେମନ୍ତ କୁମାର ବେହେରା, ରାଜାରାମ ବେହେରା, ଚିନ୍ମୟୀ ପଣ୍ଡା, ବଂଶୀଧର ଦାଶ, ସତ୍ୟାନନ୍ଦ ବେହେରା, ବିନତୀ ମିଶ୍ର, କବିରାଜ ପ୍ରଧାନ, ଆଦିତ୍ୟ ପାଣିଗ୍ରାହୀ, କଳ୍ପନା ବେହେରା, ଆଶାଲତା ବଳିୟାରସିଂହ, ରଶ୍ମିରେଖା ମହାପାତ୍ର, ବିଜୟଲକ୍ଷ୍ମୀ ବିଶ୍ୱାଳ, ଦେବହୁତି ପୁରୋହିତ, ସୁଜାତା ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ଦିବଂଗତ ଲକ୍ଷ୍ମୀଧର ତ୍ରିପାଠୀଙ୍କର ସ୍ମୃତିଚାରଣ କରିଥିଲେ ।

## ଶ୍ରୀମନ୍ଦିରରେ ବାଙ୍ଗୀୟ ଭକ୍ତ ଓ ଜେଟିପିଙ୍କ ମଧ୍ୟରେ ମାରପିଟ୍

**ପୁରୀ,୯।୧୧/ଏନ୍‌ଏନ୍‌ଏସ୍‌:** ଶ୍ରୀ ମନ୍ଦିରରେ ବଙ୍ଗୀୟ ଭକ୍ତ ଓ ଜେଟିପିଙ୍କ ମଧ୍ୟରେ ମାରପିଟ ହୋଇଛି । ଚାରିରୁ ପାଞ୍ଚ ଜଣ ବଙ୍ଗୀୟ ଭକ୍ତଙ୍କ ଟଣାଓଟରା ଓ ଆକ୍ରମଣରେ ଶ୍ରୀମନ୍ଦିର ଜେଟିପି ଆହତ ହୋଇଛନ୍ତି । ପରେ ଉଭୟ ଜେଟିପି ଓ ବଙ୍ଗୀୟ ଭକ୍ତଙ୍କ ପକ୍ଷରୁ ଲିଖିତ ଭାବେ ସିଂହଦ୍ୱାର ଥାନାରେ ଅଭିଯୋଗ ହୋଇଥିଲା । ପୁଲିସ ଆହତ ଜେଟିପି ଓ ବାଙ୍ଗୀୟ ଭକ୍ତଙ୍କୁ ରଖି ପଚରାଉଚରା କରିଛି ।



ଶ୍ରୀ ମନ୍ଦିର ଜେଟିପି ଗୁପ୍ତେଶ୍ୱର ରାଉତରାୟଙ୍କ କହିବା ଅନୁଯାୟୀ ଆଜି ସକାଳ ୯ଟାରେ ସେ ଶ୍ରୀମନ୍ଦିର ଘଣ୍ଟି ଦ୍ୱାରରେ ହବିଷ୍ୟାଳିଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ଦାୟିତ୍ୱରେ ଥିଲେ । ଏହି ସମୟରେ କିଛି ବଙ୍ଗୀୟ ଭକ୍ତ ପ୍ରସ୍ଥାନ ବାଟ ଦେଇ ପ୍ରବେଶ କରିବାକୁ ଚେଷ୍ଟା କରିଥିଲେ । ଏହାକୁ ବାରଣ କରିଥିଲେ ଘଣ୍ଟି ଦ୍ୱାର ନିକଟରେ ଥିବା ଜେଟିପି ଗୁପ୍ତେଶ୍ୱର । ବାରଣ କରିବାରୁ ବଙ୍ଗୀୟ ଭକ୍ତମାନେ ଏହାକୁ ନମାନି ଉତ୍‌କ୍ଷିପ୍ତ ହୋଇ ଗୁପ୍ତେଶ୍ୱରଙ୍କୁ ଆକ୍ରମଣ କରିଥିଲେ ବୋଲି ଜେଟିପି ଗୁପ୍ତେଶ୍ୱର ସୂଚନା ଦେଇଥିଲେ । ଅନ୍ୟପଟେ ବଙ୍ଗୀୟ ଭକ୍ତ ପୂଜାଳି ଚାର୍ଟାର୍ଜିଙ୍କ କହିବା ଅନୁଯାୟୀ ସେ ତାଙ୍କ ପରିବାରବର୍ଗଙ୍କ ସହ ଶ୍ରୀମନ୍ଦିର ଘଣ୍ଟି ଦ୍ୱାର ନିକଟରେ ଗହଳିରେ ଫସି ରହିଥିଲେ । ଏହି ସମୟରେ ଜେଟିପି ତାଙ୍କୁ ଦୁର୍ବ୍ୟବହାର ସହ ତାଙ୍କ ଶରୀରରେ ହାତ ଲଗାଇଥିଲେ । ଯାହା ଫଳରେ ସେ ନିଜକୁ ରକ୍ଷା କରିବାକୁ ଯାଇ ଏହି ପରି ଘଟଣା ଘଟିଥିଲା ।





# ଏକବିଂଶ ଶତାବ୍ଦୀ ଓଡ଼ିଆ କବିତାର ଭାଷା ଓ ଶୈଳୀ

ଡକ୍ଟର ବାବାଜୀ ଚରଣ ପଟ୍ଟନାୟକ


ଉପରଲିଖିତ ବିଷୟ ସମ୍ବନ୍ଧରେ ଆଲୋଚନା କରାଯିବା ପାଇଁ ସାହିତ୍ୟ ଅକାଦେମି ଏବଂ ସରକାରୀ ମହାବିଦ୍ୟାଳୟ, କୋରାପୁଟର ସ୍ନାତକୋତ୍ତର ଓଡ଼ିଆ ବିଭାଗଙ୍କ ମିଳିତ ଆନୁକୂଲ୍ୟରେ ଏକ ସେମିନାର୍ ଅନୁଷ୍ଠାନ ନିମିତ୍ତ ୨୯ ଅକ୍ଟୋବର ୨୦୨୪ ଧାର୍ଯ୍ୟ ହୋଇଥାଏ । ଏହି ତାରିଖରେ ଉପସ୍ଥିତ ଉଦ୍ଦିଷ୍ଟ ଏକ ଅଧିବେଶନରେ ସଭାମୁଖ୍ୟ ଦାୟିତ୍ୱ ନିର୍ବାହନ ପାଇଁ ଏ ଲେଖକ ଉଭୟ ଅନୁଷ୍ଠାନ ତରଫରୁ ଯଥାବିଧି ନିମନ୍ତ୍ରଣ ପାଇ ପ୍ରସ୍ତୁତ ହେଉଥାଏ । ଏକବିଂଶ ଶତାବ୍ଦୀ, ଏବେ ମାତ୍ର ପଚିଶ ବର୍ଷ ବୟସରେ ପହଞ୍ଚିଛି । ଯା'ରି ଭିତରେ ଓଡ଼ିଆ କବିତା ଭାଷା ଓ ଶୈଳୀଦୃଷ୍ଟିରୁ କିଭଳି ପୂର୍ବ ଶତାବ୍ଦୀଠାରୁ ପୃଥକତା ବଢୁଛି ଓ ଅବଶିଷ୍ଟ ବର୍ଷମାନଙ୍କ ପାଇଁ କେଉଁ ଦିଶା ପ୍ରଦର୍ଶକ ହେଉଛି- ଏମିତି ଚିନ୍ତା କରୁଥିବା ବେଳେ, ହଠାତ୍ ଏ ଲେଖକ ଚମକି ଯାଇଛି, ୨୭ ଅକ୍ଟୋବର, ୨୦୨୪ 'ସମ୍ବାଦ'ର 'ସାହିତ୍ୟ' ପୃଷ୍ଠାରେ ପ୍ରକାଶିତ ଏକ କବିତା ପଢ଼ି କରି । କବିତାର ନାଁ 'ଶାନ୍ତିର ଦାମ ଅଶୀ ହଜାର'; କବି-ସଂଯୁକ୍ତା ନାୟକ । କବିତାଟିର ବିଷୟବସ୍ତୁ ଯାହା, ତାହା ଯେ ଏକବିଂଶ ଶତାବ୍ଦୀରେ ପ୍ରମୁଖ ସାମାଜିକ ସମସ୍ୟା ଓ ବିବେକୀ ସମ୍ବେଦନଶୀଳ ମାନବାତ୍ମାପ୍ରତି ଅନ୍ତଃହୀନ ଅଶ୍ଳୀଳ ଦରଦତାର ସଂକେତାତ୍ମକ ଆହ୍ୱାନ, ପୁଣି, ଭାଷା ଓ ଶୈଳୀଦୃଷ୍ଟିରୁ ପୂର୍ବଠୁଁ ନିଆରା ଏବଂ ଆଗାମୀ କାଳ ପାଇଁ ସମ୍ଭାବନାର ପଥପ୍ରଦର୍ଶକ । ସଂକ୍ଷେପରେ, କବିତାରେ ବର୍ଣ୍ଣିତ ପ୍ରସଙ୍ଗ, ଏହିପରି- ଗାଁ ଶେଷମୁଣ୍ଡରେ ରହୁଥିବା ଅଭାବୀ, ମୂଲିଆ ବିଶୁଭାଇର ଚାରି ନମ୍ବର ଝିଅ ଶାନ୍ତି; ଯାହାର ଶୈଶବ ସହର୍ଷ, ଫୁର୍ତ୍ତିବାଦ ଭିତରେ ମିଠା ହସ ବିଞ୍ଚି କଟେ । ଯୌବନରେ ବିବାହ କରି ଅନ୍ୟ ଗାଁକୁ ଯାଏ । କିନ୍ତୁ ସ୍ୱାମୀଙ୍କର ପରସ୍ତ୍ରୀ ପାଇଁ ରାତ୍ରିରେ ଗମନ ତା' ଆତୁରେ ଯାଏନା । ପରିଣତିରେ ତାକୁ ମୃତ୍ୟୁବରଣ କରିବାକୁ ହୁଏ । ପୁଲିସ ଯାଏ କଥା ନ ନେଇ ବିଶୁଭାଇକୁ ପୁଅପକ୍ଷ ସତୁରି ହଜାର ଓ ଗାଁ ଯୁବକ ସଂଘକୁ ଦଶହଜାର ଦେଇ, ଶାନ୍ତିର ଶବ ସତ୍କାର କରାଯାଏ । ଗରିବ ମଜୁରିଆ ଘରେ ଚାରି ନମ୍ବର ଝିଅ ହୋଇ ଜନ୍ମିଥିବା ଶାନ୍ତିର ଜୀବନ ସତ୍ୟ ପାଇଁ ପ୍ରତିବାଦତାରେ କି ନିଷ୍ଠୁର ପରିଣତି ଭୋଗେ, ତହିଁର ସତ୍ୟ ସାକ୍ଷୀ ଏବେ ବି ଓଡ଼ିଶାର ଗାଁ ମୂଳକ । କବିଙ୍କ ଭାଷାରେ, 'ଶାନ୍ତିକୁ କେହି ଦିନେ ପଚାରି ନଥିଲା କ'ଣ ତା'ର ଦୁଃଖ/ ଏବେ ବି ତା' ଗାଲ ବେକରେ ଆଙ୍ଗୁଠି ଚିହ୍ନ ସ୍ପଷ୍ଟ/ କେହି ସେ ଆଡ଼େ ଅନେଇଲେ ନାହିଁ ।' କବିତାର ଭାଷା ସରଳ, ସହଜ ସଂକେତରେ ବିସ୍ତୃତ ଆଲେଖ୍ୟ ସୂଚିତ, 'ଦଇନି', 'ନିଉଛାଳି' ଭଳି ପ୍ରାଚୀନ ଓଡ଼ିଆ ଶବ୍ଦ ସହିତ ଫେଣ୍ଟି ହୋଇଯାଇଛି ଗାଉଁଲି ବ୍ୟବହାରରେ ଚଳୁଥିବା ବିଶେଷ ବିଶେଷଣ ବିଶେଷିତ ପଦାବଳୀ; ଯେପରି, 'କହରା ରୁଟି', 'ରଙ୍ଗଛଡ଼ା ଫ୍ରକ', 'ନହକା ଲତା', 'କଥାକୁହା ଆଖି', 'ନୁଖୁରା ମୁହଁ', 'ଭୁବନବିଣା ହସ', 'ହଳଦୀମଖା ମୁହଁ', 'ଅଚିନ୍ତା ନିଦ' ଇତ୍ୟାଦି । ପୁଣି, ଗାଉଁଲି ଜୀବନରେ ଶୁଣାଯାଉଥିବା ଢଗ ଛନ୍ଦର ବାକ୍ୟ; 'କାଳିକୋତରୀ ମୁଣ୍ଡ ଝାମ୍ପୁରୀ', 'ପିତ୍ତଳ ହାଣ୍ଡି', 'ଧୋଇ ମାଜିଦେଲେ ଚକ୍ ଚକ୍' ବି ପଢ଼ି ହୋଇଛି ଏ କବିତାରୁ । ଏ ଲେଖକ ଜାଣେ, ଏକବିଂଶ ଶତାବ୍ଦୀ କେବଳ ମହାବାତ୍ୟା ପରିବେଶ ଭିତରୁ ଗତିଶୀଳ ହୋଇ ନାହିଁକି, ଜଗତୀକରଣ ବ୍ୟବସ୍ଥାରେ ମାନବିକତାର ବିପର୍ଯ୍ୟୟକୁ ସାଥୀରେ ଧରି ଆସି ନାହିଁ । ଆସିଛି ଅନେକ ନିର୍ଭୟା, ଅନାମିକା ଓ ସୀମନ୍ତିନୀଙ୍କ ଅସହାୟତା, ଉତ୍ପୀଡ଼ନା, ଦୁର୍ବିପାକ, ଦୁର୍ଭୋଗ ଅବସ୍ଥାର ଜୀବନଚିତ୍ରର ବଳାତ୍କାରିତା ଓ ପ୍ରତିବାଦଜନିତ ସତ୍ୟକୁ ସାମ୍ନା କରିବାର କରୁଣ ଉପସଂହାରକୁ ଧରି । ବସ୍ତୁତଃ, ଏକବିଂଶ ଶତାବ୍ଦୀରେ ସୃଷ୍ଟି ଓଡ଼ିଆ କବିତା ଅନେକ ସ୍ୱର ଏବଂ ତଦନୁପାତିକ ଶୈଳୀ ଓ ଭାଷା ଦେଇ ଆତ୍ମପ୍ରକାଶ କରିଥିବା କଥା ଜଣାଥିଲେ ହେଁ, ଏ ଲେଖକ 'ଶାନ୍ତିର ଦାମ ଅଶୀ ହଜାର' କବିତାର ସ୍ୱର ଓ ସ୍ୱରୂପ ଦ୍ୱାରା ଏତେ ମାତ୍ରାରେ ପ୍ରଭାବିତ ହୋଇଛି ଯେ, ସେ ସେହି ସେମିନାରରେ ଆପାତତଃ ଏହାର ନିର୍ଯାସ ଉକୁଟା ଓଡ଼ିଆ କବିତାଗୁଡ଼ିକ ଉପରେ ବିଶେଷ ଦୃଷ୍ଟିପାତ କରିଛି । ବିଂଶ ଶତାବ୍ଦୀର ଓଡ଼ିଆ କବିତାରେ 'ଅଳକା ସାନ୍ୟାଲ' ଓ 'ପ୍ରତିମା ନାୟକ'ଙ୍କ ଭଳି ଏକବିଂଶ ଶତାବ୍ଦୀରେ 'ଶାନ୍ତି' ଓ ମଧୁସୂଦନ ଦାଶଙ୍କ 'ଶ୍ୟାମଳୀ ଗୁରୁ' ନାରୀ ପ୍ରତିଭୂର ମାନକ ଭାବେ ବିବେଚିତ ହେବା ସ୍ୱାଭାବିକ । ଶ୍ୟାମଳୀ ଗୁରୁ ଅବଶ୍ୟ ଅଳକା ଓ ପ୍ରତିମାଙ୍କ ଭଳି ଅବିବାହିତା । ଲାଜକୁଳି ଶ୍ୟାମଳୀ ଦିନେ ଅନେକଙ୍କ ସହ ମିଶିଛି, ହାଇହିଲ ପିନ୍ଧିଛି, କାନ୍ଧରେ ଭ୍ୟାନିଟି ପକାଇଛି । ଏମିତିରେ ବୟସ ଗଡ଼ିଯାଇଛି, ରହିଯାଇଛି ଅବିବାହିତା । ସମୟ କ୍ରମେ, 'ସେ ଦିଶେ ଭାରି ବୟସ୍କା ବୟସ୍କା/ ଯେଉଁଠି ଥାପୁଛି ପାଦ/ ସେଠି ମାଟି ମାଗେ/ ସହିବାର କଳା/ ଗଛ ମାଗେ ଛାଇ/ ପାଣି ଖୋଜେ/ ଶୋଷ, ଫୁଲ ଅଣ୍ଡାଳେ/ ବାସ୍ନା/ ଓଠ ଦରାଣ୍ଡେ ହସ/ ଶ୍ୟାମଳୀ ତଥାପି/ ସଳଖୁଛି ତା'/ ନହନହକା ଅଣ୍ଟା/ ହେବାକୁ ଫର୍ଦ୍ଦେ/ ଅଲେଖା/ ଇତିହାସ ।' (ଝଙ୍କାର-ଜୁଲାଇ-୨୦୦୪)

ଖପରାଡ଼ିଆଁ ଖେଳୁଥିବା ଝିଅଟି ପ୍ରତି କବି ପ୍ରୀତିଧାରା ସାମଲଙ୍କ ଉକ୍ତି, ଭାଷା ଦୃଷ୍ଟିରୁ କେତେ ଯେ ଗାଉଁଲି ଗାଉଁଲି, ତାହା କାହା କାହାକୁ ହୁଏତ ଦୋ' ଦୋ' ପାଞ୍ଚରେ ପକାଇ ପାରେ । ଶୁଣାଯାଉ- 'ଦିନେ ଭାଗ୍ୟ ତତେ ଖପରା କରି/ ଖେଳେଇବ ଲୋ ଝିଅ/ ପ୍ରସ୍ତୁତ ହେଇ ରହ ।' ଝିଅଟି ପ୍ରତି କବିଙ୍କ ସାବଧାନ ବାଣୀ ଏକବିଂଶ ଶତାବ୍ଦୀରେ ଶ୍ରୁତ, ବହୁମୁଖ ଉଚ୍ଚାରିତ ସ୍ୱର ଯେପରି, 'ହେଲେ ମନେରଖ ଝିଅ/ ଯେଉଁମାନେ ଖେଳେଇବା ନାଁରେ/ ତୋ ଦେହରୁ ରକ୍ତ କାଢ଼ିନେବେ/ ତୋ କେଶ କାଟି ଦେବେ/ ପାଣି ଟୋପେ ନ ଦେଇ/ ରାତିରାତି ଅନିଦ୍ରା ରଖିବେ/ ସେମାନେ କେହି ନ ଥିବେ ତୋ ପାଖରେ/ ଯେତେବେଳେ ବିନା କାରଣରେ/ କେହି ଜଣେ ତତେ ଖପରା କରି ଫିଙ୍ଗି ଦେବ/ ଦୂରକୁ ବହୁଦୂରକୁ ।' (ଖପରା ଡିଆଁ- ସମ୍ବାଦ-୨୦୨୪) ନାରୀମାନଙ୍କ ପ୍ରତି କେତେ ନା କେତେ ସାମାଜିକ ନୀତି-ସୂକ୍ତି ! ଏସବୁ ବିରୋଧରେ ପ୍ରତିକ୍ରିୟା ସ୍ୱର ଶୁଣି ହୁଏ ଓଡ଼ିଆ କବିତାରୁ । ଗାୟତ୍ରୀବାଳା ପଣ୍ଡାଙ୍କ 'ଭୂମିକା' କବିତାରୁ ଶୁଣାଯାଉ - 'ଥରୁଟିଏ ନାରୀ ହୋଇ ଜନ୍ମନେଲେ ଏ ମାଟିରେ/ କେବଳ ସନ୍ତୁଷ୍ଟ କରିବାକୁ ପଡ଼େ/ ପିତୃପୁରୁଷଙ୍କୁ, ସମାଜ, ସମୟ ଏବଂ/ ଶ୍ୱାନଶୃଗାଳଙ୍କୁ । ନ ହେଲେ ତ ଅଭିଶାପ ଦିଅନ୍ତି ଈଶ୍ୱର ।' (ଝଙ୍କାର- ଡିସେମ୍ବର-୨୦୦୮) ଏକବିଂଶ ଶତାବ୍ଦୀର ଓଡ଼ିଆ କବିତାର ଭାଷା ଓ ଶୈଳୀ ଭିନ୍ନ ଭିନ୍ନ ସମସ୍ୟା, ଭାବ ଓ ଆବେଗ ଦେଇ ନୂତନତାର ସ୍ୱରୂପ ଦର୍ଶାଇଛି । ଏଇ ଯେମିତି ରୁଗ୍ଣ ମାନସିକତାଗ୍ରସ୍ତ ସମାଜରୁ ପ୍ରେମ ଅସ୍ତ । ମାନବିକତା ମୋହଗ୍ରସ୍ତ । ଅପ୍ରେମ ଭାବ ଦୀକ୍ଷିତ ବ୍ୟକ୍ତି ମରଣକୁ ପଛକରି ଆଲୁଅରେ ଧରାଇ ଦେଉନାହିଁକି 'ନବବଧୂର ପୋଡ଼ା ଦେହର ଗନ୍ଧ ।' (ଚକ୍ରବ୍ୟୂହ- ସୁଶାନ୍ତ କୁମାର ନାୟକ- ସମ୍ବାଦ-୨୦୨୪)

ସେମିନାରରେ ପ୍ରବନ୍ଧ ପଢ଼ିଥିବା ବନ୍ଧୁମାନେ ଏକବିଂଶ ଶତାବ୍ଦୀ ଓଡ଼ିଆ କବିତା, ସ୍ୱର, ଶୈଳୀ, ଭାଷା, ଅଭିବ୍ୟକ୍ତି ଦୃଷ୍ଟିରୁ କିଭଳି ନୂଆନୂଆ ଲାଗିଛି ତାହା ଦର୍ଶାଇଲେ । ମହାବିଦ୍ୟାଳୟର ଅଧ୍ୟକ୍ଷ, ମାନବିକତାର ବିବର୍ତ୍ତନ ଶତାବ୍ଦୀୟ କବିତାର ସ୍ୱର ପରିବର୍ତ୍ତନର ହେତୁ ବୋଲି କହିଲେ । ଉପସଂହାରରେ, ଏ ଲେଖକ, ସେଦିନ ଦର୍ଶାଇଥିଲା; ଏକବିଂଶ ଶତାବ୍ଦୀ ଓଡ଼ିଆ କବିତାର ଭାଷା- ଲୋକମୁଖର ଭାଷା, ଏବକା ସମାଜରେ ବ୍ୟବହୃତ ଟଟକା ଶବ୍ଦର ପରିପାଟୀରେ ସମୃଦ୍ଧ; ଆଉ ଶୈଳୀ, ବିଷୟ ଘଟିତ, ଅର୍ଥାତ୍ କବିତାରେ ଯେଭଳି ବିଷୟ ଆଧାରିତ ତହିଁର ଶୈଳୀ ତଦନୁରୂପ ହୋଇଛି । ତଥାପି, ଟେକ୍ନୋଲୋଜିର ବିସ୍ଫୋରଣ, ଇଣ୍ଟରନେଟ୍ ଜରିଆରେ ଜ୍ଞାନ ଭଣ୍ଡାର ଉନ୍ମୋଚନ- ଏକବିଂଶ ଶତାବ୍ଦୀରେ ମାମୁଲି କଥା ହୋଇଥିବାରୁ ଓଡ଼ିଆ କବିତାର ଭାଷା ଓ ଅଭିବ୍ୟକ୍ତି ନୂଆ ପ୍ରତିଦ୍ୱନ୍ଦ୍ୱିତାର ସମ୍ମୁଖୀନ ହେଉଛି, ଯାହା ଏ କାଳରେ ପ୍ରକାଶିତ ଓଡ଼ିଆ କବିତାରେ ଦେଖିବାକୁ ମିଳିଲାଣି ।

ସର୍ବୋପରି, ଏଭଳି ବିଷୟ ଚର୍ଚ୍ଚା ପାଇଁ ଏ ଲେଖକ ପକ୍ଷେ 'ଶାନ୍ତିର ନାମ ଅଶୀ ହଜାର' କବିତା ପ୍ରେରଣାପ୍ରଦ ହୋଇଛି ।

ମୋ- ୯୪୩୭୩୧୯୯୧୪





## ଅଳତାବୋଳା ପଦଚିହ୍ନ

ଶ୍ୱେତପଦ୍ମା ପାଢୀ ତ୍ରିପାଠୀ

ଗତ ପନ୍ଦର ଦିନରୁ ଊର୍ଦ୍ଧ୍ୱ ହେଲାଣି ମେଡିକାଲ୍‌ରେ ଏକୁଟିଆ ଜଗି ରହିଥିଲି । ଶେଷରେ ଆଜି ଆଇସିୟୁରୁ ବାପାଙ୍କୁ ପ୍ରାଇଭେଟ୍ ୱାର୍ଡ଼ର ରୁମ୍‌କୁ ଅଣାହେଇଛି । ବୋଉ ଆରପାରିକୁ ଯିବା ପରଠାରୁ ବିଶେଷ କିଛି କଥା ବାପା କହୁ ନାହାଁନ୍ତି । ଚୁପଚାପ୍ ଆଖି ବନ୍ଦ କରି ଶୋଇ ରହୁଛନ୍ତି । ପ୍ରତିଥର ରୁମ୍ କବାଟ ଖୋଲିଲେ ଆଖି ଖୋଲି ତାକୁ ଖୋଜୁଛନ୍ତି । ପୁଣି ନିରାଶ ହେଇ ଆଖି ବୁଜି ଦେଇ ଶୋଇ ପଡୁଛନ୍ତି । ବାପାଙ୍କ ନୀରବତା ଛାତିରେ ଛୁଞ୍ଚି ଫୋଡି ଦେଲା ପରି ଲାଗୁଛି । କେତେଥର ଫୋନ୍ ଲଗେଇଲିଣି, ଅଥଚ ଫୋନ୍ ସୁଇଚ୍‌ଡ ଅଫ୍ ଆସୁଛି ତା'ର । ଆଉ କାହା ଭରସାରେ ବାପାଙ୍କୁ ଛାଡି ତା' ଘରକୁ ବି ଯାଇ ପାରୁନାହିଁ । ଆଉ ସେ ମଦ୍ୟପକୁ ଫୋନ୍ କରି କିଛି ଲାଭ ନାହିଁ । ବରଂ ସେ ମଦ୍ୟପ କାନରେ ବାପାଙ୍କ ଦେହଖରାପ କଥା ପଡ଼ିଲେ ତାକୁ ଆହୁରି ଯାତନା ଦେବ । ଏମିତି ଅସମୟ ଅବସ୍ଥାରେ କ'ଣ କରିବି ଜାଣିପାରୁ ନାହିଁ । ହସ୍ପିଟାଲ ବିଲ୍‌କୁ ନେଇ କିଛି ସାହାଯ୍ୟ ମିଳିପାରିବ ଭାବି ବର୍ଣ୍ଣ ୱାର୍ଡର ଦାୟିତ୍ୱରେ ଥିବା ମୋର ସାଙ୍ଗର ସାନଭାଇ ସୋମୁକୁ ଦେଖା କରିବାକୁ ଗଲି । ଜରୁରୀକାଳୀନ ଚିକିତ୍ସା ପାଇଁ ଆସିଥିବା ରୋଗୀ ଜଣଙ୍କ ପାଇଁ ୱାର୍ଡ୍ ବାହାରେ ଅପେକ୍ଷା କରିବାକୁ ସୋମୁ କହିଲା । ପୋଲିସ୍ ଆଉ ଲୋକଙ୍କ ଭିଡ଼ରେ କରିଡ଼ର୍‌ରେ ଛିଡ଼ା ହେବାକୁ ଜାଗା ନଥିଲା । ବାହାରି ଆସିଲା ବେଳକୁ ଷ୍ଟ୍ରେଚର୍ ଉପରେ ଥିଲା ଅର୍ଦ୍ଧେକରୁ ଊର୍ଦ୍ଧ୍ୱ ଦଗ୍ଧ ଶରୀରଟିଏ । ସମ୍ପୂର୍ଣ୍ଣ ଶରୀର ଗଦାଗଦା ତୁଳାରେ ଢଙ୍କା ହେଇଛି । ପୋଡ଼ା ଦୁର୍ଗନ୍ଧ ବାରି ହେଇ ପଡୁଥିଲା । ଅଧାଜଳା ଅଳତାବୋଳା ତଳିପାଦ ଉପରେ ମୋ ନଜର ଗଲା । ଆହାଃ ଆଜି ଦୁର୍ଗା ଅଷ୍ଟମୀ ବୋଲି ଝିଅଟି କେତେ ସରାଗରେ ଅଳତା ନାଇ ଥିଲା ! କରିଡର୍‌ରୁ ବାହାରିଲା ବେଳକୁ ନଜର ପଡିଲା ପୋଲିସ୍ ସହିତ ଛିଡ଼ା ହେଇଛନ୍ତି ନାନୀର ଖୁଡିଶାଶୂ । ତାଙ୍କ ପାଖରୁ ସବୁ ଶୁଣି ମୁଁ ହେଇଗଲି ନିଶ୍ଚଳ, ନିଶବ୍ଦ । ନାନୀର ଖୁଡିଶାଶୂ ଭଲ ମଣିଷଟିଏ କିନ୍ତୁ ମୁଁ ତାଙ୍କୁ ସାନ୍ତ୍ୱନା ଦେବା ଅବସ୍ଥାରେ ନଥିଲି । ବରଂ ଭାବୁଥିଲି କାର୍ଡିଓଲୋଜି ବିଭାଗର ରୁମ୍ ରେ ଚାହିଁ ରହିଥିବା ଛଳଛଳ ଆଖି ଦୁଇଟାକୁ କ'ଣ କହିବି ? କେମିତି କହିବି ସେ ଅସୁର ନିଜ ପରକୀୟାପ୍ରୀତି ପାଇଁ ତୁମ କଣ୍ଢେଇର ସର୍ବନାଶ କରିଦେଇଛି । କେମିତି କହିବି ସେ ଅଳତା ବୋଳା ପଦଚିହ୍ନ ଅବେଳାରେ ଅଫେରା ରାସ୍ତାରେ ଆଗେଇ ଯାଇଛି ।



-ପୁନେ, ମହାରାଷ୍ଟ୍ର
ମୋ- ୯୧୬୮୦୫୩୮୬୮



## ବଦଳେଇ ଦେବା କି' ଜୀବନ

ନୀଳମାଧବ କର

ତୋ ପାଇଁ ମୁଁ ବ୍ୟାଧ ପାଲଟିଛି
ତୋ ଚିକ୍କଣ ପର ପାଇଁ
ରଙ୍ଗୀନ ଚମଡ଼ା ଆଉ
ସୁଆଦିଆ ମାଂସ ପାଇଁ ।

ତୋ ଭୟାତୁର, ଥରିଲା ହୃଦୟ,
ମୋତେ ସାହସ ଦେଉଛି
ତୁ ଉଡ଼ିପାରୁଛୁ ବୋଲି, ମୁଁ କଳେବଳେ ଉଡିବା ଶିଖୁଛି
ଗଛ ଡାଳେ ବସା ବୋଲି ତୋର
ତାଳ ଦେଇ ମୁଁ ପ୍ରାସାଦ ତୋଳୁଛି
ମୋ ପ୍ରିୟାର କଣ୍ଠରେ, ମୁଁ ତୋତେ ହିଁ ଶୁଣୁଛି
ତା' ଢଳଢଳ ଚାଲିପାଇଁ, ତୋ ଉପମା ଯୋଡୁଛି ।

ମୁଁ ଏଠି ବନ୍ଧା, ଚାରି କାନ୍ଥ ଅନ୍ଧାର ଭିତରେ
ଜୀବନର ଘୋଡ଼ାଦୌଡ଼
ଆଶା ଆଉ ଆଶା
ଛୁଇଁ ହୁଏ ନାହିଁ,
ଲୋଭ ସରେ ନାହିଁ ।

ତୁ ତ' ଉଡୁଛୁ ମୁକ୍ତ
ତୋ ଘର ଆକାଶରେ କାନ୍ଥ ନାହିଁ
ଟଣାଟଣି ଠେଲାପେଲା ନାହିଁ
ଅଛି ଖାଲି ଉପରକୁ ଉଡ଼ିବାର ନିଶା
ପ୍ରତିଯୋଗୀତା ନାହିଁ
ହାରିବା ଜିତିବା ନାହିଁ ।

ଇର୍ଷାରେ ମୁଁ ଘଷିମାଜି ଧାର କରୁଛି ତୀର
ଜୀବନ ବଦଳେଇ ଦେବା କି' ପକ୍ଷୀରେ
ତୁ ମଣିଷଟିଏ, ଆଉ ମୁଁ ପକ୍ଷୀ
ହୁଏତ ଆର ଜନ୍ମରେ !

-ଓଲଭରହାମ୍ପଟନ, ୟୁକେ



## ନବ ପ୍ରକାଶ



**ରେବତୀ**
ସମ୍ପାଦିକା: ସୁବାସିନୀ ଜେନା
ଓଟି ରୋଡ୍, ବାଲେଶ୍ୱର -୭୫୬୦୦୧
ମୂଲ୍ୟ: ୫୦/-

ସବୁଠାରୁ ସୁନ୍ଦର ମୁଦ୍ରଣ ପରିପାଟୀ ସହିତ ସବୁଠୁ କମ୍ ଦାମରେ ପ୍ରକାଶିତ ସୁବାସିନୀ ଜେନା ସମ୍ପାଦିତ ଫିଚର୍ ପତ୍ରିକା 'ରେବତୀ'ର ନଭେମ୍ବର ୨୦୨୪ ସଂଖ୍ୟା ଆମର ହସ୍ତଗତ ହୋଇଛି । ପ୍ରତିଟି ସଂଖ୍ୟା ପାଠକୀୟ ଆଗ୍ରହକୁ ନେଇ ପ୍ରକାଶ ପାଉଥିବା ଏହି ପତ୍ରିକାଟି ସମଗ୍ର ଓଡ଼ିଶାରେ ଉପଲବ୍ଧ । ନଭେମ୍ବର ସଂଖ୍ୟାରେ ଦୀପାବଳି କନସେପ୍ଟକୁ ନେଇ ସୁନ୍ଦର କଭର ଫଟୋ ଫୁଟାଇଛନ୍ତି ପ୍ରିୟଙ୍କା ପାଣିଗ୍ରାହୀ । ଏଥର ବିଶିଷ୍ଟ କଥାକାର ପଦ୍ମଜ ପାଳଙ୍କ ସମ୍ପର୍କରେ ଜୀବନାଲେଖ୍ୟଟି ରେବତୀର ଏକ ଉପାଦେୟ ଉପସ୍ଥାପନା । ଏହାକୁ ବହୁ ଶ୍ରମ ଦେଇ ପ୍ରସ୍ତୁତ କରିଛନ୍ତି ଗାଳ୍ପିକ ରବି ପଣ୍ଡା । ଏହା ବ୍ୟତୀତ ନିଆରା ନୌବାଣିଜ୍ୟ ସମ୍ପର୍କରେ ରଶ୍ମିରେଖା ବେହେରା, ଦାଶାଇଁ ନୃତ୍ୟ ଉପରେ ପ୍ରଦୀପ୍ତ କୁମାର ଶ୍ରୀଚନ୍ଦନ, କପାଶିରା ଗାଁ ସମ୍ପର୍କରେ ପ୍ରଫୁଲ୍ଲ କୁମାର ପଣ୍ଡାଙ୍କ ଆଲେଖଗୁଡିକ ପାଠକକୁ ଭିନ୍ନ ଭିନ୍ନ ଜଗତକୁ ନେଇଯିବ । ଏଥର ସୁଜାତା ମହାପାତ୍ର, ମହାଶ୍ୱେତା ସାହୁ, ଲୋପାମୁଦ୍ରା ପରିଡାଙ୍କ ତିନୋଟି ଗଳ୍ପ ପାଠକମାନଙ୍କ ପାଇଁ ନୂଆ ସ୍ୱାଦ ଆଣିଦେବ । କବିତାରେ ନିଖିଳେଶ ମିଶ୍ର, ପିନାକୀ ମିଶ୍ର, ଜ୍ଞାନୀ ଦେବାଶିଷ ମିଶ୍ର, ମନୁଆ ଦାସ, ରବି ଶତପଥୀ, ଦେବଯାନୀ ରାୟ ପ୍ରମୁଖ କବି ଭଲ ଲାଗିବେ । ପାଠକଙ୍କ ପ୍ରିୟ 'ଦାସେ ଆପଣେ' ଧାରାବାହିକ ଚରିତ ଉପନ୍ୟାସ ପବିତ୍ର ମୋହନ ଦାଶଙ୍କ ପରବର୍ତ୍ତୀ ଅଧ୍ୟାୟରେ ଗୋପବନ୍ଧୁଙ୍କ ବିଷୟରେ ଜାଣିବେ ପାଠକମାନେ । ଏହାସହିତ ଅନ୍ୟାନ୍ୟ ଫିଚର୍ ଗୁଡିକ ମଧ୍ୟରୁ ଚିତ୍ତରଞ୍ଜନ ଚିରଞ୍ଜିତଙ୍କ ବାଲ୍ମିକୀ ରଚନାର ପ୍ରେକ୍ଷାପଟ, ନୟାଗଡର ଶ୍ରୀରାମ ମନ୍ଦିର ସମ୍ପର୍କରେ ଲଳିତ ମୋହନ ମିଶ୍ରଙ୍କ ଉପସ୍ଥାପନା ଭଲ ଲାଗିବ । ସମ୍ପାଦକୀୟରେ ସୁବାସିନୀ ଜେନା ମୁରବୀଙ୍କୁ ମର୍ଯ୍ୟାଦା ଦେବା କଥା କହିଥିବା ବେଳେ 'ଶେଷପୃଷ୍ଠା'ରେ କୃଷ୍ଣ କୁମାର ମହାନ୍ତି ବହିର ବିକ୍ରି ପାଇଁ ବହିତରାସ୍ ଆରମ୍ଭ କରିବାକୁ ପରାମର୍ଶ ଦେଇଛନ୍ତି । ମୋଟ ଉପରେ ନଭେମ୍ବର ମାସର ରେବତୀ ପାଠକଙ୍କୁ ନିଶ୍ଚୟ ଆନନ୍ଦ ଦେବ ।




ଚାନ୍ଦବାଲି କଥା ଓ କାହାଣୀ
**କନିକା ବାଲି**
ଲେଖକ-ଅଶୋକ କୁମାର ପଣ୍ଡା
ଚଷାଖଣ୍ଡ, ମତୋ,ଭଦ୍ରକ
ମୂଲ୍ୟ-୨୫୦ ଟଙ୍କା

ଜୀବନକୁ ଛନ୍ଦମୟ ଓ ରସପୂର୍ଣ୍ଣ କରିବା ସକାଶେ ଗୀତ, ଗପ ଓ କବିତାର ଯେତେମାତ୍ରାରେ ଆବଶ୍ୟକତା ରହିଛି ସେହିପରି ଭାବରେ ପ୍ରବନ୍ଧ ମଧ୍ୟ ଜରୁରୀ । ସମାଜର ବାସ୍ତବ ଚିତ୍ରର ଅବତାରଣ ପାଇଁ ପ୍ରବନ୍ଧ ଓ ଫିଚର୍ ମାଧ୍ୟମରେ ଆମ ଆଖପାଖର ଜୀବନଶୈଳୀ, ଚାଲିଚଳଣି, ଚିତ୍ର ଓ ଚରିତ୍ରକୁ ନେଇ ଲେଖାଯାଉଥିବା ଫିଚର୍ ନିଶ୍ଚିତ ଭାବରେ ଗ୍ରହଣୀ ।

ଚାନ୍ଦବାଲିର କଥା କାହାଣୀକୁ ନେଇ 'କନିକା ବାଲି' ଆମ ମାଟିର ଏକ ବିଶେଷ ଫିଚର୍ ପ୍ରବନ୍ଧ ପୁସ୍ତକ ଅଟେ । ଏହାର ଲେଖକ ଓ ପ୍ରକାଶକ ଅଶୋକ କୁମାର ପଣ୍ଡାଙ୍କ ନିଷ୍ଠା ଓ ପ୍ରଚେଷ୍ଟା ନିଶ୍ଚିତଭାବେ ପ୍ରଶଂସନୀୟ । ଧାମରା ମୁହାଣସ୍ଥ ଏକ ନିର୍ଜନ ବାଲିଦ୍ୱୀପକୁ ନେଇ 'କନିକା ବାଲି' ବହିଟି ନାମିତ । ଚାନ୍ଦବାଲିର ଲୋକକଥା, କିମ୍ବଦନ୍ତୀ, ମଠ ମନ୍ଦିର, ଦେବାଦେବୀ ଓ ପର୍ଯ୍ୟଟନସ୍ଥଳୀ, ଲୋକକଳା, ସଂସ୍କୃତି, କ୍ରୀଡା, ଶିକ୍ଷା, ଗାଁ ଓ ନଦୀ, ନୌକା ଓ ଫେରିଘାଟ, କୁମ୍ଭୀର ଆତଙ୍କ, ବାଲିଦ୍ୱୀପ, ମାଛଧରା ବନ୍ଦର, କୃଷି ଜଳସେଚନ, କୋଷ୍ଟ କେନାଲ, ପାଣିପାଗ, କୁଟୀର ଶିଳ୍ପ, ରାଇସ୍‌ମିଲ୍, ଚାନ୍ଦବାଲି ବନ୍ଦର, ଜାହାଜ ଓ ଷ୍ଟିମର, ବାଣିଜ୍ୟ କୋଠି, ପାଞ୍ଚ ମୁକା, ରାଜାଙ୍କ କଚେରି, ପ୍ରଜାମେଳି, ଖାସମାହାଲ, ଇଂରେଜଙ୍କ ସ୍ମୃତି, ଧାମରା ବନ୍ଦର ଭଳି ବିଭିନ୍ନ ପ୍ରସଙ୍ଗରେ ମୋଟ ୪୫ଟି ଫିଚର ସ୍ଥାନିତ । ଫିଚରର ଶିରୋନାମାଗୁଡିକ ମଧ୍ୟ ଉଚ୍ଚକୋଟୀର ।

ଲେଖକ ଜଣେ ଫିଚର ଲେଖକ ହୋଇଥିଲେ ମଧ୍ୟ ତାଙ୍କର କାବ୍ୟିକ ବର୍ଣ୍ଣନା ଶୈଳୀ ପାଠକଙ୍କୁ ଆକୃଷ୍ଟ କରେ । ବିଶେଷ କରି ପ୍ରବନ୍ଧ ବା ଫିଚରର ନାମକରଣ ମଧ୍ୟ ଚିତ୍ତାକର୍ଷକ ଯଥା-ଅଛି ସ୍ମୃତିରେ ନାହିଁ ନଥିରେ, ଡାକିଲେ ଦିଅନ୍ତି ଉତ୍ତର, ଧୀବରୀ କରେ ଯା ପୂଜା, ଉଡିଗଲେ ଗେଣ୍ଡାଳିଆ, ନିରୁଦ୍ଦିଷ୍ଟ ଗୋଧୂଳି, ଖରା ବରଷା ତାଳ ଭରସା, ଧରିଲା ମାଛ ଖାଇଲା ନାହିଁ, ଠିକଣା ଖୋଜୁଛି କନିକା ବାଲି, ନା ପେଲିଦେଲି କଲିକତାକୁ, ଏବେ ନଈକୂଳକୁ ନା, ବହିତ୍ର ବନ୍ଦିତ ରମ୍ୟ ଚାନ୍ଦବାଲି, ଘାଟକୁ ନାହିଁ ସରକାରୀ ଛାଟ, ନଦୀର ନାମ ଅଳସ କନ୍ୟା, ବାରି ବିହାରୀ ବିହଙ୍ଗେ, ବିରାଟ ବିହଗ ବିପଣି, ଆଶ୍ରିବେ ତୋହର ନବ ପୋତାଶ୍ରୟ, ମିସାଇଲ୍‌ମ୍ୟାନଙ୍କ କର୍ମକ୍ଷେତ୍ର, ନାଆ ଏଠି ଜୀବନର ରାହା, ଶାଗପେଜ ଖିଆର ଅସରା ଲୁହ, ଚାଷ ଅଛି ଯାହାର ଭଳି ଅନେକ । ଏହି ପୁସ୍ତକଟି ଗବେଷଣାଧର୍ମୀ । ଏହାକୁ ପାଠକଲେ ଚାନ୍ଦବାଲି ଅଞ୍ଚଳ ସମ୍ବନ୍ଧରେ ଅନେକ ତଥ୍ୟ ଜଣାପଡେ ।

ସମୀକ୍ଷା-ମନୋଜ କୁମାର ଭଳ
ମୋ-୯୯୩୭୪୯୮୬୯୩



## ଦୁର୍ଗା : ତିନୋଟି ରୂପ

ସୁଦର୍ଶନ ମହାପାତ୍ର

### (ପ୍ରଥମ ରୂପ)

ଦଶହରା ପାଇଁ ଆମେ ସମସ୍ତେ ଗାଁ ରେ ପହଞ୍ଚିଥିଲୁ । ପ୍ରତିବର୍ଷ ପୂଜାରେ ଗାଆଁକୁ ଯିବା ନିଶ୍ଚିତ । ବାପା ବୋଉ ଆମମାନଙ୍କର ବାଟ ଚାହିଁ ବସିଥାନ୍ତି । ତିନି ପୁଅ ବୋହୂ, କେଉଁ ବର୍ଷ ଝିଅ ଜୋଇଁ ଆଉ ନାତି ନାତୁଣୀମାନଙ୍କୁ ନେଇ ଆମ ଘର କୋଳାହଳରେ ଫାଟିପଡେ ଯେମିତି । ସେ ଖୁସି ନିଆରା । ସବୁ ପିଲାଙ୍କ ପାଇଁ ନୂଆ ଜାମା ପ୍ୟାଣ୍ଟ୍ ବି ବାପା କିଣି ରଖିଥାନ୍ତି । ସେଥର ପୂଜାରେ ସକାଳୁ ସକାଳୁ ମୋ ଚାରି ବର୍ଷର ଝିଅ 'ବିଜୟା' ନୂଆ ଡ୍ରେସ୍ ପିନ୍ଧିବ ବୋଲି ଜିଦି କଲା । ଗାଧୁଆ ପାଧୁଆ କରି ଆଉ ଟିକିଏ ପରେ ପିନ୍ଧିବୁ ବୋଲି ତାକୁ ବୁଝାଗଲା । ପାଞ୍ଚ ମିନିଟ୍ ପରେ ଶୁଭିଲା ଧୁଲ୍‌କରି ଗୋଟିଏ ଶବ୍ଦ । ସମସ୍ତେ ସେଇ ଆଡକୁ ଦୌଡିଲେ । ଆଲଣା ସହ ଝିଅ ପଡିଥିଲା ତଳେ ଆଉ ହାତରେ ଥିଲା ତା'ର ନୂଆ ଡ୍ରେସ୍ । ସେଇଦିନଠାରୁ ବାପାଙ୍କ ଦତ୍ତ ନୂଆ ନାଁ 'ଦୁର୍ଗା' ତା'ର ଡାକ ନାମ ହୋଇଗଲା । ବାପା ଏବେ ନାହାନ୍ତି ହେଲେ ତାଙ୍କର ଗେହ୍ଲା ନାତୁଣୀ 'ଦୁର୍ଗା' ପୂଜା ଆସିଲେ ଜେଜେଙ୍କୁ ଖୁବ୍ ଝୁରେ...!!!

### ( ଦ୍ୱିତୀୟ ରୂପ)

ଭାଇଙ୍କର ବାହାଘର ବେଳକୁ ଆମ ଘର ସଂପୂର୍ଣ୍ଣ କୋଠାଘରରେ ପରିଣତ ହୋଇନଥିଲା । ଆଣ୍ଟୁ ଥିବା ମାଟିଘର ଦୁଇ ବଖରା ସାମ୍ନାକୁ ଥିଲା । ପୂଜା ଛୁଟିରେ ଭଣଜା ଭାଣିଜୀ ପୋଡପିଠା ଖାଇବେ ବୋଲି ଇଚ୍ଛାପ୍ରକାଶ କଲେ । ବୋଉ ପୋଡପିଠା ତିଆରି କରିବାର ସରଞ୍ଜାମ ସବୁ ଯୋଗାଡିବାରେ ଲାଗି ପଡିଲା । ସାନଭାଇ ସେଇଥିରେ ବୋଉକୁ ସାହାଯ୍ୟ କଲା । ମୁଁ ବାହାରିଗଲି କଦଳୀ ପତ୍ର କାଟି ଆଣିବାକୁ । ଭାଇ ଆମର ସାଙ୍ଗମାନଙ୍କ ସହିତ ଖୁସି ଗପରେ ଥିଲେ ମସଗୁଲ୍ । ଏତିକି ବେଳକୁ ଆଣ୍ଟୁ ଉପରେ ଶୁଭିଲା ଧଡ୍‌ଧାଡ୍ ଶବ୍ଦ । ସେଠି କିଏ କେମିତି ପଶିଲା ବୋଲି ସମସ୍ତେ ଉଦ୍‌ବିଗ୍ନ । ଆଣ୍ଟୁ ଉପରୁ ଘଷି କେତେ ଫଙ୍ଗା ତଳକୁ ଫୋପାଡି ହସି ହସି ଶିଡିଦେଇ ତଳକୁ ଆସିଲେ ଆମ ନୂଆ ଭାଉଜ । ସେଇଦିନଠାରୁ 'ଦୁର୍ଗା ମା' ନାମରେ ଆମେ ଏ ପର୍ଯ୍ୟନ୍ତ କଟାକ୍ଷ କରି ଆସିଛୁ ଭାଉଜଙ୍କୁ । ତାଙ୍କ ମୁହଁରେ କିନ୍ତୁ ସଦା ସର୍ବଦା ଉକୁଟୁଥାଏ ସତେଜ ହସ ।

### ( ତୃତୀୟ ରୂପ )

ଦୁର୍ଗାପୂଜା ଉପଲକ୍ଷେ ବୋଉ ହାତ ତିଆରି ବିଭିନ୍ନ ପିଠାପଣା ଖାଇବାକୁ ଆମ ସମସ୍ତଙ୍କର ଲାଳସା । ସେଥିରେ ପୁଣି ନାତି ନାତୁଣୀମାନଙ୍କର ଜେଜେ ମା'ଙ୍କ ପାଖରେ କେତେ ପ୍ରକାର ଅଳି । ସେତେବେଳକୁ ବୋଧହୁଏ ସମସ୍ତେ ଭୁଲି ଯାଆନ୍ତି ବୋଉ ସତୁରି ବର୍ଷ ଟପି ସାରିଲାଣି ବୋଲି । ଦୁର୍ବଳ ଶରୀରରେ ବୋଉ ପାଖରେ କିନ୍ତୁ ଷାଠିଏ ପଉଟି ପରଷି ଦେବାର ଅସୀମ ଉଚ୍ଛ୍ୱାସ । କେତେବେଳେ ଚୁଲି ମୁଣ୍ଡରେ ତ କେତେବେଳେ ପିଠା ତିଆରି କରିବାରେ, କେତେବେଳେ ନଡ଼ିଆ କୋରିବାରେ ତ କେତେବେଳେ ଖିରି ଆଉଟିବାରେ, କେତେବେଳେ ଯାଇଁ ବାସନ ମାଜୁଥିବ ତ କେତେବେଳେ ପରିବାକଟା ପନିକି ପାଖରେ ଥିବ ବୋଉ । ଚାରିଆଡେ ଖାଲି ବୋଉ ଆଉ ବୋଉ । ଯେମିତି ବୋଉମୟ ଏ ଦୁନିଆ । ବୋଉ ଆମର ପାଲଟିଯାଏ ଦଶଭୁଜା ମା' ଦେବୀ ଦୁର୍ଗା,ଏଇ ପାର୍ବଣ ଋତୁରେ...!!!

-କୁଞ୍ଜବିହାରୀ ଲେନ୍, କଟକ

## କାଉନସିଲର୍‌ଙ୍କ ଘରୁ ୫ ମାସର ଶିଶୁପୁତ୍ର ଉଦ୍ଧାର



**ବାଲେଶ୍ୱର,୯।୧୧/ଏନ୍‌ଏନ୍‌ଏସ୍:** ରେମୁଣା ଏନ୍‌ଏସିର ୧୧ନଂ ୱାର୍ଡ କାଉନସିଲର୍‌ଙ୍କ ଘରୁ ଏକ ୫ ମାସର ଶିଶୁପୁତ୍ରକୁ ଶିଶୁ ସୁରକ୍ଷା ୟୁନିଟ୍ ପକ୍ଷରୁ ଉଦ୍ଧାର କରାଯାଇଛି। ଘଟଣାରୁ ପ୍ରକାଶ, କାଉନସିଲର୍ ପାନମଣି ମୁର୍ମୁ ଗତ କିଛିଦିନ ହେବ ଏକ ଶିଶୁପୁତ୍ରକୁ ଆଣି ଲାଳନପାଳନ କରିଆସୁଥିଲେ। ଏନେଇ ଅଭିଯୋଗ ହେବା ପରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ ଦେବାଙ୍ଗନା ବାରିକ ଏବଂ ସିଡବ୍ଲ୍ୟୁସି କର୍ମକର୍ତ୍ତା ଅନୀତା କର ଶନିବାର ତାଙ୍କ ଘରେ ପହଞ୍ଚି ଉକ୍ତ ଶିଶୁପୁତ୍ରର ପରିଚୟ ନେଇ ପଚରାଉଚୁରା କରିଥିଲେ। କିନ୍ତୁ ତାଙ୍କ ଘରେ ଉପସ୍ଥିତ ଲୋକେ ପିଲାର ପରିଚୟକୁ ନେଇ ସନ୍ତୋଷଜନକ ଉତ୍ତର ଦେଇପାରିନଥିଲେ। ଅନ୍ୟପଟେ କାଉନସିଲର୍ ଚତୁରତାର ସହ ଫେରାର ହୋଇଯାଇଥିଲେ। ତେଣୁ ଶିଶୁ ସୁରକ୍ଷା ୟୁନିଟ୍‌ର ଅଧିକାରିଣୀ ଶ୍ରୀମତୀ ବାରିକ ରେମୁଣା ପୁଲିସ ସହାୟତାରେ ଶିଶୁ ପୁତ୍ରଟିକୁ ଉଦ୍ଧାର କରି ବାଲେଶ୍ୱର ସହରସ୍ଥିତ ସ୍ୱତନ୍ତ୍ର ପୋଷ୍ୟସନ୍ତାନ ଗୃହରେ ରଖିବାର ବନ୍ଦୋବସ୍ତ କରିଥିବା ଜଣାପଡ଼ିଛି।

### ଧାମନଗରରେ ଉର୍ସ ଉତ୍ସବ

## ଦ୍ୱିତୀୟ ଦିନରେ ୨ ଲକ୍ଷରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ଭିଡ଼



**ଧାମନଗର,୯।୧୧/ଏନ୍‌ଏନ୍‌ଏସ୍:** ଧାମନଗର ଖାନକା ସରିଫ୍‌ରେ ୪୫ତମ ଉର୍ସ ଉତ୍ସବ ୨ଦିନ ଧରି ପାଳିତ ହୋଇଯାଇଛି। ଶନିବାର ଶେଷ ଦିନରେ ଓଡ଼ିଶା ତଥା ଓଡ଼ିଶା ବାହାରୁ ପ୍ରାୟ ୨ ଲକ୍ଷ ଭକ୍ତଙ୍କ ଭିଡ଼ ଦେଖିବାକୁ ମିଳିଛି। ଏଥିରେ ଉତ୍ତରପ୍ରଦେଶ, ବେଙ୍ଗଲ, ଝାଡ଼ଖଣ୍ଡ, ତେଲେଙ୍ଗାନା ଓ ମଧ୍ୟପ୍ରଦେଶ ଆଦି ରାଜ୍ୟର ଶ୍ରଦ୍ଧାଳୁ ସାମିଲ ହୋଇଥିଲେ। ଦ୍ୱିତୀୟ ଦିନରେ ସମୁହ ନମାଜ ପାଠ, ଚାଦର ଚଢ଼ା ଓ କବି ସମ୍ମିଳନୀ ଅନୁଷ୍ଠିତ ହୋଇଛି। ପ୍ରଶାସନ ପକ୍ଷରୁ ୧୯ ପ୍ଲାଟୁନ୍ ପୁଲିସ ଫୋର୍ସ ମୁତୟନ କରାଯାଇଥିବାବେଳେ ପ୍ରଶାସନ ପକ୍ଷରୁ ନିର୍ଦ୍ଧାରିତ ସମୟରେ ଦର୍ଶନ ଓ ମେଡିକାଲ୍ କ୍ୟାମ୍ପ ଆଦି ବ୍ୟବସ୍ଥା କରାଯାଇଥିଲା। ଲୋକଙ୍କ ଯାତାୟାତ ପାଇଁ ବାଇପାସ୍ ରୋଡ୍ ଓ ବିଭିନ୍ନ ରାଜ୍ୟରୁ ଆସିଥିବା ଶ୍ରଦ୍ଧାଳୁଙ୍କ ପାଇଁ ସମସ୍ତ ପ୍ରସ୍ତୁତ କରାଯାଇଥିଲା।

### ଡିଏଫ୍‌ଓଙ୍କ ଆଦେଶକୁ ଅବମାନନା

# ଅଧାରେ ରହିଲା କଟାଗଛର ମୂଳ ଗଣତି



**କେନ୍ଦୁଝର,୯।୧୧/ଏନ୍‌ଏନ୍‌ଏସ୍:** ଚମ୍ପୁଆ ରେଞ୍ଜ କାଳିକାପ୍ରସାଦ ବିଟ୍ ଅଧିନସ୍ଥ କୃଷ୍ଣପୁର ସଂରକ୍ଷିତ ଜଙ୍ଗଲରେ ୨,୫୦୫ଟି ୟୁକାଲିପଟାସ୍ ଗଛ କାଟିବାକୁ ଡିଏଫ୍‌ଓ ଅନୁମତି ଦେଇଥିଲେ। ତେବେ ସଠିକ୍ ତଦାରଖ ଅଭାବରୁ ଅନୁମତିଠାରୁ ଅଧିକ ଗଛ କଟାଯାଇଥିବା ନେଇ ଅଭିଯୋଗ ହୋଇଥିଲା। ଏନେଇ ସ୍ଥାନୀୟ ଲୋକ ଜିଲ୍ଲାପାଳ, ଡିଏଫ୍‌ଓ ଓ ଚମ୍ପୁଆ ଉପଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ।

ଅଭିଯୋଗ ପରେ କୃଷ୍ଣପୁର ବନ ସୁରକ୍ଷା ସମିତି ଦ୍ୱାରା ଚମ୍ପୁଆ ରେଞ୍ଜର କୃଷ୍ଣପୁର ସଂରକ୍ଷିତ ଜଙ୍ଗଲରେ ବେଆଇନ ଗଛ କଟାର ଗଣତି କରିବାକୁ ଡିଏଫ୍‌ଓ ଆଦେଶ ଦେଇଥିଲେ। ଏହି ଗଣତି କାର୍ଯ୍ୟରେ ଟିମ୍ ଲିଡର୍ ଭାବେ ଚମ୍ପୁଆ ବନପାଳ ସୁନିତା ବାଘେଲ, ବାଲିବନ୍ଧ ବନପାଳ ବୁଲୁ ନାହକ, ଯୋଡ଼ା ବନପାଳ ତ୍ରିନାଥ ଜେନା, ବାମେବାରୀ ବନପାଳ ରାଜେନ୍ଦ୍ର ଜେନା ଓ ଉଖୁଣ୍ଡା ବନପାଳ ପ୍ରମୋଦ ବେହେରାଙ୍କୁ ଦାୟିତ୍ୱ ଦିଆଯାଇଥିଲା। ତାଙ୍କ ଅଧୀନରେ ବନରକ୍ଷୀ ଏବଂ ସ୍କ୍ୱାର୍ଡ କର୍ମଚାରୀ କାର୍ଯ୍ୟରେ ସହଯୋଗ କରିବାକୁ ଚିଠିରେ ଉଲ୍ଲେଖ ରହିଥିଲା। ଆଦେଶ ଅନୁସାରେ ଗଣତି ଆରମ୍ଭ ହୋଇଥିଲା। ଗଣତି ସମୟରେ ଅନୁମତିଠାରୁ ଅଧିକ ଗଛ କଟାଯାଇଥିବା ଜଣାପଡ଼ିଥିଲା। ତେବେ ବେଆଇନ କାମ ଧରାପଡ଼ିବା ଭୟରେ ଅଧାରୁ ଗଣତି ବନ୍ଦ କରିଦିଆଗଲା ବୋଲି ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି। ଦୀର୍ଘ ୧ ମାସ ପରେ ମଧ୍ୟ ବନବିଭାଗ ଜାଣିଶୁଣି କଟା ଗଛର ମୂଳ ଗଣତି ଶେଷ କରୁନଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି।

ପ୍ରକାଶଥାଉକି, ଗତ ମାସ ୨୯ ତାରିଖରେ ବଡବିଲ୍ ରେଞ୍ଜ ହାୟରପୁରରେ ଥିବା ଏକ କମ୍ପାନୀ ରାସ୍ତା ପାଇଁ ଜଙ୍ଗଲରେ ୯ଟି ଗଛ ଏବଂ ୬ଟି ଗଛର ଡାଳ କାଟିବା ଯୋଗୁ ବନବିଭାଗ ପକ୍ଷରୁ ହାଇୱା ଗାଡ଼ି ଜବତ କରାଯାଇ ୩ ଜଣଙ୍କ ନାମରେ ୩୦ ତାରିଖ ମାମଲା ରୁଜୁ ହୋଇଥିଲା। ମାତ୍ର ଚମ୍ପୁଆ ରେଞ୍ଜର କୃଷ୍ଣପୁର ସଂରକ୍ଷିତ ଜଙ୍ଗଲରେ ବେଆଇନ ଗଛକଟା ମାମଲାରେ ବନବିଭାଗ ନିଜର ସୁରକ୍ଷା ପାଇଁ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରି ଘଟଣାକୁ ଚପାଇ ଦେବାକୁ ଉଦ୍ୟମ କରୁଛି। ଘଟଣା ସମ୍ପର୍କରେ ବନବିଭାଗର ବରିଷ୍ଠ ଅଧିକାରୀମାନେ ଅବଗତ ଥାଇ ମଧ୍ୟ ତୁରନ୍ତ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବାରୁ ଗ୍ରାମବାସୀମାନେ ଚିନ୍ତାବ୍ୟକ୍ତ କରିଛନ୍ତି।

### କ୍ଷୟକ୍ଷତିର ଆକଳନ କରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

ବ୍ୟାପକ ଗଛକଟା ଦ୍ୱାରା ଜଙ୍ଗଲ ନଷ୍ଟ ହେବାସହ ବନ୍ୟପ୍ରାଣୀଙ୍କ ପ୍ରାକୃତିକ ବାସସ୍ଥଳୀ ଧ୍ୱଂସ ପାଇ ପରିବେଶ ଉପରେ ଏହାର କୁପ୍ରଭାବ ପଡ଼ିଛି। ତେବେ କ୍ଷୟକ୍ଷତିର ପ୍ରକୃତ ଆକଳନ କରି ଦୋଷୀଙ୍କଠାରୁ ଏହାର ଭରଣା କରିବା ସହ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଗ୍ରାମବାସୀମାନେ ଦାବି କରିଛନ୍ତି।

## ଗୋଶାଳାର ଶତବାର୍ଷିକ କାର୍ଯ୍ୟକ୍ରମ ଉଦ୍‌ଘାଟିତ



**ସୋର,୯।୧୧/ଏନ୍‌ଏନ୍‌ଏସ୍:** ସୋର ଗୋଶାଳାର ଶତବର୍ଷିକ ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ୩ ଦିନ ଧରି ଆୟୋଜିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନୀ ଉତ୍ସବରେ ଗୋଶାଳାର ସଭାପତି ପଦ୍ମଲୋଚନ ଦ୍ୱିବେଦୀ ସଭାପତିତ୍ୱ କରିଥିଲେ। ପଦ୍ମଶ୍ରୀ ବାବା ବଳିଆ ଉଦ୍‌ଘାଟକ ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ଗୋସମ୍ପଦ ରକ୍ଷା କରିବା ପାଇଁ ଚାଲିଥିବା ଆନ୍ଦୋଳନରେ ସମସ୍ତଙ୍କୁ ସାମିଲ ହେବା ପାଇଁ ଆହ୍ୱାନ ଦେଇଥିଲେ। କଂସେଇ ଖାନାରୁ ଗୋମାତାକୁ ରକ୍ଷା କରିବା ପାଇଁ ସମସ୍ତଙ୍କୁ ଅଣ୍ଟା ଭିଡ଼ିବାକୁ କହିଥିଲେ। ସୋର ଗୋଶାଳାର ଅକ୍ଷମ ବୃଦ୍ଧ, ବୃଷଭ ଓ ଗାଈଗୋରୁଙ୍କ ସେବାକୁ ପ୍ରଶଂସା କରିଥିଲେ। ମୁଖ୍ୟବକ୍ତା ଭାବେ ରେମୁଣା ଶ୍ରୀଧର ସ୍ୱାମୀ ସ୍ମୃତି ପରିଷଦର ସଭାପତି ତଥା ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଦସ୍ୟ ଭାଗବତ ପ୍ରସାଦ ଦାସ ଓ ସମ୍ମାନିତ ଅତିଥିଭାବେ ଗୋଶାଳାର ସମ୍ପାଦକ ଡମ୍ବରୁଧର ନାୟକ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଉପସଭାପତି ଦାମୋଦର ଦାଶମହାପାତ୍ର ମଞ୍ଚ ଆବାହନ ଓ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ରବୀନ୍ଦ୍ର କୁମାର ନାୟକ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଶ୍ରୀ ଶ୍ରୀ ଗୋପାଳଜିଉଙ୍କ ମୂର୍ତ୍ତି ଉନ୍ମୋଚନ କରାଯାଇଥିଲା।

ସନ୍ଧ୍ୟା ଅଧିବେଶନରେ ଉପସଭାପତି ଦାମୋଦର ଦାଶମହାପାତ୍ର ସଭାପତିତ୍ୱ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ବିଧାୟକ ମାଧବ ଧଡ଼ା ଓ ସମ୍ମାନିତ ଅତିଥିଭାବେ ଭାରପ୍ରାପ୍ତ ପୌରାଧକ୍ଷା ସସ୍ମିତା ଦାସ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ତୃତୀୟରୁ ପଞ୍ଚମ ଶ୍ରେଣୀ ମଧ୍ୟରେ ହୋଇଥିବା ପ୍ରାଥମିକସ୍ତରର ପ୍ରତିଯୋଗିତାରେ କୃତି ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ଭକ୍ତି ବଲ୍ଲଭାଚାର୍ଯ୍ୟ ମହାରାଜଙ୍କ ଦ୍ୱାରା ପ୍ରବଚନ ଅନୁଷ୍ଠିତ ହୋଇଥିଲା।

## ୨ ଗାଡ଼ି ଚୋର ଗିରଫ



**ବାରିପଦା,୯।୧୧/ଏନ୍‌ଏନ୍‌ଏସ୍:** ଭଞ୍ଜପୁର ଥାନା ପୁଲିସ ୨ ଜଣ ଗାଡ଼ି ଚୋରକୁ ଗିରଫ କରିବାରେ ସଫଳ ହୋଇଛି। ଏହାସହ ୨ଟି ଚୋରି ଗାଡ଼ି ମଧ୍ୟ ଜବତ କରିଥିବା ଜଣାପଡ଼ିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ତିରିଂ ଥାନା ଅନ୍ତର୍ଗତ ଲୁପୁଂ ଗ୍ରାମର ମଝିଆ ଟୁଡୁ(୨୫) ଓ ପହିଲାକୁଣ୍ଡା ଗ୍ରାମର ଦୁଲା ସୋରେନ(୨୭)। ଏନେଇ ଶୁକ୍ରବାର ଭଞ୍ଜପୁର ଥାନାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବାରିପଦା ସଦର ଏସ୍‌ଡିପିଓ ସୁଜିତ କୁମାର ପ୍ରଧାନ ସବିଶେଷ ସୂଚନା ଦେଇଛନ୍ତି। ସୂଚନାନୁଯାୟୀ, ବାରିପଦାର ମୁର୍ଗାବାଡ଼ି ଅଞ୍ଚଳରୁ ଗତ ଅକ୍ଟୋବର ୩୦ ତାରିଖ ରାତିରେ ଘର ସମ୍ମୁଖରୁ ଜିପିଏସ୍‌କୁ କାଢ଼ି ଚତୁରତାର ସହ ଏକ ଟାଟା ଏସି ଗାଡ଼ି ଚୋରି ହୋଇଥିବା ନେଇ ଭଞ୍ଜପୁର ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗକ୍ରମେ ଭଞ୍ଜପୁର ଥାନା ପୁଲିସ ତଦନ୍ତ ପ୍ରକ୍ରିୟା ଆରମ୍ଭ କରିଥିଲା। ଥାନା ଅଧିକାରୀ କରୁଣାକର ରାଉତଙ୍କ ନେତୃତ୍ୱରେ ଟିମ୍ ତଦନ୍ତ କରି ଚୋରଙ୍କୁ ଧରିଥିବାବେଳେ ଅନ୍ୟଜଣେ ଫେରାର ରହିଛି।

## ବାବା ବାଲୁଙ୍କେଶ୍ୱର ଗ୍ରାମ୍ୟ ବିକାଶ ପରିଷଦକୁ 'ପ୍ରକୃତି ମିତ୍ର' ପୁରସ୍କାର



**ପାରାଦୀପ,୯।୧୧/ଏନ୍‌ଏନ୍‌ଏସ୍:** ପାରାଦୀପ ଉପକଣ୍ଠ ବିଶ୍ୱାଳି ଗ୍ରାମର ଅଗ୍ରଣୀ ପରିବେଶଧର୍ମୀ ଅନୁଷ୍ଠାନ ବାବା ବାଲୁଙ୍କେଶ୍ୱର ଗ୍ରାମ୍ୟ ବିକାଶ ପରିଷଦକୁ ଚଳିତ ବର୍ଷ 'ପ୍ରକୃତି ମିତ୍ର' ପୁରସ୍କାର ପ୍ରଦାନ କରାଯାଇଛି। ଦୀର୍ଘ ବର୍ଷ ଧରି ପରିବେଶ ସୁରକ୍ଷା ବ୍ୟାପକ ଗ୍ରାମ୍ୟ ଜଙ୍ଗଲ ଓ ହେନ୍ତାଳ ବଣ ସୃଷ୍ଟି ନିମନ୍ତେ ଦ୍ୱିତୀୟଥର ପାଇଁ ରାଜ୍ୟ ସରକାଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ନିୟନ୍ତ୍ରଣ ବିଭାଗ ପକ୍ଷରୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଜଗତସିଂହପୁର ଜିଲ୍ଲା ପରିବେଶ ସମିତି ଦ୍ୱାରା ଆଦିକବି ସାରଳା ଦାସ ସଂସ୍କୃତି ଭବନରେ ଏକ ସ୍ୱତନ୍ତ୍ର ଉତ୍ସବରେ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ବାବା ବାଲୁଙ୍କେଶ୍ୱର ଗ୍ରାମ୍ୟ ବିକାଶ ପରିଷଦକୁ ଏହି ସମ୍ମାନ ପ୍ରଦାନ କରିଛନ୍ତି।

ପରିଷଦ ପକ୍ଷରୁ ବରିଷ୍ଠ ସଭ୍ୟ ଇଂ.ଶୁକଦେବ ତରେଇ, ଅରବିନ୍ଦ ସ୍ୱାଇଁ, ଦୀପକ ପରିଡ଼ା, ଜିତେନ୍ଦ୍ର ପ୍ରସାଦ ସାମଲ, ଅଭିଜିତ ପଲାଇ, ବିପିନା ବେହେରା, ଯଶୋବନ୍ତ ନାୟକ, କାଳିଆ ମହାପାତ୍ର, ସୁମନ ସାହୁ ଓ ଗ୍ରାମର ମୁରବୀ ପରିକ୍ଷିତ ସାମଲ ପ୍ରମୁଖ ଉପସ୍ଥିତ ରହି ଏହି ସମ୍ମାନ ଗ୍ରହଣ କରିଥିଲେ। ପ୍ରଥମଥର ପାଇଁ ୨୦୧୬ ମସିହାରେ ପରିଷଦକୁ ଏହି ସମ୍ମାନ ପ୍ରଦାନ କରାଯାଇଥିଲ। ପରିଷଦ ପକ୍ଷରୁ ପାରାଦୀପଗଡ଼, ନରେନ୍ଦ୍ରପୁର, ଉଛବାନନ୍ଦପୁରଡ଼ିଆ ଓ କେନ୍ଦ୍ରାପଡ଼ା ଜିଲ୍ଲାର ଖୁରୁସିଆ ପ୍ରଭୃତି ସ୍ଥାନରେ ଗ୍ରାମ୍ୟ ଜଙ୍ଗଲ ଓ ମହାନଦୀ ଅବବାହିକାରେ ଦୀର୍ଘ ବର୍ଷ ଧରି ବ୍ୟାପକ ହେନ୍ତାଳ ବଣ ସୃଷ୍ଟି କରାଯାଇଛି। ଆଗାମୀ ଦିନରେ ଆହୁରି ଅଧିକ କାମ କରିବାକୁ ଏହି ସମ୍ମାନ ଆମକୁ ପ୍ରେରଣା ଯୋଗାଇବ ବୋଲି ଅନୁଷ୍ଠାନର ସଭାପତି ଅଶୋକ ମାଝୀ ଓ ସମ୍ପାଦକ ଦିଲ୍ଲୀପ କୁମାର ପଲାଇ କହିଛନ୍ତି।

## ଜିଲ୍ଲାପାଳଙ୍କ ମହିମା ତପୋବନ ପୀଠ ପରିଦର୍ଶନ

**ଢେଙ୍କାନାଳ,୯।୧୧/ଏନ୍‌ଏନ୍‌ଏସ୍:** ଢେଙ୍କାନାଳର ନୂତନ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ନଭେମ୍ବର ୧୧ ବାର୍ଷିକ ତପୋବନ ମେଳାର ଅବ୍ୟବହିତ ପୂର୍ବରୁ ଶନିବାର ତପୋବନ ପୀଠସ୍ଥଳ ପରିଦର୍ଶନ କରିଛନ୍ତି। ଏହି ଶାନ୍ତ ସ୍ନିଗ୍ଧ ତପୋଭୂମି ବାସ୍ତବରେ ଅତ୍ୟନ୍ତ ଆକର୍ଷଣୀୟ ବୋଲି ଜିଲ୍ଲାପାଳ ମତ ଦେବାସହ ଏହାର ପାରିପାର୍ଶ୍ୱିକ ଉନ୍ନତିକୁ ଅଗ୍ରାଧିକାର ଦିଆଯିବ ବୋଲି ସେ କହିଥିଲେ। ଜିଲ୍ଲାପାଳ ଶ୍ରୀ ଉପାଧ୍ୟାୟଙ୍କ ସହ ନୂତନ ଆରକ୍ଷୀ ଅଧୀକ୍ଷକ ଅଭିନବ ସୋନକର୍ ଓ ଉପଜିଲ୍ଲାପାଳ ବିବୁଧ ଗଡ଼ନାୟକ ଉପସ୍ଥିତ ଥିଲେ।

ତପୋବନ ପୀଠସ୍ଥଳରେ ମହିମାସ୍ୱାମୀ ୧୮୩୮ ଖ୍ରୀ.ରୁ ୧୮୬୨ ଖ୍ରୀ. ପର୍ଯ୍ୟନ୍ତ ୨୪ ବର୍ଷ ଧରି ତପଶ୍ଚର୍ଯ୍ୟା କରିବା ପରେ ଜନପଦ ଗଡ଼ିକୁ ଯାଇ ଆମୋଲନ୍ତ ଐଶ୍ୱରିକ ବାଣୀ ପ୍ରଚାର କରିଥିଲେ ଯାହା 'ମହିମା ଧର୍ମ' ନାମରେ ଖ୍ୟାତିଲାଭ କରିଥିଲା। ୧୮୬୨ ଖ୍ରୀ.ରୁ ୧୮୭୬ ଖ୍ରୀ. ପର୍ଯ୍ୟନ୍ତ ୧୪ ବର୍ଷ କାଳ ବିଭିନ୍ନ ସ୍ଥାନକୁ ପଦବ୍ରଜରେ ପରିବ୍ରାଜକ ଭାବେ ଯାଇ ମହିମା ଟୁଙ୍ଗୀ ସ୍ଥାପନା ପୂର୍ବକ ମହାପ୍ରଭୁ ଶୂନ୍ୟବ୍ରହ୍ମଙ୍କ ଉପାସନା ସମ୍ପର୍କରେ ସାଧାରଣରେ ମତପ୍ରଚାର କରିଥିଲେ।



### ପାରିପାର୍ଶ୍ୱିକ ଉନ୍ନତିକୁ ଅଗ୍ରାଧିକାର ଦିଆଯିବ

ବର୍ତ୍ତମାନ ପୀଠସ୍ଥଳୀର ପାବଚ୍ଛ ଶ୍ରେଣୀରେ ଟାଇଲ୍ ଆଚ୍ଛାଦିତ କରାଯିବା ସହ ଯାତାୟତକୁ ସୁଗମ କରିବା ପାଇଁ ବିଭିନ୍ନ ସ୍ଥାନରେ ଷ୍ଟିଲ୍ ରେଲିଂ ଲଗାଯାଇଛି। ପୀଠସ୍ଥଳୀକୁ ନୂତନ ଭାବେ ମହିମା ଧର୍ମର କମଳା ରଙ୍ଗରେ ରଙ୍ଗାୟିତ କରାଯାଇଛି।

ପର୍ଯ୍ୟଟକଙ୍କ ପାଇଁ ସ୍ନାନାଗାର ଓ ଶୌଚାଳୟ ସହ ସୁରକ୍ଷା ପ୍ରାଚୀର ଆଦି ନିର୍ମାଣାଧୀନ ରହିଛି। ଭକ୍ତଙ୍କ ଦାନ ଅର୍ଥରେ ବାବାଙ୍କ ଲାଗି ସ୍ୱତନ୍ତ୍ର ଟୁଙ୍ଗୀ ନିର୍ମାଣ କରାଯାଉଛି। ଏଠାରେ ସୌର ଆଲୋକକୁ ଅଧିକ ସୁବ୍ୟବସ୍ଥିତ ଓ ବିକଶିତ କରିବା ପାଇଁ ଜିଲ୍ଲାପାଳ ପଦକ୍ଷେପ ଗ୍ରହଣ କରିଛନ୍ତି। ଆଡ଼ିବନ୍ଧ ମାଧ୍ୟମରେ ଝରଣା ଜଳକୁ ଅଟକାଇ ଜୀବଜନ୍ତୁଙ୍କ ବ୍ୟବହାର ପାଇଁ କ୍ଷୁଦ୍ର ଜଳଭଣ୍ଡାର ସୃଷ୍ଟି କରିବା, ବାର୍ଷିକ ତପୋବନ ମେଳା ପାଇଁ ଉଦ୍ଦିଷ୍ଟ ଧୂନି ମଣ୍ଡପକୁ ଏକ ନୂତନ ସଂଯୋଗ ପାବଚ୍ଛ ନିର୍ମାଣ କରିବା ଏବଂ ଭିକ୍ଷା ଗ୍ରହଣ ପାଇଁ ଉଦ୍ଦିଷ୍ଟ ପୀଠର ଏକ ଛୋଟ ବୁଲାଣି ରାସ୍ତାର ଉନ୍ନତିକରଣ ଉପରେ ମଧ୍ୟ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଛନ୍ତି। ଜିଲ୍ଲାପାଳଙ୍କ ଏହି ଗସ୍ତ ସମୟରେ ତପୋବନ ପୀଠର ପ୍ରତିଷ୍ଠାତା ଶ୍ରୀମଦ୍ ରଘୁନାଥ ବାବା, ମହିମା ଜ୍ୟୋତିଯାତ୍ରା ସଂଯୋଜକ ପ୍ରଦ୍ୟୁମ୍ନ ରଥ, ତପୋବନ ପତ୍ରିକା ସମ୍ପାଦକ ଭକ୍ତ ପ୍ରଶାନ୍ତ ମହାପାତ୍ର, ଢେଙ୍କାନାଳ ଏଚ୍‌ଡିଏଫ୍‌ସି ବ୍ୟାଙ୍କର ମୁଖ୍ୟ ପ୍ରବନ୍ଧକ ଶ୍ରୀ ତ୍ରିପାଠୀ, କରୁଣାକର ବାବା, କନ୍ଦର୍ପ ବାବା, ଜ୍ଞାନି ବାବା ଓ ଭକ୍ତ ଶ୍ରୀକାନ୍ତ ଦେହୁରୀ ପ୍ରମୁଖ ଉପସ୍ଥିତ ରହି ଜିଲ୍ଲାପାଳଙ୍କୁ ପୀଠର ସୁବିଧା ଅସୁବିଧା ସମ୍ପର୍କରେ ଅବଗତ କରାଇଥିଲେ।

### ଜିଲ୍ଲାସ୍ତରୀୟ ଶିଶୁମହୋତ୍ସବ 'ସୁରଭି'

# 'ଛାତ୍ରଛାତ୍ରୀଙ୍କ ଅନ୍ତର୍ନିହିତ ପ୍ରତିଭା ଓ ଆତ୍ମବିଶ୍ୱାସର ବିକାଶ ମୂଳଲକ୍ଷ୍ୟ'

**କେନ୍ଦ୍ରାପଡ଼ା,୯।୧୧/ଏନ୍‌ଏନ୍‌ଏସ୍:** ଜିଲ୍ଲା ସଂସ୍କୃତି ଭବନରେ ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟ, ସମଗ୍ର ଶିକ୍ଷା, କେନ୍ଦ୍ରାପଡ଼ାର ମିଳିତ ଆନୁକୁଲ୍ୟରେ ଅନୁଷ୍ଠିତ ଏହି ମହୋତ୍ସବରେ ଅତିରିକ୍ତ ଶିକ୍ଷା ଅଧିକାରୀ ସୁରମା ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ନାଗ ଯୋଗ ଦେଇଥିବାବେଳେ ସମ୍ମାନୀତ ଅତିଥିଭାବେ ମହାକାଳପଡ଼ା ମଣ୍ଡଳ ଶିକ୍ଷାଧିକାରୀ ତନ୍ମୟ କୁମାର ବେହେରା, କେନ୍ଦ୍ରାପଡ଼ା ମଣ୍ଡଳ ଶିକ୍ଷାଧିକାରୀ କୈଳାଶ ଚନ୍ଦ୍ର ଦଳାଇ, ଆଳି ମଣ୍ଡଳ ଶିକ୍ଷାଧିକାରୀ ନଳିନୀ ରଞ୍ଜନ ରାଉତରାୟ, ମାର୍ଶାଘାଇ ମଣ୍ଡଳ ଶିକ୍ଷାଧିକାରୀ ପ୍ରଫୁଲ୍ଲ କୁମାର ସ୍ୱାଇଁ, ପଟ୍ଟାମୁଣ୍ଡାଇ ମଣ୍ଡଳ ଶିକ୍ଷାଧିକାରୀ ହରିହର ଦଳାଇ, ରାଜନଗର ମଣ୍ଡଳ ଶିକ୍ଷାଧିକାରୀ ମନୋରଞ୍ଜନ ସେଠୀ ଓ ଏସ୍‌ସିଏସ୍‌ଟି ପ୍ରକଳ୍ପ ସଂଯୋଜକ କିରଣ ତୃଷ୍ଣା ସାହୁ ପ୍ରମୁଖ ଯୋଗ ଦେଇଥିଲେ।




ଏଥିରେ ଜିଲ୍ଲାର ସମସ୍ତ ବ୍ଲକ୍‌ରୁ ୩ ଶହରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ପ୍ରତିଯୋଗିତାରେ ଭାଗ ନେଇଥିଲେ। ସୁରଭି ମହୋତ୍ସବ ନିମନ୍ତେ ଆୟୋଜିତ ବିତର୍କ, ପ୍ରବନ୍ଧ ଲିଖନ, ଚିତ୍ରାଙ୍କନ, କୁଇଜ୍, ସୃଜନଶୀଳ ଲିଖନ, ବକ୍ତୃତା, ସଙ୍ଗୀତ, ଓଡ଼ିଆ ହସ୍ତାକ୍ଷର ଓ ଶ୍ରୁତିଲିଖନ, ଦଳଗତ ସାଂସ୍କୃତିକ କାର୍ଯ୍ୟକ୍ରମ, ପିଏମ୍ ପୋଷଣ ବିଷୟ ଆଧାରିତ ଚିତ୍ରକଳା ଓ ଶିଳ୍ପକଳା ଆଦି ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗନେବେ। ଅପରାହ୍ଣରେ ଅନୁଷ୍ଠିତ ହୋଇଥିବା ଉଦ୍‌ଯାପନୀ ସମାରୋହରେ ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନ ସଭାପତିତ୍ୱ କରିଥିଲେ। ସମ୍ମାନୀତ ଅତିଥିଭାବେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ଆଳି ବିଧାୟକ ପ୍ରତାପ କେଶରୀ ଦେବ ଓ ଜିଲ୍ଲାପରିଷଦ ସଭାପତି ସୁଶ୍ରୀ ଲିଲିତା ଦାସ ଯୋଗ ଦେଇଥିଲେ। ଛାତ୍ରଛାତ୍ରୀଙ୍କ ଅନ୍ତର୍ନିହିତ ପ୍ରତିଭା ଓ ଆତ୍ମବିଶ୍ୱାସର ବିକାଶ ଏହି ଉତ୍ସବର ମୂଳ ଲକ୍ଷ୍ୟ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଚରିତ୍ରବାନ, ନିଷ୍ଠାପର ହେବାସହ ପରିବେଶ ପ୍ରତି ଯତ୍ନବାନ ହେବାକୁ ଜିଲ୍ଲାପାଳ ପିଲାଙ୍କୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବ୍ଲକ୍‌ର ସିଆର୍‌ସିସି, ବିଆର୍‌ସିସି, ସ୍କୁଲ ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, ଜିଲ୍ଲାସ୍ତରୀୟ ଅଧିକାରୀ ଓ ବୁଦ୍ଧିଜୀବୀମାନେ ଉପସ୍ଥିତ ଥିଲେ। ବିଭିନ୍ନ ପ୍ରତିଯୋଗିତାର ୮୭ ଜଣ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ପ୍ରାରମ୍ଭରେ ଶିକ୍ଷକ ଅନନ୍ତ କୁମାର ପରିଜା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବାବେଳେ ଶିକ୍ଷକ ବିଷ୍ଣୁ ଚରଣ ସାମଲ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟ, ସମଗ୍ର ଶିକ୍ଷା, କେନ୍ଦ୍ରାପଡ଼ା ଅଧିକାରୀ ଓ କର୍ମକର୍ତ୍ତାମାନେ ସହଯୋଗ କରିଥିଲେ।

## ୧୩୨ ସାମ୍ବାଦିକଙ୍କୁ ସ୍ୱାସ୍ଥ୍ୟବୀମା କାର୍ଡ ବାଣ୍ଟିଲେ ଜିଲ୍ଲାପାଳ



**କେନ୍ଦ୍ରାପଡ଼ା,୯।୧୧/ଏନ୍‌ଏନ୍‌ଏସ୍:** କେନ୍ଦ୍ରାପଡ଼ା ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନ ଗୋପବନ୍ଧୁ କର୍ମଜୀବୀ ସାମ୍ବାଦିକ ସ୍ୱାସ୍ଥ୍ୟବୀମା ଯୋଜନାର କାର୍ଡ ବାଣ୍ଟିଛନ୍ତି। ୧୩୨ ଜଣ ଯୋଗ୍ୟ ଇନ୍ସୁରାନ୍ସ କାର୍ଡଧାରୀଙ୍କ ମଧ୍ୟରୁ ମୋଟ ୨୩ ଜଣ ଉପସ୍ଥିତ ରହି ସେମାନଙ୍କ କାର୍ଡ ସଂଗ୍ରହ କରିଛନ୍ତି। ଏହି ଅବସରରେ ସମ୍ବାଦିକଙ୍କ କଲ୍ୟାଣ ପାଇଁ ରାଜ୍ୟ ସରକାର ନେଇଥିବା ଏହି ମହତ୍ ପଦକ୍ଷେପର ସାମ୍ବାଦିକମାନେ ଭୂୟସୀ ପ୍ରଶଂସା କରିଥିଲେ। ପ୍ରକାଶଥାଉକି ଗତବର୍ଷ ଆବେଦନ କରିଥିବା ସାମ୍ବାଦିକଙ୍କ ମଧ୍ୟରୁ ମୋଟ ୧୩୨ ଜଣ ସାମ୍ବାଦିକଙ୍କ କାର୍ଡକୁ ନବୀକରଣ କରାଯାଇ ଚଳିତ ବର୍ଷ ପ୍ରଦାନ ପାଇଁ ବ୍ୟବସ୍ଥା କରାଯାଇଛି। ନୂତନ ଭାବେ ଆବେଦନ କରିଥିବା ସାମ୍ବାଦିକଙ୍କ କାର୍ଡ ଏପର୍ଯ୍ୟନ୍ତ ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟରେ ହସ୍ତଗତ ହୋଇନାହିଁ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଶୋକ ବଳିଆରସିଂହ, ବିଭିନ୍ନ ଗଣମାଧ୍ୟମ ପ୍ରତିନିଧି ଓ ଏସ୍‌ଆର୍‌ଏ ପ୍ରଦୀପ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

ନିତିଦିନ NITIDIN


# ଜାନ୍ ଜେଲେଜ୍‌ନି ନୀରଜଙ୍କ ନୂଆ କୋଚ୍

**ନୂଆଦିଲ୍ଲୀ,୯।୧୧/ଏଜେନ୍ସି:** ଦୁଇ ଥରର ଅଲିମ୍ପିକ୍ ପଦକ ବିଜେତା ଜାଭେଲିନ୍ ଥ୍ରୋୟର୍ ନୀରଜ ଚୋପ୍ରା ଶନିବାର ନିଜ କ୍ୟାରିୟର୍‌ରେ ଏକ ରୋମାଞ୍ଚକର ନୂଆ ଅଧ୍ୟାୟ ସମ୍ପର୍କରେ ଘୋଷଣା କରିଛନ୍ତି। ମହାନ୍ ଜାଭେଲିନ୍ ଥ୍ରୋୟର୍ ଚେକ୍ ଗଣରାଜ୍ୟର ଜାନ୍ ଜେଲେଜ୍‌ନିଙ୍କୁ ନୀରଜ ନିଜର କୋଚ୍ ନିଯୁକ୍ତ କରିଛନ୍ତି। ତିନି ଥର ଅଲିମ୍ପିକ୍ ଓ ବିଶ୍ୱ ଚାମ୍ପିଅନ୍ ତଥା ବର୍ତ୍ତମାନର ବିଶ୍ୱ ରେକର୍ଡଧାରୀ ଜେଲେଜ୍‌ନି ଦୀର୍ଘ ସମୟ ଧରି ଚୋପ୍ରାଙ୍କ ଆଦର୍ଶନ ରହିଆସିଛନ୍ତି। ନୂଆ କୋଚ୍‌ଙ୍କ ଘୋଷଣା କରି ନୀରଜ କହିଛନ୍ତି, ପିଲାଦିନୁ ତାଙ୍କ ଭିଡିଓ ଦେଖିବାରେ ବହୁ ସମୟ ବିତାଇଛି ଏବଂ ତାଙ୍କ କୌଶଳ ଓ ସଠିକ୍‌ତାର ପ୍ରଶଂସା କରିଛି। ସେ ଏତେ ବର୍ଷ ଧରି ଖେଳରେ ସର୍ବଶ୍ରେଷ୍ଠ ରହିଆସିଛନ୍ତି। ଆମ ଦୁହିଁଙ୍କ ଜାଭେଲିନ୍ ଥ୍ରୋ ଶୈଳୀ ଏକ ପ୍ରକାର ହୋଇଥିବାରୁ ତାଙ୍କ ସହିତ କାମ କରିବା ଚମତ୍କାର ହେବ ବୋଲି ମୋର ବିଶ୍ୱାସ। ମୁଁ କ୍ୟାରିୟର୍‌ରେ ପରବର୍ତ୍ତୀ ସ୍ତରକୁ ଆଗେଉଥିବାରୁ ଜେଲେଜ୍‌ନିଙ୍କ ସହିତ ସାମିଲ ହେବା ମୋ ପାଇଁ ସମ୍ମାନର ବିଷୟ।

ଏହି ଅବସରରେ ଜେଲେଜ୍‌ନି କହିଛନ୍ତି, ମୁଁ ବହୁବର୍ଷ ତଳେ ନୀରଜଙ୍କ ସମ୍ପର୍କରେ ଆଲୋଚନା କରିଥିଲି ଏବଂ ତାଙ୍କୁ ଜଣେ ମହାନ୍ ପ୍ରତିଭା କହିଥିଲି। ତାଙ୍କୁ କ୍ୟାରିୟର୍‌ର ପ୍ରାରମ୍ଭରେ ଦେଖିବା ପରେ ସେ ବହୁ ଆଗକୁ ଯିବେ ବୋଲି ମୋର ଅନୁଭୂତ ହୋଇଥିଲା। ମୁଁ ଏହା ମଧ୍ୟ କହିଥିଲି ଯେ ବିଦେଶରେ କାହାକୁ କୋଚିଂ ଦେବାକୁ ହେଲେ ନୀରଜ ମୋର ପ୍ରଥମ ପସନ୍ଦ ହେବେ। ସେ ଜଣେ ଯୁବ ଆଥ୍‌ଲେଟ୍ ଏବଂ ତାଙ୍କ ନିକଟରେ ବହୁ କ୍ଷମତା ଥିବା ମୁଁ ଜାଣିବାକୁ ପାଉଛି ବୋଲି ଜେଲେନ୍‌ଜି କହିଛନ୍ତି। ୧୯୯୨, ୧୯୯୬ ଏବଂ ୨୦୦୦ ଅଲିମ୍ପିକ୍ କ୍ରୀଡ଼ାରେ ସ୍ୱର୍ଣ୍ଣ ପଦକ ବିଜେତା ଜେଲେଜ୍‌ନିଙ୍କ ନାମରେ ବର୍ତ୍ତମାନ ସୁଦ୍ଧା ଶୀର୍ଷ ସର୍ବଶ୍ରେଷ୍ଠ ୧୦ ଥ୍ରୋ ମଧ୍ୟରୁ ପାଞ୍ଚ ଥ୍ରୋ ରହିଛି। ୧୯୯୬ରେ ଜର୍ମାନୀରେ ୯୮.୪୮ ମିଟର ଥ୍ରୋ ସହିତ ସେ ବିଶ୍ୱ ରେକର୍ଡ ସ୍ଥାପନ କରିଥିଲେ। ସେ ଚାରିଟି ଅବସରରେ ବିଶ୍ୱ ରେକର୍ଡ ଭଙ୍ଗ କରିଛନ୍ତି। ଜେଲେଜ୍‌ନି ଏହା ପୂର୍ବରୁ ଜାକୁବ୍ ଭାଦ୍‌ଲେଚ୍ ଓ ଭିତେଜସ୍ଲାଭ୍ ୱେସ୍‌ଲିଙ୍କ କୋଚ୍ ରହିସାରିଛନ୍ତି। ସେ ଦୁଇଥରର ଅଲିମ୍ପିକ୍ ଚାମ୍ପିଅନ୍ ଓ ତିନିଥରର ବିଶ୍ୱ ଚାମ୍ପିଅନ୍ ବାରବୋରା ସ୍ପାତୋକୋଭାଙ୍କୁ ମଧ୍ୟ କୋଚିଂ ଦେଇଛନ୍ତି।

**ଚାମ୍ପିଅନ୍ସ ଟ୍ରଫି ୨୦୨୫କୁ ନେଇ ବଡ଼ ଖୁଲାସା**

# ପାକିସ୍ତାନ ଯିବନି ଟିମ୍ ଇଣ୍ଡିଆ

**ନୂଆଦିଲ୍ଲୀ,୯।୧୧/ଏଜେନ୍ସି:** ଆସନ୍ତାବର୍ଷ ପାକିସ୍ତାନରେ ଚାମ୍ପିଅନ୍ସ ଟ୍ରଫି ଆୟୋଜିତ ହେବ। କିନ୍ତୁ ବର୍ତ୍ତମାନ ସୁଦ୍ଧା ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ (ଆଇସିସି) ଭେନ୍ୟୁର ଘୋଷଣା କରିନାହିଁ। ସେହିପରି ଭାରତୀୟ ଟିମ୍ ପାକିସ୍ତାନ ଗସ୍ତ କରିବ କି ନାହିଁ ତାହା

**ବିସିସିଆଇକୁ କେନ୍ଦ୍ର ସରକାରଙ୍କଠାରୁ ମିଳିଲାନି ସବୁଜ ସଙ୍କେତ**




ଆଲୋଚନାର ବିଷୟ ପାଲଟିଛି। ଇତିମଧ୍ୟରେ ଏକ ରିପୋର୍ଟରେ ଖୁଲାସା ହୋଇଛି ଯେ ଏହି ପ୍ରତିଷ୍ଠିତ ଟୁର୍ଣ୍ଣାମେଣ୍ଟ ପାଇଁ ଭାରତ ପଡ଼ୋଶୀ ଦେଶ ଗସ୍ତରେ ଯିବ ନାହିଁ ବୋଲି ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ୍ ବୋର୍ଡ (ବିସିସିଆଇ) ଆଇସିସିକୁ ସୂଚନା ଦେଇଛି। ଇସ୍‌ପିଏନ୍ କ୍ରିକ୍‌ଇନ୍‌ଫୋ ରିପୋର୍ଟ ଅନୁସାରେ ଭାରତୀୟ ଟିମ୍ ଚାମ୍ପିଅନ୍ସ ଟ୍ରଫି ପାଇଁ ପାକିସ୍ତାନ ଗସ୍ତ କରିବ ନାହିଁ ବୋଲି ବିସିସିଆଇ ଆଇସିସିକୁ ସୂଚନା ଦେଇଛି। ଭାରତୀୟ ଟିମ୍‌କୁ ପଡ଼ୋଶୀ ଦେଶକୁ ନପଠାଇବା ପାଇଁ ବିସିସିଆଇକୁ ଭାରତୀୟ ସରକାରଙ୍କ ପକ୍ଷରୁ ପରାମର୍ଶ ଦିଆଯାଇଛି। ଏପରି ସ୍ଥିତିରେ ଆଇସିସି ଓ ପିସିବିକୁ ହାଇବ୍ରିଡ୍ ମଡେଲ୍ ଉପରେ ଚିନ୍ତା କରିବାକୁ ପଡ଼ିବ ଏବଂ ପାକିସ୍ତାନ ବ୍ୟତୀତ ଏକ ଅନ୍ୟ ଭେନ୍ୟୁର ସନ୍ଧାନ କରିବାକୁ ହେବ।

ନିକଟରେ ନ୍ୟୁଜ୍ ଏଜେନ୍ସି ପିଟିଆଇ ଏକ ରିପୋର୍ଟରେ କହିଥିଲା ଯେ ଚାମ୍ପିଅନ୍ସ ଟ୍ରଫିରେ ଭାରତ ନିଜର ମ୍ୟାଚ୍ ଦୁବାଇ ଏବଂ ଶାରଜାହରେ ଖେଳିପାରେ। ତେବେ ପିସିବି ଅଧ୍ୟକ୍ଷ ମୋହସିନ୍ ନକ୍‌ଭି ଶୁକ୍ରବାର ହାଇବ୍ରିଡ୍ ମଡେଲ୍‌ରେ ଟୁର୍ଣ୍ଣାମେଣ୍ଟ ଆୟୋଜନ ଖବରକୁ ଖଣ୍ଡନ କରିଥିଲେ। ଏବେ ଇଏସ୍‌ପିଏନ୍ କ୍ରିକ୍‌ଇନ୍‌ଫୋ ରିପୋର୍ଟରେ କୁହାଯାଇଛି, ହାଇବ୍ରିଡ୍ ମଡେଲ୍‌କୁ ଆପଣାଇବା ସ୍ଥିତି ପାଇଁ କିଛିମାସ ପୂର୍ବରୁ ଆକସ୍ମିକ ଯୋଜନା ପ୍ରସ୍ତୁତ କରାଯାଇଛି। ହାଇବ୍ରିଡ୍ ମଡେଲ୍‌ରେ ମ୍ୟାଚ୍ ଆୟୋଜନ ପାଇଁ କେତେକ ଦେଶକୁ ଚୟନ କରାଯାଇଛି। ଦୂରତା ଦୃଷ୍ଟିରୁ ୟୁଏଇ ଏହି ଦୌଡ଼ର ସବୁଠୁ ଆଗରେ ରହିଥିବା ବେଳେ ଶ୍ରୀଲଙ୍କା ନାମ ମଧ୍ୟ ସାମ୍ନାକୁ ଆସୁଛି।

ଚାମ୍ପିଅନ୍ସ ଟ୍ରଫି କାର୍ଯ୍ୟସୂଚୀ ଏପର୍ଯ୍ୟନ୍ତ ଘୋଷଣା କରାଯାଇ ନାହିଁ। ତେବେ ଆଗାମୀ କିଛିଦିନ ମଧ୍ୟରେ ଏହାର କାର୍ଯ୍ୟସୂଚୀ ଜାରି କରାଯାଇପାରେ। ଇତିମଧ୍ୟରେ ଚାମ୍ପିଅନ୍ସ ପ୍ରସ୍ତୁତିର ନିରୀକ୍ଷଣ କରିବା ନିମନ୍ତେ ଆଇସିସିର ଏକ ପ୍ରତିନିଧିମଣ୍ଡଳର ନଭେମ୍ବର ୧୦-୧୧ରେ ଲାହୋର ଗସ୍ତ କରିବ ବୋଲି ରିପୋର୍ଟରେ କୁହାଯାଇଛି। ଏହି ଅବସରରେ ଲାହୋରରେ ଏକ କାର୍ଯ୍ୟକ୍ରମ ଅବସରରେ ନଭେମ୍ବର ୧୧ରେ ଚାମ୍ପିଅନ୍ସ ଟ୍ରଫି କାର୍ଯ୍ୟସୂଚୀ ଘୋଷଣା କରାଯାଇପାରେ ବୋଲି ରିପୋର୍ଟରେ ପ୍ରକାଶ ପାଇଛି।

## ଏଫ୍‌ଆଇଏଚ୍ ଅଧ୍ୟକ୍ଷ ଭାବେ ତୟବ ଇକ୍ରାମ୍ ପୁନଃନିର୍ବାଚିତ

**ନୂଆଦିଲ୍ଲୀ,୯।୧୧/ଏଜେନ୍ସି:** ଓମାନ୍ ରାଜଧାନୀ ମସ୍କଟ୍‌ରେ ଶନିବାର ଅନୁଷ୍ଠିତ ଅନ୍ତର୍ଜାତୀୟ ହକି ମହାସଂଘ (ଏଫ୍‌ଆଇଏଚ୍)ର ୩୯ତମ କଂଗ୍ରେସରେ ତୟବ୍ ଇମ୍‌ରାମ୍ ମହାସଂଘର ଅଧ୍ୟକ୍ଷ ଭାବେ ଆଉ ଏକ କାର୍ଯ୍ୟକାଳ ପାଇଁ ନିର୍ବାଚିତ ହୋଇଛନ୍ତି। ମନୋନୟନ ପତ୍ର ଯାଞ୍ଚ ପରେ ଏହି ପଦ ପାଇଁ ଇମ୍‌ରାମ୍ ଏକମାତ୍ର ପ୍ରାର୍ଥୀ ଥିଲେ। ପୁରା ଚାରିବର୍ଷ ପାଇଁ ଅଧ୍ୟକ୍ଷ ନିର୍ବାଚିତ ହେବାପରେ ତୟବ ଇକ୍ରାମ୍ ତାଙ୍କ ଉପରେ ଭରସା କରିଥିବାରୁ ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି। ପାକିସ୍ତାନ ଜନ୍ମିତ ମକାଉ ନିବାସୀ ଇକ୍‌ରାମ୍ ୨୦୨୨ରେ କାର୍ଯ୍ୟକାଳ ଅଧାରେ ନରିନ୍ଦର ବତ୍ରା ଇସ୍ତଫା ଦେବାପରେ ଦୁଇବର୍ଷ ଅବଧି ପାଇଁ ଏହି ପଦରେ ନିଯୁକ୍ତ ହୋଇଥିଲେ।

## କୋରିଆ ମାଷ୍ଟର୍ସ ସେମିରେ ହାରିଲେ କିରଣ ଜର୍ଜ

**ନୂଆଦିଲ୍ଲୀ,୯।୧୧/ଏଜେନ୍ସି:** ଭାରତର କିରଣ ଜର୍ଜ କୋରିଆ ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ୍ ଟୁର୍ଣ୍ଣାମେଣ୍ଟର ପୁରୁଷ ସିଙ୍ଗଲ୍ସ ସେମିଫାଇନାଲ୍‌ରେ ଶନିବାର ଟପ୍ ସିଡ୍ ଇଣ୍ଡୋନେସିଆର କୁନ୍‌ଲାଭୁଟ୍ ଭିଟିଦସର୍ନଙ୍କଠାରୁ ପରାଜିତ ହୋଇଛି। ୨୪ ବର୍ଷୀୟ ଭାରତୀୟ ଶଟ୍‌ଲର୍ ୫୩ ମିନିଟ୍‌ର ମ୍ୟାଚ୍‌ରେ ୧୨-୨୧, ୨୦-୨୨ ସିଧା ଗେମ୍‌ରେ ପରାଜିତ ହୋଇଛନ୍ତି। ଏହା ପୂର୍ବରୁ ବିଶ୍ୱ ନଂ. ୪୪ ଜର୍ଜ ପଞ୍ଚମ ସିଡ୍ ଜାପାନର ତାକୁମା ଓବାୟାଶୀଙ୍କୁ ୨୧-୧୪, ୨୧-୧୬ ସିଧା ଗେମ୍‌ରେ ହରାଇ ସେମିରେ ସ୍ଥାନ ହାସଲ କରିଥିଲେ। କିରଣ ଜର୍ଜଙ୍କ ପରାଜୟ ପରେ ଟୁର୍ଣ୍ଣାମେଣ୍ଟରେ ଭାରତର ଅଭିଯାନ ଶେଷ ହୋଇଛି।

**ଆନ୍ତଃଜିଲ୍ଲା ଓ ଓଡ଼ିଶା ରାଜ୍ୟ ଟିଟି ଚାମ୍ପିଅନ୍‌ଶିପ୍**

## ବିଭିନ୍ନ ବୟସ ବର୍ଗର ସେମି ଲାଇନ୍‌ଅପ୍ ଚୂଡ଼ାନ୍ତ



**ଭୁବନେଶ୍ୱର,୯।୧୧/ଏନ୍‌ଏନ୍‌ଏସ୍:** କଟକ ସିଡିଏ ସେକ୍ଟର-୭ସ୍ଥିତ ବିଜୁ ପଟ୍ଟନାୟକ ମଲ୍ଟିପର୍‌ପୋଜ୍ ଇନ୍‌ଡୋର ହଲ୍‌ରେ ଚାଲିଥିବା ୩୦ତମ ଆନ୍ତଃ-ଜିଲ୍ଲା ଏବଂ ଓଡ଼ିଶା ରାଜ୍ୟ ଟିଟି ଚାମ୍ପିଅନ୍‌ଶିପ୍‌ର ଚତୁର୍ଥ ଦିନ ଶନିବାର ବିଭିନ୍ନ ବୟସ ବର୍ଗର ସେମିଫାଇନାଲ୍ ଲାଇନ୍ ଅପ୍ ଚୂଡ଼ାନ୍ତ ହୋଇଛି। ୧୩ ବର୍ଷରୁ କମ୍ ବାଳିକା ସିଙ୍ଗଲ୍ସ ୧ମ ସେମିଫାଇନାଲ୍‌ରେ ଆରାଧ୍ୟା ସାହୁ (କଟକ) ଆଶି ସ୍ୱୟଂଶି (କଟକ)ଙ୍କୁ ଏବଂ ୨ୟ ସେମିରେ ଅନ୍ୱେଷା ଅନିରୁଦ୍ଧ (କେଡିଟିଟିଏ) କଟକର ଶ୍ୱେତା ବର୍ମାଙ୍କୁ ରବିବାର ଭେଟିବେ। ଶନିବାର ଅନୁଷ୍ଠିତ କ୍ୱାର୍ଟର୍ ଫାଇନାଲ୍‌ରେ ଆରାଧ୍ୟା ପୁରୀର ମିତ୍ ପୂଜାପଣ୍ଡାଙ୍କୁ ୩-୦ରେ, ଆଶି ଆର୍‌ଏସ୍‌ର ଆନି କିଣ୍ଡୋଙ୍କୁ ୩-୦ରେ, ଅନ୍ୱେଷା ପୁରୀର ଶୀତିଜା ଚୌଧୁରୀଙ୍କୁ ୩-୧ ଗେମ୍‌ରେ ଏବଂ ଶ୍ୱେତା ବର୍ମା ପୁରୀର ଅନୋଖି ମହାନ୍ତିଙ୍କୁ ୩-୦ ଗେମ୍‌ରେ ହରାଇଛନ୍ତି। ସେହିପରି ବାଳକ ୧୫ ବର୍ଷରୁ କମ୍‌ରେ ପୁରୀର ଜିଜ୍ଞାଂଶୁ ସାଇ କିରନ୍ ପ୍ରଧାନ ଆର୍‌ଏସ୍‌ପିର ରିତମ୍ ଭୂୟାଁଙ୍କୁ ୩-୦ରେ ହରାଇଛନ୍ତି। ସେ ସେମିଫାଇନାଲ୍‌ରେ କଟକର ଜୁନୈଦ୍ ଅଲୀଙ୍କୁ ଭେଟିବେ। ଜୁନୈଦ ବିଟିଟିଏର ସୋମନାଥ ସୁବୁଦ୍ଧିଙ୍କୁ ୩-୧ ଗେମ୍‌ରେ ମାତ୍ ଦେଇଛନ୍ତି। ସେହିପରି କେଡିଟିଟିଏର ଜୟସ୍ମ ଦାସଗୁପ୍ତା ଓଡିଏ ସ୍କୁଲ୍‌ର ଅଭିନବ ଅର୍ନଭଙ୍କୁ ୩-୦ରେ ହରାଇଛନ୍ତି। ସେ ସେମିରେ ବିଟିଟିଏର ଆର୍ଯ୍ୟାଂଶ ପ୍ରସାଦ ସିଂହଙ୍କୁ ଭେଟିବେ। ଆର୍ଯ୍ୟାଂଶ କଟକର ଜୈଦ୍ ଖାନ୍ ୩-୨ରେ ପରାଜିତ କରିଛନ୍ତି। ୧୯ ବର୍ଷରୁ କମ୍ ବାଳିକା ସିଙ୍ଗଲ୍ସ ସେମିରେ ଆଚାର୍ଯ୍ୟ ହରିହର ହାୟର୍ ସେକେଣ୍ଡାରୀ ସ୍କୁଲ୍‌ର ଶ୍ୱେତପଦ୍ମା ଦଳାଇ କଟକର ଆଫିଆ ମୋସିନ୍‌ଙ୍କୁ ଭେଟିବେ। ସେହିପରି ବିଟିଟିଏର ଏମ୍‌ବିବି ପଣ୍ଡା କଟକର ଉର୍ଜା ବର୍ମାଙ୍କୁ ଦ୍ୱିତୀୟ ସେମିଫାଇନାଲ୍‌ରେ ଭେଟିବେ।

## ପଞ୍ଚମ ଜୋନାଲ୍ ପାରା ଶୁଟିଂ ପ୍ରଭାକରଙ୍କୁ ୨ ପଦକ

**ଭୁବନେଶ୍ୱର,୯।୧୧/ଏନ୍‌ଏନ୍‌ଏସ୍:** ପୁଣେର ବାଲେୱାଡ଼ିସ୍ଥିତି ଶ୍ରୀ ଶିବ ଛତ୍ରପତି ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଆୟୋଜିତ ୫ମ ଜୋନାଲ୍ ପାରା ଶୁଟିଂ ଚାମ୍ପିଅନ୍‌ଶିପ୍‌ରେ ଓଡ଼ିଆ ପାରା ଶୁଟର୍ ପ୍ରଭାକର ବେହେରା ଦୁଇଟି ପଦକ ଜିତିଛନ୍ତି। ପୁରୁଷ ୧୦ ମି. ଏୟାର୍ ରାଇଫଲ୍ ଷ୍ଟାଣ୍ଡିଂ ଏସ୍‌ଏଚ୍-୨ରେ ପ୍ରଭାକର ୪୦୦ରୁ ୩୭୪ ପଏଣ୍ଟ ହାସଲ କରି ରୌପ୍ୟ ପଦକ ଜିତିଛନ୍ତି। ସେହିପରି ୧୦ ମି. ପ୍ରୋନ୍ ମିକ୍ସ ଏୟାର୍ ରାଇଫଲ୍ ଏସ୍‌ଏଚ୍-୨ରେ ୪୦୦ରୁ ୩୯୩ ପଏଣ୍ଟ ରଖି ବ୍ରୋଞ୍ଜ୍ ପଦକ ନିଜ ନାମରେ କରିଛନ୍ତି। ଏହା ସହିତ ପ୍ରଭାକର ନଭେମ୍ବର ୧୦ରୁ ୧୪ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବାକୁ ଥିବା ୫ମ ଜାତୀୟ ପାରା ଶୁଟିଂ ଚାମ୍ପିଅନ୍‌ଶିପ୍ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ଏହି ଚାମ୍ପିଅନ୍‌ଶିପ୍‌ରେ ଅନ୍ତର୍ଜାତୀୟ ପଦକ ବିଜେତା ଏବଂ ଜୋନାଲ୍ ଚାମ୍ପିଅନ୍‌ଶିପ୍‌ରେ ଉନ୍ନତ ପ୍ରଦର୍ଶନ କରିଥିବା ଶୁଟର୍‌ଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେବ।

**ଇଷ୍ଟ ଜୋନ୍ ଆନ୍ତଃବିଶ୍ୱବିଦ୍ୟାଳୟ ଭଲିବଲ୍**

## କିଟ୍ ମହିଳା ଭଲିବଲ୍ ଟିମ୍ ଚାମ୍ପିଅନ୍

**ଭୁବନେଶ୍ୱର,୯।୧୧/ଏଜେନ୍ସି:** ଭାରତୀୟ ବିଶ୍ୱବିଦ୍ୟାଳୟ ସଂଘ (ଏଆଇୟୁ) ପୃଷ୍ଠପୋଷକତାରେ କିଟ୍ ଡିମ୍‌ଡ ବିଶ୍ୱବିଦ୍ୟାଳୟ ଦ୍ୱାରା କିଟ୍ କ୍ୟାମ୍ପସ୍‌ର ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମ୍‌ରେ ନଭେମ୍ବର ୬ରୁ ୯ ତାରିଖ ପର୍ଯ୍ୟନ୍ତ ଆୟୋଜିତ ଇଷ୍ଟ ଜୋନ୍ ଆନ୍ତଃ-ବିଶ୍ୱବିଦ୍ୟାଳୟ ମହିଳା ଭଲିବଲ୍ ଉଦ୍‌ଯାପିତ ହୋଇଛି। ଶୀର୍ଷ ୪ ଟିମ୍ ମଧ୍ୟରେ ଅନୁଷ୍ଠିତ ସୁପର୍ ଲିଗ୍ ମ୍ୟାଚ୍‌ରେ କିଟ୍ ବିଶ୍ୱବିଦ୍ୟାଳୟ ସମସ୍ତ ତିନିଟି ଯାକ ମ୍ୟାଚ୍ ଜିତି ଚାମ୍ପିଅନ୍ ହୋଇଛି। ସେହିପରି କୋଲ୍‌କାତାର ଆଦାମ୍ ବିଶ୍ୱବିଦ୍ୟାଳୟ ଦୁଇଟି ମ୍ୟାଚ୍ ଜିତି ପ୍ରଥମ ରନର୍ସଅପ୍, ରାୟପୁରର ପଣ୍ଡିତ ରବିଶଙ୍କର ଶୁକ୍ଳା ବିଶ୍ୱବିଦ୍ୟାଳୟ ଗୋଟିଏ ମ୍ୟାଚ୍ ଜିତି ଦ୍ୱିତୀୟ ରନର୍ସଅପ୍ ଏବଂ ପଶ୍ଚିମ ବଙ୍ଗର ବର୍ଦ୍ଧମାନ ବିଶ୍ୱବିଦ୍ୟାଳୟ ଚତୁର୍ଥ ସ୍ଥାନରେ ରହିଥିଲା। ଇଷ୍ଟ ଜୋନ୍‌ର ଏହି ଚାରି ଶୀର୍ଷ ଟିମ୍ ଅୱଧେଶ ପ୍ରତାପ ସିଂହ ବିଶ୍ୱବିଦ୍ୟାଳୟ (ରେୱା, ମଧ୍ୟପ୍ରଦେଶ)ରେ ଆୟୋଜିତ ହେବାକୁ ଥିବା ସର୍ବଭାରତୀୟ ଆନ୍ତଃବିଶ୍ୱବିଦ୍ୟାଳୟ ଆନ୍ତଃ ଜୋନ୍ ଭଲିବଲ୍ (ମହିଳା) ଚାମ୍ପିଅନ୍‌ରେ ଭାଗନେବେ। ଏହା ବ୍ୟତୀତ ଉତ୍ତର, ପଶ୍ଚିମ ଏବଂ ଦକ୍ଷିଣ ଜୋନ୍‌ର ଚାରିଟି ଲେଖାଏଁ ଟିମ୍ ମଧ୍ୟ ଚାମ୍ପିଅନ୍‌ଶିପ୍‌ରେ ଭାଗନେବେ।




ଶନିବାର କିଟ୍ କ୍ୟାମ୍ପସ୍‌ରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଦେବାଶିଷ ବନ୍ଦୋପାଧ୍ୟାୟ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କିଟ୍ କ୍ରୀଡ଼ା ନିର୍ଦ୍ଦେଶକ ଓ କିସ୍‌ର ଅର୍ଗାନାଇଜିଂ ସମ୍ପାଦକ ଡ. ଗଗନେନ୍ଦୁ ଦାଶ ଯୋଗ ଦେଇଥିଲେ। ଏହି ଅବସରରେ ବିଭିନ୍ନ ବିଶ୍ୱବିଦ୍ୟାଳୟ ଖେଳାଳି ଓ ଅଫିସିଆଲ୍ ତୃଣମୂଳ ସ୍ତରରେ ଭଲିବଲ୍‌ର ବିକାଶ ପାଇଁ ଯୋଗାଇ ଆସିଥିବା ଅବଦାନ ନିମନ୍ତେ ପ୍ରଫେସର ଅଚ୍ୟୁତ ସାମନ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ।

## ଇନିଂସ୍ ଓ ୧୦୩ ରନ୍‌ରେ ହାରିଲା ଓଡ଼ିଶା

**ମୁମ୍ବାଇ,୯।୧୧/ଏଜେନ୍ସି:** ଚଳିତ ରଣଜୀ ଟ୍ରଫି ଚତୁର୍ଥ ରାଉଣ୍ଡର୍ ଏକ ଏଲିଟ୍ ଗ୍ରୁପ୍-ଏ' ମ୍ୟାଚ୍‌ରେ ଓଡ଼ିଶା ଏକ ଇନିଂସ୍ ଓ ୧୦୩ ରନ୍‌ରେ ମୁମ୍ବାଇଠାରୁ ଶୋଚନୀୟ ଭାବେ ପରାଜିତ ହୋଇଛି। ସ୍ଥାନୀୟ ବିକେସିର ଶରଦ ପୱାର କ୍ରିକେଟ୍ ଏକାଡେମୀରେ ଅନୁଷ୍ଠିତ ମ୍ୟାଚ୍‌ରେ ଫଲୋଅନ୍‌ର ସମ୍ମୁଖୀନ ହୋଇଥିବା ଓଡ଼ିଶା ଚତୁର୍ଥ ଦିନ ୧୨୬/୫ରୁ ଅସମାପ୍ତ ଦ୍ୱିତୀୟ ଇନିଂସ୍ ଆରମ୍ଭ କରି ୨୧୪ ରନ୍‌ରେ ଅଲ୍‌ଆଉଟ୍ ହୋଇଥିଲା। ଓଡ଼ିଶା ପକ୍ଷରୁ ଦ୍ୱିତୀୟ ଇନିଂସ୍‌ରେ ସନ୍ଦୀପ ପଟ୍ଟନାୟକ ୧୦୨ ରନ୍‌ର ଇନିଂସ୍ ଖେଳିଥିବା ବେଳେ ମୁମ୍ବାଇ ପକ୍ଷରୁ ଶମ୍ସ ମୁଲାନୀ ୬ଟି ୱିକେଟ୍ ଅକ୍ତିଆର କରିଥିଲେ। ତାଙ୍କୁ ପ୍ଲେୟର୍ ଅଫ୍ ଦ ମ୍ୟାଚ୍ ବିବେଚିତ କରାଯାଇଛି। ମୁମ୍ବାଇ ୬୦୨/୪ରେ ପ୍ରଥମ ଇନିଂସ୍ ଘୋଷଣା କରିବା ପରେ ଓଡ଼ିଶା ୨୮୫ ରନ୍‌ରେ ଅଲ୍‌ଆଉଟ୍ ହୋଇଥିଲା।

ଏହା ଚଳିତ ସିଜନ୍‌ରେ ଚାରିଟି ମ୍ୟାଚ୍‌ରୁ ଓଡ଼ିଶା ଟିମ୍‌ର ଲଗାତାର ଦ୍ୱିତୀୟ ଇନିଂସ୍ ପରାଜୟ। ଏହା ପୂର୍ବରୁ ଟିମ୍ ବରୋଦା ନିକଟରୁ ଏକ ଇନିଂସ୍ ଓ ୯୮ ରନ୍‌ରେ ପରାଜିତ ହୋଇଥିଲା। ଏହି ବିଜୟରୁ ମୁମ୍ବାଇ ୭ ପଏଣ୍ଟ ହାସଲ କରିଛି ଓଡ଼ିଶା ହାତ ଖାଲି ରହିଛି।




**ଏଫ୍‌ଆଇଏଚ୍ ପୁରସ୍କାର ୨୦୨୩-୨୪: ପିଆର୍ ଶ୍ରୀଜେଶ୍ ସର୍ବଶ୍ରେଷ୍ଠ ଗୋଲ୍‌କିପର୍**

# ହରମନ୍‌ପ୍ରୀତ୍ ବର୍ଷର ଶ୍ରେଷ୍ଠ ପୁରୁଷ ଖେଳାଳି



**ନୂଆଦିଲ୍ଲୀ,୯।୧୧/ଏଜେନ୍ସି:** ଭାରତୀୟ ହକି ଟିମ୍‌ର କ୍ୟାପ୍ଟେନ୍ ହରମନପ୍ରୀତ୍ ସିଂହଙ୍କୁ ଅନ୍ତର୍ଜାତୀୟ ହକି ମହାସଂଘ (ଏଫ୍‌ଆଇଏଚ୍) ୨୦୨୩-୨୪ ବର୍ଷ ପାଇଁ ସର୍ବଶ୍ରେଷ୍ଠ ପୁରୁଷ ଖେଳାଳି ଭାବେ ମନୋନୀତ କରିଛି। ସେହିପରି ପୂର୍ବତନ ଗୋଲ୍‌କିପର୍ ପିଆର୍ ଶ୍ରୀଜେଶ୍‌ଙ୍କୁ ଏଫ୍‌ଆଇଏଚ୍ ୨୦୨୩-୨୪ ସିଜନ୍ ପାଇଁ ସର୍ବଶ୍ରେଷ୍ଠ ପୁରୁଷ ଗୋଲ୍‌କିପର୍ ବିବେଚିତ କରିଛି। ହରମନପ୍ରୀତ୍ ପ୍ୟାରିସ୍ ଅଲିମ୍ପିକ୍‌ର କ୍ୱାର୍ଟର୍ ଫାଇନାଲ୍, ସେମିଫାଇନାଲ୍‌କୁ ମିଶାଇ ମୋଟ ୧୦ ଗୋଲ୍ ସ୍କୋର୍ କରିଥିଲେ। ସ୍ପେନ୍ ବିପକ୍ଷ ବ୍ରୋଞ୍ଜ୍ ପଦକ ମ୍ୟାଚ୍‌ରେ ମଧ୍ୟ ସେ ଦୁଇଟି ଗୋଲ୍ ଦେଇ ଭାରତୀୟ ଟିମ୍‌କୁ ଲଗାତାର ଦ୍ୱିତୀୟ ଥର ବ୍ରୋଞ୍ଜ୍ ପଦକ ଜିତାଇବାରେ ସହାୟତା କରିଥିଲେ। ଭାରତ ସ୍ପେନ୍‌କୁ ୨-୧ରେ ହରାଇ ଅଲିମ୍ପିକ୍‌ରେ କ୍ରମାଗତ ଦ୍ୱିତୀୟ ପୋଡିୟମ୍ ଫିନିଶ୍ କରିଥିଲା। ଏହା ବ୍ୟତୀତ ଟୋକିଓ ୨୦୨୦ ଅଲିମ୍ପିକ୍ କ୍ରୀଡ଼ାରେ ହରମନ୍‌ପ୍ରୀତ୍ ୪୧ ବର୍ଷ ପରେ ଭାରତୀୟ ଟିମ୍‌ର ପଦକ ମରୁଡ଼ିରେ ବ୍ରେକ୍ ଲଗାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇଥିଲେ। ଏହା ପୂର୍ବରୁ ସେ ୨୦୨୦-୨୧ ଏବଂ ୨୦୨୧-୨୨ରେ ମଧ୍ୟ ଦୁଇଥର ଏଫ୍‌ଆଇଏଚ୍ ପ୍ଲେୟର୍ ଅଫ୍ ଦ ଇୟର୍ ପୁରସ୍କାର ଜିତିଛନ୍ତି। ଏବେ ତୃତୀୟ ଥର ପାଇଁ ସେ ଏହି ପୁରସ୍କାରରେ ସମ୍ମାନିତ ହୋଇଛନ୍ତି। ଅବଶ୍ୟ ଚଳିତ ଥର ତାଙ୍କୁ ଟିମ୍‌ର କ୍ୟାପ୍ଟେନ୍ ଭାବେ ପୁରସ୍କାର ମିଳିଛି। ନିଜ ନେତୃତ୍ୱରେ ଟିମ୍‌କୁ ପ୍ରଥମ ଅଲିମ୍ପିକ୍ ପଦକ ଜିତାଇଛନ୍ତି। ଏହି ପୁରସ୍କାର ଦୌଡ଼ରେ ହରମନପ୍ରୀତ୍ ୬୩.୮୪ ଶତକଡ଼ା ସ୍କୋର୍ ସହ ଡଚ୍‌ମ୍ୟାନ୍ ଜୋଏପ୍ ଡି ମୋଲ୍ (୧୬.୧୦ ଶତକଡ଼ା)ଙ୍କୁ ସହଜରେ ହରାଇଛନ୍ତି।

ଅନ୍ୟପକ୍ଷରେ ମହାନ୍ ଗୋଲ୍‌କିପର୍ ଶ୍ରୀଜେଶ୍ ପ୍ୟାରିସ୍ ଅଲିମ୍ପିକ୍‌ରେ ପଦକ ଜିତିବା ପରେ ଅନ୍ତର୍ଜାତୀୟ ହକିରୁ ସନ୍ନ୍ୟାସ ନେଇଥିଲେ। ପ୍ୟାରିସ୍ ଅଲିମ୍ପିକ୍‌ର ଆଠଟି ମ୍ୟାଚ୍‌ରେ ଶ୍ରୀଜେଶ୍ ୬୨ ଶଟ୍‌ର ସମ୍ମୁଖୀନ ହୋଇଥିବା ବେଳେ ସେଥିରୁ ୫୦ଟି ସେଭ୍ କରିଥିଲେ। ଗ୍ରେଟ୍ ବ୍ରିଟେନ୍ ବିପକ୍ଷ କ୍ୱାର୍ଟର୍ ଫାଇନାଲ୍ ମ୍ୟାଚ୍‌ରେ ଟିମ୍‌କୁ ୪-୨ ପେନାଲ୍ଟି ଶୁଟ୍‌ଆଉଟ୍‌ରେ ବିଜୟୀ କରାଇବାରେ ସେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ୩୬ ବର୍ଷୀୟ ଶ୍ରୀଜେଶ୍‌ଙ୍କର ଏହା ଚତୁର୍ଥ ଅଲିମ୍ପିକ୍ ଥିଲା ଏବଂ ସେ ଏହାର ଆକର୍ଷଣୀୟ ଅନ୍ତ ଘଟାଇଛନ୍ତି। ସେ ଲଗାତାର ଦୁଇଟି ଅଲିମ୍ପିକ୍ ପଦକ ବିଜେତା ଭାରତୀୟ ପୁରୁଷ ହକି ଟିମ୍‌ର ସଦସ୍ୟ ରହିଥିଲେ। ତାଙ୍କ ନେତୃତ୍ୱରେ ଭାରତ ୨୦୧୬ ରିଓ ଅଲିମ୍ପିକ୍‌ରେ ଭାଗ ନେଇଥିଲା ଏବଂ ଟିମ୍ ଅଷ୍ଟମ ସ୍ଥାନରେ ରହିଥିଲା। ତେବେ ୨୦୨୦ ଟୋକିଓ ଅଲିମ୍ପିକ୍ ଏବଂ ଏବେ ପ୍ୟାରିସ୍ ଅଲିମ୍ପିକ୍‌ରେ ଭାରତୀୟ ଟିମ୍ ସହିତ ଐତିହାସିକ ବ୍ରୋଞ୍ଜ୍ ପଦକ ଜିତିଛନ୍ତି। ଏହି ପୁରସ୍କାର ଦୌଡ଼ରେ ଶ୍ରୀଜେଶ୍ (୬୨.୨୨% ସ୍କୋର୍) ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ନେଦରଲାଣ୍ଡସ ଗୋଲ୍‌କିପର୍ ପିରମିନ୍ ବ୍ଲାକ୍ (୨୨.୧୭%) ଙ୍କୁ ହରାଇଛନ୍ତି। ପ୍ୟାରିସ୍‌ରେ ଟାଇଟଲ୍ ଜିତିବା ପରେ ବ୍ଲାକ୍ ମଧ୍ୟ ଅନ୍ତର୍ଜାତୀୟ ହକିରୁ ସନ୍ନ୍ୟାସ ନେଇଛନ୍ତି।


Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975, 2581886, 2582886, Fax: 0674-2583886, Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra